R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୪୪
ତିଥି : ନବମୀ
୦୯ ଜୁନ୍ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 244
09 June 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

15001/54/2627

ସତ୍ୟମେବ ଜୟତେ
ଭାରତ ସରକାର



ଯାହାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତ ସେବା ଓ ରାଷ୍ଟ୍ରହିତ ପ୍ରତି ଅଟଳ ପ୍ରତିବଦ୍ଧତାର ପ୍ରତୀକ,
ଯାହାଙ୍କ ପାଇଁ ଜନକଲ୍ୟାଣ ହିଁ ଜୀବନ ସାଧନା, ଏପରି **ସେବା-ବ୍ରତୀ ନରେନ୍ଦ୍ର ମୋଦୀଜୀ**ଙ୍କ ନେତୃତ୍ୱରେ
ଭାରତର ନିରନ୍ତର ପ୍ରଗତିର ସାକ୍ଷୀ ସମଗ୍ର ଦେଶ କହୁଛି...

## 12 ବର୍ଷ ବିଶ୍ୱାସର, ବିକାଶର, ଜନକଲ୍ୟାଣର

### ଗରିବ କଲ୍ୟାଣ

- **୮୧ କୋଟି+** ଲୋକଙ୍କୁ ପ୍ରତି ମାସରେ ମାଗଣା ରାସନ
- **୪ କୋଟି+** ପ୍ରଧାନମନ୍ତ୍ରୀ ଆବାସ, **୧୦.୫ କୋଟି+** ଉଜ୍ଜ୍ୱଳା ଗ୍ୟାସ ସଂଯୋଗ ଏବଂ **୧୨ କୋଟି+** ଶୌଚାଳୟ

### ଯୁବ ଶକ୍ତି

- ପ୍ରାୟ **୨ କୋଟି** ଯୁବକ ଯୁବତୀଙ୍କୁ ଦକ୍ଷତା ତାଲିମ
- **₹୪୦ ଲକ୍ଷ କୋଟି** ମୂଲ୍ୟର ମୁଦ୍ରା ଋଣ
- ସାରା ଦେଶରେ **୨.୨ ଲକ୍ଷ ଷ୍ଟାର୍ଟଅପ୍**
- **୧୦,୦୦୦+ ଅଟଳ** ଟିଙ୍କରିଙ୍ଗ ଲ୍ୟାବ୍(ATL) ନବସୃଜନକୁ ପ୍ରୋତ୍ସାହିତ କରୁଛନ୍ତି

### କୃଷକ କଲ୍ୟାଣ

- **₹୪.୩ ଲକ୍ଷ କୋଟି** ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି
- **୪ କୋଟି+** ଚାଷୀଙ୍କ ପାଇଁ **₹୨ ଲକ୍ଷ କୋଟି**ର ଫସଲ ବୀମା
- **ଏମ୍.ଏସ୍.ପି**ରେ **₹୨୬ ଲକ୍ଷ କୋଟି**ର ଫସଲ କ୍ରୟ
- **କିଷାନ କ୍ରେଡିଟ୍ କାର୍ଡ** ସହିତ **୮ କୋଟି ଚାଷୀ**

### ନାରୀ ଶକ୍ତି

- **୩୨ କୋଟି+** ମହିଳାଙ୍କର **ଜନ-ଧନ ଖାତା** ଖୋଲାଯାଇଛି
- ସେନାରେ ମହିଳାମାନଙ୍କୁ ମିଳିଲା **ସ୍ଥାୟୀ କମିଶନ**
- **୩ କୋଟି+ ଲକ୍ଷପତି ଦିଦି**
- **୧୦ କୋଟି** ଗ୍ରାମୀଣ ମହିଳା **୯୧ ଲକ୍ଷ+ ସେଲ୍ଫ ହେଲ୍ପ ଗ୍ରୁପ୍** ମାଧ୍ୟମରେ ହୋଇଛନ୍ତି ସଶକ୍ତ

### ସ୍ୱାସ୍ଥ୍ୟ

- **୭୦+** ବୟସ୍କ ଲୋକଙ୍କୁ ମଧ **₹୫ ଲକ୍ଷ**ର ମାଗଣା ଚିକିତ୍ସା
- **୭୦+ କୋଟି** ବ୍ୟକ୍ତିଙ୍କୁ **ଆୟୁଷ୍ମାନ ଭାରତ**ର ସୁରକ୍ଷା
- ଦେଶବ୍ୟାପୀ **୧୯,୦୦୦+ ଜନ-ଔଷଧି କେନ୍ଦ୍ର**ରେ **୯୦%** ପର୍ଯ୍ୟନ୍ତ ଶସ୍ତା ଔଷଧ

### ମଧ୍ୟମ ବର୍ଗ

- **₹୧୨.୭୫ ଲକ୍ଷ** ପର୍ଯ୍ୟନ୍ତ ବାର୍ଷିକ **ଆୟକର ଫ୍ରି**
- **UDAN ଯୋଜନା** ଅଧୀନରେ **୧.୬+ କୋଟି** ଯାତ୍ରୀ କମ୍ ଖର୍ଚ୍ଚରେ କରିଛନ୍ତି ବିମାନ ଯାତ୍ରା
- **MBBS** ସିଟ୍ ସଂଖ୍ୟା **୧୫୧%** ବୃଦ୍ଧିପାଇ **୧.୩ ଲକ୍ଷ**ରେ ପହଞ୍ଚିଲା

### ରାଷ୍ଟ୍ର ନିର୍ମାଣ

- **୨୬ଟି** ସହରରେ ପହଞ୍ଚିଲା **୧,୧୦୦+** କିମି **ମେଟ୍ରୋ ନେଟୱାର୍କ**
- ଦେଶସାରା ଚାଲୁଛି **୧୬୪ଟି ବନ୍ଦେ ଭାରତ ଟ୍ରେନ୍**
- ଅଟଳ ସେତୁ, ସୁଦର୍ଶନ ସେତୁ, ଚେନାବ ରେଳ ବ୍ରିଜ୍, ବୋଗିବିଲ୍ ବ୍ରିଜ୍, ପାମ୍ବନ ସମୁଦ୍ର ପୋଲ ଭଳି **ବଡ଼ ଭିତ୍ତିଭୂମି ନିର୍ମାଣ**
- **ଏୟାରପୋର୍ଟ** ସଂଖ୍ୟା **୭୪**ରୁ ବୃଦ୍ଧିପାଇ **୧୬୪** ହେଲା

### ରାଷ୍ଟ୍ର ପ୍ରଥମ

- ପ୍ରାୟ **₹୩୮,୪୦୦ କୋଟି**ର ରେକର୍ଡ ପ୍ରତିରକ୍ଷା ରପ୍ତାନି
- **ନକ୍ସଲମୁକ୍ତ ଭାରତ**ର ସ୍ୱପ୍ନ ସାକାର, ଆତଙ୍କବାଦ ଉପରେ ହେଉଛି କଡ଼ା ପ୍ରହାର
- ଗୋଲାମୀ ମାନସିକତାରୁ ମୁକ୍ତି - ରାଜପଥ ହେଲା **କର୍ତ୍ତବ୍ୟ ପଥ**, ଛତ୍ରପତି ଶିବାଜୀଙ୍କ ମୁଦ୍ରାରୁ ପ୍ରେରିତ **ନୌସେନାର ନୂଆ ଧ୍ୱଜ**

### ଐତିହ୍ୟ ବିକାଶ

- ଅଯୋଧ୍ୟାରେ **ଭବ୍ୟ ରାମ ମନ୍ଦିର** ନିର୍ମାଣ
- କାଶୀ ବିଶ୍ୱନାଥ ଧାମ, ମହାକାଳ ମହାଲୋକ ଏବଂ କେଦାରନାଥ ଧାମର **କାୟାକଳ୍ପ**



OIPR: 15001/15001/2/26-27/0054

# ଇତିହାସ

୧୮୯୮- ଚୀନ୍‌ର ହଂକଂର କେତେକ ନୂତନ କ୍ଷେତ୍ରକୁ ୯୯ ବର୍ଷ ପାଇଁ ବ୍ରିଟେନ୍ ଠାରୁ ଲିଜ୍‌ରେ ନିଆଗଲା ।

୧୯୦୦- ସ୍ୱତନ୍ତ୍ରତା ସେନାନି ବିର୍ସା ମୁଣ୍ଡାଙ୍କର ରାଞ୍ଚି ଜେଲ୍‌ରେ ସନ୍ଦିଗ୍ଧ ପରିସ୍ଥିତିରେ ମୃତ୍ୟୁ ।

୧୯୩୧- ଡୋନାଲ୍ଡ ଡକ୍ କାର୍ଟୁନ୍‌କୁ ପ୍ରଥମ ଥର ପାଇଁ ପ୍ରଦର୍ଶିତ କରାଗଲା ।

୧୯୩୪- କାର୍ଟୁନ୍ ଚରିତ୍ର ଡୋନାଲ୍ଡ ଡକ୍‌କୁ ପ୍ରଥମକରି ଡିଜ୍‌ନୀ ୱାଲ୍ ଦ୍ୱାରା ନିର୍ମିତ ଆନିମେସନ୍ ଫିଲ୍ମ ଦି ୱାଇଜ୍ ଲିଟିଲ୍ ହେନ୍‌ରେ ପ୍ରଦର୍ଶିତ ହୋଇଥିଲା ।

୧୯୪୦- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ସମ୍ମୁଖରେ ନରୱେର ଆତ୍ମସମର୍ପଣ ।

୧୯୪୪- ଫିନ୍‌ଲ୍ୟାଣ୍ଡର କେରେଲିଆ କ୍ଷେତ୍ର ଉପରେ ଋଷର ଆକ୍ରମଣ ।

୧୯୪୯- ଭାରତର ପ୍ରଥମ ମହିଳା ଆଇପିଏସ୍ ଅଫିସର କିରଣ ବେଦୀଙ୍କ ଜନ୍ମ ହୋଇଥିଲା ।

୧୯୫୯- ଆଫଗାନିସ୍ତାନରେ ଭୂମିକମ୍ପ ହୋଇ ୪୦୦ ଜଣ ଲୋକଙ୍କର ମୃତ୍ୟୁ ଘଟିଥିଲା ।

୧୯୬୦- ଚୀନ୍‌ରେ ବାତ୍ୟାରେ ଅତିକମ୍‌ରେ ୧୬୦୦ ଜଣଙ୍କର ମୃତ୍ୟୁ ଘଟିଥିଲା ।

୧୯୬୪- ଜବାହାରଲାଲ୍ ନେହେରୁଙ୍କ ନିଧନ ପରେ ଲାଲ ବାହାଦୂର ଶାସ୍ତ୍ରୀ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ରୂପେ ପଦଭାର ସମ୍ଭାଳିଥିଲେ ।

୨୦୦୮ - କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନ ଚଣ୍ଡିଗଡକୁ ତମାଖୁମୁକ୍ତ ଘୋଷିତ କଲେ ।

୨୦୦୮ - ଭାରତୀୟ ଅଭିନେତା ଶାହରୁଖ୍ ଖାନ୍ ନରୱେ ଇଣ୍ଟର୍‌ନ୍ୟାସ୍‌ନାଲ୍ ଇଣ୍ଡିଆନ୍ ଫିଲ୍ମ ଏକାଡେମୀ (ଆଇଫା) ପୁରସ୍କାର ସମାରୋହରେ ଚକ୍ ଦେ ଇଣ୍ଡିଆ ପାଇଁ ସର୍ବଶ୍ରେଷ୍ଠ ଅଭିନେତାର ପୁରସ୍କାର ପାଇଥିଲେ ।

୨୦୧୧- ଭାରତର ଲୋକପ୍ରିୟ ଚିତ୍ରକାର ଏମ୍‌ଏଫ୍ ହୁସେନ୍‌ଙ୍କ ଲଣ୍ଡନରେ ପରଲୋକ ହୋଇଥିଲା ।

# ନନ୍ଦିନୀ ଶତପଥୀ

ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଜଣେ ବିଶିଷ୍ଟ ଲେଖିକା ଭାବେ ଖୁବ ପରିଚିତା ଥିଲେ ନନ୍ଦିନୀ ଶତପଥୀ । ସେ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ । ନନ୍ଦିନୀ ୧୯୩୧ ମସିହା ଜୁନ୍ ୯ ତାରିଖରେ କଟକ ସହରର ପିଠାପୁର ସାହିରେ ଏକ ବିପ୍ଳବୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ପଦ୍ମଭୂଷଣ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ରତ୍ନମଣି ଦେବୀଙ୍କର ଜ୍ୟେଷ୍ଠ କନ୍ୟା । ଛାତ୍ରୀ ଜୀବନରୁ ହିଁ ସେ ରାଜନୀତି ତଥା ସାହିତ୍ୟ ସର୍ଜନା ପ୍ରତି ବେଶ ଆକର୍ଷିତ ଥିଲେ । ସେ ରେଭେନ୍ସା ମହାବିଦ୍ୟାଳୟରେ ଓଡ଼ିଆରେ ସ୍ନାତକୋତ୍ତର ଡିଗ୍ରି ହାସଲ କରିଥିଲେ । ମହାବିଦ୍ୟାଳୟରେ ପଢୁଥିବା ବେଳେ ଜୀବନରେ ୧୯୫୧ ମିସ୍ଥାରେ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ସେ କାରାବରଣ କରିଥିଲେ । ପ୍ରଥମେ ୧୯୬୨ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଓ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ମନ୍ତ୍ରିମଣ୍ଡଳରେ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ଉପମନ୍ତ୍ରୀ ଭାବେ ସ୍ଥାନ ପାଇଥିଲେ । ୧୯୬୮ରେ ସେ ପୁଣିଥରେ ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ର ପ୍ରଚାର ଓ ସୂଚନା ବିଭାଗର ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ । ୧୯୭୨ରୁ ୭୩ ଓ ୧୯୭୪-୭୬ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇ ଥିଲେ । ଏହି ବିଶିଷ୍ଟ ଲେଖିକାଙ୍କର ୭୫ ବର୍ଷ ବୟସରେ ୨୦୦୬ ଅଗଷ୍ଟ ୪ ତାରିଖରେ ଦେହାନ୍ତ ହୋଇଥିଲା । ତାଙ୍କ ମୃତ୍ୟୁରେ ଓଡ଼ିଶା ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା ।



# ଓଡ଼ିଆ ରୁଚି

**ସାମଗ୍ରୀ-** ଗୁଡ ଏକ କପ, ମଇଦା ୩ କପ, ଘିଅ ଅଧା କପ, ଶୁଣ୍ଠି ଗୁଣ୍ଡ, ଡାଲଚିନି, ଗୁଜୁରାତି, ରସୁଣ ୨ ପାଖୁଡା, ବେକିଂ ପାଉଡର, ଲୁଣ ।

**ପ୍ରଣାଳୀ-** ପ୍ରଥମେ ରସୁଣକୁ ଚୋପା ଛଡାଇ ଚିକ୍କଣ କରି ବାଟି ନିଅନ୍ତୁ । ଏହାପରେ ଡାଲଚିନି, ଗୁଜୁରାତିକୁ ଗୁଣ୍ଡ କରି ଦିଅନ୍ତୁ । ଏଥର ମଇଦାରେ ବେକିଂ ପାଉଡର ଓ ଲୁଣ ମିଶାଇ ଗୋଳାଇ ଦିଅନ୍ତୁ । ଏଥର ଏହି ମଇଦାରେ ବଟା ରସୁଣ, ଗୁଜୁରାତି, ଡାଲଚିନି ଗୁଣ୍ଡ, ଶୁଣ୍ଠି ଗୁଣ୍ଡ, ଗୁଡ, ଘିଅ ମିଶାଇ ଭଲଭାବରେ ମିଶାଇ ନିଅନ୍ତୁ । ଏହାପରେ ଏହି ମିଶ୍ରଣକୁ ଛୋଟଛୋଟ ଆକାର କରି ଓଭାନରେ ବେକ କରି ନିଅନ୍ତୁ ।

**ସୋସିଆଲ କୋଟ୍ସ**


ଆମିର ଖାନ ୬୧ ବର୍ଷରେ ବିବାହ କରିବା କିଛି ଖରାପ କଥା ନୁହେଁ । ସେ ନିଜ ଜୀବନରେ ଖୁବ ଲୟାଲ ମଣିଷ । ସେ ସମସ୍ତଙ୍କୁ ସବୁବେଳେ ଠିଆ ହୋଇଥାଆନ୍ତି ।

## ଗୁଡ଼ ବିସ୍କୁଟ



# ପକ୍ଷୀ ସଦୃଶ ଡାଇନୋସର

ଉତ୍ତର-ପଶ୍ଚିମ ଚୀନ୍‌ର ଗାନ୍‌ସୁ ପ୍ରଦେଶସ୍ଥିତ ଚାଙ୍ଗମା ବେସିନରୁ ଏକ ଅତି ସୁରକ୍ଷିତ ଡାଇନୋସର ଜୀବାଶ୍ମ ଆବିଷ୍କୃତ ହୋଇଛି । ଏହା କ୍ଷୁଦ୍ର ପରଯୁକ୍ତ ଶିକାରୀ ପ୍ରଜାତି 'ମାଇକ୍ରୋରାପ୍ଟର' ବିଷୟରେ ଅନେକ ନୂଆ ତଥ୍ୟ ପ୍ରଦାନ କରୁଛି ବୋଲି ସିଏନ୍‌ଏନ୍ ରିପୋର୍ଟ କରିଛି । 'ଆନାଲ୍ସ ଅଫ୍ କାର୍ନେଗି ମ୍ୟୁଜିୟମ' ପତ୍ରିକାରେ ପ୍ରକାଶିତ ଏହି ୧୨୦ ମିଲିୟନ୍ (୧୨ କୋଟି) ବର୍ଷ ପୁରୁଣା ଜୀବାଶ୍ମର କାନ୍ଧ ଓ ଅଗ୍ରଭାଗର ଅସ୍ଥି ବିଶ୍ଳେଷଣରୁ ଏହା ଏକ ସମ୍ପୂର୍ଣ୍ଣ ଅଜ୍ଞାତ ନୂଆ ପ୍ରଜାତିର ବୋଲି ଜଣାପଡ଼ିଛି । ଯାହାର ନାମକରଣ ଚୀନ୍ ପୌରାଣିକ କାହାଣୀର ଏକ-ଡେଣା ବିଶିଷ୍ଟ ପକ୍ଷୀ ଅନୁସାରେ 'ଜିଆନ୍ ଚାଙ୍ଗମାଏନସିସ୍' ରଖାଯାଇଛି । ଏହି ଆବିଷ୍କାରଟି ମାଇକ୍ରୋରାପ୍ଟରମାନଙ୍କର ଭୌଗୋଳିକ ପରିସରକୁ ବିସ୍ତାର କରୁଛି । କାରଣ ଉତ୍ତର-ପୂର୍ବ ଚୀନ୍ ବାହାରେ ମିଳିଥିବା ଏହା ଏକମାତ୍ର ନିଶ୍ଚିତ ଜୀବାଶ୍ମ ହେବା ସହ ଏମାନଙ୍କର ଅସ୍ତିତ୍ୱର ସମୟସୀମାକୁ ମଧ୍ୟ ବୃଦ୍ଧି କରୁଛି । ପୂର୍ବରୁ ଏହି ଚାଙ୍ଗମା ଅଞ୍ଚଳରୁ ଶହେରୁ ଅଧିକ ପକ୍ଷୀ ଜୀବାଶ୍ମ ମିଳିଥିଲେ ହେଁ ଏହା ପ୍ରଥମ ଅଣ-ପକ୍ଷୀ ଡାଇନୋସର ଜୀବାଶ୍ମ ଅଟେ । ଯାହା ଆଧୁନିକ ପକ୍ଷୀଙ୍କ ପୂର୍ବପୁରୁଷ ଏବଂ ସେହି ସମୟର ପାରିପାର୍ଶ୍ୱିକ ସ୍ଥିତି ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଉଛି । ଚାରୋଟି ଡେଣା ଭଳି ଦେଖାଯାଉଥିବା ଏହି ମାଇକ୍ରୋରାପ୍ଟର ଶରୀର ସମ୍ପୂର୍ଣ୍ଣ ପରରେ ଆବୃତ ଥିଲା ଏବଂ ସେମାନଙ୍କର ଅଗ୍ରଭାଗ ସହ ପଛ ଗୋଡ଼ରେ ମଧ୍ୟ ଲମ୍ବା ପର ରହିଥିଲା । ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ଅନୁସାରେ, ଏହି ପକ୍ଷୀ ସଦୃଶ ଡାଇନୋସରମାନେ ସାଧାରଣତଃ ଭୂମିରେ ରହୁଥିଲେ ମଧ୍ୟ ଆଧୁନିକ ଉଡ଼ନ୍ତା ଗୁଣ୍ଡୁଚି ମୂଷା ଭଳି ଗଛ ଚଢ଼ିବାରେ ଏବଂ ଗୋଟିଏ ଗଛରୁ ଅନ୍ୟ ଗଛକୁ ଉଡ଼ି ବା ଭାସି ଯିବାରେ ସକ୍ଷମ ଥିଲେ । ଯାହା ପକ୍ଷୀମାନଙ୍କ ଉଡ଼ିବା ପ୍ରକ୍ରିୟାର ବିବର୍ତ୍ତନକୁ ବୁଝିବାରେ ବୈଜ୍ଞାନିକମାନଙ୍କୁ ସାହାଯ୍ୟ କରିବ ।



# ବୋଲ୍ଡନେସକୁ ନେଇ ବିବାଦ



ସୁପରଷ୍ଟାର୍ ରାମ ଚରଣଙ୍କ ଅଭିନୀତ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ପେଦ୍ଦି'ରେ ଅଭିନେତ୍ରୀ ଜାହ୍ନବୀ କପୁରଙ୍କ ଚରିତ୍ରକୁ ଆବଶ୍ୟକତାଠାରୁ ଅଧିକ ବୋଲ୍ଡ ଭାବେ ଚିତ୍ରଣ କରାଯାଇଥିବା ଅଭିଯୋଗକୁ ନେଇ ଏବେ ବିବାଦ ଉଗ୍ର ରୂପ ଧାରଣ କରିଛି । ଦର୍ଶକଙ୍କ ଅନୁସାରେ ଚଳଚ୍ଚିତ୍ରରେ ଜାହ୍ନବୀଙ୍କ ଚରିତ୍ର କାହାଣୀ ଅପେକ୍ଷା ତାଙ୍କର ଶାରୀରିକ ଗଠନ ଏବଂ ଅଙ୍ଗପ୍ରଦର୍ଶନ ଉପରେ ଅଧିକ ଧ୍ୟାନ ଦିଆଯାଇଛି । ଯାହାକୁ ନେଇ ସୋସିଆଲ ମିଡିଆରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ତେବେ ଏହି ବିବାଦ ମଧ୍ୟରେ ଜାହ୍ନବୀଙ୍କ ସମର୍ଥନରେ ତାଙ୍କ ମେକଅପ୍ ଆର୍ଟିଷ୍ଟ ସଭଲିନ୍ କୌର ମନଚନ୍ଦା ଏବଂ ସାଉଥ୍ ସିନେମାର ଜଣାଶୁଣା ଅଭିନେତ୍ରୀ ଡିମ୍ପଲ୍ ହୟାତି ଆଗେଇ ଆସିଛନ୍ତି । ମେକଅପ୍ ଆର୍ଟିଷ୍ଟ ସଭଲିନ୍ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ନିର୍ଦ୍ଦେଶକଙ୍କ ଉପରେ ମର୍ଯ୍ୟାଦାର ସୀମା ପାର୍ କରିଥିବା ଅଭିଯୋଗ ଆଣିଛନ୍ତି । ତାଙ୍କ ଦାବି ଅନୁଯାୟୀ, ଶୁଟିଂ ସମୟରେ ହିଁ ଜାହ୍ନବୀ କେତେକ ନିର୍ଦ୍ଦିଷ୍ଟ କ୍ୟାମେରା ଆଙ୍ଗେଲ୍‌କୁ ନେଇ ନିଜର ସୀମା ନିର୍ଦ୍ଧାରଣ କରିଥିଲେ । ପୋଷ୍ଟ-ପ୍ରଡକ୍ସନ ପର୍ଯ୍ୟାୟରେ ସେହି ଆପତ୍ତିଜନକ ଦୃଶ୍ୟଗୁଡ଼ିକ ହଟାଇବାକୁ କହିଥିଲେ । ମାତ୍ର ବକ୍ସ ଅଫିସ୍ କଲେକ୍ସନ ଚକ୍କରରେ ନିର୍ଦ୍ଦେଶକ ଅଭିନେତ୍ରୀଙ୍କ ସହମତିକୁ ସମ୍ପୂର୍ଣ୍ଣ ଅଣଦେଖା କରି ଚୂଡ଼ାନ୍ତ ଏଡିଟ୍‌ରେ ସେଗୁଡ଼ିକୁ ସାମିଲ ରଖିଥିଲେ । ଅନ୍ୟପଟେ, ଅଭିନେତ୍ରୀ ଡିମ୍ପଲ୍ ହୟାତି ନିଜ 'ଏକ୍ସ' (ଟ୍ୱିଟର) ଆକାଉଣ୍ଟରେ ଏହି ବ୍ୟବସ୍ଥା ଓ ଚଳଚ୍ଚିତ୍ର ନିର୍ମାତାମାନଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି । ତାଙ୍କ ମତରେ ଚଳଚ୍ଚିତ୍ରରେ ମହିଳାମାନଙ୍କ ଖରାପ ତଥା ଦୁର୍ବଳ ଚିତ୍ରଣ ପାଇଁ ଅଭିନେତ୍ରୀଙ୍କୁ ନୁହେଁ, ବରଂ ନିର୍ମାତା ଏବଂ ସିଷ୍ଟମକୁ ଦାୟୀ କରାଯିବା ଉଚିତ୍ । କାରଣ ଅଭିନେତ୍ରୀମାନଙ୍କୁ ଯାହା ଅଫର୍ କରାଯାଏ ସେମାନେ କେବଳ ସେତିକି ହିଁ କରନ୍ତି । ପୁରୁଷ-କେନ୍ଦ୍ରିକ ଚଳଚ୍ଚିତ୍ରରେ ନାୟକମାନଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ମିଳୁଥିବାବେଳେ ଅଭିନେତ୍ରୀମାନଙ୍କୁ ନିଜର ପ୍ରକୃତ ପ୍ରତିଭା ଦେଖାଇବାର ସୁଯୋଗ ନଦେଇ ଏକ ନିର୍ଦ୍ଦିଷ୍ଟ ବୋଲ୍ଡ ଇମେଜ୍‌ରେ ବାନ୍ଧି ରଖାଯାଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି । ସୂଚନାଅନୁସାରେ ଏହାପୂର୍ବରୁ ଜାହ୍ନବୀଙ୍କ ଫ୍ୟାନ୍ କ୍ଲବ୍ ଗୁଡ଼ିକ କ୍ୟାମେରା ଆଙ୍ଗେଲ୍‌କୁ ନେଇ ହୋଇଥିବା କିଛି ଚାଟ୍‌ର ସ୍କ୍ରିନସଟ୍ ମଧ୍ୟ ଭାଇରାଲ କରିଥିଲେ । ତେବେ ବଢିବା ପରେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ବୁଚି ବାବୁ ସନା ଜନସାଧାରଣଙ୍କ ନିକଟରେ କ୍ଷମା ମାଗିବା ସହ ଉକ୍ତ ଆପତ୍ତିଜନକ ଦୃଶ୍ୟଗୁଡ଼ିକରେ ପରିବର୍ତ୍ତନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ସୋସିଆଲ କୋଟ୍ସ



ଆମିର ଖାନ ୬୧ ବର୍ଷରେ ବିବାହ କରିବା କିଛି ଖରାପ କଥା ନୁହେଁ । ସେ ନିଜ ଜୀବନରେ ଖୁବ ଲୟାଲ ମଣିଷ । ସେ ସମସ୍ତଙ୍କୁ ସବୁବେଳେ ଠିଆ ହୋଇଥାଆନ୍ତି ।

**ରାଖୀ ଗୁଲଜାର, ଅଭିନେତ୍ରୀ**



ନାନା ପାଟେକର ମୋତେ ସୁଟିଂ ସମୟରେ ସେଟରେ ଏକ ଚାପୁଡ଼ା ମାରିଥିଲେ, ଯାହା ମୋତେ ସେତେବେଳେ ଖୁବ କଷ୍ଟ ଦେଇଥିଲା । ମୋତେ ଖୁବ ରାଗ ଲାଗିଥିଲା ତେଣୁ ମୁଁ ମଧ୍ୟ ତାଙ୍କୁ ଏକ ଶକ୍ତ ଚାପୁଡ଼ା ମାରି ଦେଇଥିଲି ।

**ମଧୁ ଶାହ, ଅଭିନେତ୍ରୀ**



କଲେଜ ଟାଇମରେ ମୋତେ ଗୋଟିଏ ଥର ଅପହରଣ କରାଯାଇଥିଲା । ପୋଷ୍ଟର ଲଗାଇବାକୁ ନେଇ ଏହି ବିବାଦ ହୋଇଥିଲା । ଯାହାର ପରିଣାମ ମୋତେ ଭୋଗିବାକୁ ପଡିଥିଲା ।

**ଇମତିଆଜ ଅଲ୍ଲୀ, ନିର୍ଦ୍ଦେଶକ**

# ୩୧,୦୦୦ କେଜି ଚୁଡ଼ା ଉପମା

ବିଶ୍ୱ ଚୁଡ଼ା ଉପମା ଦିବସ ଅବସରରେ ମହାରାଷ୍ଟ୍ରର ନାଗପୁର ସହରରେ ଏକ ଅଭୂତପୂର୍ବ ବିଶ୍ୱ ରେକର୍ଡ ସୃଷ୍ଟି ହୋଇଛି, ଯାହା ସମସ୍ତଙ୍କୁ ଚକିତ କରିଦେଇଛି । ଏହି ସ୍ୱତନ୍ତ୍ର ଦିବସରେ ସୋଫାର ପ୍ରସିଦ୍ଧ ସେଫ୍ ବିଷ୍ଣୁ ମନୋହର ଏକାସାଙ୍ଗରେ ବିପୁଳ ପରିମାଣରେ ଅର୍ଥାତ୍ ୩୧,୦୦୦ କିଲୋଗ୍ରାମର ଓଜନବାର 'ତରୀ ପୋହା' ବା ଚୁଡ଼ା ଉପମା ପ୍ରସ୍ତୁତ କରି ଏହି ଅନନ୍ୟ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସେଫ୍ ବିଷ୍ଣୁ ମନୋହରଙ୍କ କହିବା ଅନୁଯାୟୀ, ଏହି ବିଶେଷ ଆୟୋଜନର ମୂଳ ଉଦ୍ଦେଶ୍ୟ ଥିଲା ସମଗ୍ର ବିଶ୍ୱକୁ ନାଗପୁରର ସେହି ପ୍ରସିଦ୍ଧ ସ୍ୱାଦିଷ୍ଟ 'ତରୀ ପୋହା' ସହିତ ପରିଚିତ କରାଇବା । ସେ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, ଏହା କେବଳ ଭାରତର ସବୁଠାରୁ ପ୍ରିୟ ଜଳଖିଆ ଅଟେ । ନାଗପୁରକୁ ଆସୁଥିବା ପ୍ରତ୍ୟେକ ପର୍ଯ୍ୟଟକ ଏହାର ସ୍ୱାଦ ଅନ୍ତତଃ ପକ୍ଷେ ଥରେ ନିଶ୍ଚୟ ଚାଖିବା ଉଚିତ୍ । ସାଧାରଣ ଚୁଡା ଉପମା ତୁଳନାରେ ଏହି 'ତରୀ ପୋହା'ର ସ୍ୱାଦ ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ୱତନ୍ତ୍ର ହୋଇଥାଏ । ଏହାକୁ ନାଗପୁରର ଅସଲ ପରିଚୟ ବୋଲି ଗ୍ରହଣ କରାଯାଏ । ଏହାର ସବୁଠାରୁ ବଡ ବୈଶିଷ୍ଟ୍ୟ ହେଉଛି ଏଥିରେ ବ୍ୟବହାର କରାଯାଉଥିବା ମସଲାଯୁକ୍ତ ଝୋଳ ବା 'ତରୀ', ଯାହାକୁ ସ୍ୱତନ୍ତ୍ର ଭାବେ ବୁଟରେ ପ୍ରସ୍ତୁତ କରାଯାଇଥାଏ । ଚୁଡା ଉପମା ଉପରେ ପଡୁଥିବା ଏହି ସୁଆଦିଆ ବୁଟର ତରୀ ହିଁ ଏହାକୁ ସ୍ୱତନ୍ତ୍ର ସହ ସ୍ୱାଦିଷ୍ଟ କରିଥାଏ ।





**ମେଷ:** କାର୍ଯ୍ୟରେ ବିରୋଧ, ବ୍ୟବସାୟରେ ସ୍ୱଚ୍ଛଳାଭ, ଗୃହେ ସହଯୋଗ, ବନ୍ଧୁସମସ୍ୟା, ଅର୍ଥଚିନ୍ତା, ସ୍ୱାସ୍ଥ୍ୟଲାଭ, ସନ୍ତାନଙ୍କଖୁସି, ଦୂରଯାତ୍ରା, ନୂତନ କର୍ମନିଯୁକ୍ତି, ଦେବଦର୍ଶନ, ଅନୁଷ୍ଠାନରୁ ଲାଭ, ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୪, ଆରାଧନା- ପ୍ରଭୁ ହନୁମାନ ।

**ବୃଷ:** ଦୂରଯାତ୍ରା ସଫଳ, ବ୍ୟବସାୟରେ ଲାଭ, ଅଚାନକ ଧନଲାଭ, ଶତ୍ରୁସମସ୍ୟା, ସମ୍ପତ୍ତିଲାଭ, ବନ୍ଧୁଲାଭ, ବିଘ୍ନନାଶ, ସୁସମ୍ବାଦପ୍ରାପ୍ତି, । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା- ଶ୍ରୀଗଣେଶ ।

**ମିଥୁନ:** ଭଲଆୟ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ଅନୁଷ୍ଠାନରୁ ଲାଭ, ଶରୀର ସୁସ୍ଥ, ସୁଖଦିନ, ନୂତନ ନିଯୁକ୍ତି, ଆର୍ଥିକ ଉନ୍ନତି, ସମ୍ପତ୍ତିଲାଭ, ଦାମ୍ପତ୍ୟସୁଖ, ବିଦ୍ୟାରେ ସଫଳ । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା-ମହାଲକ୍ଷ୍ମୀ ।

**କର୍କଟ:** ଦୂରଯାତ୍ରାରେ ସତର୍କ, ବ୍ୟବସାୟରେ ସ୍ୱଚ୍ଛଳାଭ, ବିଶିଷ୍ଟ ବ୍ୟକ୍ତି ସହାୟତା, ଶରୀର ସୁସ୍ଥ, ପଡ଼ୋଶୀ କଳହ, ସମ୍ପତ୍ତିବିବାଦ, ଶତ୍ରୁସମସ୍ୟା, ଦାମ୍ପତ୍ୟକଳହ, ଅଚାନକ ଧନପ୍ରାପ୍ତି । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶୀ, ସଂଖ୍ୟା-୫, ଆରାଧନା-ମା' ବଗଳାମୁଖୀ ।

**ସିଂହ:** ଯାନ୍ତ୍ରିକତ୍ରୁଟି, ହେବାକାର୍ଯ୍ୟ ବିଳମ୍ବ, ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଚ୍ଛଳାଭ, କର୍ମକ୍ଷେତ୍ରେ ସଫଳ, ପିଲାଙ୍କଖୁସି, ଅନୁଷ୍ଠାନରୁ ଲାଭ, ଅଯଥା ଅଶାନ୍ତି, ଚିଡ଼ିଚିଡ଼ାପଣରୁ ବିବାଦ । ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା-ଶଙ୍କର ଭଗବାନ ।

**କନ୍ୟା:** ବାଣିଜ୍ୟରେ ଲାଭ, ନୂତନ କାର୍ଯ୍ୟରେ ଲାଭ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ଶୁଭ ଆଲୋଚନା, ଅତିଥି ବା କାରଯର୍ଯ୍ୟ ସମ୍ପନ୍ନ, ସମ୍ପତ୍ତିଲାଭ, ସମସ୍ୟା ସମାଧାନ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା- ହନୁମାନଚାଳିଶାପାଠ ।

**ତୁଳା:** ଧନପ୍ରାପ୍ତିରେ ଲାଭ, ନୂତନ କାର୍ଯ୍ୟରେ ଲାଭ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ନୂତନ ବନ୍ଧୁଦର୍ଶନ, ଅତିଥି ବା କାର୍ଯ୍ୟ ସମ୍ପନ୍ନ ସମ୍ପତ୍ତିଲାଭ, ସମସ୍ୟା ସମାଧାନ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା- ମା' ମହାକାଳୀ ।

**ବିଛା:** କାର୍ଯ୍ୟରେ ବ୍ୟସ୍ତ, ଦୂରଯାତ୍ରାରେ କଷ୍ଟ, ସ୍ୱାସ୍ଥ୍ୟଚିନ୍ତା, ଅର୍ଥଲାଭ, ବନ୍ଧୁଗୃହେ ଯାତ୍ରା, ଶୁଭଆଲୋଚନା, ଦ୍ରବ୍ୟଲାଭ, ଶତ୍ରୁ ପରାଜିତ, ବ୍ୟବସାୟିକ ଶତ୍ରୁତା, ଦାମ୍ପତ୍ୟଖୁସି । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା- ପ୍ରଭୁ ନୃସିଂହ ।

**ଧନୁ:** ମାନସିକ କଷ୍ଟ, ବ୍ୟବସାୟରେ ସ୍ୱଚ୍ଛଳାଭ, ଅର୍ଥଚିନ୍ତା, ଅନୁଷ୍ଠାନରୁ ସଫଳତା, ବନ୍ଧୁସାହାଯ୍ୟ, ଶତ୍ରୁସମସ୍ୟା, ହେବାକାର୍ଯ୍ୟ ବିଳମ୍ବ, ସନ୍ତାନକଷ୍ଟ, ଈଶ୍ୱରଭକ୍ତି । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ମକର:** ପୁରାତନ ରୋଗ ଉପଶମ, ଆର୍ଥିକ ଲାଭ, ସମ୍ପତ୍ତିଲାଭ, ନୂତନ କାର୍ଯ୍ୟରେ ନିଯୁକ୍ତି, ବ୍ୟବସାୟିକ ଲାଭ, ହଠାତ ଦୂରଯାତ୍ରା, ଦ୍ରବ୍ୟପ୍ରାପ୍ତି, ଦାମ୍ପତ୍ୟଖୁସି, ବିଦ୍ୟାରେ ସଫଳ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୯, ଆରାଧନା- ଗ୍ରାମଦେବତୀ ।

**କୁମ୍ଭ:** ବ୍ୟବସାୟରେ ସ୍ୱଚ୍ଛଳାଭ, ମାନସିକ ଶାନ୍ତି, କାର୍ଯ୍ୟରେ ସଫଳ, ନୂତନ ଗୃହଲାଭ, ଶତ୍ରୁସମସ୍ୟା, ଅଯଥା ବିବାଦ, ଯାନବାହନେ ସତର୍କ, ବିଦ୍ୟାରେ ଅସଫଳ । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ମୀନ:** ଯାତ୍ରା ସଫଳ, ସମ୍ପତ୍ତିଲାଭ, ମାନସିକ ଶାନ୍ତି, ଶୁଭଆଲୋଚନା, ଅଳ୍ପ ଶତ୍ରୁସମସ୍ୟା, ନୂତନ ନିଯୁକ୍ତି, ବିବାଦ ସମାଧାନ, ସମ୍ମାନପ୍ରାପ୍ତି, ମାନସିକ ଶାନ୍ତି, ବ୍ୟବସାୟରେ ଉନ୍ନତି । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୦, ଆରାଧନା- ମା' ମହାଲକ୍ଷ୍ମୀ ।

**ଜ୍ୟେଷ୍ଠ କୃଷ୍ଣପକ୍ଷ ନବମୀ**
**୯.୬.୨୦୨୬, ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୪୪
ତିଥି: ନବମୀ
୦୯ ଜୁନ୍ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 244
09 June 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଆତିଥ୍ୟ ଭିତ୍ତିଭୂମି ଲାଗି ଭୂମି ବ୍ୟାଙ୍କ ଯୋଜନା



- କ୍ୟାବିନେଟ୍‌ରେ ୫ ବିଭାଗର ୧୦ ପ୍ରସ୍ତାବକୁ ଅନୁମୋଦନ
- ୫୫୦୦ ଏକର ଜମି ଚିହ୍ନଟ ହେବ
- ୫ ବର୍ଷରେ ୧୫୦୦ କୋଟି ବ୍ୟୟବରାଦ ପ୍ରସ୍ତାବ
- ଖୋର୍ଦ୍ଧା କାଲିବେଟି ଶିଳ୍ପାଞ୍ଚଳରେ ମହିଳା ଶ୍ରମିକ ହଷ୍ଟେଲ
- ବୃତାଙ୍ଗ ଜଳସେଚନ ପ୍ରକଳ୍ପ ନିର୍ଗମନ ପଥକୁ ଅନୁମୋଦନ
- ଅଯୋଧ୍ୟା ସାଗର ୱେୟାର ତଳ ଭାଗରେ ଅନ୍ତଃନଦୀ ଜଳାଶ୍ରୟ

ଭୁବନେଶ୍ୱର, ୮।୬ (ସବ୍ୟୁ) : ପର୍ଯ୍ୟଟନ କ୍ଷେତ୍ରରେ ଅର୍ଥନୈତିକ ଅଭିବୃଦ୍ଧି ଲାଗି ଦୃଢ଼ ଭିତ୍ତିଭୂମି ସୃଷ୍ଟି କରିବା ଓ ବଡ ନିବେଶକୁ ଆକର୍ଷିତ କରିବା ପାଇଁ ଆତିଥ୍ୟ ଭିତ୍ତିଭୂମି ପାଇଁ ଭୂମି ବ୍ୟାଙ୍କ ଯୋଜନା ଆରମ୍ଭ ହେବ। ଏହି ଯୋଜନା ଅଧୀନରେ ୫୫୦୦ ଏକର ଜମି ପର୍ଯ୍ୟାୟକ୍ରମେ ଚିହ୍ନଟ କରାଯାଇ ପର୍ଯ୍ୟଟନ ଭୂମି ବ୍ୟାଙ୍କରେ ସାମିଲ କରାଯିବ। ଚିଲିକା, କୋଣାର୍କ, ପୁରୀ (ସାମୁକା), ଧଉଳୀ, ହୀରାକୁଦ, ସାତକୋଶିଆ, ଶିମିଳିପାଳ, ଭିତରକନିକା, ଦାରିଙ୍ଗବାଡି, ଦେଓମାଳି, ବୌଦ୍ଧ ସର୍କିଟ୍, ଜିରାଙ୍ଗ, ତଳସାରୀ ଏବଂ ଟାମ୍ପରା-ଆର୍ଯ୍ୟପଲ୍ଲୀ ଭଳି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ କ୍ଷେତ୍ର ସାମିଲ ହେବ।

୨୦୨୬-୨୭ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏହି ଯୋଜନାରେ ବାର୍ଷିକ ୩୦୦ କୋଟି ହାରରେ ୧୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ପର୍ଯ୍ୟଟନ ବିଭାଗ, ନୋଡାଲ ବିଭାଗ ଭାବେ ଇଡ୍‌କୋ, ଓଟିଡିସି, ରାଜସ୍ୱ, ସାଧାରଣ ପ୍ରଶାସନ ଓ ଅନ୍ୟ ସମ୍ପୃକ୍ତ ସଂସ୍ଥା ସହଯୋଗରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯିବ। ଉପରୋକ୍ତ ଯୋଜନା ସମେତ ୫ ବିଭାଗର ୧୦ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଶିଳ୍ପ ବିଭାଗର ୨, ଗୃହ ଓ ନଗର ଉନ୍ନୟନ (୯ ପୃଷ୍ଠାରେ)

## ଓଜେଇଇ-୨୦୨୬ ଫଳ ପ୍ରକାଶ



- ମୋଟ୍ ୯୨ ହଜାର ୬୨୮ ପରୀକ୍ଷାର୍ଥୀ ଦେଇଥିଲେ ପରୀକ୍ଷା
- ଚଳିତ ମାସ ତୃତୀୟ ସପ୍ତାହରୁ ଆରମ୍ଭ ହେବ କାଉନସେଲିଂ

ଭୁବନେଶ୍ୱର, ୮।୬ (ସବ୍ୟୁ) : ଓଡିଶା ମିଳିତ ପ୍ରବେଶିକା ପରୀକ୍ଷା(ଓଜେଇଇ)ର ଫଳାଫଳ ପ୍ରକାଶ ପାଇଛି । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପରୀକ୍ଷା ଫଳ ଘୋଷଣା କରିବା ସହ ଫଳାଫଳ ପୁସ୍ତିକା ଉନ୍ମୋଚନ କରିଛନ୍ତି। ଏବର୍ଷ ମୋଟ୍ ୧,୦୩,୪୩୪ ଜଣ ପରୀକ୍ଷାର୍ଥୀ ପଞ୍ଜୀକୃତ ହୋଇଥିବା ବେଳେ ୯୨,୬୨୮ ପରୀକ୍ଷାର୍ଥୀ (୮୯.୫୫%) ପରୀକ୍ଷାରେ ଭାଗ ନେଇଥିଲେ । ନର୍ସିଂ ପାଠ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ ପାଠ୍ୟକ୍ରମ ମଧ୍ୟରୁ ୬୨,୬୯୧ ପରୀକ୍ଷାର୍ଥୀଙ୍କୁ ନିଜ ନିଜର ପ୍ରଦର୍ଶନ ଅନୁଯାୟୀ ସେମାନଙ୍କ ଅନୁରୂପ ପାଠ୍ୟକ୍ରମରେ ର୍ୟାଙ୍କ ଦିଆଯାଇଛି ।

୨୦୨୬-୨୭ ଶିକ୍ଷାବର୍ଷ ପାଇଁ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ପ୍ରଚଳିତ ୧୬ଟି ବୈଷୟିକ ଏବଂ ବୃତ୍ତିଗତ ପାଠ୍ୟକ୍ରମ ଯଥା ବି.ଟେକ୍, ଏଲଇ-ଟେକ୍(ଡିପ୍ଲୋମା), ଏଲଇ-ଟେକ୍(ବିଏସି), ବି-ଫାର୍ମା, ଏମ୍‌ବିଏ, ଏମସିଏ, ଇ.ଏମବିଏ, ଏଲଇ-ଫାର୍ମା, ଏମ୍-ଫାର୍ମା, ଏମ୍-ଆରକିଟେକ୍, ଏମ୍-ପ୍ଲାନ, ଏମ୍‌ଟେକ, ବେସିକ ବି. ସାଇନ୍ସ ନର୍ସିଂ, ପୋଷ୍ଟ ବେସିକ ବି. ସାଇନ୍ସ ନର୍ସିଂ, ଏମ୍. ସାଇନ୍ସ ନର୍ସିଂ (୯ ପୃଷ୍ଠାରେ)

## ଇସ୍ରାଏଲ ଉପରେ ଆକ୍ରମଣ ବନ୍ଦ କଲା ଇରାନ

- ଭାରତୀୟଙ୍କ ଲାଗି ଜାରି ହେଲା ମାର୍ଗଦର୍ଶିକା
- ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲେ ଟ୍ରମ୍ପ
- ଯୁଦ୍ଧ ବନ୍ଦ କରିବାକୁ ଉଭୟ ଇରାନ-ଇସ୍ରାଏଲକୁ ଆହ୍ୱାନ

ନୂଆଦିଲ୍ଲୀ, ୮।୬ : ଇସ୍ରାଏଲ ଉପରେ ସାମରିକ ଆକ୍ରମଣ ବନ୍ଦ କରିବାକୁ ଇରାନ ନିଷ୍ପତ୍ତି ନେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଚୂଡାନ୍ତ ଚୁକ୍ତି ନହେବା ଯାଏ ହର୍ମୁଜ ପ୍ରଣାଳୀରେ ଅବରୋଧ ଜାରି ରହିବ। ଦୁଇ ମାସ ପୂର୍ବରୁ ପଶ୍ଚିମ ଏସିଆରେ ଅସ୍ତ୍ର ବିରତି କରାଯାଇଥିବା ବେଳେ ଏବେ ଏହାର ଉଲ୍ଲଂଘନ ଦେଖିବାକୁ ମିଳୁଛି। ଏହାକୁ ନେଇ ଟ୍ରମ୍ପ କ୍ଷୁବ୍ଧ ହେବା ସହ ଉଭୟ ଇରାନ ଓ ଇସ୍ରାଏଲକୁ ତୁରନ୍ତ ଆକ୍ରମଣ ବନ୍ଦ କରିବାକୁ କହିଛନ୍ତି। ଏପ୍ରିଲ୍ ୮ ତାରିଖରୁ ଲାଗୁ ହୋଇଥିବା ଯୁଦ୍ଧ ବିରତି ପରେ ଏବେ ଅଧିକ ଉତ୍ତେଜନା ଦେଖିବାକୁ ମିଳୁଛି।

ଆଜି ଇରାନ ଇସ୍ରାଏଲ ଉପରେ ଏକାଧିକ ମିସାଇଲ ମାଡ କରିଛି। କେନ୍ଦ୍ରୀୟ ଇସ୍ରାଏଲରେ ଥିବା ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏନେଇ ସତର୍କ ସୂଚନା ଜାରି କରିଥିଲା। ତେହେରାନ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ଯଦି ଇସ୍ରାଏଲ ଆକ୍ରମଣ କରେ ତେବେ ଆମେବି ଆହୁରୀ ଆକ୍ରମଣ ଜାରି ରଖିବୁ। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତ୍ୟାନିହୁଙ୍କ ସହ କଥା ହୋଇଛନ୍ତି। ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ କହିଛନ୍ତି। ତେବେ ଇରାନ ଓ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ବଢୁଥିବାରୁ ଭାରତୀୟ ନାଗରିକମାନଙ୍କୁ ମାର୍ଗ ଦର୍ଶିକା ଜାରି କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ମଧ୍ୟପ୍ରାଚ୍ୟରେ ଏବେ ଉତ୍ତେଜନା ଦେଖାଦେଉଥିବାରୁ ଭାରତୀୟମାନେ ଏବେ ଇରାନ ଗସ୍ତକୁ ସ୍ଥଗିତ ରଖନ୍ତୁ। ଯେଉଁ ଭାରତୀମାନେ ଇରାନରେ ରହୁଛନ୍ତି, ଯେକୌଣସି ପରିବହନର ବ୍ୟବସ୍ଥା ମିଳୁଛି ତୁରନ୍ତ ଇରାନ ଛାଡି ଦିଅନ୍ତୁ। ଇସ୍ରାଏଲ ସେନା କହିଛି ଯେ, ଦକ୍ଷିଣ -ପଶ୍ଚିମ ଇରାନରେ ଥିବା ଏକ ପେଟ୍ରୋ କେମିକାଲ କମ୍ପ୍ଲେକ୍ସ ଓ ମିସାଇଲକୁ ଟାର୍ଗେଟ କରାଯାଇଥିଲା। ଇସ୍ରାଏଲର ଦୁଇଟି ସେନା ଘାଟିକୁ ସଫଳତାର ସହ ଟାର୍ଗେଟ କରିଛନ୍ତି। ଅପରେସନ ନସ୍ର ଅଧୀନରେ ଇସ୍ରାଏଲ ଆକ୍ରମଣର ଜବାବ ଦିଆଯାଇଛି। ସେପଟେ କୁର୍ଦ୍ଦି ବିଦ୍ରୋହୀମାନେ ଇସ୍ରାଏଲ ଉପରେ ମିସାଇଲ ମାଡ କରିଥିବା ଦାବି କରାଯାଇଛି। ଏହି ସ୍ଥିତି ଯୋଗୁଁ ଆଞ୍ଚଳିକ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

## ଦିନରେ ତତାଇଲା, ଅପରାହ୍ଣରେ ବର୍ଷିଲା

### ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଜାରି / ଦୁଇ ଦିନରେ ମୌସୁମୀ ପ୍ରବେଶ କରିବ



ଭୁବନେଶ୍ୱର, ୮।୬ (ସବ୍ୟୁ): ରାଜ୍ୟରେ କାଳବୈଶାଖୀ ବର୍ଷା ଜାରି ରହିଥିଲେ ମଧ୍ୟ ତାତି କମୁନି। ଦୁଇ ଦିନ ହେବ ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗି ରହିଛି। ଦିନ ତମାମ ଗରମ ସହିତ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ଅପରାହ୍ଣ ୩ଟା ବାଜିଲେ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସୁଛି। ଜୋର ପବନ ବୋହିବା ସହ ବଜ୍ରପାତ ଓ ପ୍ରବଳ ବର୍ଷୁଛି। ହେଲେ ତାପର ଦିନ ତାତି କମୁନି। ଆସନ୍ତା ୨ରୁ ୩ ଦିନ ଭିତରେ ଓଡ଼ିଶାକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବାର ସମ୍ଭାବନା ଅଛି। ଫଳରେ ତାତିରେ ବ୍ରେକ ଲାଗିବ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଜ୍ଞାନୀ।

ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶଙ୍କ କହିବା ଅନୁସାରେ, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢ଼ି ଚାଲିଛି। ସୋମବାର ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶର ଆହୁରି କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହୋଇଥିବା ବେଳେ ତେଲେଙ୍ଗାନାର କିଛି ଅଞ୍ଚଳକୁ ଏହା ଛୁଇଁଛି। ଏହାସହ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଲାଗି ରହିଥିବା ବେଳେ ଆଗାମୀ ୨ରୁ ୩ ଦିନ ମଧ୍ୟରେ ଓଡ଼ିଶାକୁ ମୌସୁମୀ ଅଗ୍ରସର ପାଇଁ ପାଗ ଅଗ୍ରସର ରହିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ସର୍ବୋଚ୍ଚ ତାପମାତ୍ରା ଅନୁଯାୟୀ ୪୦.୭ ଡିଗ୍ରୀ ଥିବା ବେଳେ ଆର୍ଦ୍ରତା ଯୋଗୁ ହିଟ ଇଣ୍ଡେକ୍ସ ୫୦ ଡିଗ୍ରୀ ତାତି ଅନୁଭୂତ ହୋଇଥିଲା। ତେବେ କାଳବୈଶାଖୀ ବର୍ଷା ପରେ ଏହା ୧୭ ଡିଗ୍ରୀ ତାଳକୁ ଖସି ଆସିବା ସହ ସର୍ବନିମ୍ନ ତାପମାତ୍ରା ୨୨.୯ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା।

ସୋମବାର ଭୁବନେଶ୍ୱରରେ ୧୨.୯ ମିମି ବର୍ଷା ରେକର୍ଡ (୯ ପୃଷ୍ଠାରେ)

## ପୁରୀରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରର ଜରୁରୀ ଅବତରଣ

ଭୁବନେଶ୍ୱର, ୮।୬ (ସବ୍ୟୁ) : ମୁଖ୍ୟମନ୍ତ୍ରୀଙ୍କ ହେଲିକେପ୍ଟର ପୁରୀରେ ଜରୁରୀ ଅବତରଣ କରିଛି। ମୟୁରଭଞ୍ଜ ଗସ୍ତ ସାରି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରୁଥିଲେ। ତେବେ ଭୁବନେଶ୍ୱରରେ କାଳବୈଶାଖୀ ବର୍ଷା ଓ ପବନ ଯୋଗୁ ମୁଖ୍ୟମନ୍ତ୍ରୀଙ୍କ ହେଲିକେପ୍ଟର ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ କରିବା ସମ୍ଭବପର ହୋଇନଥିଲା। ତେଣୁ ବାଧ୍ୟ ହୋଇ ହେଲିକେପ୍ଟରକୁ ପୁରୀ ନିଆଯାଇଥିଲା।

ପୁରୀ ସମଙ୍ଗ ବସ୍‌ଷ୍ଟାଣ୍ଡ ନିକଟ ହେଲ୍‌ପ୍ୟାଡ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ହେଲିକପ୍ଟର ଜୁରରୀ ଅବତରଣ କରିଥିଲା। ତାଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଥିଲେ। ଅବତରଣ ପରେ ମୁଖ୍ୟମନ୍ତ୍ରୀଙ୍କୁ ସର୍କିଟ୍ ହାଉସ୍ ନିଆଯାଇଥିଲା। ପୁରୀରେ ମଧ୍ୟ ବର୍ଷା ପବନ ଆରମ୍ଭ ହେବାରୁ କିଛି ସମୟ ବିଶ୍ରାମ ପରେ ସେ ଭୁବନେଶ୍ୱର ଫେରିଥିଲେ। ଭୁବନେଶ୍ୱରରେ କାଳବୈଶାଖୀ ବର୍ଷା, ପବନ ଲାଗି ରହିଥିଲା। ସେହି ସମୟରେ ପବନର ବେଗ ଘଣ୍ଟାପ୍ରତି ୬୦ କିମିରୁ ଅଧିକ ଥିଲା। ଏ ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପାଇଲଟ୍ ସୂଚନା ଦେଇଥିଲେ।

## ଟିଏମ୍‌ସି ସଂସଦୀୟ ଦଳ ଦୁଇ ଭାଗ!

### ଏନ୍‌ଡିଏରେ ସାମିଲ ହେବାକୁ ୨୦ ସାଂସଦଙ୍କ ଚିଠି

ନୂଆଦିଲ୍ଲୀ, ୮।୬ : ତୃଣମୂଳ କଂଗ୍ରେସର ସଂସଦୀୟ ଦଳରେ ବିବାଦ ତୀବ୍ର ହେବାରେ ଲାଗୁଛି। ପ୍ରାୟ ୨୦ ଜଣ ଟିଏମ୍‌ସିର ଲୋକସଭା ସାଂସଦ ବିଜେପି ନେତୃତ୍ୱାଧୀନ ଏନଡିଏ ମେଣ୍ଟକୁ ସମର୍ଥନ କରିବା ପାଇଁ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖିଛନ୍ତି।

ନିକଟରେ ଶେଷ ହୋଇଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ପରାଜୟ ପରେ ଦଳ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ୬୦ ବିଧାୟକ ପୃଥକ ଗୋଷ୍ଠୀ ଗଠନ କରି ରତ୍ନବର୍ତ୍ତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ପଦରେ ନିର୍ବାଚିତ କରିଛନ୍ତି। ତେବେ ଏବେ ସଂସଦୀୟ ଦଳରେ ବଡ ବିଦ୍ରୋହ ଦେଖିବାକୁ ମିଳିଛି। ସାଂସଦ କାକୋଲି ଘୋଷ ଦସ୍ତିଦାର କହିଛନ୍ତି ଯେ, ୨୦ ସାଂସଦ ତାଙ୍କ ସହ ବାଚସ୍ପତିଙ୍କୁ ଚିଠି ଲେଖିଛୁ। ଆମେ ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳକୁ ଗ୍ରହଣ କରୁଛୁ ଏବଂ ବିଶ୍ୱାସ କରୁଛୁ। ଭବିଷ୍ୟକ ରାଜନୈତିକ ପନ୍ଥା ଲାଗି ଏନ୍‌ଡିଏ ସହ ସାମିଲ ହେବା ଉଚିତ। ଏପଟେ ମମତା ବାର୍ନାଜୀ ଏନଡିଏ ବୈଠକରେ ଥିବା ବେଳେ ସେପଟେ ଦଳରୁ ସାଂସଦମାନେ ପୃଥକ ଗୋଷ୍ଠୀ ଗଠନ କରୁଛନ୍ତି। ଆଗାମୀ ଦିନରେ ବିଦ୍ରୋହଙ୍କ ସଂଖ୍ୟା ଆହୁରୀ ବଢିପାରେ। ଏବେ ୨୦ ବିଦ୍ରୋହୀ ସାଂସଦ ନେତା କାକୋଲି ଘୋଷ ହେବାକୁ ଥିବା ବେଳେ ସତାବ୍ଦୀ ଘୋଷଙ୍କୁ ଦଳର ଉପନେତା କରାଯାଇଛି।

### ଉଜ୍ଜ୍ୱଳା ହିତାଧିକାରୀଙ୍କୁ ଝଟ୍‌କା

## ବର୍ଷକୁ ୯ ବଦଳରେ ମିଳିବ ୪ ସିଲିଣ୍ଡର

ଭୁବନେଶ୍ୱର, ୮।୬ (ସବ୍ୟୁ): କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କୁ ବାର୍ଷିକ ଦେଉଥିବା ସବସିଡ଼ି ସିଲିଣ୍ଡର ସଂଖ୍ୟା ହ୍ରାସ କରିଛନ୍ତି । ଏବେ ସେମାନଙ୍କୁ ବାର୍ଷିକ ୪ଟି ସିଲିଣ୍ଡର ମିଳିବ । ପୂର୍ବରୁ ଏହି ଯୋଜନାରେ ସରକାର ବାର୍ଷିକ ୯ଟି ସିଲିଣ୍ଡର ଦେଉଥିଲେ । ସିଲିଣ୍ଡର ସଂଖ୍ୟାକୁ ହ୍ରାସ କରି ଏବେ ୪ କରି ଦିଆଯାଇଛି । ଏନେଇ ଜନୈକ ସରକାରୀ ଅଧିକାରୀ ସୋମବାର ଏହି ସୂଚନା ଦେଇଛନ୍ତି ।

ଦେଶରେ ୨୦୧୬ରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ) ଆରମ୍ଭ ହୋଇଥିଲା । ଯୋଜନାରେ ଗରିବ ପରିବାରର ବୟସ୍କା ମହିଳାଙ୍କୁ ବିନା ଡିପୋଜିଟ୍‌ରେ ଏଲପିଜି କନେକ୍ସନ ଦିଆଯାଇଥିଲା । ଯୋଜନା ପ୍ରାରମ୍ଭରେ ହିତାଧିକାରୀଙ୍କୁ ବାର୍ଷିକ ୧୨ଟି ୧୪.୨ କେଜିଆ ଓ୍ୱିଲିଣ୍ଡର ସବସିଡି ଦରରେ ଉପଲବ୍ଧ କରାଯାଇଥିଲା । ଗତବର୍ଷ ସବସିଡି ସିଲିଣ୍ଡର କୋଟାର ହ୍‌ରାସ କରି ୯ କରିଦିଆଯାଇଥିବା ବେଳେ ଏବେ ଏହାକୁ (୯ ପୃଷ୍ଠାରେ)

## ବିରୋଧୀ ମେଣ୍ଟ 'ଇଣ୍ଡିଆ' ବୈଠକରେ ୫ ପ୍ରସ୍ତାବ





ନୂଆଦିଲ୍ଲୀ, ୮।୬ : କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ମାନଙ୍କୁ ନେଇ ଗଠିତ ଇଣ୍ଡିଆ ମେଣ୍ଟର ଆଜି ନୂଆଦିଲ୍ଲୀରେ ବୈଠକ ଅନୁଷ୍ଠିତ ହୋଇଛି।

- ଯୋଗଦେଲେ ୨୫ ଦଳ
- ଏସ୍‌ଆଇଆର ଅନିୟମିତତା ଲାଗି ସିଜେଆଇଙ୍କୁ ଲେଖିବେ ଚିଠି
- ଅଗଷ୍ଟରେ ହାଇଦ୍ରାବାଦରେ ପରବର୍ତ୍ତୀ ବୈଠକ

ବୈଠକରେ ୨୫ ବିରୋଧୀ ଦଳ ସାମିଲ ହୋଇଥିଲେ। ବୈଠକରେ ୫ ପ୍ରସ୍ତାବ ପାରିତ ହୋଇଛି। ତେବେ ଡିଏମକେ ଓ ଆପ୍ ଏହି ବୈଠକରେ ଯୋଗ ଦେଇନାହାଁନ୍ତି। ତାମିଲନାଡୁ ବିଧାନସଭା ନିର୍ବାଚନ ପରେ କଂଗ୍ରେସ ଡିଭିକେ ସହ ମେଣ୍ଟ କରିଥିବାରୁ ଡିଏମକେ କଂଗ୍ରେସ ସହ ସମ୍ପୂର୍ଣ୍ଣ ସମ୍ପର୍କ ଛିନ୍ନ କରିଛି।

ବୈଠକ ପରେ କଂଗ୍ରେସ ଜାତୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେ କହିଥିଲେ ଯେ, ୫ ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଅଧିକରୁ ଅଧିକ ଥର ମେଣ୍ଟ ବୈଠକ ବସିବା ନେଇ ନିଷ୍ପତ୍ତି ହୋଇଛି। ପରବର୍ତ୍ତୀ ବୈଠକ ଅଗଷ୍ଟ ମାସରେ ହାଇଦ୍ରାବାଦରେ ଅନୁଷ୍ଠିତ ହେବ। ଆଜି କନଷ୍ଟିଚ୍ୟୁସନ କ୍ଲବରେ ବୈଠକ ହୋଇଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯାଇଥିଲା। ବିରୋଧୀ ଦଳ ନେତାମାନେ ପ୍ରଧାନ ବିଚାରପତିଙ୍କ ଉଦ୍ଦେଶ୍ୟରେ ଚିଠି ଲେଖିବେ। ଏଥିରେ ଏସଆଇଆର ସ୍ୱଚ୍ଛତା ସମ୍ବନ୍ଧରେ ସୂଚନା ଦିଆଯିବ। ନିଟ୍ ଓ ସିବିଏସସି ପ୍ରସଙ୍ଗରେ ବିଭାଗୀୟ ମନ୍ତ୍ରୀଙ୍କ ଇସ୍ତଫା ଦାବିକୁ ବିରୋଧୀମାନେ ପ୍ରସଙ୍ଗ କରିବେ। ଏହାଛଡା ବଢୁଥିବା ବେକାରୀ, ଅର୍ଥନୈତିକ ଅଚଳାବସ୍ଥା, ଦରଦାମ ବୃଦ୍ଧି ଓ ଚାଷୀ ପ୍ରସଙ୍ଗ ବିରୋଧରେ ସ୍ୱର ଉତ୍ତୋଳନ କରିବେ। ମୌସୁମୀ ଅଧିବେଶନରେ ସବୁ ବିରୋଧୀ ଦଳଏକାଠି ହୋଇ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ। ଏଥି ଲାଗି ଖଡଗେଙ୍କ କାର୍ଯ୍ୟାଳୟରେ ବୈଠକ ହେବା ନେଇ ସ୍ଥିର ହୋଇଛି। ବୈଠକରେ ଅଖିଳେଶ ଯାଦବ, ପଶ୍ଚିମବଙ୍ଗର ପୂର୍ବ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଯୋଗ ଦେଇଥିଲେ। ପ୍ରାୟ ୨୫ ଦଳର ପ୍ରତିନିଧିମାନେ ବୈଠକରେ ସାମିଲ ହୋଇଥିଲେ।

## ୧୦ରେ ବିଜେଡିର ବଡ ବୈଠକ



- ୨୦୨୪ ନିର୍ବାଚନରେ ପରାଜିତ ପ୍ରାର୍ଥୀଙ୍କୁ ଡକରା
- ଖୁବ୍‌ଶୀଘ୍ର ଦଳରେ ସାମିଲ ହେବେ ସୁଜାତା : ମନ୍ମଥ

ଭୁବନେଶ୍ୱର, ୮।୬ (ସବ୍ୟୁ) : ଆସନ୍ତା ୧୦ ତାରିଖରେ ବିଜେଡିର ଏକ ବଡ ବୈଠକ ହେବାକୁ ଯାଉଛି। ଶଙ୍ଖ ଭବନରେ ଅପରାହ୍ନରେ ହେବାକୁ ଥିବା ଏହି ବୈଠକରେ ବିଜେଡି ରାଜ୍ୟ ସଭାପତି ତଥା ବିରୋଧୀ ଦଳ ନେତା ଯୋଗ ଦେବେ। ନୂଆଦିଲ୍ଲୀରୁ ଫେରିବା ପରେ ବିଜେଡିର ଏଭଳି ବୈଠକ ଡାକିବା ନେଇ ଦଳୀୟ ରାଜନୀତିକୁ ଉଷ୍ମ କରିଛି। ତେବେ ଏପଟେ ଦଳର ମୁଖପାତ୍ର ମନ୍ମଥ ରାଉତରାୟ ଗଣମାଧ୍ୟମକୁ କହିଛନ୍ତି ବିଜେଡି ସୁଜାତା ରାଉତରାୟ କାର୍ତ୍ତିକେୟନ ପ୍ରବେଶ କରିବେ। ଖୁବ୍ ଶୀଘ୍ର ତାଙ୍କୁ ଦଳରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବ ବୋଲି ମନ୍ମଥ କହିଛନ୍ତି। ଏହାକୁ ନେଇ ମଧ୍ୟ ରାଜନୈତିକ ବାତାବରଣ ବେଶ୍ ଉଷ୍ମ ହେବାକୁ ଲାଗିଛି।

ଆସନ୍ତା ୧୦ ତାରିଖ ବୈଠକ ସମ୍ପର୍କରେ ଦଳର ଉପସଭାପତି ଦେବୀପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଗତ ସାଧାରଣ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ସମସ୍ତଙ୍କୁ ଏହି ବୈଠକକୁ ଡକାଯାଇଛି। ଏଥିରେ ବ୍ୟାପକ ବିଚାର ବିମର୍ଶ କରାଯିବ। ଏସ୍‌ଆଇଆର ପୌରାଞ୍ଚଳ ଓ ପଞ୍ଚାୟତ କମିଟିର ସାଂଗଠିନକ କାର୍ଯ୍ୟକ୍ରମ ସରକାରଙ୍କ ଜନବିରୋଧୀ ନୀତି ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେବ। ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ସମସ୍ତ ନେତାକୁ ଏହି ବୈଠକକୁ ଡକାଯାଇଛି। ସେପଟେ ମନ୍ମଥ କହିଛନ୍ତି ଯେ, କିଛି ଦିନ ତଳେ ଦଳର ସୁପ୍ରିମ ନବୀନ ପଟ୍ଟନାୟକଙ୍କ ସହ କିଛି ବରିଷ୍ଠ ନେତା ଦିଲ୍ଲୀ ଯାଇଥିଲେ। ଦଳକୁ ପୂର୍ବରୁ ଆସିବାକୁ ଅମଙ୍ଗ ଥିବା ସୁଜାତା ପ୍ରସ୍ତୁତ ହେଉଛନ୍ତି। ତାଙ୍କୁ ଦଳରେ (୯ ପୃଷ୍ଠାରେ)

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ରଘୁନାଥପୁର,(ସବ୍ୟୁ) : ରଘୁନାଥପୁର ବ୍ଲକ ଅନ୍ତର୍ଗତ ସାଦେଇପୁର ଗ୍ରାମର ଜଗତସିଂହପୁର ଜିଲ୍ଲା କଂଗ୍ରେସ ମୁଖପାତ୍ର ସର୍ବେଶ୍ୱର ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର ଶଶି ଶେଖର ପଣ୍ଡା(୪୮) ସୋମବାର ମୃତ୍ୟୁବରଣ କରିଛନ୍ତି । ସେ କେନ୍ଦ୍ରାପଡ଼ା ବଳଦେବଜୀଉ ଫାୟାର ଷ୍ଟେସନରେ କାର୍ଯ୍ୟରତ ଥିଲେ । ଗତକାଲି ବିଳମ୍ବିତ ରାତିରେ କେନ୍ଦ୍ରାପଡ଼ା ନିଳକଣ୍ଠପୁର ଗ୍ରାମର ଏକ ବାଉଁଶ ବୁଦା ନିକଟରେ ସେ ପଡ଼ିଥିବା ଦେଖି କିଛି ଲୋକ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସ୍ଥଳରେ ତାଙ୍କର ମୋଟର ସାଇକେଲଟି ପଡ଼ିଥିବା ଏବଂ ମୋବାଇଲର ଡିସପ୍ଲେ ଭାଙ୍ଗି ଥିବା ନେଇ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ହୋଇଥିବା କେହି କେହି ସନ୍ଦେହ କରିଛନ୍ତି । ଅପରପକ୍ଷେ ସେ ଡ୍ରେସରେ ନଥାଇ ବିଳମ୍ବିତ ରାତିରେ ଦୀର୍ଘ ୨୦କିମି ସେ କାହିଁକି ଯାଇଥିଲେ,ସେ ନେଇ ତାଙ୍କର ମୃତ୍ୟୁ ଦୁର୍ଘଟଣା ଜନିତ ହୋଇନଥିବା ନେଇ ଘଟଣାସ୍ଥଳକୁ ଯାଇଥିବା ଗ୍ରାମବାସୀ ମାନେ ସନ୍ଦେହ କରିଛନ୍ତି । ଏହି ଘଟଣାରେ କେନ୍ଦ୍ରାପଡ଼ା ଥାନା ପୋଲିସ ଶବକୁ ଜବତ କରିବା ସହ ଏକ ମାମଲା ରୁଜୁ କରିଛି ।

### ୪୩୦ କୋଟିର ପ୍ରକଳ୍ପ ସହ ୬୫୦ ଶଯ୍ୟାର ନୂଆ ଟିଚିଙ୍ଗ୍ ହସ୍ପିଟାଲ ଲୋକାର୍ପିତ

# ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟ ମାନଚିତ୍ର ବଦଳାଇବ ନୂତନ ବିଶାଳ ଟିଚିଙ୍ଗ୍ ହସ୍ପିଟାଲ : ମୁଖ୍ୟମନ୍ତ୍ରୀ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଏବଂ ସମଗ୍ର ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂତନ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବାରିପଦା ଗସ୍ତରେ ଯାଇ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ନୂତନ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉଦ୍‌ଘାଟନ କରିବା ସହିତ ଏହି ଅବସରରେ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ୪୩୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି । ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ମୋଟ ୪୩୦.୨୬ କୋଟି ଟଙ୍କା ବିନିଯୋଗ କରାଯାଉଛି । ଏହି ବୃହତ ବ୍ୟୟବରାଦ ଅଧୀନରେ ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ କ୍ଷେତ୍ର ସହିତ ଜଡ଼ିତ ୩୯ଟି ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ବିଶାଳ ବିକାଶମୂଳକ କାର୍ଯ୍ୟକ୍ରମ ମଧ୍ୟରେ ୨୮୨ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୨୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ୧୪୯ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୧୮ଟି ପ୍ରକଳ୍ପର ଉଦଘାଟନ କରାଯାଇଛି । ବିଶେଷ ଭାବେ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୮୩ଟି ପାନୀୟ ଜଳ ପ୍ରକଳ୍ପ ଉଦଘାଟିତ ହୋଇଛି, ଯାହାଦ୍ୱାରା ଏହି ସବୁ ଅଞ୍ଚଳରେ ଦୀର୍ଘ ଦିନର ପାନୀୟ ଜଳ ସମସ୍ୟା ଦୂର ହେବ ଏବଂ ଜନସାଧାରଣଙ୍କ ଦୈନନ୍ଦିନ ଜୀବନରେ ବ୍ୟାପକ ସୁଧାର ଆସିବ । ଏହି ସାର୍ବଜନୀନ ବିକାଶ କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ପ୍ରମୁଖ ଆକର୍ଷଣ ଥିଲା ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲର ନୂତନ ବିଲ୍ଡିଂର ଲୋକାର୍ପଣ । ଏହି ଅତ୍ୟାଧୁନିକ ବହୁମୁଖୀ ଚିକିତ୍ସାଳୟ କେବଳ ବାରିପଦା କିମ୍ବା ମୟୂରଭଞ୍ଜ ଜିଲ୍ଲା ନୁହେଁ, ବରଂ ସମଗ୍ର ଉତ୍ତର ଓଡ଼ିଶା ଏବଂ ଏହାର ପଡ଼ୋଶୀ ଅଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂଆ ବିପ୍ଳବ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରାୟ ୨୫୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଆଧୁନିକ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉତ୍ତର ଓଡ଼ିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପ ମାନଙ୍କ ମଧ୍ୟରୁ ଗୋଟିଏ । ଆଧୁନିକ ସୁବିଧା, ଉନ୍ନତ ନିଦାନ ସେବା, ବିଶେଷଜ୍ଞ ଚିକିତ୍ସା ବିଭାଗ, ଗୁରୁତର ଚିକିତ୍ସା ସୁବିଧା, ଜରୁରୀକାଳୀନ ସେବା ଏବଂ ଉନ୍ନତ ଶିକ୍ଷାଦାନ ଭିତ୍ତିଭୂମି ସହିତ ଏହି ହସ୍ପିଟାଲ ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଅନେକ ଗୁଣରେ ଶକ୍ତିଶାଳୀ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧.୩୦ କୋଟି ପରିବାରର ୩.୪୬ କୋଟି ବ୍ୟକ୍ତିଙ୍କୁ ଦେଶର ବିଭିନ୍ନ ନାମିଦାମୀ ସରକାରୀ ଓ ବେସରକାରୀ ହସ୍ପିଟାଲରେ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି । ବର୍ତ୍ତମାନର ସରକାର ଆସିବାର ମାତ୍ର ୨୦ମାସ ମଧ୍ୟରେ ଯାଜପୁର, କନ୍ଧମାଳ ଓ ତାଳଚେରରେ ୩ଟି ନୂଆ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରି ଡାକ୍ତରୀ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସହିତ କଥା ହୋଇଥିଲେ । ମେଡିକାଲ କଲେଜର ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଡାକ୍ତରୀ କେବଳ ଏକ ବୃତ୍ତି ବା ଜୀବିକା ନୁହେଁ, ଏହା ଏକ ପବିତ୍ର ଈଶ୍ୱରୀୟ ବ୍ରତ । ସମାଜ ଡାକ୍ତରମାନଙ୍କୁ ଭଗବାନଙ୍କ ଦ୍ୱିତୀୟ ରୂପ' ଭାବେ ଗ୍ରହଣ କରିଥାଏ, କାରଣ ଜନ୍ମ ଓ ମୃତ୍ୟୁ ମଧ୍ୟରେ ଜୀବନକୁ ସୁରକ୍ଷିତ ରଖିବାର ଦାୟିତ୍ୱ ସେମାନଙ୍କ ହାତରେ ଥାଏ । ଡାକ୍ତରଙ୍କ ଷ୍ଟେଥୋସ୍କୋପ୍ ଏବଂ କଲମରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାର ଅସୀମ ଶକ୍ତି ରହିଛି ଏବଂ ମୁମୂର୍ଷୁ ରୋଗୀର ଆଖିରୁ ଲୁହ ପୋଛିବା ହିଁ ଜଣେ ଚିକିତ୍ସକଙ୍କ ଜୀବନର ସବୁଠାରୁ ବଡ଼ ସଫଳତା । ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ମହାନ ସମାଜ ସଂସ୍କାରକ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ତ୍ୟାଗ ଓ ଆଦର୍ଶକୁ ମନେ ପକାଇଥିଲେ । ସନାତନ ସଂସ୍କୃତିର "ସେବା ହିଁ ପରମ ଧର୍ମ" ବାର୍ତ୍ତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରକୃତ ଡାକ୍ତରୀ ଶିକ୍ଷା ହେଉଛି ବିଜ୍ଞାନ ଓ କାରୁଣ୍ୟର ଏକ ଅପୂର୍ବ ସମନ୍ୱୟ । ଆଧୁନିକ ମେଡିକାଲ ଯନ୍ତ୍ରପାତି ରୋଗୀର କଷ୍ଟ ବୁଝିପାରେ ନାହିଁ, ମାତ୍ର ଡାକ୍ତରଙ୍କ ମୁହଁର ମିଠା କଥା ଓ ସହାନୁଭୂତିପୂର୍ଣ୍ଣ ବ୍ୟବହାର ରୋଗୀକୁ ଆନ୍ତରିକ ସୁସ୍ଥତା ପ୍ରଦାନ କରେ । ସମାରୋହରେ ଯୋଗଦେଇ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା କରି କହିଛନ୍ତି ଯେ, "ମୟୂରଭଞ୍ଜ ଜିଲ୍ଲାର ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀ ହାତଖୋଲି ସାହାଯ୍ୟର ହାତ ବଢ଼େଇଛନ୍ତି । ତାଙ୍କରି ଦୂରଦୃଷ୍ଟି ଓ ନିରନ୍ତର ସହଯୋଗ ଯୋଗୁଁ ହିଁ ଆଜି ମୟୂରଭଞ୍ଜ ବିକାଶର ଏକ ନୂଆ ଶିଖରରେ ପହଞ୍ଚି ପାରିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟ ଭିତ୍ତିଭୂମିର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେଇ କହିଛନ୍ତି, ଜିଲ୍ଲାବାସୀଙ୍କୁ ଶ୍ରେଷ୍ଠ ଚିକିତ୍ସା ସେବା ଯୋଗାଇଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ କରାଯିବା ଦ୍ୱାରା ମୟୂରଭଞ୍ଜର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଏକ ବଡ଼ ବଳ ମିଳିବ । ଏହି ନୂତନ ହସ୍ପିଟାଲ ଆଗାମୀ ଦିନରେ ସମଗ୍ର ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟ ମାନଚିତ୍ର ବଦଳାଇ ଦେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ବିଧାୟକ ପ୍ରକାଶ ସୋରେନ୍, ବିଧାୟକ ଭାଦବ ହାଁସଦାଃ, ବିଧାୟକ ଜଲେନ ନାଏକ, ବିଧାୟିକା ସୁଶ୍ରୀ ସଞ୍ଜଲି ମୁର୍ମୁ, ବିଧାୟକ ପଦ୍ମଚରଣ ହାଇବୁରୁ, ବିଧାୟକ ସନାତନ ବିଜୁଳି ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡଃ ବୁଢ଼ାନ ମୁର୍ମୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଗୌରବ ବଢ଼ାଇଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ୍ ଏହି ମେଗା ଉଦଘାଟନୀ ଉତ୍ସବରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।



### ଚଣ୍ଡୀ ମନ୍ଦିରରେ ବଜ୍ରପାତ କ୍ଷୟକ୍ଷତି ଓ ନବୀକରଣ କାର୍ଯ୍ୟରେ ଅବହେଳା

## ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ବିଧାୟିକା ସୋଫିଆ

କଟକ, (ସବ୍ୟୁ): କଟକର ଆରାଧ୍ୟା ଦେବୀ ମା' କଟକ ଚଣ୍ଡୀଙ୍କ ମନ୍ଦିରରେ ଗତ ୭ ଜୁନ୍ ୨୦୨୬ରେ ଘଟିଥିବା ବଜ୍ରପାତ ଏବଂ ଏହା ଯୋଗୁଁ ମନ୍ଦିରର ଦଧିନଉତି କ୍ଷତିଗ୍ରସ୍ତ ହେବା ଘଟଣାକୁ ନେଇ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖି ଅନୁରୋଧ କରିଛନ୍ତି ।



ମା' କଟକ ଚଣ୍ଡୀ ମନ୍ଦିର କେବଳ ଏକ ପୂଜାସ୍ଥଳୀ ନୁହେଁ ବରଂ ଏହା ସମଗ୍ର କଟକବାସୀ ଓ ଓଡ଼ିଶାର ଜନସାଧାରଣଙ୍କ ଆସ୍ଥା, ଭକ୍ତି ଏବଂ ସାଂସ୍କୃତିକ ପରିଚୟର ପ୍ରତୀକ ହୋଇଥିବାରୁ ଏଭଳି ଏକ ପବିତ୍ର ପୀଠରେ ଏଭଳି ଅଘଟଣ ଇତିହାସରେ କେବେ ଘଟି ନଥିବା ସେ ପ୍ରକାଶ କରିଛନ୍ତି । ସୋମବାର ବିଧାୟିକା ମନ୍ଦିର ପରିସର ଅନୁଧ୍ୟାନ କରିବା ପରେ ସେଠାରେ ଚାଲିଥିବା ନବୀକରଣ କାର୍ଯ୍ୟରେ ବ୍ୟାପକ ଅବହେଳା ହୋଇଥିବା ଅଭିଯୋଗ କରିଛନ୍ତି । ବିଶେଷ କରି ମନ୍ଦିରରେ ବଜ୍ରପାତରୁ ସୁରକ୍ଷା ପାଇଁ ଆବଶ୍ୟକୀୟ ଆର୍ଥିଂ ଏବଂ ଲାଇଟନିଂ ପ୍ରୋଟେକ୍ସନ ବ୍ୟବସ୍ଥା ନିର୍ଦ୍ଧାରିତ ବୈଷୟିକ ମାନଦଣ୍ଡ ଅନୁଯାୟୀ କରାଯାଇ ନଥିବା ସେ ଦର୍ଶାଇଛନ୍ତି । ଏହା ସହିତ ନିର୍ମାଣ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ ନହୋଇ ବହୁତ ବିଳମ୍ବରେ ଚାଲିଥିବା ଏବଂ ଏଥିରେ ଉପଯୁକ୍ତ ତଦାରଖର ଅଭାବ ଥିବା ସେ କହିଛନ୍ତ । ଏଭଳି ସ୍ଥିତିରେ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏକ ଉଚ୍ଚସ୍ତରୀୟ ବୈଷୟିକ ତଦନ୍ତ କରିବାକୁ ବିଧାୟିକା ସୋଫିଆ ଫିରଦୋସ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି । ଏହି ତଦନ୍ତ ମାଧ୍ୟମରେ କାର୍ଯ୍ୟର ଗୁଣବତ୍ତା, ବଜ୍ରପାତ ସୁରକ୍ଷା ବ୍ୟବସ୍ଥାର ଉପଯୁକ୍ତତା ଏବଂ ସମୟ ସୀମା ବିଳମ୍ବ ହେବାର କାରଣ ଖୋଜିବା ପାଇଁ ସେ ଅନୁରୋଧ କରିଛନ୍ତି । ଏହା ସହିତ ଯେଉଁ ସଂସ୍ଥା, ଠିକାଦାର, ପରାମର୍ଶଦାତା କିମ୍ବା ସରକାରୀ ଅଧିକାରୀଙ୍କ ଅବହେଳା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କହିଛନ୍ତି । ମନ୍ଦିରର ସୁରକ୍ଷା ଏବଂ ଗରିମାକୁ ବଜାୟ ରଖିବା ସହ ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନହେବ, ସେଥିପାଇଁ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି । କଟକବାସୀ ମା'ଙ୍କ ମନ୍ଦିରର ପବିତ୍ରତା ରକ୍ଷା ଏବଂ ଚାଲିଥିବା କାର୍ଯ୍ୟର ସ୍ୱଚ୍ଛତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ତୁରନ୍ତ ପଦକ୍ଷେପକୁ ଚାହିଁ ରହିଛନ୍ତି ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି ।

### ଜଙ୍ଗଲୀ ବାରାହା ଆକ୍ରମଣରେ ଦୁଇ ଗୁରୁତର

ଗୋପ, (ସବ୍ୟୁ): ସୋମବାର ମଧ୍ୟାହ୍ନରେ ଜଙ୍ଗଲୀ ବାରାହା ଆକ୍ରମଣରେ ଦୁଇ ଛେଳି ଚରାଳି ଗୁରୁତର ହୋଇଛନ୍ତି । ପ୍ରଥମେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୍ର ଭର୍ତ୍ତି କରାଯାଇଥିଲା ବେଳେ ଉଭୟଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନତାରିତ କରାଯାଇଛି । ଗୋପ ଥାନା ଅନ୍ତର୍ଗତ ଉଭାର ପଞ୍ଚାୟତର ଉଭାର ଦଳିତ ସାହିର ବ୍ରହ୍ମାନନ୍ଦ ମଲ୍ଲିକ (୪୫)ଡ଼ମ୍ବୁର ଧର ମଲ୍ଲିକ ବୟସ(୩୨) ନିକଟସ୍ଥ ଧନୁଆ ନଦୀ କୂଳ ତଥା ମୁଗେଇ ବ୍ରିଜ ନଦୀ ଶଯ୍ୟାରେ ଛେଳି ପଲଙ୍କୁ ଛାଡି ଉଭୟେ ଆଲଗା ଅଲଗା ସ୍ଥାନରେ ବସିଥିଲେ ।ତେବେ ନଦୀ ପଠାରେ ଥିବା ବେଣା ବୁଦାରୁ ଦୁଇଟି ବଡ଼ ବଡ଼ ଜଙ୍ଗଲୀ ବାରାହା ଆସି ବ୍ରହ୍ମାନନ୍ଦ ମଲ୍ଲିକଙ୍କୁ ଆକ୍ରମଣ କରିଥିଲେ ବ୍ରହ୍ମାନନ୍ଦ ଚିତ୍କାର ଶୁଣି ଡମ୍ବୁର ଉଦ୍ଧାର କରିବାକୁ ପହଞ୍ଚି ଥିଲେ ମଧ ବାରାହାଙ୍କ ଆକ୍ରମଣ ରୁ ଉଭୟେ ବର୍ତିନଥିଲେ ।୧୦୮ ଆମ୍ବୁଲାନ୍ସ ଉଭୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ଆଣିଥିଲେ ମଧ୍ୟ ଉଭୟ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ସବ୍ୟସାଚୀ ମିଶ୍ର ଭୁବନେଶ୍ୱର କ୍ୟାପିଟାଲ ହସପିଟାଲ ପଠାଇ ଦେଇଥିଲେ ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି : ୪୯ଟିର ତ୍ୱରିତ ସମାଧାନ

କଟକ, (ସବ୍ୟୁ): ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଆଜି ନରସିଂହପୁର ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୭୩ ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୧୮ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୫ଟି ସାମୂହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୪୯ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ପୁଲିସ ଆରକ୍ଷୀ ଅଧୀକ୍ଷକ ଶ୍ରୀ ବିନୀତ ଅଗ୍ରୱାଲ , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ ଆଠଗଡ , ଶ୍ରୀ ପ୍ରହଲ୍ଲାଦ ନାରାୟଣ ଶର୍ମା ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ ବାର୍ଦ୍ଧକ୍ୟ ଭତ୍ତା , ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା,ପଶୁପାଳନ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ, ଆସନ୍ତା ଜୁନ ୨୨ ତାରିଖରେ ତିଗିରିଆ ବ୍ଲକ୍‌ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।



## ଆଇଆଇଟି ଭୁବନେଶ୍ୱର ଏବଂ ଓଡ଼ିଶା ଜୀବିକା ମିଶନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଜଟଣୀ, (ସବ୍ୟୁ) : ତୃଣମୂଳ ସ୍ତରରେ ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଆଇଆଇଟି ଭୁବନେଶ୍ୱର ଏବଂ ଓଡ଼ିଶା ଜୀବିକା ମିଶନ (ଓଏଲଏମ) ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି, ଯାହା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଗୁଡ଼ିକୁ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ରେ ରୂପାନ୍ତରିତ କରିବା ପାଇଁ ଏକ ସଂରଚିତ ଇନକ୍ୟୁବେସନ୍ ପଦକ୍ଷେପର ଶୁଭାରମ୍ଭ କରିଛି ।ଏହି ବୁଝାମଣାପତ୍ର ଆଇଆଇଟିର ପ୍ରତିନିଧିତ୍ୱ କରୁଥିବା ପ୍ରଫେସର ଶ୍ରୀପଦ କରମଲକର ଏବଂ ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ମଧ୍ୟରେ ଆଦାନପ୍ରଦାନ ହୋଇଥିଲା । ମିଶନ ଶକ୍ତି ବିଭାଗ, ଓଡିଶାର କମିଶନର-କମ-ସଚିବ ମାନସୀ ନିମ୍ଭାଲ, ଆଇଏଏସ; ଏବଂ ମିଶନ ଶକ୍ତିର ନିର୍ଦ୍ଦେଶକ ଡକ୍ଟର ମୋନିକା ପ୍ରିୟଦର୍ଶିନୀ, ଆଇଏଏସ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଆଇଆଇଟି ଭୁବନେଶ୍ୱରର ସ୍କୁଲ ଅଫ ହ୍ୟୁମାନିଟିଜ, ସୋସିଆଲ ସାଇନ୍ସେସ ଆଣ୍ଡ ମ୍ୟାନେଜମେଣ୍ଟର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ନିହାର ରଂଜନ ଜେନା ଏବଂ ଆସୋସିଏଟ୍ ପ୍ରଫେସର ଡକ୍ଟର ଦୁଖବନ୍ଧୁ ସାହୁ, ଏହି ପ୍ରକଳ୍ପର ନେତୃତ୍ୱ ନେବେ ।ଏହି ପଦକ୍ଷେପ ଓଡ଼ିଶାରେ ଏକ ଦୃଢ଼ ଉଦ୍ୟୋଗୀ ଇକୋସିଷ୍ଟମ ସୃଷ୍ଟି କରିବ ।




## ସୋମବାର ଠାରୁ ସମସ୍ତ ପୌରାଞ୍ଚଳରେ ୧୩ ଦିନିଆ ନାଗରିକ ସମ୍ପର୍କ ଅଭିଯାନ

ଭୁବନେଶ୍ୱର, (ସବ୍ୟୁ): ସୋମବାର ଠାରୁ ରାଜ୍ୟର ସମସ୍ତ ପୌରାଞ୍ଚଳରେ ୧୩ ଦିନିଆ ନାଗରିକ ସମ୍ପର୍କ ଅଭିଯାନ ଆରମ୍ଭ ହେଉଛି। ସହରାଞ୍ଚଳ ନାଗରିକ ସମ୍ପର୍କ ନାଗରିକ-କୈନ୍ଦ୍ରିକ ସହରୀ ଶାସନକୁ ସୁଦୃଢ଼ କରିବା ଏବଂ ସହରୀ ବିକାଶରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ପୌରାଞ୍ଚଳରେ ଜୁନ୍ ୯ରୁ ଜୁନ୍ ୨୧, ୨୦୨୬ ପର୍ଯ୍ୟନ୍ତ ଏକ ରାଜ୍ୟବ୍ୟାପୀ "ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ" ଆରମ୍ଭ କରାଯାଉଛି। ଏହି ୧୩ ଦିନିଆ ଅଭିଯାନର ଉଦ୍ଦେଶ୍ୟ ହେଉଛି ନାଗରିକ ସେବା, ସରକାରୀ ଯୋଜନା ଏବଂ ନାଗରିକଙ୍କ ଦାୟିତ୍ୱ ବିଷୟରେ ସଚେତନତା ସୃଷ୍ଟି କରି ସହରୀ ଶାସନକୁ ନାଗରିକମାନଙ୍କ ନିକଟତର କରିବା ଏବଂ ଏଥି ସହିତ ସହରବାସୀ ଓ ସ୍ଥାନୀୟ ପ୍ରଶାସନ ମଧ୍ୟରେ ସିଧାସଳଖ ଯୋଗାଯୋଗ ପାଇଁ ଏକ ମାଧ୍ୟମ ପ୍ରଦାନ କରିବା। ଏହି କାର୍ଯ୍ୟକ୍ରମ ଭାଗିଦାରୀ ଶାସନ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ସ୍ୱଚ୍ଛ, ଅଧିକ ଅନ୍ତର୍ଭୁକ୍ତ ଓ ସ୍ଥାୟୀ ସହର ଗଠନରେ ନାଗରିକ ଏବଂ ସହରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସହଭାଗିତାକୁ ମଜଭୁତ କରିବାକୁ ଲକ୍ଷ୍ୟ ରଖିଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ସହରୀ ରୂପାନ୍ତରଣ ପଦକ୍ଷେପଗୁଡ଼ିକର ସଫଳତା ପାଇଁ ସକ୍ରିୟ ନାଗରିକ ଅଂଶଗ୍ରହଣ ଅତ୍ୟନ୍ତ ଜରୁରୀ। "ଓଡ଼ିଶା ସରକାର ସହରଗୁଡ଼ିକୁ କେବଳ ଆଧୁନିକ ଓ ସ୍ଥିତିସ୍ଥାପକ ନୁହେଁ, ବରଂ ଲୋକଙ୍କ ଆବଶ୍ୟକତା ଓ ଆକାଂକ୍ଷା ପ୍ରତି ସମ୍ବେଦନଶୀଳ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ରାଜ୍ୟବ୍ୟାପୀ ଜନସମ୍ପର୍କ ଅଭିଯାନ ନାଗରିକ ଏବଂ ସହରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଥିବା ଦୂରତାକୁ ଦୂର କରିବାରେ ସାହାଯ୍ୟ କରିବ, ଯାହାଦ୍ୱାରା ସରକାରୀ ସେବାଗୁଡ଼ିକ ଅଧିକ ସୁଗମ, ସ୍ୱଚ୍ଛ ଏବଂ ଉତ୍ତରଦାୟୀ ହୋଇପାରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମେ ଜନ-କୈନ୍ଦ୍ରିକ ସହର ଗଠନ ଦିଗରେ କାର୍ଯ୍ୟ କରୁଛୁ, ଯେଉଁଠାରେ ପ୍ରତ୍ୟେକ ନାଗରିକ ବିକାଶର ଜଣେ ଜଣେ ସକ୍ରିୟ ସହଭାଗୀ ହେବେ," ବୋଲି ମନ୍ତ୍ରୀ ଡଃ ମହାପାତ୍ର ପ୍ରକାଶ କରିଛନ୍ତି।

ସଚେତନତା ଶୋଭାଯାତ୍ରା, ୱାର୍ଡ ସ୍ତରୀୟ ବୈଠକ, ଜନ ପରାମର୍ଶ, ସ୍ୱଚ୍ଛତା ଅଭିଯାନ, ସମ୍ପ୍ରଦାୟର ସହଭାଗିତା କାର୍ଯ୍ୟକ୍ରମ ଏବଂ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ସମେତ ବିଭିନ୍ନ ନାଗରିକ-କୈନ୍ଦ୍ରିକ କାର୍ଯ୍ୟକଳାପ ମାଧ୍ୟମରେ ସମସ୍ତ ପୌରାଞ୍ଚଳରେ ଏହି ଅଭିଯାନ କାର୍ଯ୍ୟକାରୀ କରାଯିବ। ଏଥିରେ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ଜଳ ସଂରକ୍ଷଣ, ପରିବେଶ ସ୍ଥିରତା ଏବଂ ନାଗରିକ ଦାୟିତ୍ୱ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଗୁରୁତ୍ୱାରୋପ କରି କହିଛନ୍ତି ଯେ ପ୍ରଭାବଶାଳୀ ସହରୀ ଶାସନ ପାଇଁ ନାଗରିକଙ୍କ ସହଭାଗିତା ହିଁ ମୂଳଦୁଆ। "ଏହି ଅଭିଯାନ ନାଗରିକ ଏବଂ ସହରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ଏକ ବ୍ୟାପକ ମଞ୍ଚ ଭାବରେ ପ୍ରସ୍ତୁତ କରାଯାଇଛି। ଏହା ନାଗରିକ ସେବା ଏବଂ ସରକାରୀ ପଦକ୍ଷେପ ବିଷୟରେ ଜନସଚେତନତା ବୃଦ୍ଧି କରିବା ସହ ନିଜ ସହରର ଯତ୍ନ ନେବା ପାଇଁ ସମୁଦାୟକୁ ଉତ୍ସାହିତ କରିବ।

### ଦୁର୍ନୀତି ବିରୋଧରେ ରାଜସ୍ୱ ବିଭାଗର ଶୂନ୍ୟ ସହନଶୀଳତା

## ଲାଞ୍ଚ ମାଗିବା ଅଭିଯୋଗରେ ନିଲମ୍ବିତ ହେଲେ ଆରଆଇ

ଭୁବନେଶ୍ୱର, (ସବ୍ୟୁ): ସମ୍ବଲପୁର ସଦର ତହସିଲ୍ ଅନ୍ତର୍ଗତ ସଦର୍ - ୪ ଆରଆଇ ସର୍କଲର ସହକାରୀ ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ସା'ଙ୍କୁ ନିଲମ୍ବିତ କରାଯାଇଛି । ନିଲମ୍ବନ ସମୟ ମଧ୍ୟରେ ଶ୍ରୀ ସା' କୁଚିଣ୍ଡା ଉପଜିଲ୍ଲାପାଳଙ୍କ ଅଧୀନରେ ସଦର ମହକୁମା ମୁଖ୍ୟାଳୟରେ ଅବସ୍ଥାପିତ ହେବେ ଏବଂ ଉପରିସ୍ଥ ଅଧିକାରୀଙ୍କ ଅନୁମତି ବିନା ମୁଖ୍ୟାଳୟ ଛାଡ଼ିବେ ନାହିଁ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି । ତହସିଲରେ ପ୍ରମାଣପତ୍ର ଯୋଗାଇ ଦେବା ପାଇଁ ସହକାରୀ ନିରୀକ୍ଷକ ତିନିହଜାର ଟଙ୍କା ଦାବି କରୁଥିବାର ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା କ୍ଷ ଏ ସମ୍ପର୍କିତ ଆପାତତଃ ତଥ୍ୟ ପରିପ୍ରେକ୍ଷୀରେ ସୁରେନ୍ଦ୍ର ସା'ଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବା ନିମନ୍ତେ ସମ୍ବଲପୁର ଜିଲ୍ଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି । କିଛି ଦିନ ପୂର୍ବରୁ ହିଁ ଶିକ୍ଷାନୁଷ୍ଠାନରେ ନାମଲେଖା ନିମନ୍ତେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆବେଦିତ ପ୍ରମାଣପତ୍ର ତ୍ୱରିତ ପ୍ରଦାନ କରିବା ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ତହସିଲକୁ ନିର୍ଦ୍ଦେଶ ଜାରି କରାଯାଇଥିଲା । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁତ୍ୱାରୋପ କରିବା ସହ ନାମଲେଖା ନିମନ୍ତେ ପ୍ରମାଣପତ୍ର ପ୍ରଦାନରେ କୌଣସି ବି ଛାତ୍ରଛାତ୍ରୀଙ୍କୁ ଯେପରି ଅସୁବିଧା ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ଗୁରୁତ୍ୱାରୋପ କରିବା ସହ ରାଜସ୍ୱ ବିଭାଗରେ କୌଣସି ପ୍ରକାର ଦୁର୍ନୀତି ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ । ଏ ନେଇ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ମଧ୍ୟ ଚିଠି ଲେଖି ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ମଡେଲ ୟୁନାଇଟେଡ ନେସନର ଦ୍ୱିତୀୟ ସଂସ୍କରଣ



କଟକ, (ସବ୍ୟୁ):ମିଶନ ରୋଡ୍ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ମଡେଲ ୟୁନାଇଟେଡ ନେସନର (MUN) ଦ୍ୱିତୀୟ ସଂସ୍କରଣ ସଫଳତାର ସହ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମଟି ସ୍କୁଲ ର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ରୂପା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ସେ ଉପସ୍ଥିତ ଅଂଶ ଗ୍ରହଣକାରୀ ମାନଙ୍କୁ ବିଶ୍ୱ ସମସ୍ୟା ସମ୍ପର୍କରେ ସଚେତନ ହେବା, ନେତୃତ୍ୱ ଗୁଣ ବିକାଶ କରିବା ଏବଂ ଆନ୍ତର୍ଜାତୀୟ ସହଯୋଗର ମହତ୍ତ୍ୱ ବୁଝିବା ପାଇଁ ଉତ୍ସାହିତ କରିଥିଲେ । ସେ କହିଥିଲେ ଯେ ମନ୍ ଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗାଯୋଗ କୌଶଳ, ତର୍କଶକ୍ତି ଓ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ ।

ଏହି କାର୍ଯକ୍ରମ ଦୁଇ ଦିନ ଚାଲିଥିଲା । ଦିନବେଳା ବିଭିନ୍ନ ପ୍ରକାର ବିଶ୍ୱସ୍ତରୀୟ ଦଳୀୟ ଆଲୋଚନା ଓ ରାତ୍ରି ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ଭୁବନେଶ୍ୱର ଓ କଟକ ରୁ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୦୦ ପିଲା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ସେଣ୍ଟ ଜାଭିୟର୍ସ ଏଜୁକେସନାଲ୍ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଭୁ ଚରଣ ମହାନ୍ତି, ଉପାଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ୬୦ହଜାର ଟଙ୍କା ଓ ୨୬ଟି ଟ୍ରଫି ପ୍ରଦାନ କରିଥଲେ ।ଛାତ୍ରଛାତ୍ରୀ ଏବଂ ଅତିଥିମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନୀ ସମାରୋହ ସଫଳତାର ସହିତ ସମାପ୍ତ ହୋଇଥିଲା ।

# ପୂର୍ବତନ ବିଧାୟକଙ୍କ ଉଦ୍ୟମ ସଫଳ
# ଜଳିଲା ଷ୍ଟ୍ରିଟ ଲାଇଟ୍, ଧଳାରଙ୍ଗ ସଙ୍କେତ ରୋକିଲା ଦୁର୍ଘଟଣା

କଟକ, (ସ୍ୱପ୍ର) : ବିଭିନ୍ନ ସମୟରେ ଜନସେବାମୂଳକ କାର୍ଯ୍ୟକ୍ରମ କରି ଲୋକ ସମ୍ପର୍କକୁ ସୁଦୃଢ କରି ରଖିଥିବା ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପୁଣି ଏକ କାର୍ଯ୍ୟ ଚର୍ଚ୍ଚାର ପରିସରକୁ ଆସିଛି । ସ୍ଥାନୀୟ ଯୋବ୍ରା ମେରିଟାଇମ୍ ମ୍ୟୁଜିୟମ ପାଖ ରାସ୍ତାର ଷ୍ଟ୍ରିଟ ଲାଇଟ ନଜଳିବା ଯୋଗୁ ରାସ୍ତାରେ ଥିବା ଏକ ହମ୍ପସ୍ ଯୋଗୁ ଘଟୁଥିଲା ଦୁର୍ଘଟଣା । ଶନିବାର ସନ୍ଧ୍ୟାରେ ଶ୍ରୀ ବିଶ୍ୱାଳ ଉକ୍ତ ରାସ୍ତାଦେଇ ଯାଉଥିବା ସମୟରେ ଜଣେ ବାଟୋଇଙ୍କ



ଦୁର୍ଘଟଣା ଘଟିଥିଲା । ଶ୍ରୀ ବିଶ୍ୱାଳ ଗାଡି ଅଟକାଇ ଉକ୍ତ ବାଟୋଇଙ୍କୁ ମେଡିକାଲ ପଠାଇବା ସହିତ ପୂର୍ତ୍ତବିଭାଗ କର୍ତ୍ତୃପକ୍ଷଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରି ସଙ୍ଗେସଙ୍ଗେ ନିଜ ଉପସ୍ଥିତିରେ ହମ୍ପସ୍‌ରେ ଧଳା ରଙ୍ଗ ଲଗାଇବାର ବ୍ୟବସ୍ଥା କରିଥିଲେ । ପରେ ଷ୍ଟ୍ରିଟ୍ ଲାଇଟ ମରାମତି ପାଇଁ ସିଏମସି କମିଶନରଙ୍କୁ କହିଥିଲେ । ଫଳରେ ଏବେ ଷ୍ଟ୍ରିଟ୍ ଲାଇଟ ଜଳିବା ସହିତ ହମ୍ପସରେ ଧଳା ରଙ୍ଗ ଲାଗିବାରୁ ଦୁର୍ଘଟଣା ଆଶଙ୍କା କମିଛି । ପୂର୍ବତନ ବିଧାୟକଙ୍କ ଏପରି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ବାଇକ ଦୁର୍ଘଟଣା

ପାଣିକୋଇଲି,(ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଟାଙ୍କି ନିକଟରେ ଆଜି ପୂର୍ବାହ୍ନରେ ବାଇକ ଦୁର୍ଘଟଣାରେ ଜଣେ ଯୁବକ ଆହତ ହୋଇଛନ୍ତି। ଆହତ ଜଣକ ଢେଙ୍କାନାଳ ଜିଲ୍ଲା ଭୁବନ ପୁରପ୍ରତାପପୁର ଗ୍ରାମର କାର୍ତ୍ତିକେଶ୍ୱର ସାହୁଙ୍କ ପୁଅ ଅରୁଣ କୁମାର ସାହୁ ବୋଲି ଜଣାପଡିଛି। ସେ ଧାନମଣ୍ଡଳ ଷ୍ଟେସନ ଯାଉଥିବା ବେଳେ ପାଣିକୋଇଲି ଶର୍ମା ଟାଙ୍କି ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଡିଭାଇଡରେ ପିଟି ହେବାରୁ ଦୁର୍ଘଟଣା ଘଟିଥିଲା।

# ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ଅନ୍ତର୍ଗତ ଟଭାପଲ୍ଲୀ ଗ୍ରାମରେ ବବୁଲୁ ପାଣିଗ୍ରାହୀ (୩୫) ନାମକ ଜନୈକ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ଏନେଇ ପୋଲିସ ପକ୍ଷରୁ କେସ୍ ନଂ ୧୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ମାନସିକ ଅଶାନ୍ତି କାରଣରୁ ବବୁଲୁ ଗତ ରବିବାର ବିଳମ୍ବିତ ରାତିରେ ତାଙ୍କର ବାରିପଟ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ପରିବାର ଲୋକେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ । ଏନେଇ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିବା ସହ ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ପଠାଇଥିବା ଜଣାଯାଇଛି ।

# ମିଲ୍ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଫେରାର

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଳିଆ ଗ୍ରାମରେ ଜନୈକ ରାଇସ୍ ମିଲ୍ ମାଲିକ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ନେଇ ଅଭିଯୋଗ ହୋଇଥିବା ଜଣାଯାଇଛି । ଆକ୍ରମଣରେ ଆହତ ମିଲ୍ ମାଲିକ ଜଣକ ହେଲେ ସତ୍ରୁସୋଲ ଗ୍ରାମର ମହେନ୍ଦ୍ର କୁମାର ଦୋରା ଏବଂ ଆକ୍ରମଣକାରୀ ବାପ ଓ ପୁଅ ଦୁହେଁ ହେଲେ ସୁରେନ୍ଦ୍ର ଖଟେଇ ଓ ହରିଓଁ ଖଟେଇ । ଏନେଇ ପୋଲିସ ଥାନାରେ କେସ୍ ନଂ ୨୮୭/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ରବିବାର ଅପରାହ୍ନରେ ମହେନ୍ଦ୍ର ଖାଲି ଟ୍ରକ ଧରି ନିଜ ରାଇସ୍ ମିଲରୁ ଚାଉଳ ଆଣିବା ପାଇଁ ସତ୍ରୁସୋଲ ଗାଁକୁ ଯାଉଥିଲେ । ଗୋଲିଆ ଗାଁ ପଟରୁ ସତ୍ରୁସୋଲ ଗ୍ରାମାଭିମୁଖେ ଯାଇଥିବା ରାସ୍ତାକୁ ମଡାଇ ସୁରେନ୍ଦ୍ରଙ୍କ ସିମେଣ୍ଟ ମିକଚର ମେସିନଟି ରହିଥିଲା । ତାହାକୁ ରାସ୍ତା ଉପରୁ ହଟାଇବାକୁ ନେଇ ମହେନ୍ଦ୍ର ଓ ସୁରେନ୍ଦ୍ରଙ୍କ ମଧ୍ୟରେ ପାଟିତୁଣ୍ଡ ସହ ଧସ୍ତାଧସ୍ତି ହୋଇଥିଲା । ଏଥିରେ ଗ୍ରାମର କେତେକ ଭଦ୍ରଲୋକ ହସ୍ତକ୍ଷେପ କରିବା ଫଳରେ ରାସ୍ତା ଉପରୁ ମିକଚର ମେସିନ ହଟିଥିଲା ଏବଂ ଟ୍ରକ ସତ୍ରୁସୋଲ ଗାଁକୁ ଯାଇଥିଲା । ସେଠାରୁ କୌଣସି କାମରେ ମହେନ୍ଦ୍ର ଗୋଲିଆ ଗାଁକୁ ଆସୁଥିବା ବେଳେ ବାପ ସୁରେନ୍ଦ୍ର ଓ ପୁଅ ହରିଓଁ ଉଭୟେ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ । ମାରି ଦେବାକୁ ଧମକ ଦେଇ କାତି ଧରି ଗୋଡାଇ ଥିଲେ । ଆକ୍ରମଣରେ ମହେନ୍ଦ୍ରଙ୍କ ମୁଣ୍ଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା ଏବଂ ସେ ଚିକିତ୍ସା ପାଇଁ ବୁଗୁଡ଼ା ମେଡିକାଲରେ ଭର୍ତ୍ତି ହୋଇଥିଲେ । ଏନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ଫେରାର ଅଭିଯୁକ୍ତ ବାପପୁଅ ଦୁହିଁଙ୍କୁ ପୋଲିସ ଖୋଜୁଥିବା ଜଣାପଡିଛି ।

# ବିଧାୟକଙ୍କ ମହାନତା: ଦୁର୍ଘଟଣା ଗ୍ରସ୍ତ ଯୁବକଙ୍କୁ ନିଜ ଗାଡ଼ିରେ ମେଡିକାଲ ନେଲେ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ମହାନତା ଦେଖିବାକୁ ମିଳିଛି ।ଜଣେ ଦୁର୍ଘଟଣା ଗ୍ରସ୍ତ ଯୁବକଙ୍କୁ ଉଦ୍ଧାର କରି ନିଜ ଗାଡିରେ ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଛନ୍ତି । ବିଧାୟକ ଶ୍ରୀ ନାୟକ ପାଲୁରୁ ଛକରୁ ଛତ୍ରପୁର ଅଭିମୁଖେ ଯାତ୍ରା କରୁଥିବା ସମୟରେ ଗଡ଼ହୁମ୍ପା ନିକଟସ୍ଥ ଜାତୀୟ ରାଜପଥରେ ଏସ. ଜଗଦୀଶ ଆଚାରୀ ନାମକ ଜଣେ ଯୁବକ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଛଟପଟ ହେଉଥିଲେ । ବିଧାୟକ ଏହା ଦେଖି ତୁରନ୍ତ ନିଜ ଗାଡ଼ି ଅଟକାଇ ତାଙ୍କୁ ନିଜ ଗାଡିରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ନେଇ ଭର୍ତ୍ତି କରିବା ସହ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା କରିଥିଲେ । ଏହାସହିତ ଆହତ ଯୁବକଙ୍କ ଶୀଘ୍ର ଆରୋଗ୍ୟ ଓ ସୁସ୍ଥ ଜୀବନ କାମନା କରିଥିଲେ । ବିଧାୟକଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।



# ପ୍ରାଣୀ ଚିକିତ୍ସାଳୟରୁ ଲୁହା ଚୋରି କରି ୨ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବଙ୍ଗାଳୀ ସାହି ସ୍ଥିତ ପ୍ରାଣୀ ସମ୍ପଦ ଚିକିତ୍ସାଳୟ ନିର୍ମାଣ ପ୍ରକଳ୍ପ ସାଇଟରୁ ବାରମ୍ବାର ଲୁହା ସାମଗ୍ରୀ ଚୋରି କରୁଥିବା ୨ ଜଣିଆ ଚୋର ଗ୍ୟାଙ୍ଗକୁ ଟାଉନ ଥାନା ପୋଲିସ ଗିରଫ କରିଛି । ସେମାନେ ହେଲେ ହେଲେ ଦିଗପହଣ୍ଡି ବଡ଼ପଲ୍ଲୀ ଅଞ୍ଚଳର ଅଜୟ ଦଳ ବେହେରା (୩୨) ଓ ପାତ୍ରପେଟାର ସଲମାନ ଖାନ(୩୦) । ଉଭୟଙ୍କୁ ନିକଟରୁ ଚୋରି ଲୁହା ସାମଗ୍ରୀ ଜବତ କରାଯାଇଛି । ମାମଲା ନଂ୨୪୮/୨୬ ରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ପ୍ରାଣୀ ଚିକିତ୍ସାଳୟ ପରିସରରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି । ନିର୍ମାଣଧୀନ କାର୍ଯ୍ୟ ଚାଲୁଥିବା ବେଳେ ସେଠାରୁ କିଛି ଦିନ ହେବ ଲୁହା ରଡ ଓ ସାମଗ୍ରୀ ଚୋରି ହେଉଥିଲା ୬ ତାରିଖ ସନ୍ଧ୍ୟା ୭ଟା ୩୦ ବେଳେ ସେହି ପ୍ରକଳ୍ପ ସ୍ଥଳରୁ ଅଜୟ ଲୁହା ଓ ଷ୍ଟିଲ୍ ରଡ୍ ଚୋରି କରୁଥିବା ବେଳେ ଠିକାଦାର ଶିବ ଦଳାଇ ଓ ଅନ୍ୟ କର୍ମଚାରୀମାନେ ତାକୁ କାବୁ କରିଥିଲେ । ଏହା ଦେଖି ସଲମନ ସେଠାରୁ ଚମ୍ପଟ ମାରିଥିଲା । ଅଭିଯୁକ୍ତ ଅଜୟ ଓ ସଲମନ ମିଳିତ ଭାବେ ଦୀର୍ଘ ଦିନ ହେବ ସେଠାରୁ ବାରମ୍ବାର ଲୁହା ଚୋରି କରୁଥିଲେ ଏବଂ କିଛି ସାମଗ୍ରୀ ବିକ୍ରି ପାଇଁ ସଲମାନ ପାଖରେ ରଖାଯାଇଥିଲା ବୋଲି ତଦନ୍ତରୁ ଜଣାପଡିଛି । ଅଭିଯୁକ୍ତ ଅଜୟ ଦଳ ବେହେରା ନାମରେ ପୂର୍ବରୁ ଗୋସାଇଁ ନୂଆଗାଁ ଥାନାରେ ମଧ୍ୟ ଏକ ଚୋରି ମାମଲା ରହିଛି ।

## ମୟୂରଭଞ୍ଜ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ପେନ୍‌ସନାର ସଂଘ

# ପକ୍ଷରୁ ଚିକିତ୍ସା ଭତ୍ତା ସହିତ ୯ ଦଫା ଦାବିପତ୍ର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ପେନ୍‌ସନାର ସଂଘ ପକ୍ଷରୁ ଚିକିତ୍ସା ଭତ୍ତା ସମେତ ୯ ଦଫା ଦାବି ରାଜ୍ୟ ପରିବେଶ ଜଙ୍ଗଲ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ । ଦାବିପତ୍ର ସହିତ ଭାରତର କେନ୍ଦ୍ର ସରକାରଙ୍କର କେନ୍ଦ୍ର ସରକାରୀ ପେନସନାରଙ୍କୁ ଚିକିତ୍ସା ଭତ୍ତା ଦେଉଥିବା ସହିତ ଭାରତର ୨୮ଗୋଟି ରାଜ୍ୟ ତାଙ୍କ ରାଜ୍ୟ ପେନ୍‌ସନାର ମାନଙ୍କୁ ଚିକିତ୍ସା ଭତ୍ତା ଦେଉଥିବା ସ୍ଥଳେ ଓଡିଶା ରାଜ୍ୟ ସରକାର ଓଡିଶାର ପେନ୍‌ସନାର ମାନଙ୍କୁ ଚିକିତ୍ସା ଭତ୍ତା ଦେବା ନିମନ୍ତେ ସଂଘ ଦୀର୍ଘ ଦିନରୁ ଦାବିପତ୍ର ଦେଇ ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚିକିତ୍ସା ଭତ୍ତା ପେନସନାର ମାନଙ୍କୁ ଦେଉନଥିବା ଦୁଃଖର



ବିଷୟ । ଯାହାକି ସାଢେ ୫ଲକ୍ଷରୁ ଅଧିକ ଫେମିଲି ପେନ୍‌ସନାର ବର୍ତ୍ତମାନର ପରିସ୍ଥିତି ପିଡିତରେ ଔଷଧର ଆବଶ୍ୟକତାକୁ ତୁଲାଇ ପାରୁନାହାନ୍ତି । ଏ ବିଷୟରେ ଶ୍ରୀଯୁକ୍ତ ମନ୍ତ୍ରୀ ଖୁଣ୍ଟିଆଙ୍କୁ ଜିଲ୍ଲା ପେନସନାର ସଂଘର କର୍ମକର୍ତ୍ତା ଏବଂ ରାଜ୍ୟ ମହାସଂଘର କର୍ମକର୍ତ୍ତା ଭଲ ଭାବରେ ବୁଝାଇ ମାନନୀୟ ମୁଖ୍ୟମନ୍ତ୍ରୀଙ୍କୁ ଚିକିତ୍ସା ଭତ୍ତା ରାଜ୍ୟ ପେନସନାର ମାନଙ୍କୁ ଦେବା ଓ କୋରନା ସମୟରେ ୧୮ ମାସର ବାକିଆ ମହଙ୍ଗା ଭତ୍ତା ପ୍ରଦାନ ଏବଂ ଅନ୍ୟାନ୍ୟ ଦାବି ଗୁଡିକ ପୂରଣ ନିମନ୍ତେ ଅନୁରୋଧ କରିଥିଲେ । ଏହି ଦାବୀ ସ୍ମାରକ ପତ୍ର ପ୍ରଦାନରେ ମୟୂରଭଞ୍ଜ ଜିଲ୍ଲା ଅବସରପ୍ରାପ୍ତ ପେନସନାର ସଂଘର ସଭାପତି ଚନ୍ଦ୍ର ମୋହନ ମାଝୀ, ରାଜ୍ୟ ମହାସଂଘର ଉପାଧକ୍ଷ ସୁରେଶ ଚନ୍ଦ୍ର ମୁନି, ଜିଲ୍ଲା ସଂଘର ସଂପାଦକ ଗୋପାଳ ଚନ୍ଦ୍ର ବେହେରା, କୋଷାଧକ୍ଷ ପ୍ରତାପ ମହାପାତ୍ର, ସଭ୍ୟ ପ୍ରଭାକର ଜେନା ପ୍ରମୁଖ ମନ୍ତ୍ରୀଙ୍କୁ ସାକ୍ଷତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ ସହିତ ବିନମ୍ର ଅନୁରୋଧ କରିଥିଲେ ।

# ହାତୀ ଛୁଆର ହାଡ କଙ୍କାଳ ଉଦ୍ଧାର

ଭଞ୍ଜନଗର, (ସବ୍ୟୁ): ଦିନକୁ ଦିନ ବଢିବାରେ ଲାଗିଛି ବନ୍ୟଜନ୍ତୁଙ୍କ ଅବାଧ ଶୀକାର । ରବିବାର ସନ୍ଧ୍ୟାରେ ଜଙ୍ଗଲରୁ ଏକ ହାତୀ ଛୁଆର କଙ୍କାଳ ଉଦ୍ଧାର ହୋଇଛି । ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ତାରାସିଙ୍ଗି ବନାଞ୍ଚଳ ଗାୟାଗଣ୍ଡା ସେକ୍ସନ ବରପଲ୍ଲି ବିଟ୍ ପାଇଛାଲିଆ ସଂରକ୍ଷିତ ଜଙ୍ଗଲ ଭାଗ ୦୧ରୁ ଏକ ହାତୀଛୁଆର କଙ୍କାଳ ଉଦ୍ଧାର ହୋଇଛି । ହାତୀର ବୟସ ୫ ରୁ ୬ ବର୍ଷ ହୋଇଥିବା ବେଳେ ହାତୀର ମୃତ୍ୟୁ ୧୦ ରୁ ୧୫ ଦିନ ପୂର୍ବରୁ ହୋଇଥିବା ଅନୁମାନ କରାଯାଉଛି । ଶବ ବ୍ୟବଚ୍ଛେଦ ପରେ ଏହା ମାଇ ହାତୀ ହୋଇଥିବା ଜଣା ପଡ଼ିଛି । ହାତୀଟିର ମୃତ୍ୟୁ କେଉଁ କାରଣରୁ ହୋଇଛି ତାହା ଜଣା ପଡିନଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣା ପଡିବ ବୋଲି ବନଖଣ୍ଡ ଅଧିକାରୀ ହିମାଂଶୁ ମହାନ୍ତି କହିଛନ୍ତି । ଏତେ ଦିନ ହେଲା ହାତୀ ମୃତ୍ୟୁ ଖବର କେମିତି କେହି ଜାଣି ପାରି ନଥିଲେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । କିଛି ବନ କର୍ମଚାରୀ ପେଟ୍ରୋଲିଙ୍ଗ ଠିକ ଭାବରେ କରୁନଥିବାରୁ



ହାତୀର ମୃତ୍ୟୁ କେଉଁଠି ହୋଇଛି ତାହା ଜାଣି ପାରୁନାହାନ୍ତି । ସୂଚନାଯୋଗ୍ୟ ଯେ, ଗତ ଚାରି ମାସ ଭିତରେ ତାରାସିଙ୍ଗି ବନାଞ୍ଚଳରେ ୩ ଟି ହାତୀଙ୍କ ମୃତ୍ୟୁ ହୋଇ ସାରିଛି ।

# ରାସ୍ତା ଉପରକୁ ଢଳି ରହିଛି ବିଦ୍ୟୁତ ଖୁଣ୍ଟ, ଯାତାୟତରେ ସମସ୍ୟା

ବୁଗୁଡ଼ା, (ସବ୍ୟୁ) : ଗତ ୩ ତାରିଖ ଅପରାହ୍ନରେ ବୁଗୁଡ଼ା ସହରରେ କାଳବୈଶାଖି ତାଣ୍ଡବ ରଚିଥିଲା । ସହର ମଧ୍ୟରେ ଥିବା ଅନେକ ଗଛ ଭାଙ୍ଗିରୁଜି ରାସ୍ତା ଅବରୋଧ ହୋଇଥିଲା ଏବଂ ଅନେକ ବଦ୍ୟୁତ ଖୁଣ୍ଟ ଭାଙ୍ଗିବା ସହ ତାର ଛିଣ୍ଡି ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଠପ୍ ହୋଇଯାଇଥିଲା । ସେହି କାଳବୈଶାଖି ତାଣ୍ଡବ କାଳରେ ଶକ୍ତିନଗର କେନାଲ ସାହିରେ ଅନେକ ଗଛ ସହ ଏକ ବତୀଖୁଣ୍ଟ ଉପୁଡି ଯାଇ ସାମ୍ନାର ଥିବା ଘର ଉପରେ ପଡିବା ସହ ରାସ୍ତା ଉପରକୁ ଢଳି ରହିଥିଲା । ପର ମୁହୂର୍ତ୍ତରେ ଉପୁଡି ପଡିଥିବା ଗଛ ଗଛଗୁଡ଼ିକୁ ଦମକଳବାହିନୀ କାଟି ରାସ୍ତା ସଫା କରିଥିଲା ବେଳେ ରାସ୍ତା ଉପରକୁ ଢଳି ରହିଥିବା ବିଦ୍ୟୁତ ଖୁଣ୍ଟକୁ ସଜାଡିବାକୁ ପ୍ରଶାସନ ପକ୍ଷରୁ କୌଣସି ଉଦ୍ୟମ କରାଯାଇନଥିଲା । ଫଳରେ ଲୋକଙ୍କ ଯାତାୟାତରେ ଅସୁବିଧାର କାରଣ ପାଲଟିଛି । ଏ ମଧ୍ୟରେ ପାଞ୍ଚ ଦିନ ବିତିଯାଇଥିଲେ ସୁଦ୍ଧା ଲୋକଙ୍କ ସମସ୍ୟା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି । ଏଣୁ ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଏମକେସିଜିରେ ୪ ଦିନିଆ ରକ୍ତଦାନ ଶିବିର

# ରକ୍ତଦାନ କରି ଏହାକୁ ଉଦଘାଟନ କଲେ ଡିନ୍

ବ୍ରହ୍ମପୁର, (ସବ୍ୟୁ): ଗ୍ରୀଷ୍ମରେ ରକ୍ତ ଅଭାବ । ରୋଗୀ ରକ୍ତ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଦୂର କରି ରୋଗୀଙ୍କ ଜୀବନ ରକ୍ଷା ପାଇଁ ଏମକେସିଜିରେ ଆଜିଠୁ ଆରମ୍ଭ ହୋଇଛି ଚାରି ଦିନିଆ ରକ୍ତଦାନ ଶିବିର । ପ୍ରଥମ ଦିନରେ ୨୫ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । ସର୍ଜରୀ ସୁପର ସ୍ପେଶାଲିଟି ବ୍ଲକରେ ଆୟୋଜିତ ଶିବିରରେ ପ୍ରଥମେ ଡିନ୍ ପ୍ରଫେସର ଡା.ହରିକୃଷ୍ଣ ଦଳେଇ ରକ୍ତଦାନ କରି ଶିବିରକୁ ଉଦଘାଟନ କରିଛନ୍ତ । ସ୍ୱାସ୍ଥ୍ୟସେବାରେ ଥିବା ସମସ୍ତ କର୍ମଚାରୀ ଏବଂ ସାଧାରଣ ଲୋକଙ୍କୁ ରକ୍ତଦାନ କରିବାକୁ ଆହ୍ୱାନ କରିଛନ୍ତି । ଲୋକଙ୍କ ରକ୍ତଦାନ କରିବାକୁ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି । ଡାକ୍ତର ଏବଂ ସମସ୍ତ କର୍ମଚାରୀଙ୍କ ସହଯୋଗରେ ହୋଇଥୁବା ଶିବିରକୁ ସେ ପ୍ରଶଂସା କରିବା ସହ ଏହି ଶିବିରରେ ସମସ୍ତେ ଅଂଶୀଦାର ହେବାକୁ ଅନୁରୋଧ କରିଛନ୍ତି । ଅଧୀକ୍ଷକା ପ୍ରଫେସର ଡା.ସୁଦୀପା ଦାସ ରକ୍ତଦାନ କରିବାକୁ ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ ଆହ୍ୱାନ କରିବା ସହ ଏଭଳି ଏକ ଉଦ୍ୟମକୁ ପ୍ରସଂଶ କରିଛନ୍ତି । ଏମକେସିଜି ମେଡିକାଲ କଲେଜ ଡାକ୍ତର, ନର୍ସିଂ ଅଫିସର,



ପିଜି ଓ୍ୟୁଜି ଛାତ୍ର ସଂଗଠନ, ଡିଏଲଫି, ଡିଏମ୍‌ଆର୍ଟି ଏବଂ ସମସ୍ତ ଠିକା କର୍ମଚାରୀଙ୍କ ମିଳିତ ଆୟୋଜନରେ ଏହି ଶିବିର ହୋଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର ଡ.ଶ୍ୱେତ କୁମାର ଦାଶ, ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଡା. ଶିବ ପ୍ରସାଦ ପଟ୍ଟନାୟକ, ଆନାଟୋମି ବିଭାଗ ମୁଖ୍ୟ ଡା. ସାଗର ପୃଷ୍ଟି, ଟ୍ରାନ୍ସଫ୍ୟୁଜନ୍ ମେଡିସିନି ବିଭାଗ ମୁଖ୍ୟ ଡା. ସବିତା ପଲେଇ, ପ୍ରଫେସର ମନୋଜ ପାତ୍ର, ଡା.ମାନର ରଞ୍ଜନ ଦାସ, ଡା. ସତ୍ୟସ୍ୱରୂପ ପଟ୍ଟନାୟକ, ଡା.ଜଗଦୀପ ନାୟକ, ଡା. ଆକାଂକ୍ଷା, ଡା.ଅବିନାଶ ରଥ,ୟୁଜିୟୁନିୟନ ସଭାପତି ଡା. ବିଶ୍ୱଭୂଷଣ ଜେନା, ନର୍ସିଂ ଅଫିସର ଅଶ୍ୱିନୀ ଦାସ ପ୍ରମୁଖଙ୍କ ସହ ରକ୍ତ ଭଣ୍ଡାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଦୋକାନରୁ ଗହଣା ଚୋରି, କର୍ମଚାରୀ ଗିରଫ

ବ୍ରହ୍ମପୁର, (ସବ୍ୟୁ): ସୁନା ଗହଣା ମରାମତି ଦୋକାନର ସୁନା ଚୋରି ହୋଇଥିଲା । ଦୋକାନ ମାଲିକ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ତଥା ଉକ୍ତ ଦୋକାନରେ କାରିଗର ଭାବେ କାମ କରୁଥିବା କେ.ସୀମାଞ୍ଚଳ ଆଚାରୀ((୩୫)ଙ୍କୁ ଗିରଫ କରିଛି । ପୋଲିସ ତାଙ୍କ ନିକଟରୁ ୪୦.୩୦ ଗ୍ରାମ ସୁନା ଜବତ କରିଛି । ଏନେଇ ବଡ ବଜାର ଥାନା ମାମଲା ନମ୍ବର ୩୦୩/୨୬ରେ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ, ବଡ ବଜାର ଥାନା ଅନ୍ତର୍ଗତ ଶ୍ରୀରାମ ନଗରର ଜଗନାଥ ବିହାରରେ ରହୁଥିବା ଶ୍ରୀନିବାସ ରାଓଙ୍କ ଚନ୍ଦ୍ରମା ସାହିରେ ସୁନା ଓ ରୁପା ଅଳଙ୍କାର ମରାମତି ପାଇଁ ଏକ ଦୋକାନ ରହିଛି । ସେଠାରେ ସୀମାଞ୍ଚଳ ଆଚାରୀ କାରିଗର ଭାବେ କାମ କରୁଥିଲେ । ଗତ ମଇ ୧୧ ତାରିଖ ଅପରାର୍ହ୍ନରେ ମାଲିକ ଶ୍ରୀନିବାସ ଖାଇବା ପାଇଁ ଘରକୁ ଯାଇଥିଲେ । ସେତେବେଳେ କାରିଗର ଜଣକ ଦୋକାନରେ ଥିଲେ । ସନ୍ଧ୍ୟା ୫ଟା'ବେଳେ ଶ୍ରୀନିବାସ ଦୋକାନରୁ ଫେରି ଦେଖିବା ବେଳେ ଦୋକାନ ବାହାର ପଟୁ ତାଲା ପଡିଛ । ସେ ସୀମାଞ୍ଚଳଙ୍କ ଫୋନ କରିବା ବେଳେ ତାଙ୍କ ଫୋନ ବନ୍ଦ ରହିଥିଲା । ପରେ ସେ ଘରକୁ ଯାଇ ଦୋକାନରେ ପଡିଥିବା ତାଲାର ଡୁପ୍ଲିକେଟ ଚାବି କାଠି ଆଣି ତାଲା ଖୋଲିଥିଲେ । ଗ୍ରାହକ ମରାମତି ପାଇଁ ଦେଇଥିବା ୪୫ ଗ୍ରାମର ସୁନା ଅଳଙ୍କାର ସେଠାରୁ ନଥିବା ବେଳେ ବହୁ ଖୋଜାଖୋଜି ପରେ କାରିଗରର ପତ୍ତା ନମିଳିବାରୁ ସେ ଥାନାରେ ଏନେଇ ଅଭିଯୋଗ କରିଥିଲେ । ପୋଲିସ ଏସଂକ୍ରାନ୍ତରୀଙ୍କ ମାମଲା ରୁଜୁ କରିବା ଘଟଣାର ତଦନ୍ତ କରିଥିଲା । ତାଙ୍କ ମୋବାଇଲ ଟ୍ରାକିଂ କରି ଶେଷରେ ରବିବାର ସନ୍ଧ୍ୟାରେ ପୋଲିସ ତାଙ୍କୁ ଗିରଫ କରିବା ସହ ଚୋରି ସୁନା ଜବତ କରି ଆଜି ଅଭିଯୁକ୍ତ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ରାଜ୍ୟସ୍ତରୀୟ ଖେଳକୁଦ ଚାମ୍ପିଅନସିପରେ ସଫଳତା

# ମୟୂରଭଞ୍ଜର ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ହାସଲ

ବାରିପଦା, (ସବ୍ୟୁ) : ଓଡିଶା ଏଥଲେଟିକ ଆସୋସିଏସନ ଆନୁକୂଲ୍ୟରେ କଟକ ଠାରେ ଅନୁଷ୍ଠିତ ୭୨ତମ ରାଜ୍ୟସ୍ତରୀୟ ଖେଳକୁଦ ଚମ୍ପିଆନସିପରେ ମୟୂରଭଞ୍ଜ ୧୫ଟି ପଦକ ହାସଲ କରିଛି ବୋଲି ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି। ୨୦ବର୍ଷରୁ କମ ୧୧୦ମିଟର ହାଡଲସ ଓ ଲମ୍ବଡିଆଁରେ ବିଶ୍ୱଜିତ ଦାସ ଓ ୫କିମି ଓ୍ୱାକିଙ୍ଗରେ ସଲକ ସାୟ, ୨୩ ବର୍ଷରୁ କମ ୪୦୦ମି ଦୌଡରେ ରାଜେଶ୍ୱରୀ ସିଂ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୨୦ ବର୍ଷରୁ କମ ୫କିମି ୱାକିଙ୍ଗରେ ଆଶୁତୋଷ



ସିଂ, ୨୩ ବର୍ଷରୁ କମ ୫ ହଜାର ମିଟର ଦୌଡରେ ଓ ୧୫୦୦ମିଟର ଦୌଡରେ ପଙ୍କଜ ସୋରେନ, ପୁରୁଷ ବିଭାଗ ୧୦କିମି ଓ୍ୱାକିଙ୍ଗରେ ଦଲନ ଚନ୍ଦ୍ର କୁଁଅରଦେଓ ଓ ୧୦କିମି ଦୌଡରେ ଆସ୍ମାନ ପୂର୍ତ୍ତି ରୌପ୍ୟ ପଦକ ଏବଂ ୨୦ବର୍ଷରୁ କମ ୧୧୦ମି ହାଡଲସରେ ସୁରେନ୍ଦ୍ର ବାଦ୍ରା ଓ ଲମ୍ବଡିଆଁରେ ପୁଷ୍ପାବତୀ କିସ୍କୁ, ୨୩ବର୍ଷରୁ କମ ଡେକାଥଲନରେ ରଳିଆ ମୁର୍ମୁ, ୮୦୦ମି ଦୌଡରେ ରାଜେଶ୍ୱରୀ ସିଂ, ୧୦କିମି ଦୌଡରେ ସାନି ଟୁଡୁ, ୩ହଜାର ମିଟର ଟ୍ରିପଲ ଚେଜରେ ବାସୁମତୀ ସୟନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ବୋଲି ଏଥଲେଟିକ ସମ୍ପାଦକ ଅମ୍ବିକା ରାଉତ ଜଣାଇଛନ୍ତି। ଖବରପାଇ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର କର୍ମକର୍ତ୍ତା ଓ କ୍ରୀଡ଼ାପ୍ରେମୀ କୃତୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପାଠାଗାର ଉଦଘାଟନ କଲେ ବିଧାୟକ



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ମହାନଗର ନିଗମର ଓ୍ୱାର୍ଡ ନଂ ୩୫ ସ୍ଥିତ ସିଦ୍ଧାର୍ଥ ନଗର ଠାରେ ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ନିର୍ମାଣ ହୋଇଥିବା ପାଠାଗାର ଉଦଘାଟନ କଲେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର । ଏଥିରେ ମେୟର ସଂଘମିତ୍ରା ଦଳେଇ, କମିଶନର ଏ ସମସ୍ୟାରେ ଡେପୁଟି ମେୟର ଇ ବିବେକ ରେଡ୍ଡି, କର୍ପୋରେଟର ସମୀର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ବ୍ରହ୍ମପୁର ଖଲ୍ଲିକୋଟ କଲେଜର ଅବସରପ୍ରାପ୍ତ ଭି ସି ମନ୍ମଥ ପାଢ଼ୀ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ ନାୟକ, ଶିବ ପ୍ରସାଦ ଦାସ, କମାପଲ୍ଲୀ ମଣ୍ଡଳର ଆଶିଷ ଦାସ, ଓ୍ୱାର୍ଡ ବାସିନ୍ଦା, ଜନସାଧାରଣ, ଓ୍ୱାର୍ଡର ବରିଷ୍ଠ ନାଗରିକ, ଯୁବ ଛାତ୍ର, ମହିଳା । ଏହି ଅବସରରେ ବିଧାୟକ କେ ଅନିଲ କୁମାର ପ୍ରକାଶ କରିଥିଲେ ଯେ ବ୍ରହ୍ମପୁରର ପ୍ରତେକ ଓ୍ୱାର୍ଡରେ ଆଗକୁ ଏହିପରି ପାଠାଗାର ସ୍ଥାପନ କରିବା ଓ ଓ୍ୱାର୍ଡ ବାସିନ୍ଦାଙ୍କ ସାମୁହିକ ବିକାଶ କରିବା ମୋହନ ସରକାରଙ୍କ ଲକ୍ଷ୍ୟ ରହିଛି ।

# ବଡକୋଦଣ୍ଡାରେ ଜଣ୍ଡିସ୍ ଆତଙ୍କ

ଭଞ୍ଜନଗର, (ସବ୍ୟୁ) : ଭଂଜନଗର ବ୍ଲକ ଅନ୍ତର୍ଗତ ବଡକୋଦଣ୍ଡା ଗାଁ ରେ ଏବେ ଜଣ୍ଡିସ୍‌ର ପ୍ରକୋପ ଦେଖାଦେଇଛି । ବିଶେଷକରି ପ୍ରାୟ ୧୫ ବର୍ଷରୁ କମ୍ ପୁଅ, ଝିଅ ମାନେ ଏଥିରେ ଆକ୍ରାନ୍ତ ହୋଇଥିବା ଦେଖିବାକୁ ମିଳିଛି । ଏହି ଗାଁର ନୂଆଁସାହି ଏବଂ ଉତ୍ତସାହିରେ ଏହାର ପ୍ରଭାବ ଆରମ୍ଭ ହୋଇଛି । ବେସରକାରୀ ହିସାବରେ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଜଣ ଏଥିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ତେବେ ଏ ସଂକ୍ରାନ୍ତରେ ସରକାରୀ ଭାବେ କୌଣସି ସୂଚନା ନାହିଁ । ଏପରିକି ଗତ ପ୍ରାୟ ୨୫ ଦିନରୁ ଉର୍ଦ୍ଧ୍ୱର୍ ଦିନ ହେଲାଣି, ସ୍ୱାସ୍ଥ୍ୟ ବିଭାଗ ପହଞ୍ଚିବା ଦୂରର କଥା, ଏନେଇ ବିଭାଗ ପାଖରେ କୌଣସି ସୂଚନା ନାହିଁ । ପ୍ରଥମେ ଜ୍ୱର



ହେବା, ବାନ୍ତି ହେବା ଭଳି ଲକ୍ଷଣ ଦେଖାଗଲା ପରେ, ଆଖି ଏବଂ ଦେହ ହଳଦିଆ ପଡିଯାଉଛି । ଏହି ଲକ୍ଷଣ ଜାଣିବା ପରେ, କିଛି ଅଭିଭାବକ ବେସରକାରୀ ଭାବେ ପରୀକ୍ଷା କରି, ଜଣ୍ଡିସ୍ ରୋଗ ହୋଇଥିବା ନିଶ୍ଚିତ ହେଉଛନ୍ତି । ଆଉ କିଛି ଆକ୍ରାନ୍ତଙ୍କ ପରିବାର ଲୋକେ, ଡାକ୍ତରଖାନା ବଦଳରେ ଦେଶୀ ଚିକିତ୍ସା କରି, ଚେର-ମୂଳି ଔଷଧ ଖାଉଛନ୍ତି । ଦିନକୁ ଦିନ ଏହି ଜଣ୍ଡିସ୍ ରୋଗର ବ୍ୟାପକତା ବଢ଼ିବାରେ ଲାଗିଛି । ଅନ୍ୟପକ୍ଷରେ ପିଇବା ପାଣି ଯୋଗୁଁ ଏହା ଆରମ୍ଭ ହୋଇଥିବା ଲୋକେ ସନ୍ଦେହ କରିଛନ୍ତି । ଏପରିକି ନଳକୂପ, ପଥର କୂଅ ଏବଂ ନିକଟସ୍ଥ ନଦୀର ଚୁଆଁ ପାଣି ପିଇବା ଯୋଗୁଁ ଏଭଳି ରୋଗ ଆରମ୍ଭ ହୋଇଥିବା କୁହାଯାଉଛି । ତେବେ ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ ସହ ପିଇବା ପାଣିର ନମୁନା ସଂଗ୍ରହ କରି ପ୍ରତିକାର କରାଯିବାର ଆବଶ୍ୟକ ରହିଛି ।

# ମହେନ୍ଦ୍ରଗିରି ମେଳାରେ ବଡ଼ ଦାସୁଡୁ ଆର ସତ୍ୟମ ରେଡ୍ଡୀଙ୍କ କୋହଲା ନୃତ୍ୟ

ଛତ୍ରପୁର, (ସବ୍ୟୁ) : ପର୍ଶୁରାମ କ୍ଷେତ୍ର ମହେନ୍ଦ୍ରଗିରିର ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସବୁଜିମାଭରା ବନରାଜି ମଧ୍ୟରେ କୋହଲା ନୃତ୍ୟ ମାଧ୍ୟମରେ ପରାମ୍ପରିକ କଳାକାର ମାନେ ଶ୍ରୀହରିଙ୍କ ଗୁଣଗାନ କରିଛନ୍ତି । ମହେନ୍ଦ୍ର ପର୍ବତରେ ପ୍ରସିଦ୍ଧ ଶୈବପୀଠରେ ଚାଲିଥିବା ମହେନ୍ଦ୍ର ମେଳା, ଯାଜ୍ଞ ଏବଂ ଧାର୍ମିକ ଓ ସାଂସ୍କୃତିକ ମହୋତ୍ସବରେ ପ୍ରବଳ ଜନସମାଗମ ହୋଇଥିଲା । ଏଥିରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଘଡଘଡାପଲ୍ଲୀ ସ୍ଥିତ (ଆଇଆରଇ ଛକ) ଶ୍ରୀଶ୍ରୀ ଲକ୍ଷ୍ମୀ ନୃସିଂହ କାମିନି ଦାସୁଡୁ ସତ୍ୟମ ସେବା ନୃତ୍ୟ କଳା କେନ୍ଦ୍ର ପକ୍ଷରୁ ସଭାପତି ତଥା କଳା ରନି ଏବଂ ଜୟଦେବ ପୁରସ୍କାର ପ୍ରାପ୍ତ ବଡ ଦାସୁଡୁ ଡ଼. ଆର୍. ସତ୍ୟମ ରେZI ଏବଂ ତାଙ୍କ କଳାକାର ( ଶିଷ୍ୟ) ମାନେ ସାମିଲ ହୋଇ ପରମ୍ପରା ଓ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିଛନ୍ତି । ପାହାଡ଼ ଶୀର୍ଷରେ କୋହଲା ନୃତ୍ୟର ତାଳେ ତାଳେ ହରହର ମହାଦେବଙ୍କ ଧ୍ୟାନ କରିବା ସହିତ ଦାସୁଡୁ ନୃତ୍ୟଗୁରୁ ଡ଼କଫର ଆର ସତ୍ୟମ୍ ରେଡ୍ଡୀଙ୍କ ନେତୃତ୍ୱରେ ୨୭ ଜଣ ଶିଷ୍ୟମାନେ ଭକ୍ତଗଣଙ୍କୁ ଚମକ୍ରିତ କରିଦେଇଥିଲା । ଅଗ୍ନି ମଶାଲ ଅବା କୋହଲା ନୃତ୍ୟ ପ୍ରଦର୍ଶନରେ ଏହି ଭକ୍ତିବାଦର ଦଳ ସମୂହଙ୍କ ନୃତ୍ୟ, ବାଦ୍ୟ, ଝାଞ୍ଜରେ ମୁଖରୀତ ହୋଇ ଉଠିଥିଲା । ସମସ୍ତେ ଶ୍ରୀ ହରିଙ୍କ ଭକ୍ତିଭାବାପ୍ଲୁତରେ ମଜ୍ଜି ଯାଇଥିଲେ ।

## ଓଳାଭର ବଜାରରେ ଗଞ୍ଜେଇ ସିଗାରେଟ ଖୋଲାମେଲା ବିକ୍ରୀ


ରାଜକନିକା,(ସବ୍ୟୁ) :ରାଜକନିକା ଥାନାଞ୍ଚଳରେ ମାଦକ ଦ୍ରବ୍ୟର ଦିନକୁ ଦିନ ଚୋରା କାରବାର ବଢି ଚାଲିଥିବା ବେଳେ ଓଳାଭର ବଜାର ଅଞ୍ଚଳରେ ଗଞ୍ଜେଇ ସିଗାରେଟ ବହୁଳ ବିକ୍ରୀ ହେଉଛି । ଗତ କିଛି ଦିନ ଧରି ଅବକାରୀ ବିଭାଗର ଜାଣତରେ ଚାଲିଥିବା ଏହି ଚୋରା କାରବାର ଏବେ ଖୋଲାମେଲା ଭାବରେ ଚାଲିବା ସଚେତନ ନାଗରିକଙ୍କୁ ବିଦ୍ରୋହୀ କରାଇଛି । ଓଳାଭର ବଜାରର ପରିବା ମାର୍କେଟ, ତାରିଣିଛକ, ସାତଘରିଆ ଗାଁ ମୁଣ୍ଡ ଛକ, ଶନି ମନ୍ଦିର



ନିକଟ ପାନ ଦୋକାନ ରେ ଭରପୁର ମାତ୍ରାରେ ଗଞ୍ଜେଇ ସିଗାରେଟ ବିକ୍ରୀ ହେବା ଯୁବ ପିଢିଙ୍କୁ ମାଦକ ସେବନକୁ ଉତ୍ସାହିତ କରିଛି । ବେକମୋଡା ଭାବରେ କୋଡ଼ ଓ୍ଵାର୍ଡରେ ଏହି ସିଗାରେଟ ପ୍ୟାକେଟ ପ୍ରତି ଦୁଇ ଶହରୁ ଅଢେଇ ଶହ ଟଙ୍କାରେ ବିକ୍ରୀ ହେବା ଜାରି ରହିଥିବା ବେଳେ ପ୍ରାୟ ପାନ ଦୋକାନୀ ଏହି ସିଗାରେଟ ବିକିବାକୁ ଗୁରୁତ୍ୱ ଦେଉଛନ୍ତି । ବାଲେଶ୍ୱର ସହିତ ଯୋଗାଯୋଗ ରକ୍ଷା କରି ଏହି ବ୍ୟବସାୟୀ ମାନେ ସେଠାରୁ ଗଞ୍ଜେଇ ଆଣି ତାକୁ ନିଜେ ସିଗାରେଟରେ ଭର୍ତ୍ତି କରି ବିକିବା ଅଧିକ ଲାଭ ଦେଉଛି । ଫଳରେ ଓଳାଭର ବଜାରର ଏହି ବେପାର ବଢି ଚାଲିଥିବାରୁ ଅବକାରୀ ବିଭାଗ ବଟି ନେଇ ଏଭଳି ଚୋରା ମାଦକ ଦ୍ରବ୍ୟ ବେପାରକୁ ଉତ୍ସାହିତ କରିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି । ସ୍କୁଲ,କଲେଜ ଓ ମେଡିକାଲ ପାଖରେ ଥିବା ଏହି ମାର୍କେଟ ଏରିଆ ରେ ବଢି ଚାଲିଥିବା ଗଂଜେଇ ସିଗାରେଟ ବେପାର ଯୋଗୁ ଅପରାଧ ଘଟିବା ଯୋଗୁ ବଜାର ପରିବେଶରେ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଇଛି ।

## ପୌରାଧ୍ୟକ୍ଷଙ୍କ ଘରକୁ ବୋତଲ ବୋମାମାଡ ଘଟଣା : ଶ୍ରମିକ ନେତା ଟଣାଓଟରା

ପାରାଦୀପ , (ଜିପ୍ର) : ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳଙ୍କ ଘରକୁ ବୋତଲ ବୋମା ମାଡ ଘଟଣା ଏବେ ଧୀରେ ଧୀରେ ରାଜନୈତିକ ଉଷ୍ମତା ସୃଷ୍ଟି କରିବାରେ ଲାଗିଛି । ଗତ ମଇ ୩୦ ତାରିଖରେ ଘଟଣା ଘଟିଥିବା ବେଳେ ଜଗତସିଂହପୁର ଜିଲ୍ଲା ଏସ୍ପି ଅଙ୍କିତ କୁମାର ବର୍ମା ଘଟଣାକୁ ଗୁରୁତର ସହ ନେଇ ଘଟଣା ସ୍ଥଳରେ ମାତ୍ର ଦୁଇ ଘଣ୍ଟା ମଧ୍ୟରେ ପହଞ୍ଚିବା ଓ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ବାପୁ ପରିଡାଙ୍କୁ ଖୋଜୁଥିବା ଜଣାପଡ଼ିଛି । କିନ୍ତୁ ଏହି ଘଟଣାରେ ଏବେ ପାରାଦୀପ ରାଜନୀତି ବେଶ ସରଗରମ ହୋଇ ଉଠିଛି ।ଗତ ରବିବାର ଦିନ କଂଗ୍ରେସ, ବିଜେପି, ବିଜେଡି, କମ୍ୟୁନିଷ୍ଟ ଓ ପାରାଦୀପ ନାଗରିକ ଫୋରମ ସମସ୍ତେ ଗୋଟିଏ ଦିନରେ ଏକତ୍ରୀତ ହୋଇ ବାପୁଙ୍କ ସହ ଶ୍ରମିକ ନେତା ବାପି ସର୍ଖେଲଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ବିକ୍ଷୋଭ ଓ ଦାବି



ଜଣାଇବା ପରେ ଆଜି ବାପି ସର୍ଖେଲ ପାରାଦୀପରେ ସାମ୍ବାଦିକ ସମ୍ମିଳନୀ କରି ଖୁବ ବିଷ ଓଗାଳିଛନ୍ତି । ମାଟି ଚୋରି ଘଟଣାରୁ ଦୃଷ୍ଟି ହଟାଇବାକୁ ନେଇ କିଛି କୁଚକ୍ରୀ ଗୋଷ୍ଠୀ ଓଲାଟା ତାଙ୍କ ଉପରେ ଦୋଷ ଲଦି ଲୋକଙ୍କୁ ଭ୍ରମିତ କରୁଥିବା ସେ ଅଭିଯୋଗ କରିଛନ୍ତି । ଦୁଇ ଶ୍ରମିକ ନେତା ସବୁ ଆୟୋଜନ କରି ତାଙ୍କୁ ବଦନାମ କରିବାକୁ ବିଶେଷ ସଡଜନ୍ତ୍ର ଚଳାଇ ଥିବା ବେଳେ ପୋଲିସ ଉପରେ ତାଙ୍କର ଭାରସା ଥିବା ସେ ପ୍ରକାଶ କରିଛନ୍ତି । ବୋମାମାଡ ଟେଣ୍ଡର ଘଟଣାକୁ ନେଇ ହୋଇଥିବା ପୋଲିସ କହୁଥିବା ବେଳେ ଟେଣ୍ଡରରୁ ଆସି ଏହା ଏବେ ରାଜନୈତିକ ମୋଡ ନେବାରେ ଲାଗିଲାଣି । ପରସ୍ପର ବୟାନ ବାଜି ଓ ପରସ୍ପରକୁ କାଦୁଅ ଫିଙ୍ଗା ରାଜନୀତି ଆରମ୍ଭ ହୋଇଥିବା ବେଳେ ଏହି ଘଟଣା ପରେ ଏବେ ପାରାଦୀପରେ ବୃଦ୍ଧି ପାଇଛି ରାଜନୈତିକ ଉଷ୍ମତା । ପୋଲିସ ତାର ତଦନ୍ତ ଅନ୍ୟ ବାଟରେ ଚଳାଇଥିବା ବେଳେ ଶ୍ରମିକ ନେତା ମାନେ ଏହି ଘଟଣାକୁ ନେଇ ପ୍ରତିପକ୍ଷଙ୍କୁ ଛନ୍ଦିବା ପାଇଁ ଆରମ୍ଭ କରିଛନ୍ତି ଯୋଜନା । ବସନ୍ତଙ୍କ ଘରକୁ ବୋତଲ ବୋମାମାଡ ଘଟଣାରେ ଏବେ ଧୀରେଧୀରେ ପାରାଦୀପ ଅଶାନ୍ତ ଆଡକୁ ଯାଉଥିବା ବେଳେ ପୋଲିସ ଏହି ଘଟଣାକୁ ପାଖରୁ ନିରୀକ୍ଷଣ କରୁଥିବା ଜଣାପଡ଼ିଛି ।

## ଭତ୍ତା ବିଳମ୍ବ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କୁଆଁପାଳ,(ସବ୍ୟୁ) :ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗ,ବିଧବା,ବୃଦ୍ଧବୃଦ୍ଧା ମାନଙ୍କୁ ପ୍ରଦାନ କରାଯାଉଥିବା ଇନ୍ଦିରା ଗାନ୍ଧୀ ଭତା ଦୁଇ ମାସରୁ ଉର୍ଦ୍ଧ ସମୟଧରି ସେମାନଙ୍କ ବ୍ୟାଙ୍କ ଜମା ଖାତାକୁ ଆସୁନଥିବାରୁ ଅସହାୟ ହିତାଧିକାରୀ ମାନେ ନାନା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଲୋକମାନଙ୍କର ଏହି ଅସୁବିଧା ସଂପର୍କରେ ଜାଣିବା ପରେ ଆଜି ସୋମବାର ଦିନ ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ନେତା ସେକ ମସୁଦ ଅଲିଙ୍କ ନେତୃତ୍ୱରେ ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ସଭାପତି ଆଇନଜିବୀ ଦୀପକ କୁମାର ମହାନ୍ତି,ଜିଲ୍ଲା ସାଧାରଣ ସଂପାଦକ ସେକ ସୋରାକତ ଅଲି,ସଂପାଦକ ରଞ୍ଜନ ପ୍ରଧାନ,ବ୍ଲକ କଂଗ୍ରେସ ସାଧାରଣ ସଂପାଦକ ସଂଗ୍ରାମ ସାମଲ,କରୁଣାକର ବାରିକ,ବିଦ୍ୟାଧର ବେହେରା ,ସେକ ଜାବୀର ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ପହଂଚି ବିଡିଓ ତିଳୋତମା ପୃଷ୍ଟିଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥି ସହିତ ମୁଖ୍ୟ ଶାସନ ସଚିବ ,କଟକ ଜିଲ୍ଲାପାଳଙ୍କୁ ଏ ସଂପର୍କରେ ଅବଗତ କରାଯାଇଥିବା ବ୍ଲକ କଂଗ୍ରେସ କମିଟି ସଭାପତି ଆଇନଜିବୀ ଶ୍ରୀ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ବ୍ଲକ ଡ୍ରାଇଭରଙ୍କ ଆତ୍ମହତ୍ୟା

ନାଉଗା,(ସବ୍ୟୁ) :ନାଉଗାଁ ଥାନା ଅନ୍ତର୍ଗତ ବାଂଶ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି । ବିନୋଦ ଦାସ ନାମକ ଜଣେ ବ୍ୟକ୍ତି ରସି ଲଗାଇ ଆତ୍ମହତ୍ୟା କରିଥିବା ଘଟଣା ଅଞ୍ଚଳରେ ଚଞ୍ଚଳତା ସୃଷ୍ଟି କରିଛି । ସୂଚନା ଅନୁସାରେ, ବିନୋଦ ଦାସ ଗତ ପ୍ରାୟ ୧୦ ବର୍ଷ ଧରି ତାଙ୍କ ଶଶୁର ଘର ବାଂଶ ଗ୍ରାମରେ ରହୁଥିଲେ । ତାଙ୍କ ମୂଳ ଘର ବଡ଼ରେଢଙ୍ଗ, ତରତଙ୍ଗ ବାଲିକୁଦା ଅଞ୍ଚଳରେ । ସେ ରଘୁନାଥପୁର ବ୍ଲକରେ ଡ୍ରାଇଭର ଭାବେ କାମ କରୁଥିଲେ । ତାଙ୍କ ଝିଅ ସୁଭଦ୍ରା ଦାସଙ୍କ କହିବା ଅନୁସାରେ, ବିନୋଦ ଦାସ ପ୍ରତିଦିନ ଭଳି ଆଜି ମଧ୍ୟ କାର୍ଯ୍ୟାଳୟକୁ ଯାଇଥିଲେ । କିନ୍ତୁ ମଧ୍ୟାହ୍ନ ପ୍ରାୟ ୨.୩୦ ବେଳେ ସେହି ଗ୍ରାମର ଗୋବରୀ ନଦୀ କୂଳରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ତୁରନ୍ତ ନାଉଗାଁ ମେଡିକାଲକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ।ଘଟଣାର ସଠିକ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଥିବାବେଳେ, ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି ।

## ପି.ଏମ୍.ଶ୍ରୀ ବିରଜା ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ସମ୍ମାନ

ଯାଜପୁର,(ସବ୍ୟୁ) : ବିଶ୍ୱ ପରିବେଶ ଦିବସ ଅବସରରେ ଜିଲ୍ଲା ପରିବେଶ ସମିତି ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ଯାଜପୁରର ପୁରାତନ ଶିକ୍ଷାନୁଷ୍ଠାନ ପି.ଏମ୍.ଶ୍ରୀ ବିରଜା ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ବିଦ୍ୟାଳୟର ଇକୋ କ୍ଲବ୍‌ର ଦାୟିତ୍ୱପ୍ରାପ୍ତ ତଥା ବରିଷ୍ଠ ବିଜ୍ଞାନ ଶିକ୍ଷକ ଅମୀୟ କୁମାର ସ୍ୱାଇଁଙ୍କ ଦୀର୍ଘଦିନର ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ସଚେତନତା କାର୍ଯ୍ୟକ୍ରମ ପ୍ରତି ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦନା କରାଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକଙ୍କୁ ମାନପତ୍ର ସହିତ ୨୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । ପ୍ରଧାନଶିକ୍ଷକ ଶ୍ରୀ ମଲ୍ଲିକ କହିଥିଲେ ଯେ, ଏହି ପୁରସ୍କାର ରାଶିକୁ ବିଦ୍ୟାଳୟ ପରିସରକୁ ଅଧିକ ସବୁଜ ଓ ସୁନ୍ଦର କରିବା ଦିଗରେ ବିନିଯୋଗ କରାଯିବ । ଏହି ଅବସରରେ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ଉତ୍ସବ ଆୟୋଜିତ ହୋଇଥିଲା । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ । ଏହି ସମ୍ମାନ ପି.ଏମ୍. ଶ୍ରୀ ବିରଜା ଉଚ୍ଚ ବିଦ୍ୟାଳର ପରିବେଶ ସୁରକ୍ଷା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ ଏବଂ ସମାଜରେ ସଚେତନତା ସୃଷ୍ଟି ପାଇଁ ଏକ ଗୌରବମୟ ସ୍ୱୀକୃତି ବୋଲି ସ୍ଥାନୀୟ ଶିକ୍ଷାବିତ୍ ଓ ପରିବେଶପ୍ରେମୀମାନେ ମତ ପ୍ରକାଶ କରିଛନ୍ତି ।

## ଡକାୟତି ଉଦ୍ୟମ ପଣ୍ଡ କଲା ପୁଲିସ :୬କୋର୍ଟ ଚାଲାଣ

ବ୍ୟାସନଗର,:(ଜିପ୍ର): ଡ଼କାୟତି ଉଦ୍ୟମକୁ ପଣ୍ଡ କରି ଯାଜପୁର ରୋଡ଼ ପୁଲିସ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯାଜପୁର ରୋଡ ଥାନା ଅନ୍ତର୍ଗତ ଦାନଗଦୀ ଅଂଚଳର ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ଏସଆଇ କେଶବ ଚରଣ ସାହୁ ପାଟ୍ରୋଲିଂ କରୁଥିବା ସମୟରେ ବ୍ୟାସସରୋବର ଆମ୍ବ ତୋଟା ଉପରେ ଚଢାଉ କରିଥିଲେ। ଏକ ପେଟ୍ରୋଲ ପମ୍ପ



ପପୁ ସେଠି (୨୫),ଲିଟୁ ମହାକୁଡ (୨୩), ରାଛିପୁର ଲକ୍ଷ୍ମଣ ଓଝା (୨୩), ସାପଗଡ଼ିଆର ଜୟଦେବ ମଣ୍ଡଳ (୩୦),ପଦ୍ମପୁରର ଅଜୁ ଦାସ (୪୦), ସେକ୍ ଲାଲୁ (୨୬) ପେଟ୍ରୋଲ ପମ୍ପରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୁଲିସ ସେମାନଙ୍କୁ ମାଡ଼ି ବସିଥିଲା। ଏକ ଉପରେ ଡକାୟତି କରିବା ପାଇଁ ପ୍ରସ୍ତୁତ ହେଉଥିବା ଉପରୋକ୍ତ ୬ ଜଣଙ୍କୁ କାବୁ କରିବା ସହ ସେମାନଙ୍କ ଠାରୁ ବହୁ ମାରଣାସ୍ତ୍ର, ମଟର ସାଇକେଲ, ମୋବାଇଲ ଓ ଭୋକେସନାଲ ନିଶାଦ୍ରବ୍ୟ ସାମଗ୍ରୀ ଜବତ କରାଯାଇଛି ବୋଲି ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

## ୨୫ ଲିଟର ଆସ୍କା ଫର୍ଟି ଜବତ, ଜଣେ ଗିରଫ

ନାଉଗାଁ,୮ ।୬(ସବୁ): ନାଉଗାଁ ପୁଲିସ ପକ୍ଷରୁ ୨୫ ଲିଟର ଆସ୍କା ଫର୍ଟି ଚୋରା ମଦ ଜବତ କରାଯାଇଥିବା ବେଳେ ଜଣକୁ ଗିରଫ କରାଯାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ ବାଲିକୁଦା ଥାନା ଅନ୍ତର୍ଗତ ଆଙ୍କୋ ଗ୍ରାମର ପ୍ରଶାନ୍ତ କୁମାର ସାହୁ (୪୧) ଏକ ଟିଭିଏସ ସ୍କୁଟିରେ ଚୋରା ମଦ ନେଉଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଗଙ୍ଗଦା -ଗୋବରୀକୂଳ ଛକ ନିକଟରେ ଜଗି ରହିଲା ।ସ୍କୁଟିକୁ ଜବତ କରିବା ସହ ସ୍କୁଟିରେ ଥିବା ମଦକୁ ଜବତ କରିଥିଲା । ଯାହାକି ୧୨୫ ବୋତଲ ଆସ୍କା-୪୦ ଦେଶୀ ମଦ (୨୫ ଲିଟର) ବୋଲି ଜଣାଯାଇଛି ।ଅଭିଯୁକ୍ତ ପ୍ରଶାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନାଉଗାଁ ଥାନାଧିକାରୀ ଦେବାଶିଷ ପଣ୍ଡା ପ୍ରକାଶ କରିଛନ୍ତି ।

## ସାଂସଦଙ୍କ ଦ୍ୱାରା ବୃକ୍ଷରୋପଣ ଓ ମନ୍ଦିର ସଫେଇ

ରାଜନଗର ,(ସବ୍ୟୁ) :ସୋମବାର କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଏକ ଦିନିକିଆ କାର୍ଯ୍ୟକ୍ରମରେ ଅଞ୍ଚଳକୁ ଗସ୍ତ କରିଥିଲେ । ସାଂସଦ ଶ୍ରୀ ପଣ୍ଡା ପ୍ରଥମେଯୁକେ ମହାବୀର ମହାବିଦ୍ୟାଳୟ ମଦନପୁର ଠାରେ ପହଂଚି ବୃକ୍ଷରୋପଣ କରିଥିଲେ ।ଏହାପରେ ରାଜନଗର ବ୍ଲକ ମୁଖଶାଳାରେ ଥିବା ସର୍ବ ପ୍ରାଚୀନ ଶୈବ୍ୟ ପୀଠ ଗୋସିଗାଁର ଶ୍ରୀଶ୍ରୀ ଗର୍ତେଶ୍ୱର ମହାଦେବ ମନ୍ଦିର ପରିସରରେ ସଫେଇ କରିଥିଲେ । ପରେ ରାଜନଗର ଗ୍ରାମର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସର ପ୍ରାପ୍ତ ଶିକ୍ଷକ,ଗବେଷକ ଶରତ ଚନ୍ଦ୍ର ମହାପାତ୍ର, ନାଉକଣାର ସଫଳ କୃଷକ କ୍ଷୀରୋଦ ମଲ୍ଲିକ, ସୈନିକ ସଙ୍ଗର ସଭାପତି ସୁବେଦାର ଗଗନ ସ୍ୱାଇଁ, କୋଇଲିପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଷଷଧର ସ୍ୱାଇଁ, ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଅଧ୍ୟକ୍ଷ ବଳରାମ ସିଂହଙ୍କୁ ସୌଜନ୍ୟ ସାକ୍ଷାତ କରି ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ । ସାଂସଦଙ୍କ ସହିତ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ବିଜେପି ନେତା ଲଳିତ କୁମାର ବେହେରା, ସୁନାକାର ବେହେରା, ସନ୍ତୋଷ କୁମାର ମହାନ୍ତି, ନିମାଇଁ ଚରଣ ରାଉତ, ଯୁବ ନେତା ବିକ୍ରମ ବାରିକ ପ୍ରମୁଖ ଯୋଗ ଦେଇଥିଲେ ।

## ମହାଜନପୁର ଗ୍ରାମ୍ୟ ରାସ୍ତା ଶୋଚନୀୟ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) :ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ଜିଗ୍ନିପୁର ପଂଚାୟତ ମହାଜନପୁର ଗ୍ରାମର ଗ୍ରାମ୍ୟ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଦୀର୍ଘ ବର୍ଷ ହେବ ଏହି ଗ୍ରାମ୍ୟ ରାସ୍ତାକୁ ଢଳେଇ ରାସ୍ତାରେ ପରିଣତ କରାଯାଇଥିବା ବେଳେ ବର୍ତ୍ତମାନ ଏହାର ବିଭିନ୍ନ ସ୍ଥାନରେ କଂକ୍ରିଟ ଫାଟିଯାଇ ଅତ୍ୟନ୍ତ କଦର୍ଯ୍ୟ ଅବସ୍ଥା ହୋଇଛି । ରାସ୍ତାର ସ୍ଥାନେ ସ୍ଥାନେ ବଡ ବଡ ଖାଲଖମା ସୃଷ୍ଟି ହୋଇଛି । ଦୀର୍ଘ ଦିନ ହେବ ଏହି ରାସ୍ତାକୁ ମରାମତି କରାଯାଉନଥିବାରୁ ଯାତାୟତରେ ବାଟୋଇମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଉକ୍ତ ରାସ୍ତାଟି ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ରାସ୍ତାରୁ ବାହାରି ଜହ୍ନିଆ ରାମକୃଷ୍ଣପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାକୁ ସଂଯୋଗ କରୁଥିବାରୁ ପ୍ରତ୍ୟକ ଦିନ ଏହି ରାସ୍ତାରେ ଯାତାୟତ ପାଇଁ ଶହ ଶହ ଲୋକ ନିର୍ଭର କରିଥାନ୍ତି । ଏହି ରାସ୍ତା ଦେଇ ବହୁ ଗାଡି ମଟର ମଧ୍ୟ ଯାତାୟତ କରିଥାନ୍ତି । ରାସ୍ତା ଆରମ୍ଭରୁ ମାତ୍ର ୩ଶହ ମିଟର ରାସ୍ତା ଅତ୍ୟନ୍ତ କଦର୍ଯ୍ୟ ହୋଇପଡିଥିବାରୁ ଏହି ରାସ୍ତା ଦେଇ ବାଇକ୍ ଆରୋହୀମାନେ ଯାତାୟତ ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଥିବା ଦେଖାଯାଇଛି । ଏହାଛଡା ଏହି ରାସ୍ତାଦେଇ ପ୍ରତ୍ଯକ ଦିନ ଛାତ୍ର ଛାତ୍ରୀମାନଙ୍କୁ ନେଇ ସ୍କୁଲ ଗାଡି ଗୁଡିକ ଯାତାୟତ କରୁଥିବାରୁ କେତେବେଳେ ଯେ ଏହି ଗାଡି ଗୁଡିକ ଦୁର୍ଘଟଣା ଗ୍ରସ୍ତ ହୋଇ ଧନଜୀବନ ହାନୀ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ତୁରନ୍ତ ଉକ୍ତ ରାସ୍ତାକୁ ପୁନର୍ବାର ଢଳେଇ କରି ଯାତାୟତ ଉପଯୋଗି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ବିଶିଷ୍ଟ ଶିକ୍ଷାବିତ ବିନାୟକ ନାୟକଙ୍କ ଦେହାନ୍ତ : ବିଭିନ୍ନ ମହଲରେ ଶୋକ

ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲା ତଥା ବଡଚଣାର ବିଶିଷ୍ଟ ଶିକ୍ଷାବୀତ,ମୁରବୀ ଓ ଚଣ୍ଡିଖୋଲ ଅଞ୍ଚଳର ବରିଷ୍ଠ ସମାଜସେବୀ ବିନାୟକ ନାୟକ(୮୩ )ଙ୍କର ଧାନମଣ୍ଡଳ ସ୍ଥିତ ତାଙ୍କ ବାସଭବନରେ ସୋମବାର ସକାଳୁ ଦେହାନ୍ତହୋଇଯାଇଛି । ଶ୍ରୀ ନାୟକ ଗତ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡିତ ହୋଇ ନିଜ ଘରେରହି ଚିକିତ୍ସିତ ହେଉଥିଲେ । ସେ ଧାନମଣ୍ଡଳର ପ୍ରଥମ ଗ୍ରାଜୁଏଟ ଥିଲେ । ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରି ଶେଷରେ ବଡଚଣାର ବାଇଶିମୌଜା ସ୍ଥିତ ଧନଞ୍ଜୟ ବିଦ୍ୟାପୀଠରୁ ପ୍ରଧାନ ଶିକ୍ଷକ ଭାବେ ଅବସର ନେଇଥିଲେ । ନିଜ ଜୀବନ କାଳ ମଧ୍ୟରେ ସେ ଅନେକ ଶିକ୍ଷାନୁଷ୍ଠାନ ଗଢି ସମଗ୍ର ଅଞ୍ଚଳରେ ଶିକ୍ଷା ର ବିକାଶଧାରାର ବିନ୍ଧାଣି ସାଜିଥିଲେ । ସମଗ୍ର ଯାଜପୁର ଜିଲ୍ଲା ତଥା ବଡଚଣାରେ ସେ ଜଣେ ବିଜ୍ଞବ୍ୟକ୍ତି ଓ ମୁରବୀ ଭାବେ ସମସ୍ତଙ୍କର ସମ୍ମାନୀୟ ଥିଲେ । ସେ ଚଣ୍ଡିଖୋଲ ସାର୍ବଜନୀନ ଦୁର୍ଗାପୂଜା କମିଟିର ଉପଦେଷ୍ଟା, ଆଞ୍ଚଳିକ ନାଗରିକ କମିଟିର ପ୍ରତିଷ୍ଠାତା ସାଙ୍ଗକୁ ଅନେକ ସାମାଜିକ ଓ ସେବା ସଂଗଠନ ସହିତ ଜୀବନର ଶେଷ ପର୍ଯ୍ୟନ୍ତ ସାମିଲ ଥିଲେ । ତାଙ୍କ ଦେହାନ୍ତ ଖବର ପାଇ ବଡଚଣା ବିଧାୟକ ଅମରକୁମାର ନାୟକ,ପ୍ରାକ୍ତନ ବିଧାୟକ ଅମରପ୍ରସାଦ ଶତପଥୀ, ବ୍ଲକ ଅଧ୍ୟକ୍ଷ ମିନତୀ ସେନାପତି, ବ୍ଲକ ଉପାଧ୍ୟକ୍ଷ ବିଭାସଚନ୍ଦ୍ର ନନ୍ଦ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ,ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ,ଶିକ୍ଷାବୀତ



କାମିନୀ ନାୟକ,ବିଜେପି ନେତା ପ୍ରମୋଦ ଜେନା,ଚଣ୍ଡିଖୋଲ ବାର ଆସୁସିଏସନ ସଭାପତି ଦେବରାଜ ବେହେରା,ସମ୍ପାଦକ ପ୍ରକାଶଚନ୍ଦ୍ର ଦାଶ,ଅଧାପକ ପବିତ୍ର ମାହାଲାଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି,ଛାତ୍ରଛାତ୍ରୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ମର ଶରୀରକୁ ଏକ ପଟୁଆରରେ ପ୍ରଥମେ ଗ୍ରାମ ପରିକ୍ରମା କରାଯାଇ ତାଙ୍କ କର୍ମସ୍ଥଳ ଧନଞ୍ଜୟ ବିଦ୍ୟାପୀଠକୁ ନିଆଯାଇଥିଲା । ସେଠାରୁ ପୁରୀ ସ୍ୱର୍ଗ ଦ୍ୱାର ନିଆଯାଇ ତାଙ୍କର ଶେଷକୃତ୍ୟ କରାଯାଇଥିଲା । ବଡପୁଅ ଗୌରହରି ନାୟକ ମୁଖାଗ୍ନି ଦେଇଥିଲେ ।ତାଙ୍କ ମୃତ୍ୟୁରେ କଂଗ୍ରେସ ନେତା ଅଜୟ ସାମଲ,ବିଜେଡି ନେତା ରାଜନାରାୟଣ ମହାପାତ୍ର,ଦୁର୍ଗାପୂଜା କମିଟି ସଭାପତି ବିଭୁତିଭୂଷଣ ଜେନା,ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସଂପାଦକ ବେଣୁଧର ପଣ୍ଡା,ବିଶିଷ୍ଟ ବ୍ୟବସାୟୀ କମଲେସ ଜୈନ,ରମେଶ ଦାଶ,ଆମ ବଡଚଣା ମହୋତ୍ସବ କମିଟି ସମ୍ପାଦକ ଦିଲୀପ ଚୌଧୁରୀ,ଯୁବନେତା ସଂଜୟ ସ୍ୱାଇଁ,ସରପଞ୍ଚ ନବଦୀପ ନାୟକ, ଚଣ୍ଡିଖୋଲ ବଜାର କମିଟି ସଭାପତି କ୍ଷୀରୋଦ ମାହାଲା,ପ୍ରେସକ୍ଲବ ସମ୍ପାଦକ ହେମଶ ଜେନା,ସାମ୍ବାଦିକ ଶିବରାମ ସାହୁ,ମସିର ଆଲମଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରି ସ୍ୱର୍ଗତଶ୍ରୀ ନାୟକଙ୍କ ଆତ୍ମାର ସଦଗତି କାମନା କରିଛନ୍ତି ।ତାଙ୍କ ବିୟୋଗରେ ସମଗ୍ର ବଡଚଣାରେ ଶୋକର ଛାୟା ଖେଳିଯାଇଛ ।

## କାଳବୈଶାଖୀ :ଭାଙ୍ଗିଲା ଗଛ , ବିଦ୍ୟୁତ ସଂଯୋଗ ବିଛିନ୍ନ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) :ଗତ ଦୁଇ ଦିନ ହେଲା ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ କାଳବୈଶାଖି ତାର କରାଳ ରୂପ ଦେଖାଇଛି । କାଳ ବୈଶାଖିର ତାଣ୍ଡବ ଲୀଳାରେ ଶହ ଶହ ସଂଖ୍ୟାରେ ବିରାଟ ବିରାଟ ଗଛ ,ବିଦ୍ୟୁତ ଖୁଂଟ ଭାଙ୍ଗି ପଡିଛି । ବିଦ୍ୟୁତ ସଂଯୋଗ ବିଛିନ୍ନ ହୋଇପଡିଥିବା କାରଣରୁ ଅଂଚଳବାସୀ ଅନ୍ଧାର ଘେରରେ ରହିଛନ୍ତି । ୨-୩ମାସ ହେଲା ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଡହଡହ ତାତି ଓ ଝାଞ୍ଜି ପବନ ବହିବା କାରଣରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇପଡିଥିଲା । ଲୋକେ ତ୍ରାହି ତ୍ରାହି ଡାକୁଥିଲେ । ତେବେ ଗତକାଲି ଓ ଆଜି ଅପରାହ୍ନରେ ଏହି ଅଂଚଳରେ ଆକସ୍ମିକ ଭାବେ ଆକାଶରେ କଳାହାଣ୍ଡିଆ ମେଘ ଘୋଟିଆସିଥିଲା । ବିଜୁଳି ଓ ଘଡଘଡି ଭୟଙ୍କର ରୂପ ନେଇଥିଲା । ଭୟଙ୍କର ବେଗରେ ପବନ ବହିଥିଲା । ଏହି ପବନରେ ସ୍ଥାନୀୟ ଅଂଚଳରେ ଥିବା ବିରାଟ ବିରାଟବୃକ୍ଷ ଭାଙ୍ଗି ପଡିଥିଲା । ଫଳରେ ଗମନା ଗମନ ବାଧାପ୍ରାପ୍ତ ହୋଇଥିଲା । ଏପରିକି ବହୁ ଗରିବ ଲୋକଙ୍କ ଚାଳ ଘର ଛପର ମଧ୍ୟ ଉଡାଇ ଦେଇଥିଲା । ବିଭିନ୍ନ ସ୍ଥାନରେ ବିଦୁ୍ୟତ ତାର ଛିଣ୍ଡି ପଡିଥିଲା ବେଳେ ବିଦ୍ୟୁତ ଖୁଂଟ ମଧ୍ୟ ଭାଙ୍ଗି ଯାଇଛି । ଯାହା ଫଳରେ କି ଦୁଇ ଦିନ ହେଲା ସ୍ଥାନୀୟ ଅଂଚଳରେ ବିଦୁ୍ୟତ ସେବା ବ୍ୟାହତ ହୋଇଛି । ଲୋକେ ଅନ୍ଧାର ଘେରରେ ରହିଛନ୍ତି । ଏପରିକି ସ୍ଥାନୀୟ ଅଂଚଳରେ ଜଳ ନିଷ୍କାସନ ମୁଖ୍ୟ ସମସ୍ୟା ପାଲଟିଛି । ବିଶେଷ କରି କଟକ ଜିଲ୍ଲାର ସର୍ବ ବୃହତ ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ ଓ ବଜାରରରେ ଜଳ ନିଷ୍କାସନ ଏକ ମୁଖ୍ୟ ସମସ୍ୟା ରୂପେ ଉଭା ହୋଇଛି । ହାଟ ବଜାରରେ ବର୍ଷାଜଳ ନିଷ୍କାସନ ନହେବା କାରଣରୁ ବ୍ୟବସାୟୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହୋଇଥିବାର ଦେଖିବାକୁ ମିଳିଛି ।

## ଲୁଣା- କରାଣ୍ଡିଆ ନଦୀ ମୁହାଣ ପୁନଃ ଖୋଲିବା ପାଇଁ ଦାବି

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଡେରାବିଶ ବ୍ଲକ, ମାର୍ଶାଘାଇ, ଗରଦପୁର ବ୍ଲକ ଅନ୍ତର୍ଗତ କରାଣ୍ଡିଆ ନଦୀ କୂଳବର୍ତ୍ତୀ ଗ୍ରାମ ହୁଡାସାହି, ଜଳପୋକ, ପୁରୋଷ୍ତମପୁର, ବାଲିସାହି, ନାନକାର, କରିଲୋପାଟଣା ଓ ସଲାର ଜଳପୋକ ଆଦି ଶତାଧିକ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଭେଟି ଲୁଣା କରାଣ୍ଡିଆ ନଦୀର ମୁହାଣ ବାଲିପଡି ସମ୍ପୂର୍ଣ୍ଣ ପୋତି ହୋଇଯାଇଥିବାରୁ କରାଣ୍ଡିଆ ନଦୀକୁ ପାଣି ଆସୁନଥିବାରୁ ଜଳସ୍ତର ଅତ୍ୟନ୍ତ କମିଯାଉଛି । ଏବଂ ଆଖପାଖ ଅଂଚଳରେ ଜଳ ସଂକଟ ଦେଖାଦେଇଛି । ବିଶେଷ କରି ଗ୍ରୀଷ୍ମଋତୁରେ ଚାଷୀମାନେ ତାଙ୍କ ଚାଷଜମିକୁ ଜଳସେଚନ କରିବାରେ ଭୀଷଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭୂତଳ ଜଳସ୍ତର ହ୍ରାସ ପାଇଥିବାରୁ ଅନେକ ନଳକୂପ ମଧ୍ୟ ଅଚଳ ହୋଇ ପଡିଛି । ଏହାଦ୍ୱାରା କୃଷି, ପାନିୟ ଜଳ ଏବଂ ସାଧାରଣ ଜନ ଜୀବନ ଗୁରୁତର ଭାବେ ପ୍ରଭାବିତ ହେଉଛି । ଏଣୁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରି କରାଣ୍ଡିଆ ନଦୀ ମୁହାଣକୁ ତୁରନ୍ତ ଖନନ କରିବା ପାଇଁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ରଘୁନାଥ ବସନ୍ତିଆ, କୈଳାସ ବିହାରୀ ମନ୍ତ୍ରୀ, ଅଜିତ୍ ସାହୁ, ଖଗେଶ୍ୱର ସାମଲ, ସୁବ୍ରତ କୁମାର ପରିଡା, ଭରତ ଚନ୍ଦ୍ର ସାମଲ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

## ଶିଶୁ ବିକାଶ ଯୋଜନାରେ ଶିଶୁ ଓ ମହିଳାଙ୍କୁ ଅପପୃଷ୍ଟିକର ଖାଦ୍ୟ !

ପଟ୍ଟାମୁଣ୍ଡାଇ,(ସବ୍ୟୁ) :ରାଜ୍ୟ ସରକାର ମହିଳା ଓ ଶିଶୁ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରିବା ସହିତ ଅପପୃଷ୍ଟି ଜନିତ ଶିଶୁ ଏବଂ ମାତୃମୃତ୍ୟୁ ହାର ରୋକିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ।ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନା ରେ ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ଓ ପୌରାଞ୍ଚଳର ୨୦ଟି ୱାର୍ଡର ୨୭୮ଟି ଅଙ୍ଗନବାଡି କେନ୍ଦ୍ରରେ ପ୍ରାୟ ୧୦ହଜାର ଶିଶୁ, କିଶୋରୀ ଓ ପ୍ରସୂତି ମହିଳାଙ୍କୁ ପୁଷ୍ଟିକର ଶୁଖିଲା ଖାଦ୍ୟ ( ଛତୁଆ ) ପ୍ରଦାନ କରାଯାଉଛି । ଏହି ଶୁଖିଲା ଖାଦ୍ୟ ପ୍ୟାକେଜ ପୂର୍ବରୁ ମାନ ପରୀକ୍ଷା ପାଇଁ ମାତୃକମିଟି ଓ ଯାଞ୍ଚ କମିଟି ଦ୍ୱାରା ବିଧିବଦ୍ଧ ଯାଞ୍ଚ ପରେ ବଣ୍ଟନ ବ୍ୟବସ୍ଥା ରହିଛି । ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ରେ ଉଭୟ କମିଟିର ସଦସ୍ୟା ମାନଙ୍କୁ ବାଦ ଦେଇ ପଟ୍ଟାମୁଣ୍ଡାଇ ସି ଡି ପି ଓ ମନମୁଖୀ ଭାବେ ନିମ୍ନମାନର ଅପପୃଷ୍ଟିକର ଓ କମ ଓଜନର ଖାଦ୍ୟ ବଣ୍ଟନ ପାଇଁ ବଣ୍ଟନ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ କ୍ଲିନ ଚିଟ ଦେଇ ଶିଶୁ ଓ ମହିଳାମାନଙ୍କୁ ପ୍ରତାରିତ କରୁଥିବା ଅଭିଯୋଗ ହୋଇଛି । ଭୁବନେଶ୍ୱରରେ ଥିବା ରାଜ୍ୟ ଖାଦ୍ୟ ସୁରକ୍ଷା ପରୀକ୍ଷାଗାର ଏହି ସଂସ୍ଥା ଛତୁଆର ମାନ ପରୀକ୍ଷା କରି ତା ୩୧. ୧୦. ୨୦୨୫ ଚିଠି ନଂ ୨୫୮୨ ରେ ନିମ୍ନମାନର ଛତୁଆ ବୋଲି ରିପୋର୍ଟ ଦେଇଥିଲେ ମଧ୍ୟ ସିଡ଼ିପି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଚୁପ ବସିଥିବା ନେଇ ଅଭିଯୋଗ ହୋଇଛି ।ଏ ସମ୍ପର୍କରେ ଅବଗତ ହେବା ପରେ ଦୀର୍ଘ ୨ବର୍ଷ ହେବ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ମାନଙ୍କ ପକ୍ଷରୁ ସିଡ଼ିପିଓ ଓ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏଥି ସହିତ ପଟାମୁଣ୍ଡାଇ ପଞ୍ଚାୟତ ସମିତି ବୈଠକରେ ସମ୍ପୃକ୍ତ ଯୋଗାଣକାରୀ ସଂସ୍ଥା ମା ବୁଢ଼ୀ ଜାଗୁଲାଇ ସ୍ୱୟଂ ସହାୟକ ଗୋଷ୍ଠୀ ( ଖ ) କୁ ଖାଦ୍ୟ ଯୋଗାଣର ବିରତ କରାଯାଇ କଳା ତାଲିକାଭୁକ୍ତ କରିବା ପାଇଁ ପ୍ରସ୍ତାବ ପାରିତ ହୋଇ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଜନସାଧାରଣଙ୍କ ସମୂହ ସ୍ୱାର୍ଥକୁ ଦୃଷ୍ଟି ରେ ରଖି ଏହି ଦୁର୍ନୀତିର ଯଥାଶୀଘ୍ର ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ପଟ୍ଟାମୁଣ୍ଡାଇ ବ୍ଲକର ସମସ୍ତ ସରପଞ୍ଚ ପ୍ରିୟବ୍ରତ ଓଝା, ସନ୍ତୋଷ ସେଠୀ ବୁଦ୍ଧିରାମ ବେହେରା, ନିରାକାର ନାୟକ, ନରେଶ ମଲିକ,ରମେଶ ମଲ୍ଲିକ,ଦେବବ୍ରତ ନାୟକ, ଗଣେଶ ଦାସ ,ଜୀବନକୃଷ୍ଣ ରାୟ, ଶତ୍ରୁଘ୍ନ ମଲିକ, ସଂଗ୍ରାମ ବାରିକ, ବନୋଜ ସେଠୀ, ଅନିଲ ଲେଙ୍କା, ଲକ୍ଷ୍ମୀପ୍ରିୟା ଷଡଙ୍ଗୀ,ରଂଜିତା ସାହୁ,ଦୀପ୍ତିମୟୀ ପରିଡା,ଯଶୋମତୀ ରାଉତ, ମମତା ସାମଲ, କଳ୍ପନା ଜେନା, ସସ୍ମିତା ସେଠୀ, ଅନନ୍ୟା ଶୁଭସ୍ମିତା ସେଠୀ, ମାତାଜୀ ବାରିକ,ପଦ୍ମିନୀ ବେହେରା,ଦେବକୀ ମଲିକ, ନିରୁପମା ଦାସ ଅନ୍ନପୂର୍ଣ୍ଣା ସେଠୀ, ସନ୍ତୋଷୀନୀ ଜେନା ଦମୟନ୍ତୀ ସାମନ୍ତରାୟ ପ୍ରମୁଖ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ଦାବୀ କରିଛନ୍ତି ।

## ଶାରଳା ଓଡିଶୀ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

ଜଗତସିଂହପୁର,(ସବ୍ୟୁ) :ସୃଷ୍ଟି ଓଡିଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୨ଦିନିଆ ଶାରଳା ଓଡିଶୀ ମହୋତ୍ସବ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି ।ବରିଷ୍ଠ ସାମ୍ବାଦିକ ତଥା ସୃଷ୍ଟି ଏକାଡେମୀର ଉପଦେଷ୍ଟା ମନୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମର ଉ"ାଟନୀ ଉତ୍ସବରେ ଜିଲ୍ଲାପାଳ ଜେ ସୋନାଲ,ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଜଗନ୍ନାଥ ସଂସ୍କୃତି ପ୍ରଚାରକ ବାବା ଦିବାକର ଦାସ ମହାରାଜ, ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ଯୋଗ ଦେଇ କହିଥିଲେ ଯେ ମହାପ୍ରଭୁ ଜଗନ୍ନାଥଙ୍କର ଅତି ପ୍ରିୟ ନୃତ୍ୟ ହେଉଛି ଦେବଦାସୀ ନୃତ୍ୟ ।ସେହି ଦେବଦାସୀ ନୃତ୍ୟରୁ ଓଡିଶୀ ନୃତ୍ୟର ସୃଷ୍ଟି ।ତେଣୁ ଆମ ଓଡ଼ିଆ ସଂସ୍କୃତି,ପରମ୍ପରା ସାରା ବିଶ୍ୱ ବିଦିତ ।ଏହି ଓଡିଶୀ ନୃତ୍ୟ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି ଅତିଥିମାନେ କହିଥିଲେ ।ଏହି କାର୍ଯ୍ୟକ୍ରମରେ ସୃଷ୍ଟିର ସମ୍ପାଦିକା ସରିତା ଜୟନ୍ତୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ ।ବରିଷ୍ଠ ଆଡଭୋକେଟ ତଥା ସୃଷ୍ଟିର ଉପଦେଷ୍ଟା ସାରଦା ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୃଷ୍ଟିର ସଦସ୍ୟ




ସତ୍ୟବ୍ରତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ମହୋତ୍ସବର ଉଦଯାପନୀ ଉତ୍ସବରେ ସୃଷ୍ଟିର ଉପଦେଷ୍ଟା ବିପ୍ଳବ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇ କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା କ୍ଷେତ୍ରରେ ଜଗତସିଂହପୁର ଜିଲ୍ଲା ସାରା ରାଜ୍ୟ ଓ ଦେଶରେ ସୁନାମ ଅର୍ଜନ କରିଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବରେ ଆନ୍ତର୍ଜାତିୟ ଖ୍ୟାତି ସମ୍ପନ୍ନ ଓଡିଶୀ ନୃତ୍ୟ ଶିଳ୍ପୀ ଡକଫର ଚିତ୍ତ ରଞ୍ଜନ ସାହାଣୀ ଯୋଗ ଦେଇ ମହାପ୍ରଭୁଙ୍କ ସହିତ ରଥଯାତ୍ରା ଠାରୁ ଆରମ୍ଭ କରି ଚନ୍ଦନ ଯାତ୍ରା ପର୍ଯ୍ୟନ୍ତ ଓଡିଶୀ ନୃତ୍ୟ କରିବା ମୋ ଜୀବନର ସାର୍ଥକତା ମିଳିଛି ।ବିଦେଶରେ ଓଡିଶୀ ନୃତ୍ୟ କରିବାକୁ ଗଲେ ମହାପ୍ରଭୁ ଜଗନ୍ନାଥଙ୍କ ନାମ ହିଁ ସେମାନଙ୍କ ପାଇଁ ଯଥେଷ୍ଟ ।ସମ୍ମାନନୀୟ ଅତିଥି ଭାବେ ଦିଲ୍ଲୀର ବିଶିଷ୍ଟ କଥକ ନୃତ୍ୟ ଶିଳ୍ପୀ ଲୋପମୁଦ୍ରା ସ୍ୱାଇଁ ଯୋଗ ଦେଇଥିଲେ । ସମାଜସେବୀ ତିଲୋତ୍ତମା ଦାସ ଯୋଗ ଦେଇ ଓଡ଼ିଶୀ ନୃତ୍ୟ ବାବଦରେ ବକ୍ତବ୍ୟ ରଖିଥିଲେ ।ଏହି କାର୍ଯ୍ୟକ୍ରମ ଅବସରରେ ଆନ୍ତର୍ଜାତିକ ଓଡିଶୀ ନୃତ୍ୟ ଶିଳ୍ପୀ ଡକଫର ଚିତ୍ତ ରଞ୍ଜନ ସାହାଣୀଙ୍କୁ ସାରଳା ଓଡିଶୀ ନୃତ୍ୟ ସମ୍ମାନରେ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ ।ଉପଦେଷ୍ଟା ବିଜୟ କୁମାର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଦସ୍ୟ ନରେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ମହୋତ୍ସବ ଅବସରରେ ଦୁଇ ଦିନ ଧରି ଓଡିଶୀ ନୃତ୍ୟ ଏକକ,ଗ୍ରୁପ ଓ ଚିତ୍ରାଙ୍କନ ପ୍ରତିଯୋଗିତା ବିଭିନ୍ନ ବର୍ଗରେ ଅନୁଷ୍ଠିତ ହୋଇଥିଲା ।କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।ଓଡିଶୀ ଗ୍ରୁପ ନୃତ୍ୟରେ ସୃଷ୍ଟି ପ୍ରଥମ,ଅଳକା ଆର୍ଟ ଏକାଡେମୀ ମାଛଗାଁ ଦ୍ୱିତୀୟ ଓ ଉତ୍କଳ ଭାରତୀ କଳା ବିକାଶ କେନ୍ଦ୍ର ,ନାଉଗାଁର କଳାକାର ମାନେ ତୃତୀୟ ସ୍ଥାନ ଅଧିକାର କରିଥିଲେ ।ଶେଷରେ ସୃଷ୍ଟି ଓଡିଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ୪ ଚୋର ଗିରଫ : ବିପୁଳ ପରିମାଣର ବିଦ୍ୟୁତ ତାର ସହ ଦୁଇ ଗାଡି ଜବତ



ବାସୁଦେବପୁର,(ସବ୍ୟୁ): ଭଦ୍ରକ ଜିଲ୍ଲା ବାସୁଦେବପୁର ପୋଲିସକୁ ବଡ ସଫଳତା ମିଳିଛି। ଚତୁରତାର ସହିତ ବିଲ ମଝିରୁ ଇଲେଭେନ କେଭି ବିଦ୍ୟୁତ ତାର କାଟି ଚମ୍ପଟ ମାରୁଥିବାବେଳେ ବିଲ ମଝିରେ ମାଡିବସିଛି ବାସୁଦେବପୁର ପୋଲିସ। ଦୁଇ ବିଦ୍ୟୁତ ତାର ଚୋରଙ୍କୁ ଧରିଥିବାବେଳେ ଦୁଇ କବାଡିଆଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ପାଖରୁ ବିପୁଳ ପରିମାଣର ବିଦ୍ୟୁତ ତାର ଓ ଗୋଟିଏ ପିକଅପ ଓ ଅନ ଗୋଟିଏ ଅଟୋକୁ ପୋଲିସ କରିଛି। ଏଲଟି ଓ ଇଲେଭେନ କେଭି ତାର ବାରମ୍ବାର ଚୋରୀ ଯୋଗୁଁ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷ ବର୍ଷ ଧରି ବିଦ୍ୟୁ ତାର ଚୋରି କରି ଗାଡିରେ ନେଇ ବିଭିନ୍ନ ବେଆଇନ କବାଡିଆଙ୍କୁ ବିକ୍ରି କରି ଆସୁଥିଲେ। ପୋଲିସ ଏହାର ଟେର ପାଉନଥିଲା ପୋଲିସ । ପଦ୍ମପୁର ଗ୍ରାମର କୃଷ୍ଣଚନ୍ଦ୍ର ଧୂପାଳ ଲିଖିତ ଅଭିଯୋଗ କରିଥିଲେ । ଉଠା ଜଳସେଚନ ବିଭାଗ ଅଧୀନରେ ଠିକାଦାର ଶୁଭେନ୍ଦୁ ପଣ୍ଡାଙ୍କ ଘରେ ରହି ସାମଗ୍ରୀ ରଖି ବିଦ୍ୟୁତ ବିଭାଗର ନିର୍ମାଣ କାର୍ଯ୍ୟକରୁଥିଲେ। ଗତ ଦୁଇ ତାରିଖ ରାତିରେ ତାଙ୍କ କର୍ମଚାରୀମାନେ ଶୋଇଥିବା ସମୟରେ ଘରୁ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ୧୧କେଭି ବିଦ୍ୟୁ ତାର ୨ବଣ୍ଡଲ ଚୋରି କରିଥିବା ଅଭିଯୋଗ କରିଥିଲେ। ବାସୁଦେବପୁର ଥାନା ଅଧିକାରୀ ନିରୋଜ କୁମାର ସାମଲଙ୍କ ନେତୃତ୍ୱରେ ଏକ ଟିମ କରି ତଦନ୍ତ ଆରମ୍ଭ କରିଥିଲେ। ଚୂଡାମଣି ସାମୁଦ୍ରିକ ଥାନା ଅଞ୍ଚଳର ସଙ୍କୁରୁ ମର୍ଲିକ,ଅର୍ନିଲ ମହାର୍ଲିକଙ୍କୁ ଧରିବା ପରେ ଚୋରି ମାନିବା ସହ ଚୋରି ତାର ବିକ୍ରି କରିଥିବାର ସ୍ୱୀକାର କରିଥିଲେ। ଧାମରା ରାସ୍ତା ତେନ୍ତୁଳିଆ ଛକରେ ଥିବା ଏକ ବେଆଇନ କବାଡିଆ ଗୋଦାମ ଚଢାଉ କରି ମାଲିକ ଏମଡି କାଜିମ ଖାଁ ଏବଂ ପୁରୁଣାବଜାର ଥାନା ଅଧିନ ପଠାଣମହଲା ଗାଁର କବାଡିଆ ଗୋଦାମର ମାଲିକ ସେକ ଅବଦୁଲ ରେହେମନଙ୍କୁ ଗିରଫ କରିଥିଲେ। ୨କୁଇଣ୍ଟାଲ ୫୭କେଜି ବିଦ୍ୟୁତ ତାର ସହିତ ବିଦ୍ୟୁତ ତାର ଚୋରି କରି ବ୍ୟବହୃତ ଏକ ପିକଅପ ଭ୍ୟାନ ଓ ଗୋଟିଏ ଡାଲା ଓଟୋକୁ ପୋଲିସ ଜବତ କରିଅଛି। ବର୍ଷ ବର୍ଷ ଧରି ବାସୁଦେବପୁରର ବିଭିନ୍ନ ଅଞ୍ଚଳରେ ରାତ୍ରିରେ ବିଦ୍ୟୁତ ତାର ଚୋରି କରି ଗାଡି ଯୋଗେ ବାସୁଦେବପୁର ଏବଂ ଭଦ୍ରକର ବିଭିନ୍ନ କବାଡିଆ ଗୋଦାମରେ ବିକ୍ରି କରୁଥିଲେ। ତାର ଚୋରୀ ଘଟଣା ୧୦ ଜଣ ଫେରାର ଥିବାବେଳେ ପୋଲିସ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି ଭଦ୍ରକ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରିଥିଲେ ।

## ପ୍ରେମ ବ୍ୟାପାରକୁ ନେଇ ହତ୍ୟାକାଣ୍ଡ

# ୨୩ ଦିନ ପରେ ମିଳିଲା ଯୁବତୀର କଙ୍କାଳ : ପ୍ରେମିକ ଗିରଫ

ଯୋଡ଼ା, (ସବ୍ୟୁ) : କେନ୍ଦୁଝରଜିଲ୍ଲା ବଡବିଲ ଥାନା ଅଞ୍ଚଳରେ ପ୍ରେମ ବ୍ୟାପାରକୁ ନେଇ ପ୍ରେମିକାକୁ ପ୍ରେମିକ ହତ୍ୟା କରିଛି। ହତ୍ୟାର ୨୩ ଦିନ ପରେ ପୋଲିସ କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହି ପଞ୍ଚାୟତ ଝାଡ଼ଗାଁ ଗ୍ରାମର ଜନୈକା ନିଖୋଜ ଯୁବତୀଙ୍କ କଙ୍କାଳ ରୋଇଡା ଅଞ୍ଚଳରେ ମାଟିତଳୁ ଜବତ କରିଛି। ଏହି ଘଟଣାରେ ହତ୍ୟାକାରୀ ପ୍ରେମିକକୁ ପୁଲିସ ଗିରଫ କରିଛି। ମୃତ ଯୁବତୀ ଜଣକ ହେଲେ ଭଦ୍ରାସାହି ପଞ୍ଚାୟତ ସ୍ଥିତ ଝାଡ଼ଗାଁ ଗ୍ରାମର ଅନିତା ମହାକୁଡ଼ ବୋଲି ପୋଲିସି କହିଛି । ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର, ଯୁବତୀଙ୍କ ଚୁର୍ଣ୍ଣି, ଚପଲ ସମେତ ଏକ ବାଇକ ପୁଲିସ ଜବତ କରିଛି। ସୂଚନା ଅନୁସାରେ ବଡବିଲ ଥାନା, ଝାଡ଼ଗାଁର ସଂଗ୍ରାମ ଆଲଦା, ସେହି ଗ୍ରାମର ୨୧ ବର୍ଷର ଯୁବତୀ ଅନିତା ମହାକୁଡଙ୍କୁ ଏକତରଫା ପ୍ରେମ କରୁଥିଲା। ପ୍ରେମରେ ବିଫଳ ହେବାପରେ, ସାଙ୍ଗରେ ଗତ ମେ ମାସ ୧୧ ତାରିଖ ସନ୍ଧ୍ୟାରେ ତାକୁ କୌଶଳକରି ଡାକିନେଇଥିଲା ଓ ରୋଇଡ଼ା ଜଙ୍ଗଲରେ ଏକ ଧାରୁଆ ଛୁରୀରେ ତଣ୍ଟି କରିଦେଇଥିଲା। ହତ୍ୟା କରିବାପରେ ସେ ତାକୁ ସେହି ଜଙ୍ଗଲରେ ଛାଡି ଗାଁ କୁ ଫେରି ଆସିଥିଲା। ଘଟଣାର ୩ ଦିନ ପରେବି ଅନିତାଙ୍କ କୌଣସି ପତ୍ତା ନମିଳିବାରୁ ପରିବାର ଲୋକେ ଗତ ୧୪ ତାରିଖରେ ଝିଅ ଅନିତା ନିଖୋଜ ଥିବାନେଇ ପରିବାର ପକ୍ଷରୁ ବଡବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଓ ଏହି ନିଖୋଜ ପଛରେ ସାଙ୍ଗର ହାତଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଏହାକୁ ଗୁରୁତ୍ତର ଭାବେ ଗ୍ରହଣ କରିଥିଲେ ହେଁ, ପରିବାର ଲୋକଙ୍କୁ ଖୋଜାଖୋଜି କରିବାକୁ ପରାମର୍ଶ ଦେଇଥିଲେ। ପୁନର୍ବାର ପରିବାର ପକ୍ଷରୁ ଗତ ୬ ତାରିଖରେ ବଡବିଲ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ ସାଙ୍ଗା ହିଁ ତାଙ୍କ ଝିଅକୁ ହତ୍ୟା କରିଥିବା କହିଥିଲେ । ତଥାପି ପୁଲିସ କୌଣସି ପଦକ୍ଷେପ ନ ନେବାରୁ ପରିବାରଲୋକେ ଶନିବାର କେନ୍ଦୁଝର ଏସପିଙ୍କୁ ଭେଟିଥିଲେ। ଅନିତାକୁ ହତ୍ୟା କରିବା ଅଭିଯୋଗରେ ଅଭିଯୁକ୍ତ ପ୍ରେମିକ ସଂଗ୍ରାମ ଆଲଦାକୁ ଗିରଫ କରିବା ସହ ପୂରା ଘଟଣା ପଦାକୁ ଆଣିଛି ।ପୋଲିସ ଆଜି ସଂଗ୍ରାମକୁ ଥାନାକୁ ଉଠାଇଆଣି ପଚରାଉଚୁରା କରିବାପରେ ସେ ସବୁ ସତକଥା ମାନି ଯାଇଥିଲା। ଅଭିଯୁକ୍ତର କହିବା ଅନୁସାରେ ଗତ ୧୧ ତାରିଖ ସନ୍ଧ୍ୟାରେ ଯୁବତୀକୁ ଆଣି ପ୍ରଥମେ ରୋଇଡ଼ା ଜଙ୍ଗଲରେ ହତ୍ୟା କରିବାପରେ, ଏକ ବାଇକ ଆଗରେ ଯୁବତୀର ମୃତ ଦେହକୁ ନେଇ, ସିଦ୍ଧମଠ ସଂରକ୍ଷିତ ଜଙ୍ଗଲରେ ଏକ ଖାଲରେ ଫୋପାଡ଼ି ଦେଇଥିଲା। ମାଜିଷ୍ଟ୍ରେଟ ତଥା ବଡବିଲ ତହସିଲଦାର ରାକେଶ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଥାନା ଅଧିକାରୀ ଅଶୋକ କୁମାର ନାୟକ, ସାଇଣ୍ଟିଫିକ ଟିମ ର ଉପସ୍ଥିତିରେ ସିନରିକ୍ରିଏସନ କରାଯାଇଥିଲା। ଏକ ଖାଲ ଜାଗାରୁ ଯୁବତୀର କଙ୍କାଳ ଉଦ୍ଧାର କରାଯାଇଥିବାବେଳେ, ବଡବିଲ ଥାନା କେସ ନମ୍ବର ୨୩୯/୨୬ରେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଥିଲେ। ଯୁବତୀର ଓଢଣୀ, ଚପଲ ଓ ଏକ ବାଲଟିକୁ ପୋଲିସ ଜବତ କରିଥିବା ଜଣାଯାଇଛି।

ପୁଲିସ ଠାରୁ ମିଳିଥିବା ସୂଚନା ଅନୁସାରେ ସଂଗ୍ରାମ ଏବଂ ଅନିତାଙ୍କ ମଧ୍ୟରେ ଅନେକ ଦିନରୁ ପ୍ରେମ ସମ୍ପର୍କ ରହିଥିଲା। ୩/୪ ମାସ ତଳେ ସଂଗ୍ରାମ ବାହାରକୁ ଯାଇଥିବାବେଳେ ଅନିତା ଅନ୍ୟ ଜଣେ ଯୁବକକୁ ପ୍ରେମ କରୁଥିବା ନେଇ ସଂଗ୍ରାମଙ୍କ ସନ୍ଦେହ ହୋଇଥିଲା । ସଂପୃକ୍ତ ଯୁବକଙ୍କ ସହ ଅନିତାଙ୍କ କିଛି ଫଟୋ ଓ ଭିଡିଓ ଇନଷ୍ଟାଗ୍ରାମରେ ଦେଖିବା ପରେ ସଂଗ୍ରାମଙ୍କ ଉତ୍ତ୍ୟକ୍ତ ହୋଇପଡିଥିଲେ। ମେ ୧୧ରେ ଅନିତାକୁ ଦେଖା କରିବା ପାଇଁ ସେ ଡାକିଥିଲା । ଘର ଠାରୁ ପ୍ରାୟ ଅଧ କିମି ଦୂର ଫୁଟବଲ ପଡ଼ିଆ ଉପରପଟେ ଥିବା ଏକ କେନ୍ଦୁଗଛ ନିକଟରେ ଉଭୟଙ୍କ ସାକ୍ଷାତ ହୋଇଥିଲା । ଏକ ଧାରୁଆ ଛୁରୀରେ ଅନିତାର ବେକକୁ ଚୋଟ ପରେ ଚୋଟ ପକାଇ ଚାଲିଲା। ସଂଗ୍ରାମ। ଅନିତାର ମୃତ୍ୟୁ ଘଟିଥିଲା। ମୃତଦେହ ଛାଡ଼ି ସଂଗ୍ରାମ ଚାଲିଯାଇଥିଲା । ପ୍ରମାଣ ନଷ୍ଟ କରିବା ପାଇଁ ରକ୍ତ ଛିଟା ପଡ଼ିଥିବା ନିଜର ପୋଷାକକୁ ବଳିତା ଡ୍ୟାମ ନିକଟରେ ଫୋପାଡ଼ିବା ପରେ ରାତି ଅନ୍ଧାରରେ ମୃତଦେହକୁ ବାଇକରେ ଲଦି ୫ କିମି. ଦୂର ରଇଡ଼ା ସ୍ଥିତ ସିଦ୍ଧମଠ ସଂରକ୍ଷିତ ଜଙ୍ଗଲକୁ ନେଇଥିଲା । ସେଠାରେ ଏକ ଖାତରେ ମୃତଦେହକୁ ପୋତିବା ସହ ପାଖରେ ଥିବା ଅନ୍ୟ ଏକ ଖାତରେ ଅନିତାଙ୍କ ଚୁନି, ଚପଲ, ଧାରୁଆ ଅସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଫୋପାଡ଼ି ଦେଇଥିଲା। ଏନେଇ ବଡ଼ବିଲ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସଂଗ୍ରାମ ଆଲଦାକୁ କୋର୍ଟ ଚାଲାଣ କରାଯାଇଛି।

# ବନ କର୍ମଚାରୀଙ୍କ ସାଇକେଲ ଯାତ୍ରା

ଠାକୁରମୁଣ୍ଡା, (ସବ୍ୟୁ): ସୁସ୍ଥତା, ସୁ – ସ୍ୱସ୍ଥ୍ୟେ ପାଇଁ ସାଇକେଲ ଚାଳନାର ବାର୍ତ୍ତା ନେଇ ଠାକୁରମୁଣ୍ଡା ବନାଞ୍ଚଳ ପକ୍ଷରୁ ଏକ ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଫିଟ ଇଣ୍ଡିଆ ଆନ୍ଦୋଳନ ଡାକରା ଆଧାରରେ ବିଶ୍ୱ ବାଇସାଇକେଲ ଦିବସ ପାଇଁ ୭ ତାରିଖ ସକାଳେ ରେଞ୍ଜ କାର୍ଯ୍ୟାଳୟ ନିକଟରୁ ବ୍ଲକ ଅଫିସ, ଦିଗଧର, ଖୁଣ୍ଟାପୋଷି ଦେଇ ପୁନର୍ବାର କାର୍ଯ୍ୟାଳୟକୁ ଫେରିଥିଲେ ।ନିଜକୁ ଫିଟ ରଖିବା ସହିତ ପରିବେଶ ଅନୁକୂଳ ଯାତ୍ରା ସାଇକେଲ ଦ୍ୱାରା ସମ୍ଭବ । ତୈଳ ସଙ୍କଟ ମୁକାବିଲା ପାଇଁ ସାଇକେଲ ଶ୍ରେଷ୍ଠ ଉଦ୍ଭାବନ ଯେ ପୂର୍ବରୁ ଲୋକେ ସାଇକେଲ ବ୍ୟବହାର ଦ୍ୱାରା ନିରୋଗ ରହୁଥିଲେ ଏବଂ ପରିବେଶ ସୁସ୍ଥ ଥିଲା ବୋଲି ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା କହିଥିଲେ। ଆସନ୍ତୁ ସମସ୍ତେ ସ୍ଥାନୀୟ ଅଞ୍ଚଳରେ ସାଇକେଲ ବ୍ୟବହାର କରିବା, ସୁସ୍ଥ, ନିରୋଗ ରହିବା ସହିତ ପରିବେଶକୁ ସୁସ୍ଥ ରଖିବା ବୋଲି ଆହ୍ୱାନ ଦେଇଥିଲେ ।

# ରଣ ଆଦାୟ ଟଙ୍କା ଆତ୍ମସାତ : ଫାଇନାନ୍ସ କର୍ମଚାରୀ ଗିରଫ



ଆନନ୍ଦପୁର ,(ସବ୍ୟୁ): ରଣଗ୍ରାହକଙ୍କ ଠାରୁ ଆଦାୟ ହୋଇଥିବା ଇଏମଆଇ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ଘସିପୁରା ପୋଲିସ ଜଣେ ଫାଇନାନ୍ସ କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ କଦଳା ଗ୍ରାମର ରାକେଶ ସାମଲ (୨୮)।ଘସିପୁରା ସ୍ଥିତ ଆରୋହଣ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ୍ର ଶାଖା ପରିଚାଳକ ବିଶ୍ୱପ୍ରକାଶ ଦାସଙ୍କ ଅଭିଯୋଗ ଅନୁଯାୟୀ, ରାକେଶ ସଂସ୍ଥାର ଏଜେଣ୍ଟ ଭାବେ କାର୍ଯ୍ୟରତ ଥିବାବେଳେ ୪୩ ଜଣ ଗ୍ରାହକଙ୍କ ଠାରୁ ରଣ କିସ୍ତି (ଇଏମଆଇ) ବାବଦରେ ୫ ଲକ୍ଷ ୭୦ ହଜାର ୧୫୭ ଟଙ୍କା ସଂଗ୍ରହ କରିଥିଲେ। କିନ୍ତୁ ସେହି ଅର୍ଥ ବ୍ୟାଙ୍କରେ ଜମା ନକରି ନିଜ ପାଖରେ ରଖି ଆତ୍ମସାତ କରିଥିବା ଅଭିଯୋଗ ହୋଇଛି।ଏନେଇ ଘସିପୁରା ଥାନାରେ ମାମଲା ରୁଜୁ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଅଭିଯୋଗର ସତ୍ୟତା ପ୍ରମାଣିତ ହେବା ପରେ ରାକେଶଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।ଏସଡିପିଓ କମଳ ଲୋଚନ ପଣ୍ଡା ଏହି ସୂଚନା ଦେଇଛନ୍ତି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଫିଟ୍ ରହିବାର ସିକ୍ରେଟ ବତାଇଲେ ଖଇରା ଆଇଆଇସି

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ର ବିଭିନ୍ନ ଥାନା ପକ୍ଷରୁ ରବିବାର ସାଇକେଲ ଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଥିବା ବେଳେ ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକ ମଧ୍ୟ ନିଜ କର୍ମଚାରୀଙ୍କ ସହ ୬କିମି ର ସାଇକେଲ ଯାତ୍ରା କରି ପରିବେଶକୁ ସୁସ୍ଥ ଓ ସୁନ୍ଦର ରଖିବାର ବାର୍ତ୍ତା ଦେଇଛନ୍ତି । ଏହା ମାଧ୍ୟମରେ ନିଜକୁ ଫିଟ ରଖାଯାଇପାରିବ ବୋଲି ମଧ୍ୟ କହିଛନ୍ତି । ତାଙ୍କ ନେତୃତ୍ୱରେ ଏହି ସାଇକେଲ ଶୋଭାଯାତ୍ରା ଖଇରା ଥାନାରୁ ବାହାରି ମହତୀପୁର ଛକ ପର୍ଯ୍ୟନ୍ତ ଯାଇ ପୁନଶ୍ଚ ଥାନାକୁ ଫେରିଥିଲା । ତାଙ୍କ ସହ ଏଏସଆଇ ଗୌରହରି ବୁଗୁଡାଇ,ସଞ୍ଜୀବ ଖୁଣ୍ଟିଆ,ମନସ୍ମିତା ମହାନ୍ତି ପ୍ରମୁଖ ସାମିଲ ଥିଲେ ।

# ପିକ୍ଅପ୍ ଧକ୍କାରେ ଗୋରୁ ମୃତ୍ୟୁ ରାସ୍ତାରୋକ

ବାଲେଶ୍ୱର,(ସବ୍ୟୁ): କମର୍ଦା–ଉଡ଼ା ମୁଖ୍ୟ ରାସ୍ତାକଡ଼ରେ ଚରୁଥିବା ଏକ ଗାଈକୁ ପିକ୍ଅପ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ଗାଈଟିର ମୃତ୍ୟୁ ଘଟିଛି। ତେବେ ପଶୁ ଚିକିତ୍ସକଙ୍କ ଅବହେଳାରୁ ଏଭଳି ଘଟିବା ପ୍ରତିବାଦରେ ସ୍ଥାନୀୟ ଲୋକେ କିଛି ସମୟ ରାସ୍ତା ଅବରୋଧ କରିଥିଲେ । ସୋମବାର ଅପରାହ୍ନରେ ପିପ୍ ଧକ୍କାରେ ଗୋରୁଟି ଆହତ ହୋଇଥିଲା। ତତ୍କ୍ଷଣାତ ଦୁଡ଼ପଲଠାରେ ଅବସ୍ଥିତ ପଶୁ ଚିକିତ୍ସାକେନ୍ଦ୍ରକୁ ଯୋଗାଯୋଗ କରାଯାଇଥିଲା। ହେଲେ ଏହି ପଶୁ ଚିକିତ୍ସା କେନ୍ଦ୍ରକୁ ଡାକ୍ତର ନିୟମିତ ଆସୁନଥିବାରୁ ଚିକିତ୍ସା ଅଭାବରୁ ଗୋରୁଟି ପ୍ରାଣ ହରାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା ।

# ୧୫ ତାରିଖକୁ ଘୁଞ୍ଚିଲା ଜିଲ୍ଲାପାଳଙ୍କ ଜନଶୁଣାଣି

ବାଲେଶ୍ୱର,(ସବ୍ୟୁ): ସୋମବାର ଦିନ ହେବାକୁ ଥିବା ଜିଲ୍ଲାପାଳ ଓ ଏସ୍ପିଙ୍କ ମଳିତ ଜନ ଅଭିଯୋଗ ଶୁଣାଣି ଶିବିରକୁ ବିଶେଷ କାରଣ ପାଇଁ ସ୍ଥଗିତ ରଖିଛନ୍ତି ଜିଲ୍ଲାପାଳ। ପୂର୍ବରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ୮ ତାରିଖ ଦିନ ଏହି ଜନଶୁଣାଣି ଶୁଣାଣି ଶିବିର ବସ୍ତା ବ୍ଲକ୍ କାର୍ଯ୍ୟାଳୟରେ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା । ତେବେ ୮ ଓ ୯ ତାରିଖ ଦିନ ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ଘାଟିରେ ଡିଆରଡିଓ ପକ୍ଷରୁ ଏକ ବାୟୁଯାନ ପରୀକ୍ଷଣ ପାଇଁ ଜିଲ୍ଲା କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ବ୍ୟସ୍ତ ରହିବେ। ତେଣୁ ବସ୍ତା ବ୍ଲକ୍ରେ ହେବାକୁ ଥିବା ଏହି ଅଭିଯୋଗ ଶୁଣାଣି ଶିବିରକୁ ଆସନ୍ତା ତାରିଖ ଘୋଷଣା ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା ବୋଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଥିଲା । ହେଲେ ଖରାପ ପାଗ ଯୋଗୁ ଶେଷ ମୁହୂର୍ତ୍ତରେ ଏହି ପରୀକ୍ଷଣକୁ ବାତିଲ କରାଯାଇଛି। ଏଥିସହ ଆସନ୍ତା ୧୫ ତାରିଖରେ ଉକ୍ତ ଜନଶୁଣାଣି ଶିବିର ବସ୍ତାରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ପ୍ରଶାସନ ସୂଚନା ଦେଇଛି ।

# ନୂତନ ସାଓମି ୧୭ଟିର ଶୁଭାରମ୍ଭ

ଯୋଡା,(ସବ୍ୟୁ): ସାଓମି ଇଣ୍ଡିଆ ପକ୍ଷରୁ ସାଓମି ୧୭ଟିର ଶୁଭାରମ୍ଭ କରାଯାଇଛି ।ସାଓମି ୧୭ଟିର କେନ୍ଦ୍ରରେ ଏକ ଲେଇକା–ପରିଚାଳିତ ଟ୍ରିପଲ କ୍ୟାମେରା ସିଷ୍ଟମ ରହିଛି ଯେଉଁଥିରେ ଏକ ୫୦ଏମପି ମେନ କ୍ୟାମେରା, ଏକ ଲେଇକା ୫ଏକ୍ସ ପେରିସ୍କୋପ ଟେଲିଫଟୋ କ୍ୟାମେରା ରହିଛି । ସାଓମି ୧୭ଟି ଲେଇକା ଲାଇଭ ମୁମେଂଟର ମଧ୍ୟ ଆରମ୍ଭ କରିଛି, ଏକ ନୂତନ ଇମେଜିଂ ଅନୁଭୂତି ଯାହା କେବଳ ନିର୍ଣ୍ଣାୟକ ମୁହୂର୍ତକୁ କ୍ୟାପଚର କରିବା ପରିବର୍ତେ ଦୈନନ୍ଦିନ ସ୍ମୃତିଗୁଡିକୁ ସମୃଦ୍ଧ ଭିଜୁଆଲ କାହାଣୀରେ ପରିବର୍ତନ କରିଥାଏ ଛ ଏହି ଡିଭାଇସରେ ୩୫୦୦ ନିଟ୍ସ ପର୍ଯ୍ୟନ୍ତ ପିକ୍ ବ୍ରାଇଟନେସ୍ ସହ ୬.୫୯ ଇଂଚ ୧.୫କେ ଆମୋଲେଡ ଡିସପ୍ଲେ ଓ ୧୨୦ଏଚଜେଡ ରିଫ୍ରେଶ ରେଟ ରହିଛି ଯାହା ଉଜ୍ଜ୍ୱଳ ସୂର୍ଯ୍ୟାଲୋକରେ ମଧ୍ୟ ସ୍ପଷ୍ଟ ରଙ୍ଗ ଓ ଚମତ୍କାର ଭିଜିବିଲିଟି ଦେଇଥାଏ । ସାଓମି ୧୭ଟି , ଏକ ଇଂଟେଲିଜେଂଟ ଆଇ–କେୟାର ସିଷ୍ଟମ ସାଓମି ଭିଜନ କେୟାରର ଶୁଭାରମ୍ଭ କରିଛି ଯାହା ବ୍ଲୁ ଲାଇଟ ଏକ୍ସପୋଜର, ଫ୍ଲିକର ଓ ଭିଜୁଆଲ ଥକ୍କାପଣକୁ ନିୟନ୍ତ୍ରଣ କରିଥାଏ ।

# ୬କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ : ୩ଗିରଫ

ଭଦ୍ରକ,(ସବ୍ୟୁ) :ସାମୂହିକ ଭାବେ ସାଇବର ଠକେଇ। ୬କୋଟିରୁ ଅଧିକ ଟଙ୍କା ଠକେଇ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ଭଦ୍ରକ ଜିଲ୍ଲା। ସାଇବରକ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ । ଗିରଫ ହୋଇଥିବା ଏନାୟତ୍ କାଦ୍ରୀ,ସେହବାଜ୍ କାଦ୍ରୀ ଓ ଏମଡି ଫରହାନ ଖାନ୍। ଦେଶସାରା ସାଇବର ଠକେଇର ଏଜେଣ୍ଟ ଥିଲେ ଏମାନେ। ବିଭିନ୍ନ ଉପାୟରେ ଠକେଇ ଟଙ୍କାକୁ ବିନିଯୋଗ କରିଥିଲେ। ବ୍ୟାଙ୍କ୍ ଆକାଉଣ୍ଟ ଡିଟେଲ,ଏଟିଏମ୍ କାର୍ଡ ତଥ୍ୟ,ଇଣ୍ଟରନେଟ ବ୍ୟାଙ୍କିଙ୍ଗ ଡାଟା ଆଦିକୁ ତଥ୍ୟଭାବେ ସାଇବର ପୋଲିସ ବ୍ୟବହାର କରି ଗ୍ୟାଙ୍ଗ ନିକଟରେ ପହଂଚିଥିଲେ। ଦେଶର ବିଭିନ୍ନ ରାଜ୍ୟରୁ ଡିଜିଟାଲ ଠକେଇରେ ସାମିଲ ଥିଲେ। ସେମାନଙ୍କର ମାଷ୍ଟରମାଇଣ୍ଡ ନିକଟରେ ପହଂଚିବା ପାଇଁ ପୋଲିସ ଚେଷ୍ଟା କରୁଛି। ଏମାନଙ୍କ ନିକଟରୁ ଦାମୀ ବାଇକ,ନଗଦ ୨ଲକ୍ଷ ଟଙ୍କା,ସୁନା ସହ ପ୍ରି–ଆକ୍ଟିଭ ସିମ୍,ବ୍ୟାଙ୍କ ପାସବୁକ୍,ଚେକ୍ ବହି ଓ ଏଟିଏମ୍ ସହ ବହୁ ଠକେଇ ସାମଗ୍ରୀ ଜବତ୍ ହୋଇଛି ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

## ଭଦ୍ରକରେ ଏସ୍ଆଇଆର ପ୍ରକ୍ରିୟାରେ ଉଲ୍ଲେଖନୀୟ ଅଗ୍ରଗତି

# ୮୪.୭୪ ପ୍ରତିଶତ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ବଣ୍ଟନ

ଭଦ୍ରକ,(ସବ୍ୟୁ): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) କାର୍ଯ୍ୟକ୍ରମ ଅନ୍ତର୍ଗତ ଭଦ୍ରକ ଜିଲ୍ଲାରେ ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ,ରାଜ୍ୟର ସମୁଦାୟ ୧କୋଟି ୯୮ଲକ୍ଷ ୯୭ହଜାର ୩୩୧ଜଣ ଅର୍ଥାତ ମୋଟ ଭୋଟରର ୫୯.୫୭ପ୍ରତିଶତ ଭୋଟରଙ୍କୁ ସଫଳତାର ସହ ପରିଗଣନା ଫର୍ମ ବଣ୍ଟନ କରାଯାଇସାରିଛି। ଜିଲ୍ଲାରେ ମୋଟ ୧୨,୮୪,୬୧୮ଜଣ ମତଦାତା ଥିବା ବେଳେ ସେମାନଙ୍କ ମଧ୍ୟରୁ ୮୪.୭୪ପ୍ରତିଶତ ମତଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆରଆଇ) କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଭଦ୍ରକ ଜିଲ୍ଲାର ୪୫–ବାସୁଦେବପୁର ବିଧାନସଭା କ୍ଷେତ୍ର ଅନ୍ତର୍ଗତ ତିହିଡ଼ି ବ୍ଲକର ବିଭିନ୍ନ ବୁଥ ପରିଦର୍ଶନ କରିଥିଲେ ଇଆରଓ–ତଥା ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ। ପରିଦର୍ଶନ ସମୟରେ ସେ ବୁଥ ସ୍ତରରେ ଚାଲିଥିବା ଫର୍ମ ବଣ୍ଟନ,ମତଦାତାଙ୍କ ସହ ସମନ୍ୱୟ ଏବଂ ବିଏଲ୍ଓମାନଙ୍କ ଦ୍ୱାରା କରାଯାଉଥିବା ଘରକୁଘର ଯାଇ ସଚେତନତା ଓ ତଥ୍ୟ ସଂଗ୍ରହ କାଯ୍ୟର ସମୀକ୍ଷା କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଥ୍ସ୍ତରୀୟ ଅଧିକାରୀ (ବିଏଲ୍ଓ)ମାନେ ଘରକୁ ଘର ବୁଲି ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟ କରୁଛନ୍ତି। ଅବଶିଷ୍ଟ ମତଦାତାଙ୍କ ନିକଟରେ ମଧ ଶୀଘ୍ର ଫର୍ମ ପହଂଚାଇବା ସହ ୨୮ଜୁନ୍ ୨୦୨୬ସୁଦ୍ଧା ସମସ୍ତ ଫର୍ମ ସଂଗ୍ରହ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି। ଜିଲ୍ଲା ପ୍ରଶାସନ ସମସ୍ତ ଯୋଗ୍ୟ ମତଦାତାଙ୍କୁ ବିଏଲ୍ଓଙ୍କୁ ସହଯୋଗ କରିବା,ପରିଗଣନା ଫର୍ମ ଯଥାଶୀଘ୍ର ପୂରଣ କରି ଦାଖଲ କରିବା ଏବଂ ନିଜର ନାମ ଭୋଟର ତାଲିକାରେ ସୁନିଶ୍ଚିତ କରିବାକୁ ଅନୁରୋଧ କରିଛି। ମତଦାତାମାନେ ଚାହିଁଲେ ଅନଲାଇନ୍ ମାଧ୍ୟମରେ ମଧ ଫର୍ମ ଦାଖଲ କରିପାରିବେ। ଭୋଟର ତାଲିକାରେ ନାମ ସାମିଲ,ସଂଶୋଧନ କିମ୍ବା ଏହି ସମ୍ପର୍କିତ ଯେକୌଣସି ଜନସାଧାରଣ ସୂଚନା ଓ ସହାୟତା ପାଇଁ ନିର୍ବାଚନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାଗଣା ହେଲ୍ପଲାଇନ ନମ୍ବର ୧୯୫୦କୁ କଲ୍ କରି ସବିଶେଷ ସୂଚନା ପାଇପାରିବେ।

# ଆଦର୍ଶ ଚାଷୀ ହୃଦାନନ୍ଦଙ୍କ ପରଲୋକ

ଅସୁରାଳି,(ସବ୍ୟୁ): :ଧାମନଗର ବ୍ଲକ ରଇପୁର ପଂଚାୟତ କଣ୍ଟିକା ଗ୍ରାମର ବାର୍ଷିଆନ ଆଦର୍ଶ ଚାଷୀ ହୃଦାନନ୍ଦ ରାଉତ(୭୭)ଙ୍କର ପରଲୋକ ଘଟିଛି। ପରିଶ୍ରମୀ ଓ ଆତ୍ମ ବିଶ୍ୱାସୀ ମଣିଷ ରୂପେ ପରିଚିତ ହୃଦାନନ୍ଦ ବର୍ଷ ବର୍ଷ ଧରି ଚାଷ କରିବା ସହ ଅଗ୍ରଣୀ ଚାଷୀ ଭାବେ ଅଂଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏଥି ସହିତ ସେ ଜଣେ ଇଶ୍ୱର ବିଶ୍ୱାସୀ ଅନୁଷ୍ଠାନ ପ୍ରେମୀ ମଣିଷ ଥିଲେ। କିଛି ଦିନ ତଳେ ସେ ମସ୍ତିଷ୍କଆଘାତର ଶିକାର ହୋଇ ଚିକିତ୍ସିତ ହେଉଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସାନ ଭାଇ ବିଜେପି ସଙ୍ଗଠକ ଦୁଃଶାସନ ରାଉତଙ୍କ ସମେତ ପରିବାର ଲୋକେ ଉପସ୍ଥିତ ଥିଲେ। ହୃଦାନନ୍ଦଙ୍କ ପରଲୋକରେ ରଇପୁର ପଂଚାୟତ ଅଂଚଳରେ ଶୋକର ବାତାବରଣ ସୃଷ୍ଟି କରିଛି। ତାଙ୍କ ବିୟୋଗରେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ,ସାହିତ୍ୟିକ ଅଧ୍ୟାପକ ରବୀନ୍ଦ୍ର ବେହୁରିଆ,ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା ଉମାମଣି ସାହୁ,ସରପଞ୍ଚ ଜଗତାନନ୍ଦ ସେଠୀ,ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ,ପ୍ରଶାନ୍ତ ନାୟକ,ମନୋରଞ୍ଜନ ଦାସ,ଉମେଶ ବେହେରା,ଗୋପାଳ ଖଟୁଆ,ଦିପକ ଖଟୁଆ,ବିରେନ ପ୍ରଧାନ,ଲକ୍ଷ୍ମୀଧର ସେଠୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଆରଆରଡିଓ–ଡ଼ିବି ଟେକରେ ବିଶ୍ୱ ପରିବେଶ ଦିବସ ପାଳିତ

ଠାକୁରମୁଣ୍ଡା,(ସବ୍ୟୁ) : ସ୍ୱେଚ୍ଛାସେବୀ ସଂଗଠନ ରୁରାଲ ରିସର୍ଚ୍ଚ ଏଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେସନର ପ୍ରତିଷ୍ଠା ଦିବସ ତଥା ବିଶ୍ୱ ପରିବେଶ ଦିବସ ୫ ତାରିଖରେ ପାଳିତ ହୋଇଯାଇଛି । ଦନ ବସ୍କୋ ଟେକ ସୋସାଇଟି ତାଲିମ କେନ୍ଦ୍ରରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ତଥା ଏସିଆ ବୁକ ଅଫ ରେକର୍ଡସରେ ସ୍ଥାନ ପାଇଥିବା ଶିଳ୍ପୀ ଦଶରଥ ମହାନ୍ତ ଯୋଗଦେଇ ପରିବେଶ ଦିବସର ଗୁରୁତ୍ୱ ଆଲୋଚନା କରିଥିଲେ ।ଯେ ଏଥି ସହିତ ତାଲିମାର୍ଥୀ କିପରି ନିଜକୁ ଦକ୍ଷ କରି ଗଢିବେ ଏବଂ ଆଗାମୀ ଦିନରେ କର୍ମନିଯୁକ୍ତି ହାସଲ କରିବେ ସେ ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ । ହାଉସ କିପିଙ୍ଗ ଓ ହୋଟେଲ ଶିଳ୍ପରେ କିପରି ନିଯୁକ୍ତି ସୁଯୋଗ ରହିଛି ଏବଂ ଆମକୁ କିପରି ନିଜକୁ ପ୍ରସ୍ତୁତ କରିବାକୁ ହେବ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଦକ୍ଷତା ବିକାଶ ହିଁ କର୍ମ ନିଯୁକ୍ତି ସୃଷ୍ଟିର ମାର୍ଗ ବୋଲି ସେ ଅଭିହିତ କରିଥିଲେ । ଆରଆରଡିଓ ସମ୍ପାଦକ ଶରତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ତାଲିମ ଦାତା ସତ୍ୟଜିତ ଦାସ, ଅଭିମନ୍ୟୁ ବେହେରା ଏବଂ ଗୋଲାପ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ତାଲିମାର୍ଥୀଙ୍କ ସହିତ ଅତିଥି ଚାରା ରୋପଣ କରିଥିଲେ ।

# ଶିଶୁ ବିକାଶ ବିଦ୍ୟାମନ୍ଦିରରେ ରଜ ମହୋତ୍ସବ




ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱରର ସହଦେବଖୁଣ୍ଟା ସ୍ଥିତ ଚାନ୍ଦମାରିପଡିଆ ନିକଟସ୍ଥ ଶିଶୁ ବିକାଶ ବିଦ୍ୟାମନ୍ଦିରରେ ରଜ ମହୋତ୍ସବ ପାଳିତ ହୋଇଅଛି।ଏହି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରଶ୍ମିକାନ୍ତ ପଣ୍ଡା ସଭାକାର୍ଯ୍ୟକୁ ଆଗେଇ ନେଇଥିଲେ। ସମ୍ପାଦକ ଜିତେନ୍ଦ୍ର କୁମାର ପ୍ରହରାଜ ଓ ଅତିଥିମାନଙ୍କ ମଧ୍ୟରେ ସମାଜସେବୀ ଜିତେନ୍ଦ୍ର ପରମାଣିକ, ଶିଶୁ ମଙ୍ଗଳ କମିଟିର ସଦସ୍ୟା ଗୌରୀରାଣୀ ଉପାଧ୍ୟାୟ,ବ୍ୟାସକବି ପରିଷଦର ସମ୍ପାଦକ ପ୍ରଭାତ କୁମାର ସାହୁ, ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ, ଦିନେଶ ବେହେରା, ୨୨ ନମ୍ବର ୱାର୍ଡର କାଉନ୍ସିଲର ଦେବାଶିଷ ସିଂ ଉପସ୍ଥିତ ଥିଲେ। ବିଦ୍ୟାଳୟର ପିଲାମାନେ ଅତିଥିମାନଙ୍କୁ ରଜଗୀତ ଗାଇ ରଜଦୋଳି ଝୁଲାଇ ସ୍ୱାଗତ କରିଥିଲେ। ଏଥିରେ ରଜଦୋଳି ଖେଳିବା ସହିତ ପିଠାପଣା, ରଜପାନ ଆଦି ବିତରଣ କରାଯାଇଥିଲା।ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରତିଯୋଗିତା ତଥା ଲୁଡୁ,କବାଡ଼ି, ସୀତା ଚୋରି, ଦହିବାଡ଼ି, କେରାମ୍, ବାଘଛେଳି,ଚେସ୍ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏହି ଅଂଚଳରେ ମହିଳାମାନଙ୍କ ପାଇଁ ଏକ ସୁନ୍ଦର କାର୍ଯ୍ୟକ୍ରମ ଲୁଡ଼ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ ଥିଲା। ଏହି ପ୍ରତିଯୋଗୀତା ବିଜେତା ରଶ୍ମି ଟୁଡୁ ରୁପାଲି ପାତ୍ର ଓ ଉପ ବିଜେତା ସସ୍ମିତା ବେହେରା ।, ରୀନା ବେହେରା ଉପଯୁକ୍ତ ଅର୍ଥରାଶି ପୁରସ୍କାର ଅତିଥି ଗୌରୀ ରାଣୀ ଉପାଧ୍ୟାୟଙ୍କ ଦ୍ୱାରା ପ୍ରଦାନ କରା ଯାଇଥିଲା। ବିଦ୍ୟାଳୟର ଭଉଣୀମାନଙ୍କ ମଧ୍ୟରେ ରଜ କୁଇନ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରଥମ ସୁଶ୍ରୀ ଅନନ୍ୟା ଅଭିସାରିକା ପ୍ରହରାଜ, ଦ୍ୱିତୀୟ ସୁଶ୍ରୀ ଆଦ୍ୟାଶା ଅଭିଲିପ୍ସା ପ୍ରହରାଜ, ତୃତୀୟ ସୁଶ୍ରୀ ପ୍ରୀତିରେଖା ସାହୁ ହୋଇଥିଲେ।ଏହି ଅଂଚଳର ବହୁପିଲାମାନେ ଏହି ସମସ୍ତ ଖେଳରେ ଅଂଶଗ୍ରହଣ କରିଥିଲେ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ

ବାଲେଶ୍ୱର,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରବିବାର ଦିନ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ ହୋଇଥିବା ୨୦୪ଟି ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟର ଷକାର୍ଦ୍ଧାଜିଲ୍ଲା କୁମାରବସ୍ତ ଠାରେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ଗେଙ୍ଗୁଟି ଉପ୍ରା ବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବାଲେଶ୍ୱର ଲୋକସଭା କ୍ଷେତ୍ରର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଭାପତି, ବାଲେଶ୍ୱର ଜିଲ୍ଲା ପରିଷଦ ନାରାୟଣ ପ୍ରଧାନ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶିବ ମାଲବ୍ୟ, ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ମଞ୍ଜୁଲତା ଆଚାର୍ଯ୍ୟ, ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ଐତିହାସିକ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ସାମିଲ ହୋଇଥିଲେ। ଏହି ସମୟରେ ଉକ୍ତ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ଆୟୁଷ କୁମାର ଘୋଡ଼ାଙ୍କ ସହିତ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ କଥା ବାର୍ତ୍ତା ହୋଇଥିଲେ । ବାଲେଶ୍ୱର ଜିଲ୍ଲାର ମୋଟ ୧୨ ଗୋଟି ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ଶୁଭ ଶିଳାନ୍ୟାସ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ବିଦ୍ୟାଳୟଗୁଡ଼ିକରେ ଉନ୍ନତ ଶିକ୍ଷା ପରିବେଶ, ଆଧୁନିକ ଶ୍ରେଣୀଗୃହ, ସ୍ମାର୍ଟ ଶିକ୍ଷଣ ବ୍ୟବସ୍ଥା, ପୁସ୍ତକାଳୟ, କ୍ରୀଡ଼ା ସୁବିଧା, ସୁରକ୍ଷିତ ପାନୀୟ ଜଳ ଏବଂ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଉପଲବ୍ଧ କରାଯିବ।

# ଜିନ୍ଦଲ ଷ୍ଟିଲ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



କେନ୍ଦୁଝର ,(ଜିପ୍ର) : ଜିନ୍ଦଲ ଷ୍ଟିଲ ପକ୍ଷରୁ ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନସା ମାଇନ୍ସରେ ବେଶ ଉତ୍ସାହର ସହ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାପକ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ବିଶ୍ୱ ପରିବେଶ ଦିବସ ଅବସରରେ ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ତଥା କୁରୁକ୍ଷେତ୍ର ସାଂସଦ ନବୀନ ଜିନ୍ଦଲ ସୋସିଆଲ ମିଡିଆରେ ଶୁଭେଚ୍ଛା ଜଣାଇବା ଅବସରରେ କହିଛନ୍ତି, ଭବିଷ୍ୟତ ପିଢ଼ି ପାଇଁ ଆମେ କେମିତି ପୃଥିବୀ ଛାଡ଼ିଯିବୁ, ତାହା କେବଳ ଆମେ କଣ ନିର୍ମାଣ କରିଛୁ ତାହା ଦ୍ୱାରା ନୁହେଁ, ବରଂ ଆମେ କଣ ସଂରକ୍ଷଣ କରିଛୁ ତାହା ଦ୍ୱାରା ମଧ୍ୟ ନିର୍ଦ୍ଧାରିତ ହେବ। ଦେଶ ଯେପରି ନିରନ୍ତର ଉନ୍ନତି ଓ ଅଗ୍ରଗତିର ପଥରେ ଆଗେଇ ଚାଲିଛି, ସେହିପରି ଆମ ବିକାଶର ଯାତ୍ରା, ଜୀବନ ଓ ଜୀବିକାର ଆଧାର ଥିବା ପ୍ରାକୃତିକ ସମ୍ପଦ ଏବଂ ପରିବେଶ ବ୍ୟବସ୍ଥା ପ୍ରତି ସଚେତନ ଓ ଦାୟିତ୍ୱଶୀଳ ହେବା ଆବଶ୍ୟକ ବୋଲି କହିଥିଲେ । ବଡ଼ବିଲ ପେଲେଟ ପ୍ଲାଣ୍ଟ ପରିସରରେ ୟୁନିଟ ହେଡ ସତୀଶ ସିନ୍ଦୁରିଆଙ୍କ ନେତୃତ୍ୱରେ ଏକ ମିନି ମାରାଥନର ଆୟୋଜନ ହୋଇଥିଲା। ଏହା ସହିତ ବ୍ୟାପକ ବୃକ୍ଷରୋପଣ ମଧ୍ୟ ହୋଇଥିଲା। ଏଥିରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ସାମିଲ ହୋଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା।ସେହିପରି କାଶିଆ ମାଇନ୍ସରେ ୟୁନିଟ ହେଡ ପ୍ରମୋଦ ପାତ୍ରଙ୍କ ନେତୃତ୍ୱରେ 'ଏକ ପେଡ ମା କେ ନାମ' ଅଭିଯାନରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହିତ ପରିବେଶ ଶପଥ ଗ୍ରହଣ ଉତ୍ସବ ଓ ପଥପ୍ରାନ୍ତ ନାଟକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ପରିଚାଳନା ଅଧିକାରୀରାଜୀବ କୁମାର ଏବଂ ବିକେଟି– ବିଜନେସ ହେଡ ଆଶିଷ ପାଣ୍ଡେ ଯୋଗଦେଇଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ କୁମାର ଏକ ଆମ୍ବୁଲାନ୍ସର ଶୁଭାରମ୍ଭ କରିଥିଲେ। ଟେନସା ମାଇନସରେ ମଧ ବିଶ୍ୱ ପରିବେଶ ଦିବସ ବେଶ ଉତ୍ସାହରେ ପାଳିତ ହୋଇଛି। ମାଇନ୍ସ ମୁଖ୍ୟ ରାଜେଶ ପଟେଲ ଓ ମାଇନ୍ସ ମ୍ୟାନେଜର ଭରଦ୍ୱାଜ ରାଉତଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ, ଶପଥ ଗ୍ରହଣ ଓ ସଫେଇ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସମସ୍ତ କାର୍ଯ୍ୟକ୍ରମ ପରିବେଶ ପରିଚାଳନା ବିଭାଗର ସକ୍ରିୟ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ଫଳ ବୃକ୍ଷ ରୋପଣ କରାଯାଇଥିଲା। ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ସହ ସଚେତନତାମୂଳକ ପଥପ୍ରାନ୍ତ ନାଟକ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଦେଓଝର ଜିନ୍ଦଲ ନଗରରେ ପ୍ରକୃତି ସୁରକ୍ଷା ଏବଂ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ଆଧାରିତ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

# ସାମ୍ବାଦିକ ସଞ୍ଜୟ ପାଇଲେ ସଂଯୋଗୀ ଶ୍ରଷ୍ଟା ସୃଜନୀ ସମ୍ମାନ



ଢେଙ୍କିକୋଟ ,(ସବ୍ୟୁ): ରାଜ୍ୟର ସୁନାମଧନ୍ୟ ଅଗ୍ରଣୀ ସଂଯୋଗୀ ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ବାର୍ଷିକଉତ୍ସବ ଘଟଗାଁ ସରସତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସାହିତ୍ୟ ସଂସଦର ସଭାପତି ଉପେନ୍ଦ୍ର ଦାସଙ୍କ ସଭାପତିତ୍ୱ କରିଥିଲେ । ଅନୁଷ୍ଠାନର ସମ୍ପାଦକ ବାବୁଲାଲ ପଲେଇଙ୍କ ସୁପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ଜିଲ୍ଲାର କବି, ସଂଗଠକ, ସମାଜସେବୀ ଡ.ବସନ୍ତ ମଞ୍ଜରି ଦାସ, ମୁଖ୍ୟ ବକ୍ତାଭାବେ ଜ୍ୟୋତିବିହାର ବିଶ୍ୱ ବିଦ୍ୟାଳୟ ବୁର୍ଲା ର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ଼କ୍ଟର ସୁନିତା ଦେବତା ,ଓ ସମ୍ମାନିତ ଅତିଥିଭାବେ ବରିଷ୍ଠ ସାହିତ୍ୟିକ ଦେବାଶିଷ ଚକ୍ରବର୍ତ୍ତୀ ଓ ମାଲକାନଗିରି ର କବି ଦିଗାମ୍ବର ବେହେରା ମଞ୍ଚାସୀନ ହୋଇଥିଲେ। କାର୍ଯକ୍ରମ ରେ ୩୦ ଟି ଜିଲ୍ଲାରୁ ୨୦୦ ରୁ ଅଧିକ ସାହିତ୍ୟିକ, କବି ,କବୟିତ୍ରୀ ମାନେ ଯୋଗଦେଇଥିଲେ। ଓଡିଶାର ବିଭିନ୍ନ ଶ୍ରଷ୍ଟା ମାନଙ୍କର ୧୨ ଖଣ୍ଡ ପୁସ୍ତକ ଉନ୍ମୋଚନ ହୋଇଥିଲା। ବହୁ ବରେଣ୍ୟ ବ୍ୟକ୍ତିଙ୍କୁ ସେମାନଙ୍କର ଉଲ୍ଲେଖନୀୟ ପ୍ରତିଭା ପାଇଁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟସ୍ତରୀୟ ମଞ୍ଚ ଉଦଘୋଷକ ସଞ୍ଜୟ କୁମାର ସାହୁ ଙ୍କୁ ଅନୁଷ୍ଠାନ ତରଫରୁ ଉତ୍ତରୀୟ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନକରି ସଂଯୋଗୀ ଶ୍ରଷ୍ଟା ,ସୃଜନୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସମ୍ପାଦକୀୟ

# ବିରୋଧୀ ମେଣ୍ଟରେ ଫାଟ!

ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାସକ ଦଳର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲେ ହେଁ ବିରୋଧୀ ଦଳର ଭୂମିକା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ତେଣୁ ସଚେତନ ଭାରତୀୟମାନେ କେବଳ ଏବର ବିଜେପି ନେତୃତ୍ୱରେ ଗଠିତ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର (NDA) ସରକାରଙ୍କୁ ଯେଉଁ ନଜରରେ ଦେଖିଥା'ନ୍ତି, ବିରୋଧୀ କଂଗ୍ରେସ ନେତୃତ୍ୱରେ ଗଠିତ ଇଣ୍ଡି ମେଣ୍ଟକୁ ମଧ୍ୟ ସେତିକି ଗୁରୁତ୍ୱ ଦେଇଥା'ନ୍ତି ।

ଓଡ଼ିଶାରେ ଦୀର୍ଘ ଚବିଶ ବର୍ଷ ଧରି କ୍ଷମତାସୀନ ରହିଥିବା ବିଜୁ ଜନତା ଦଳ ବା ବିଜେଡି ପରି ଆଞ୍ଚଳିକ ଦଳ ଯିଏ କି ଉଭୟ ଏନ୍‌ଡିଏ ଓ ୟୁପିଏ ଠାରୁ ସମଦୂରତା ରକ୍ଷା କରି ଆସୁଥିଲା, ଏବେ ସେହି ଦଳରେ ସଙ୍କଟ ସୃଷ୍ଟି ହୋଇଛି । ପଶ୍ଚିମବଙ୍ଗରେ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାରତୀୟ ତୃଣମୂଳ କଂଗ୍ରେସ ମଧ୍ୟ ସତ୍ତା ହରାଇବା ଉପରେ । ଯଦିଓ ଇଣ୍ଡି ମେଣ୍ଟ ସହ ଏହି ଦଳ ସମ୍ପର୍କ ରଖିଥିଲା, କିନ୍ତୁ କଂଗ୍ରେସ କବଳିତ ଇଣ୍ଡି ମେଣ୍ଟରେ ଏବେ ଯେପରି ଫାଟ ସୃଷ୍ଟି ହେଲାଣି ବୋଲି ମନେହୁଏ । ଯଦି ଭାରତରେ ଏକ ଦୃଢ଼ ବିରୋଧୀ ଦଳ ନ ରୁହେ, ତେବେ ଏଠାରେ ଗଣତନ୍ତ୍ର ଯେ ସୁସ୍ଥାବସ୍ଥାରେ ରହିଛି, ତାହା କୁହାଯାଇ ନପାରେ ।

ଏଇ ଜୁନ୍ ଆଠ ତାରିଖ(୨୦୨୬)ରେ ନୂଆଦିଲ୍ଲୀରେ ଇଣ୍ଡି ମେଣ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଚାଲିଥିଲା । ମାତ୍ର ଘରେ ପଶୁ ପଶୁ ମୁଣ୍ଡରେ ଚାଳ ବାଜିବା ପରି ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରକାଶ୍ୟରେ ଏକତ୍ର ହୋଇଥିବା ଇଣ୍ଡିମେଣ୍ଟରୁ ବିରୋଧୀ ଦଳଗୁଡ଼ିକ ଓହରି ଯାଇ ନାହାନ୍ତି, ମାତ୍ର ଡିଏମ୍‌କେ (ଦ୍ରାବିଡ ମୁନେତ୍ରା କାଜଗମ୍) ମୁଖ୍ୟ ଦଳ କଂଗ୍ରେସ ଠାରୁ ଦୂରତା ଅବଲମ୍ବନ କରୁଛି । ତାମିଲନାଡୁ ଘଟଣାରେ ଡିଏମ୍‌କେ ଓ କଂଗ୍ରେସ ମଧ୍ୟରେ ମତଭେଦ ଦେଖା ଦେଇଛି । ଏପରିକି ଲୋକସଭାରେ କଂଗ୍ରେସ ଦଳର ସାଂସଦମାନଙ୍କ ସହିତ ଏକାଠି ନ ବସିବା ଲାଗି ଡିଏମ୍‌କେ ଚିନ୍ତା କରିଛି । ପୂର୍ବରୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ମଧ୍ୟ ଇଣ୍ଡିମେଣ୍ଟରୁ ଓହରି ଯାଇଛି । ଏବେ ମଧ୍ୟ ଜେଏମ୍‌ଏମ୍ ସହିତ କଂଗ୍ରେସ ଦଳର ଭଲ ପଡୁନାହିଁ ।

**ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାର ବର୍ଷ ପୂର୍ବେ ଭାରତର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ । ସେ ତୃତୀୟ ଥର ଲାଗି ବିରୋଧୀ ଦଳଗୁଡ଼ିକୁ ବିସ୍ମିତ କରି ପ୍ରଧାନମନ୍ତ୍ରୀ ହୋଇଛନ୍ତି । ଦୁଇ ବର୍ଷ ତଳେ ଜୁନ୍ ୯ (୨୦୨୪)ରେ ମୋଦିଜୀ ତୃତୀୟ ଥର ଲାଗି ପ୍ରଧାନମନ୍ତ୍ରୀ ହୋଇଛନ୍ତି । ତାଙ୍କ ଶାସନ ବିରୋଧରେ ଇଣ୍ଡି ମେଣ୍ଟ ଏକତ୍ର ହେବା ପାଇଁ ଉଦ୍ୟମ ଆରମ୍ଭ କରିବା ବେଳକୁ ଏହି ମେଣ୍ଟରେ ଫାଟ ସୃଷ୍ଟି ହେବା ଏକ ଅଶୁଭ ସୂଚନା ବୋଲି ମନେ ହୋଇଥାଏ ।**

ଗତ ୨୦୨୪ ସାଧାରଣ ନିର୍ବାଚନ ପରେ ନୂଆଦିଲ୍ଲୀରେ ପ୍ରଥମ ଥର ଲାଗି ଇଣ୍ଡି ମେଣ୍ଟର ଯେଉଁ ବିଚାର ମନ୍ଥନ ଆଲୋଚନା (Brain Storming Session)ଅଧିବେଶନ ଆରମ୍ଭ ହୋଇଛି, ତାହାର ଫଳାଫଳ ଜଣା ପଡ଼ିବା ବେଳକୁ ଏ ଲେଖା ହୁଏତ ସରି ଯାଇଥିବ ।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାର ବର୍ଷ ପୂର୍ବେ ଭାରତର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ । ସେ ତୃତୀୟ ଥର ଲାଗି ବିରୋଧୀ ଦଳଗୁଡ଼ିକୁ ବିସ୍ମିତ କରି ପ୍ରଧାନମନ୍ତ୍ରୀ ହୋଇଛନ୍ତି । ଦୁଇ ବର୍ଷ ତଳେ ଜୁନ୍ ୯ (୨୦୨୪)ରେ ମୋଦିଜୀ ତୃତୀୟ ଥର ଲାଗି ପ୍ରଧାନମନ୍ତ୍ରୀ ହୋଇଛନ୍ତି । ତାଙ୍କ ଶାସନ ବିରୋଧରେ ଇଣ୍ଡି ମେଣ୍ଟ ଏକତ୍ର ହେବା ପାଇଁ ଉଦ୍ୟମ ଆରମ୍ଭ କରିବା ବେଳକୁ ଏହି ମେଣ୍ଟରେ ଫାଟ ସୃଷ୍ଟି ହେବା ଏକ ଅଶୁଭ ସୂଚନା ବୋଲି ମନେ ହୋଇଥାଏ ।

ରାଜ୍ୟର ବିଜେପି ସରକାରଙ୍କ ବିରୋଧରେ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଆସନ୍ତା ଜୁନ୍ ୧୦ (୨୦୨୬)ରେ ତାଙ୍କ ବିଜେଡି ଦଳର ପରାଜିତ ଓ ନିର୍ବାଚିତ ପ୍ରାର୍ଥୀମାନଙ୍କୁ ଶଙ୍ଖ ଭବନରେ ଏକାଠି ହେବାକୁ ପରାମର୍ଶ ଦେଇଛନ୍ତି । ମାତ୍ର ଯାହା ମନେ ହେଉଛି, କେନ୍ଦ୍ରର ଇଣ୍ଡି ମେଣ୍ଟ ଓ ରାଜ୍ୟର ବିରୋଧୀ ଦଳର ଗୋଡ଼ ତଳୁ ମାଟି ଧୀରେ ଧୀରେ ଖସି ଚାଲିଛି । ତେଣୁ ପ୍ରଧାନମନ୍ତ୍ରୀ ମୋଦି ବା ତାଙ୍କ ଦଳ ବିଜେପି ସମେତ ଅନ୍ୟାନ୍ୟ ସହଯୋଗୀ ଦଳଗୁଡ଼ିକ ବିରୋଧରେ ରାହୁଲ ଗାନ୍ଧିଙ୍କର ଏହି ମାନସ ମନ୍ଥନ ଅଧିବେଶନ କେତେଦୂର ଫଳପ୍ରଦ ହେବ, ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି ।

**ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,
ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ
ମୁଁ ଚୋରିକଲି ବୋଲି କହିବାକୁ ହେବ ।**
**(ମହାତ୍ମା ଗାନ୍ଧି)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପିଏମଏସଏମଏର ଏକ ଦଶନ୍ଧି : ସୁରକ୍ଷିତ ମାତୃତ୍ୱ ଦିଗରେ ଭାରତର ସଫଳ ଯାତ୍ରା



ଜଗତ ପ୍ରକାଶ ନଡ୍ଡା

ପ୍ରତ୍ୟେକ ମହିଳାଙ୍କ ସୁରକ୍ଷିତ ଗର୍ଭଧାରଣ ହେଉଛି ଏକ ଦେଶର ମହିଳାଙ୍କ ପ୍ରତି ପ୍ରତିବଦ୍ଧତାର ପ୍ରତିଫଳନ । ଯେଉଁ ଦେଶରେ ବାର୍ଷିକ ପ୍ରାୟ ୨.୯ କୋଟି ମହିଳା ଗର୍ଭଧାରଣ କରିଥାନ୍ତି, ସେଠାରେ ବ୍ୟାପକ ସ୍ତରରେ ସୁରକ୍ଷିତ ମାତୃତ୍ୱ ସୁନିଶ୍ଚିତ କରିବା ପାଇଁ ମଜବୁତ ସ୍ୱାସ୍ଥ୍ୟ ପ୍ରଣାଳୀ, ନିରନ୍ତର ରାଜନୈତିକ ପ୍ରତିବଦ୍ଧତା, ସଠିକ୍ ସମୟରେ ଆବଶ୍ୟକୀୟ ପଦକ୍ଷେପ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମାନ ଅଧିକାର ମିଳିବା ଏକାନ୍ତ ଆବଶ୍ୟକ । ଗତ ଦଶନ୍ଧି ମଧ୍ୟରେ ମାତୃ ମୃତ୍ୟୁହାରରେ ଆଶାତୀତ ହ୍ରାସ ଘଟିବା ଭାରତର ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳତାଗୁଡ଼ିକ ମଧ୍ୟରୁ ଅନ୍ୟତମ। ମାତୃ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିରନ୍ତର ପୁଞ୍ଜିନିବେଶ, ସ୍ୱାସ୍ଥ୍ୟସେବା ଯୋଗାଣ ପ୍ରଣାଳୀର ସୁଦୃଢ଼ୀକରଣ, ଜନଭାଗିଦାରୀ ଏବଂ ପ୍ରତ୍ୟେକ ମହିଳା ଯେପରି ସେମାନଙ୍କର ସମ୍ପୂର୍ଣ୍ଣ ଗର୍ଭାବସ୍ଥା ସମୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇପାରିବେ, ତାହା ସୁନିଶ୍ଚିତ କରିବା ପାଇଁ ଦେଶର ଅଟଳ ପ୍ରତିବଦ୍ଧତା ଯୋଗୁଁ ହିଁ ଏହି ପ୍ରଗତି ସମ୍ଭବ ହୋଇପାରିଛି । ଏଭଳି ପରିବର୍ତ୍ତନର ମୂଳରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ (ପି.ଏମ.ଏସ.ଏମ.ଏ.) ରହିଛି, ଯାହା ଇତି ମଧ୍ୟରେ ସାରା ଦେଶରେ ସୁରକ୍ଷିତ ମାତୃତ୍ୱକୁ ଆଗକୁ ବଢାଇବାର ଦଶ ବର୍ଷ ପୂରଣ କରିଛି । ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନା ଅନୁଯାୟୀ, ୯ ଜୁନ୍ ୨୦୧୬ରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। 'ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ' ( ପି.ଏମ.ଏସ.ଏମ.ଏ) ହେଉଛି ଏକ ଦେଶବ୍ୟାପୀ ଆନ୍ଦୋଳନ, ଯାହାର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ମାସର ୯ ତାରିଖରେ ସମସ୍ତ ଗର୍ଭବତୀ ମହିଳାଙ୍କୁ ସେମାନଙ୍କର ଦ୍ୱିତୀୟ ଏବଂ ତୃତୀୟ ତ୍ରୈମାସ ସମୟରେ ସମ୍ପୂର୍ଣ୍ଣ ମାଗଣାରେ ସୁନିଶ୍ଚିତ, ବ୍ୟାପକ ଏବଂ ଗୁଣାତ୍ମକ ପ୍ରସବପୂର୍ବ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା । ଏହି ୯ ତାରିଖକୁ ଚୟନ କରିବା ପଛରେ ଏକ ଗଭୀର ମହତ୍ତ୍ୱ ରହିଛି। ଗର୍ଭାବସ୍ଥା ହେଉଛି ନଅ ମୂଲ୍ୟବାନ ମାସର ଏକ ଯାତ୍ରା, ଯେଉଁଠି ପ୍ରତିଟି ମାସ ନୂଆ ଆଶା, ପ୍ରତୀକ୍ଷା ଏବଂ ଦାୟିତ୍ୱ ନେଇ ଆସିଥାଏ। ପ୍ରତ୍ୟେକ ମାସର ୯ ତାରିଖକୁ ମାତୃ ସ୍ୱାସ୍ଥ୍ୟ ପାଇଁ ସମର୍ପିତ କରି, ପି.ଏମ.ଏସ.ଏମ.ଏ ଏହି ବାର୍ତ୍ତା ଦେଇଥାଏ ଯେ ଏକ ସୁସ୍ଥ ଶିଶୁର ସୁରକ୍ଷିତ ଜନ୍ମ ପର୍ଯ୍ୟନ୍ତ, ସମ୍ପୂର୍ଣ୍ଣ ନଅ ମାସ ଯାକ ପ୍ରତ୍ୟେକ ଗର୍ଭାବସ୍ଥା ନିରନ୍ତର ଯତ୍ନ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସହଯୋଗ ପାଇବାକୁ ଯୋଗ୍ୟ। ମାତୃ ସ୍ୱାସ୍ଥ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ମଧ୍ୟରୁ ଗୋଟିଏ ହେଉଛି କୌଣସି ଗର୍ଭଧାରଣ ସମ୍ପୂର୍ଣ୍ଣ ବିପଦମୁକ୍ତ ନୁହେଁ । ଆଜି ସ୍ୱାଭାବିକ ଦେଖାଯାଉଥିବା ଗର୍ଭଧାରଣ ହୁଏତ ଆସନ୍ତାକାଲି ଗମ୍ଭୀର ଜଟିଳତା ସୃଷ୍ଟି କରିପାରେ । ଯେକୌଣସି ଗର୍ଭଧାରଣ ସତର୍କତା ବିନା ଅତି ମାତ୍ରାରେ ବିପଦପୂର୍ଣ୍ଣ ହୋଇପାରେ ବୋଲି ସ୍ୱୀକାର କରି, ପି.ଏମ.ଏସ.ଏମ.ଏ. ଏହିସବୁ ବିପଦଗୁଡ଼ିକୁ ତୁରନ୍ତ ଚିହ୍ନଟ କରି, ସେଗୁଡ଼ିକୁ ବିଧିବଦ୍ଧ ଭାବରେ ତଦାରଖ କରି ଏବଂ ସମୟୋଚିତ ରେଫରେଲ୍ ଏବଂ ପରିଚାଳନା ସୁନିଶ୍ଚିତ କରିବାର ଏକ ସରଳ ଏବଂ ପରିବର୍ତ୍ତନକାରୀ ପଦ୍ଧତି କାର୍ଯ୍ୟାନ୍ୱୟନ କରିଥିଲା। ଚିହ୍ନଟ ହୋଇଥିବା ପ୍ରତ୍ୟେକ ଉଚ୍ଚ- ବିପଦପୂର୍ଣ୍ଣ ଗର୍ଭାବସ୍ଥା ମାତୃ ମୃତ୍ୟୁ, ମୃତ ଶିଶୁ ପ୍ରସବ, ନବଜାତ ନିମନ୍ତେ ଥିବା ଜଟିଳତା କିମ୍ବା ଜୀବନବ୍ୟାପୀ ଅକ୍ଷମତାକୁ ରୋକିବାର ଏକ ସୁଯୋଗକୁ ପ୍ରତିନିଧିତ୍ୱ କରେ । ଏଭଳି ଜଟିଳତାକୁ ଚିକିତ୍ସା ମାଧ୍ୟମରେ ରୋକିବା ପାଇଁ ଧ୍ୟାନ କେନ୍ଦ୍ରିତ କରି, ପି.ଏମ.ଏସ.ଏମ.ଏ. ଭାରତର ମାତୃ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସଶକ୍ତ କରିଛି ଏବଂ କୋଟି କୋଟି ମହିଳାଙ୍କ ନିମନ୍ତେ ଗର୍ଭଧାରଣକୁ ସୁରକ୍ଷିତ କରିଛି । ପି.ଏମ.ଏସ.ଏମ.ଏର ଅନ୍ୟତମ ପ୍ରମୁଖ ସଫଳତା ହେଉଛି ବିଶେଷଜ୍ଞଙ୍କ ଦ୍ୱାରା ପ୍ରସବପୂର୍ବ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଏକ ନିର୍ଦ୍ଦିଷ୍ଟ ଦିନ ଏବଂ ସୁନିଶ୍ଚିତ ମଞ୍ଚର ପ୍ରତିଷ୍ଠା କରିବା, ଯାହା ସାରା ଦେଶରେ ମାତୃ ସ୍ୱାସ୍ଥ୍ୟସେବାରେ ସ୍ଥିରତା, ଦାୟିତ୍ୱ ଏବଂ ନିରନ୍ତରତା ଆଣିପାରିଛି। ଏହି କାର୍ଯ୍ୟକ୍ରମ ଅଧୀନରେ, ଗର୍ଭବତୀ ମହିଳାମାନଙ୍କର ପ୍ରାୟ ୨୫ଟି ଅତି ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟାର ଯାଞ୍ଚ କରାଯାଇଥାଏ ଯେଉଁଥିରେ ଅତ୍ୟଧିକ ରକ୍ତହୀନତା, ଉଚ୍ଚ ରକ୍ତଚାପ, ଗର୍ଭକାଳୀନ ମଧୁମେହ, ସଂକ୍ରମଣ ଏବଂ ଅନ୍ୟାନ୍ୟ ଜଟିଳତା ଅନ୍ତର୍ଭୁକ୍ତ, ଯାହା ଚିହ୍ନଟ ନହେଲେ ମା' ଏବଂ ନବଜାତ ଶିଶୁର ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ। ପି.ଏମ.ଏସ.ଏମ.ଏ. ଅଧୀନରେ ଜଣେ ବିଶେଷଜ୍ଞ/ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ନିୟମିତ ପ୍ରସବ ପୂର୍ବବର୍ତ୍ତୀ ଯତ୍ନ ପରିଦର୍ଶନ ବ୍ୟତୀତ ଉଚ୍ଚ ବିପଦପୂର୍ଣ୍ଣ ଗର୍ଭଧାରଣ ନିମନ୍ତେ ନିରନ୍ତର ତଦାରଖ ଆବଶ୍ୟକ ବୋଲି ପ୍ରମାଣ ମିଳିବାରୁ, ଭାରତ ସରକାର ୨୦୨୨ ମସିହାରେ ବିସ୍ତାରିତ ପି.ଏମ.ଏସ.ଏମ.ଏ. (ଇ- ପି.ଏମ.ଏସ.ଏମ.ଏ.) ରଣନୀତି ଆରମ୍ଭ କରି କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିଥିଲେ । ଇ- ପି.ଏମ.ଏସ.ଏମ.ଏ. ଅଧୀନରେ, ଉଚ୍ଚ ବିପଦପୂର୍ଣ୍ଣ ଗର୍ଭବତୀ ମହିଳାମାନେ ନିରାପଦ ପ୍ରସବ ପର୍ଯ୍ୟନ୍ତ ସମୟୋଚିତ ପରିଚାଳନା ସୁନିଶ୍ଚିତ କରିବା ପାଇଁ ନିୟମିତ ପି.ଏମ.ଏସ.ଏମ.ଏ. ଅଧିବେଶନ ବ୍ୟତୀତ ଅତିରିକ୍ତ ଫଲୋ- ଅପ୍ ପରିଦର୍ଶନର ସୁଯୋଗ ପାଇଥାଆନ୍ତି । ଏହି ପଦକ୍ଷେପ ଉଚ୍ଚ ବିପଦପୂର୍ଣ୍ଣ ଗର୍ଭଧାରଣର ନାମ-ଆଧାରିତ ଟ୍ରାକିଂ ବ୍ୟବସ୍ଥା ପ୍ରଚଳନ କରିଥିଲା ଏବଂ ପ୍ରସବ ପରେ ୪୫ତମ ଦିନ ପର୍ଯ୍ୟନ୍ତ ଫଲୋ-ଅପ୍ ପଦ୍ଧତିକୁ ମଜବୁତ କରିଥିଲା, ଯାହା ନିଶ୍ଚିତ କରିଥିଲା ଯେ ଶାରୀରିକ ଦୁର୍ବଳ ମହିଳାମାନେ ଗର୍ଭଧାରଣ ଏବଂ ପ୍ରସବ ପରବର୍ତ୍ତୀ ସମୟ ମଧ୍ୟରେ ନିରନ୍ତର ଚିକିତ୍ସା ସେବା ଓ ଯତ୍ନରେ ରହିବା ଜରୁରୀ । ଉଚ୍ଚ ବିପଦପୂର୍ଣ୍ଣ ଗର୍ଭବତୀ ମହିଳାମାନଙ୍କୁ ଅତିରିକ୍ତ ପରିଦର୍ଶନ ପାଇଁ ସାଙ୍ଗରେ ରଖି ସ୍ୱୀକୃତିପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ (ଆଶାକର୍ମୀ)ଙ୍କ ପାଇଁ ପ୍ରୋତ୍ସାହନ, ରେଫରାଲ୍ ଅନୁପାଳନ ଏବଂ ଯତ୍ନର ନିରନ୍ତରତାକୁ ଆହୁରି ବଳିଷ୍ଠ କରିଛି । କାର୍ଯ୍ୟାନ୍ୱୟନ, ତଦାରଖ ଏବଂ ଉତ୍ତରଦାୟିତ୍ୱକୁ ଆହୁରି ମଜବୁତ କରିବା ପାଇଁ, ଭାରତ ସରକାର ଏକ କେନ୍ଦ୍ରୀକୃତ ପି.ଏମ.ଏସ.ଏମ.ଏ. ଡିଜିଟାଲ୍ ପୋର୍ଟାଲ୍ ବିକାଶ ଘଟାଇଛନ୍ତି ଯାହା ସାରା ଦେଶରେ କାର୍ଯ୍ୟକ୍ରମ ପରିଚାଳନାର ମେରୁଦଣ୍ଡ ଭାବରେ କାର୍ଯ୍ୟ କରିଆସୁଛି । ଏହି ପୋର୍ଟାଲ ସେବା ପ୍ରଦାନର ବାସ୍ତବ-ସମୟ ରିପୋର୍ଟିଂ, ଉଚ୍ଚ-ବିପଦପୂର୍ଣ୍ଣ ଗର୍ଭଧାରଣର ନାମ-ଆଧାରିତ ଟ୍ରାକିଂ, କାର୍ଯ୍ୟକ୍ରମ କାର୍ଯ୍ୟଦକ୍ଷତାର ତଦାରଖ ଏବଂ ଜାତୀୟ ତଥା ରାଜ୍ୟ ସ୍ତରରେ ପ୍ରମାଣ-ଆଧାରିତ ନିଷ୍ପତ୍ତି ଗ୍ରହଣକୁ ସକ୍ଷମ କରିପାରିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ଏହି ପ୍ଲାଟଫର୍ମ ଘରୋଇ କ୍ଷେତ୍ରର ବିଶେଷଜ୍ଞ ଏବଂ ଗୋଷ୍ଠୀ ସ୍ୱେଚ୍ଛାସେବକମାନଙ୍କ ନାମ ପଞ୍ଜୀକରଣ ଏବଂ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଅନୁମତି ଦିଏ, ଯାହା ପି.ଏମ.ଏସ.ଏମ.ଏ.ର ହୃଦୟରେ ଥିବା ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ ଭାଗୀଦାରୀର ଦୃଷ୍ଟିକୋଣକୁ ଆହୁରି ବଳିଷ୍ଠ କରିଥାଏ । ପି.ଏମ.ଏସ.ଏମ.ଏ.ର ସଫଳତା ଭାରତର ମାତୃ ସ୍ୱାସ୍ଥ୍ୟ ଇକୋସିଷ୍ଟମରେ ସମନ୍ୱୟର ଗୁରୁତ୍ୱକୁ ମଧ୍ୟ ପ୍ରଦାନ କରେ । ଜନନୀ ସୁରକ୍ଷା ଯୋଜନା (ଜେ.ଏସ.ୱାଇ.), ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ (ଜେ.ଏସ.ଏସ.କେ.), ସୁରକ୍ଷିତ ମାତୃତ୍ୱ ଆଶ୍ୱାସନ (ସୁମନ), ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନକ (ଏନ.କ୍ୟୁ.ଏ.ଏସ.), ପୋଷଣ ଅଭିଯାନ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା (ପି.ଏମ.ଏମ.ଭି.ୱାଇ.), ଆୟୁଷ୍ମାନ ଭାରତ ଏବଂ ପ୍ରସୂତି ସେବା, ପ୍ରସବ ପରବର୍ତ୍ତୀ ଯତ୍ନର ଅପ୍ଟିମାଇଜେସନ୍ (ଓ.ପି.ଏନ.ସି.), ପି.ଏମ.ଏସ.ଏମ.ଏ. ଗର୍ଭାବସ୍ଥା, ପ୍ରସବ ଏବଂ ପ୍ରସବ ପରବର୍ତ୍ତୀ ସମୟ ମଧ୍ୟରେ ମହିଳାମାନଙ୍କ ପାଇଁ ଯତ୍ନର ଏକ ସଶକ୍ତ ନିରନ୍ତର ବ୍ୟବସ୍ଥା ଗଠନରେ ଅବଦାନ ରଖିଛି । ଏହି ପରିବର୍ତ୍ତନର ମୂଳରେ ଛାମୁଆ ସ୍ୱାସ୍ଥ୍ୟସେବା କର୍ମୀ ଯଥା ସ୍ୱୀକୃତିପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ (ଆଶା) ଅଙ୍ଗନୱାଡ଼ି କର୍ମୀ (ଏ.ଡବ୍ଲୁ.ଡବ୍ଲୁ.) ସହାୟକ ନର୍ସ ଧାତ୍ରୀ (ଏ.ଏନ.ଏମ.), ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସି.ଏସ.ଓ.), ନର୍ସ, ଧାତ୍ରୀ ଏବଂ ଚିକିତ୍ସା ଅଧିକାରୀମାନେ ରହିଛନ୍ତି । ସାର୍ବଜନୀନ ସଂକଳନ, ପରାମର୍ଶ, ସ୍କ୍ରିନିଂ, ରେଫରାଲ ଏବଂ ଫଲୋ-ଅପ୍ କ୍ଷେତ୍ରରେ ସେମାନଙ୍କର ନିଷ୍ଠାପର ଏବଂ ନିରବଚ୍ଛିନ୍ନ ପ୍ରୟାସ ଦେଶର ସବୁଠାରୁ ଦୁର୍ଗମ ଏବଂ ଅନୁନ୍ନତ କ୍ଷେତ୍ରରେ ମଧ୍ୟ ମାତୃ ସ୍ୱାସ୍ଥ୍ୟ ସେବା ମହିଳାଙ୍କ ନିକଟରେ ପହଞ୍ଚାଇବା ସୁନିଶ୍ଚିତ କରିଛି ।

ଏହି ସାମୂହିକ ପ୍ରୟାସର ପ୍ରଭାବ ଜାତୀୟ ସ୍ୱାସ୍ଥ୍ୟ ପରିଣାମରେ କ୍ରମଶଃ ଦୃଶ୍ୟମାନ ହେବାରେ ଲାଗିଛି । ୨୦୨୨-୨୪ ମସିହା ନିମନ୍ତେ କରାଯାଇଥିବା ସର୍ବଶେଷ ନମୁନା ପଞ୍ଜୀକରଣ ପ୍ରଣାଳୀ (ଏସ.ଆର.ସି.)ର ଆକଳନ ଅନୁଯାୟୀ, ଭାରତର ମାତୃ ମୃତ୍ୟୁ ଅନୁପାତ (ଏମ.ଏମ.ଆର.) ପ୍ରତି ୧୦୦,୦୦୦ ଶିଶୁ ପ୍ରସବରେ ୮୭କୁ ହ୍ରାସ ପାଇଛି, ଯାହା ଦେଶକୁ ୨୦୩୦ ମସିହା ସୁଦ୍ଧା ପ୍ରତି ଏକ ଲକ୍ଷ ନବଜାତକଙ୍କ ଜନ୍ମରେ ଏମ.ଏମ.ଆର.କୁ ୭୦ରୁ କମ୍ କରିବା ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାର ଯଥେଷ୍ଟ ନିକଟତର କରିଛି । ଏହି ଲାଭଗୁଡ଼ିକ ବ୍ୟାପକ ମାତୃ ସ୍ୱାସ୍ଥ୍ୟ ସୂଚକରେ ମଧ୍ୟ ପ୍ରତିଫଳିତ ହୁଏ । ସଦ୍ୟ ପ୍ରକାଶିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ.ଏଫ.ଏଚ.ଏସ.--୬, ୨୦୨୩-୨୪) ରିପୋର୍ଟ ଦର୍ଶାଇଛି ଯେ ଏନ.ଏଫ.ଏଚ.ଏସ.-୫ (୨୦୧୯-୨୧)ରେ ୮୮.୬% ରୁ ଆନୁଷ୍ଠାନିକ ପ୍ରସବ ୯୦.୬% କୁ ବୃଦ୍ଧି ପାଇଛି, ଯେତେବେଳେ ଏନ.ଏଫ.ଏଚ.ଏସ.-୫ ରେ ୯୨.୬%ରୁ ଏନ.ଏଫ.ଏଚ.ଏସ.-୬ରେ ୯୫.୯%କୁ ବଢ଼ିଛି । ଏହି ସଫଳତାଗୁଡ଼ିକ ଦର୍ଶାଉଛି ଯେ ପୂର୍ବ ଅପେକ୍ଷା ଅଧିକ ମହିଳାମାନେ ଅତ୍ୟାବଶ୍ୟକ ମାତୃ ସ୍ୱାସ୍ଥ୍ୟ ସେବା ସହଜରେ ପାଇପାରୁଛନ୍ତି, ପ୍ରସବଜନିତ ଜଟିଳତାର ପ୍ରାରମ୍ଭିକ ଚିହ୍ନଟ ଏବଂ ସମୟୋଚିତ ହସ୍ତକ୍ଷେପ ପାଇଁ ମୂଲ୍ୟବାନ ସୁଯୋଗ ସୃଷ୍ଟି କରୁଛି । ବିଶ୍ୱର ସର୍ବବୃହତ ବାର୍ଷିକ ପ୍ରସବଜନିତ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏକୁ ପରିଚାଳନା କରିବା ସମୟରେ ଏପରି ପ୍ରଗତି ହାସଲ କରିବା ଭାରତର ମାତୃ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପରିମାଣ ଏବଂ ପ୍ରଭାବକୁ ସଫଳତାର ସହିତ ପ୍ରଦର୍ଶିତ କରେ ।

**ଏକ ଦଶନ୍ଧିର ପ୍ରଭାବ**

ଗତ ଏକ ଦଶନ୍ଧି ମଧ୍ୟରେ ପି.ଏମ.ଏସ.ଏମ.ଏ.ର ପରିମାଣ ଏବଂ ପହଞ୍ଚରେ ଅଭୂତପୂର୍ବ ସଫଳତା ହାସଲ ହୋଇପାରିଛି । ୨୦୧୬ ମସିହାରେ ଏହାର ଶୁଭାରମ୍ଭ ହେବା ଦିନଠାରୁ, ସାରା ଦେଶରେ ଏହି କାର୍ଯ୍ୟକ୍ରମ ଅଧୀନରେ ୭.୫ କୋଟିରୁ ଅଧିକ ପ୍ରସବ ପୂର୍ବବର୍ତ୍ତୀ ଯାଞ୍ଚ କରାଯାଇଛି । ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ପି.ଏମ.ଏସ.ଏମ.ଏ. ୧.୧୭ କୋଟିରୁ ଅଧିକ ଉଚ୍ଚ-ବିପଦପୂର୍ଣ୍ଣ ଗର୍ଭଧାରଣକୁ ଚିହ୍ନଟ କରିବାରେ ସକ୍ଷମ ହୋଇଛି । ଏହି ସଫଳତାଗୁଡ଼ିକ କେବଳ ସଂଖ୍ୟା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ସେମାନେ ଲକ୍ଷ ଲକ୍ଷ ମା'ଙ୍କ ପ୍ରତିନିଧିତ୍ୱ କରନ୍ତି ଯେଉଁମାନଙ୍କର ଜଟିଳତା ଯଥାଶୀଘ୍ର ଚିହ୍ନଟ ହୋଇଥିଲା, ଯାହାଙ୍କ ଗର୍ଭଧାରଣର ଅଧିକ ଚିକିତ୍ସାଗତ ନିରୀକ୍ଷଣ କରାଯାଇଥିଲା, ଏବଂ ସମୟୋଚିତ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ମାଧ୍ୟମରେ ସେମାନଙ୍କର ଜୀବନ ଏବଂ ସେମାନଙ୍କ ନବଜାତ ଶିଶୁଙ୍କ ଜୀବନ ସୁରକ୍ଷିତ କରାଯାଇପାରିଛି । ପ୍ରତ୍ୟେକ ମା'ଙ୍କ ପାଇଁ, ଗର୍ଭଧାରଣ ହେଉଛି ଆଶାର ଏକ ଯାତ୍ରା । ପ୍ରତ୍ୟେକ ପରିବାର ପାଇଁ, ଏହା ଏକ ନୂତନ ଆରମ୍ଭର ପ୍ରତିଶ୍ରୁତି । ତଥାପି ବିଶ୍ୱର ଅସୁମାରି ମହିଳାଙ୍କ ପାଇଁ ଗର୍ଭଧାରଣ ଏଡାଇବା ବିପଦ ବହନ କରିଚାଲିଛି। ପି.ଏମ.ଏସ.ଏମ.ଏ. ଏକ ସରଳ ଅଥଚ ମଜଭୁତ ବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇଥିଲା, ଯେ ଜୀବନ ଦାନ କରିବା ସମୟରେ କୌଣସି ମହିଳା ନିଜ ଜୀବନ ହରାଇବା ଉଚିତ ନୁହେଁ ଏବଂ କୌଣସି ପରିବାର ପ୍ରତିରୋଧଯୋଗ୍ୟ ଗର୍ଭଧାରଣ-ସମ୍ବନ୍ଧୀୟ ଜଟିଳତା ପାଇଁ ମା'ଙ୍କୁ ହରାଇବା ଉଚିତ ନୁହେଁ । ଭାରତ ପି.ଏମ.ଏସ.ଏମ.ଏ.ର ଏକ ଦଶନ୍ଧି ପୂର୍ତ୍ତି ପାଳନ କରୁଥିବା ସମୟରେ, ଆମେ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳତା ଅପେକ୍ଷା ଢେର୍ ଅଧିକ କିଛି ପାଳନ କରୁ । ଆମେ ଲକ୍ଷ ଲକ୍ଷ ସୁରକ୍ଷିତ ଗର୍ଭଧାରଣ, ସୁସ୍ଥ ମାତା, ନବଜାତ ଶିଶୁଙ୍କ ପାଇଁ ଦୃଢ଼ ଅୟମାରମ୍ଭ ଏବଂ ଏହି ପରିବର୍ତ୍ତନରେ ଅବଦାନ ଦେଇଥିବା ସ୍ୱାସ୍ଥ୍ୟସେବା କର୍ମୀ, ଗୋଷ୍ଠୀ ଏବଂ ପରିବାରର ସାମୂହିକ ପ୍ରୟାସକୁ ପାଳନ କରୁଛୁ । ଆଗକୁ ଆମର ଯାତ୍ରା ସ୍ପଷ୍ଟ । ଆମକୁ ଗୁଣାତ୍ମକ ପ୍ରସବ ପୂର୍ବବର୍ତ୍ତୀ ଯତ୍ନ, ଉଚ୍ଚ-ବିପଦପୂର୍ଣ୍ଣ ଗର୍ଭଧାରଣ ଟ୍ରାକିଂ, ଧାତ୍ରୀ-ନେତୃତ୍ୱାଧୀନ ସେବା, ଡିଜିଟାଲ୍ ଉଦ୍‌ଭାବନ ଏବଂ ମାତୃ ସ୍ୱାସ୍ଥ୍ୟସେବା ପ୍ରତି ସମାନ ପହଞ୍ଚକୁ ସୁଦୃଢ଼ କରିବା ପ୍ରୟାସ ଜାରି ରଖିବାକୁ ପଡିବ । ପି.ଏମ.ଏସ.ଏମ.ଏ.ର ଅଭିଜ୍ଞତା ଏକ ସରଳ ସତ୍ୟକୁ ପୁନଃପ୍ରକାଶ କରିଛି : ଯେତେବେଳେ ପ୍ରତ୍ୟେକ ଗର୍ଭଧାରଣ ଉପରେ ନଜର ରଖାଯାଏ, ପ୍ରତ୍ୟେକ ବିପଦକୁ ଯଥାଶୀଘ୍ର ଚିହ୍ନଟ କରାଯାଏ ଏବଂ ପ୍ରତ୍ୟେକ ମହିଳା ସମୟୋଚିତ, ସମ୍ମାନଜନକ ଏବଂ ଗୁଣାତ୍ମକ ଯତ୍ନସେବା ପାଆନ୍ତି, ମାତୃ ମୃତ୍ୟୁ ଅନିବାର୍ଯ୍ୟ ହେବା ପରିବର୍ତ୍ତେ ଏହାକୁ ସହଜରେ ରୋକା ଯାଇପାରିବ । ପି.ଏମ.ଏସ.ଏମ.ଏ.ର ଦଶ ବର୍ଷର ଯାତ୍ରା କେବଳ ଏକ କାର୍ଯ୍ୟକ୍ରମର ଉତ୍ସବ ନୁହେଁ । ଏହା ଏକ ପ୍ରମାଣ ଯେ ରାଜନୈତିକ ପ୍ରତିବଦ୍ଧତା, ସଶକ୍ତ ଛାମୁଆ କର୍ମୀ, ଡିଜିଟାଲ୍ ନବସୃଜନ, ଗୋଷ୍ଠୀର ନିଷ୍ଠାପର ଅଂଶଗ୍ରହଣ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସେବା ଯେତେବେଳେ ଏକମାତ୍ର ଲକ୍ଷ୍ୟ ସହିତ ଏକାଠି ହୁଏ, ତେବେ ସେଥିରୁ କେଉଁ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇପାରିବ । ଯାହା ପ୍ରତ୍ୟେକ ମାଆଙ୍କୁ ବଞ୍ଚାଇ ରଖିପାରିବ ଏବଂ ପ୍ରତ୍ୟେକ ନବଜାତ ଶିଶୁର ଉନ୍ନତି ସୁନିଶ୍ଚିତ କରିବ ।

( କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ରସାୟନ ଏବଂ ସାର ମନ୍ତ୍ରୀ)

* * *

# ହଜିଗଲେଣି ପ୍ରକୃତିର ମେହେନ୍ତର ଶାଗୁଣା

ପ୍ରେମାନନ୍ଦ ପାଣିଗ୍ରାହୀ

ବିଶ୍ୱ ପକ୍ଷୀ ସଂରକ୍ଷଣ ପରିଷଦ ଭାରତର ଶାଗୁଣା ପକ୍ଷୀକୁ ବିରଳ ପକ୍ଷୀର ସୂଚୀରେ ସ୍ଥାନିତ କରିଛନ୍ତି । ଦେଶରେ ଶାଗୁଣା ବଂଶ ଅତି ଦ୍ରୁତଗତିରେ ହ୍ରାସ ପାଉଛି । କ୍ରମ ବର୍ଦ୍ଧିଷ୍ଣୁ ଜଙ୍ଗଲ କ୍ଷୟ ଓ ସହରୀକରଣ ଶାଗୁଣାମାନଙ୍କର ବଂଶ ନାଶର କାରଣ ବୋଲି କେତେକ ବୈଜ୍ଞାନିକ ଓ ଗବେଷକ କହୁଥିବା ବେଳେ ଭୂତାଣୁଜନିତ ରୋଗ, ରାସାୟନିକ ପଦାର୍ଥ, ଖାଦ୍ୟ ଓ ବାସସ୍ଥାନର ଅଭାବ ଯୋଗୁଁ ଶାଗୁଣା ବଂଶ ହ୍ରାସର କାରଣ ବୋଲି କେତେକ ମତ ଦିଅନ୍ତି । ଶାଗୁଣା ଦେଖିବାକୁ ବିଶାଳ କିନ୍ତୁ ଅନାକର୍ଷକ । ତା' ଦେହର ପରସବୁ ଦେଖିବାକୁ କଳାମିଶା ବାଦାମୀ ରଙ୍ଗର । ତାର ବେକ ଓ ଥଣ୍ଟ ଲମ୍ବା । ମାଂସ ଚିରି କାଟି ଖାଇବା ପାଇଁ ତା' ଥଣ୍ଟ ସ୍ୱତନ୍ତ୍ର ଭାବରେ ତିଆରି ହୋଇଛି । ତା'ର ଖୁବ୍ ମଜଭୁତ୍ ଚଞ୍ଚୁ ଓ ପଞ୍ଝା ରହିଛି । ତା' ଚଞ୍ଚୁର ଧାରଗୁଡିକ ଇସ୍ପାତ ପରି ଧାରୁଆ ।

ଶାଗୁଣାର ଦୃଷ୍ଟିଶକ୍ତି ଅତି ପ୍ରଖର । ବହୁଦୂରରେ ପଡିଥିବା ମଢକୁ ସେ ଆକାଶରୁ ଦେଖିପାରେ । ଶାଗୁଣାର ଦୃଷ୍ଟିଶକ୍ତି ପରି ଧାରଣା ଶକ୍ତି ପ୍ରଖର ହୋଇଥିବାରୁ ଦୂରରେ ଯେଉଁଠି ମଢ ପଡିଥିଲେ ମଧ୍ୟ ତାର ସନ୍ଧାନ ସେ ପାଇପାରେ । ଉଚ୍ଚରେ ଉଡିବାର ଅଭ୍ୟାସ ଯୋଗୁଁ ତାର ଶରୀର ମଧ୍ୟ ଥଣ୍ଡା ରହେ ଓ ଖାଦ୍ୟ ଠାବ କରିବା ସୁବିଧାଜନକ ହୁଏ । ଆକାଶର ବହୁ ଉଚ୍ଚରେ ସେ ଘଣ୍ଟାକୁ ୧୪୪ କିଲୋମିଟର ବେଗରେ ଉଡିପାରେ । ଶାଗୁଣାର ନଖ ବଡ ବଡ ଓ ମୁନିଆ ହୋଇଥିଲେ ମଧ୍ୟ ସେ ନିଜପାଇଁ ଖାଦ୍ୟ ଶୀକାର କରେ ନାହିଁ । ମୃତ ପଶୁ ଓ ଅନ୍ୟ ମାଂସାସୀ ପ୍ରାଣୀଙ୍କ ବଳକା ଖାଦ୍ୟକୁ ସେ ଖାଇଥାଏ । ଖାଦ୍ୟ ଅନ୍ୱେଷଣ ପାଇଁ ଶାଗୁଣାମାନେ ଦଳବଦ୍ଧ ହୋଇ ଅନେକ ସମୟ ପର୍ଯ୍ୟନ୍ତ ଉଚ୍ଚ ଆକାଶରେ ଉଡିପାରନ୍ତି । ଏମାନଙ୍କର ଡେଣା ଖୁବ୍ ବଡ ଓ ଚଉଡା ହୋଇଥିବାରୁ ଅଧିକ ସମୟ ପର୍ଯ୍ୟନ୍ତ ଉଡିଲେ ମଧ୍ୟ ଏମାନଙ୍କୁ କଷ୍ଟ ହୁଏ ନାହିଁ । ଶାଗୁଣାର ମୁଣ୍ଡରେ ପ୍ରାୟତଃ ପର ନଥାଏ । ଫଳରେ ଏହି ଲଣ୍ଡାମୁଣ୍ଡ ତାକୁ ଖାଦ୍ୟ ଗ୍ରହଣ କରିବାରେ ସାହାଯ୍ୟ କରିଥାଏ । ମାଈ ଶାଗୁଣା ବର୍ଷକୁ ମାତ୍ର ଗୋଟିଏ ଅଣ୍ଡା ଦିଏ । ସାଧାରଣତଃ ୫/୬ ବର୍ଷରେ ଗୋଟିଏ ମାଈ ଶାଗୁଣା ପ୍ରଜନନକ୍ଷମ ହେବା ସହିତ ପ୍ରାୟ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ଅଣ୍ଡା ଦେଇଥାଏ । ପୃଥିବୀରେ ପ୍ରାୟ ୨୨ ପ୍ରଜାତିର ଶାଗୁଣା ରହିଥିବାବେଳେ ଭାରତରେ ସେଥିମଧ୍ୟରୁ ୮ ପ୍ରକାର ଶାଗୁଣା ଦେଖିବାକୁ ମିଳନ୍ତି ।



ଶାଗୁଣାମାନେ ସାଧାରଣତଃ ତାଳଗଛ ଓ ଉଚ୍ଚ ବୃକ୍ଷମାନଙ୍କରେ ବାସ କରନ୍ତି । ସେମାନେ ଗାଁ ଓ ସହରରେ ମୃତ୍ୟୁବରଣ କରୁଥିବା ଗୃହପାଳିତ ଓ ବୁଲା ପଶୁମାନଙ୍କର ପଚା ମାଂସକୁ ଖାଇ ସଫା କରିଦିଅନ୍ତି । ମୃତ ଜୀବକୁ ଖାଇବା ପରେ ପୁଣି ନୂତନ ଆହାର ସନ୍ଧାନରେ ସେମାନେ ଦୂରକୁ ଚାଲିଯାଆନ୍ତି । ପଚା ମଢ ଖାଉଥିବା ଯୋଗୁଁ ସେମାନେ ଆମ ପରିବେଶକୁ ଉତ୍କଟ ଦୁର୍ଗନ୍ଧରୁ ରକ୍ଷା କରନ୍ତି । ତେଣୁ ଏହି ଅସୁନ୍ଦର ପକ୍ଷୀକୁ ପ୍ରକୃତିର ମେହେନ୍ତର ବୋଲି କୁହାଯାଏ । ଭାରତ, ପାକିସ୍ତାନ, ନେପାଳ, ଭୁଟାନ, କାମ୍ବୋଡିଆ ସମେତ ବିଶ୍ୱର ବିଭିନ୍ନ ଦେଶରେ ଶାଗୁଣା ଏବେ ବିରଳ । ଜୁ ଲୋଜିକାଲ ସୋସାଇଟ୍ ଅଫ୍ ଲଣ୍ଡନ ଏବଂ ବାର୍ଡ଼ ଲାଇଫ୍ ପାର୍ଟନରର ବୈଜ୍ଞାନିକମାନେ ଭାରତ ଏବଂ ପାକିସ୍ତାନରେ ଦ୍ରୁତ ଭାବେ ଶାଗୁଣା ବଂଶ ହ୍ରାସ ପାଇବାର କାରଣ ଅନୁସନ୍ଧାନ କରି ୨୦୦୩ ମସିହାରେ ଏକ ରିପୋର୍ଟ ପ୍ରକାଶ କରିଥିଲେ ।

**ମାଈ ଶାଗୁଣା ବର୍ଷକୁ ମାତ୍ର ଗୋଟିଏ ଅଣ୍ଡା ଦିଏ । ସାଧାରଣତଃ ୫/୬ ବର୍ଷରେ ଗୋଟିଏ ମାଈ ଶାଗୁଣା ପ୍ରଜନନକ୍ଷମ ହେବା ସହିତ ପ୍ରାୟ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ଅଣ୍ଡା ଦେଇଥାଏ । ପୃଥିବୀରେ ପ୍ରାୟ ୨୨ ପ୍ରଜାତିର ଶାଗୁଣା ରହିଥିବାବେଳେ ଭାରତରେ ସେଥିମଧ୍ୟରୁ ୮ ପ୍ରକାର ଶାଗୁଣା ଦେଖିବାକୁ ମିଳନ୍ତି ।**

ଗୃହପାଳିତ ମୃତ ପଶୁର ପଚା ମାଂସ ଖାଇ ଶାଗୁଣାର ମୃତ୍ୟୁ ଘଟୁଥିବା ସେମାନଙ୍କ ଅନୁଧ୍ୟାନରୁ ଜଣାପଡିଥିଲା । ଗୃହପାଳିତ ପଶୁମାନଙ୍କର ଜ୍ୱର ଓ ଯନ୍ତ୍ରଣାରୁ ରକ୍ଷା ପାଇଁ ଡାଇକ୍ଲୋଫେନାକ୍ ନାମକ ଏକ ଔଷଧ ଦିଆଯାଇଥାଏ । ଏହି ଔଷଧ ଗାଈ, ମଇଁଷିମାନଙ୍କ ଦେହରେ ମିଳାଇ ଯାଏ । ସେମାନେ ମୃତ୍ୟୁବରଣ କରିବା ପରେ ମଧ୍ୟ ଏହି ଔଷଧର ମାତ୍ରା ସେମାନଙ୍କ ଶରୀରରେ ରହିଯାଇଥାଏ । ଏହି ପଶୁମାନେ ମୃତ୍ୟୁବରଣ କରିବାପରେ ସେମାନଙ୍କର ପଚାମାଂସ ଖାଇ ଶାଗୁଣାମାନେ ମୃତ୍ୟୁ ମୁଖରେ ପଡନ୍ତି । ଶୁଗାଣାମାନଙ୍କର କିଡ୍‌ନୀ ଓ ଲିଭର ନଷ୍ଟ ହୋଇ ଯାଇଥାଏ । ଏହା ଦ୍ୱାରା ଶାଗୁଣାକୁ ଘୁମା ରୋଗ ଧରିଥାଏ ଏବଂ ସେ ତାର ବେକକୁ ଭାଙ୍ଗିରଖିବା ସହ ଉଡିପାରେ ନାହିଁ । ଶେଷରେ ସେ ମୃତ୍ୟୁବରଣ କରେ । ପଚାମାଂସ ଖାଇବା ଯୋଗୁଁ ଶାଗୁଣାକୁ ଉଦରୀୟ ଗାଇଟ୍ ରୋଗ ହୋଇଥାଏ । ଶରୀରରେ ଜଳୀୟ ଅଂଶ କମିଯିବାରୁ ଶାଗୁଣାର ମୃତ୍ୟୁ ଘଟେ । **ଶାଗୁଣାଙ୍କ ଅକାଳ ମୃତ୍ୟୁର କାରଣ ସାଜିଥିବା ପେନ୍‌କିଲ୍‌ର ଡାଇକ୍ଲୋଫେନାକ୍ ବ୍ୟବହାର ଉପରେ କେନ୍ଦ୍ର ସରକାର ୨୦୦୮ ମସିହା ଜୁଲାଇ ୪ ତାରିଖରେ ନିଷେଧାଦେଶ ଜାରି କରିଥିଲେ । କିନ୍ତୁ ଏବେ ବି ଏହି ଔଷଧ ବିକ୍ରିକୁ ରୋକିବାରେ ସରକାର ବିଫଳ ହୋଇଛନ୍ତି । ଏହାର ବହୁଳ ବ୍ୟବହାର ଯୋଗୁଁ ସାରା ଭାରତରେ ଶାଗୁଣା ବଂଶ ବସ୍ତୁତଃ ଲୋପ ପାଇଯିବାକୁ ବସିଲାଣି ।**

ଗତ ୨୦୨୫ ମସିହା ଫେବୃଆରୀ ୧୭ ରୁ ୧୯ ତାରିଖ ମଧ୍ୟରେ ହୋଇଥିବା ଶାଗୁଣାଙ୍କ ଗଣନା ଅନୁସାରେ ମଧ୍ୟପ୍ରଦେଶରେ ୧୨ ହଜାର ୯୮୧ ଶାଗୁଣା ରହିଛନ୍ତି । ଗତ ଏକ ବର୍ଷ ମଧ୍ୟରେ ଏଠାରେ ୧୯ ପ୍ରତିଶତ ଶାଗୁଣା ବୃଦ୍ଧି ହୋଇଛନ୍ତି, ଯାହାକି ପରିବେଶପ୍ରେମୀଙ୍କ ପାଇଁ ଖୁସିର ଖବର । ବିଲୁପ୍ତ ପ୍ରାୟ ଶାଗୁଣାଙ୍କ ବଂଶରକ୍ଷା ପାଇଁ ଗତ କିଛି ବର୍ଷ ହେଲା ଭାରତ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ହରିୟାଣା ପରିବେଶ ମନ୍ତ୍ରଣାଳୟ ଓ ଜଙ୍ଗଲ ବିଭାଗର ସହାୟତାରେ ଚଣ୍ଡୀଗଡ ନିକଟସ୍ଥ ପିଞ୍ଜୋରା ଠାରେ ଏକ ଶାଗୁଣା ସେବାକେନ୍ଦ୍ର ପ୍ରତିଷ୍ଠା ହେବା ସହ ପୁନେ ଠାରେ ୨୦୦୧ ମସିହାରେ ଭାରତୀୟ ଶାଗୁଣା ରୋଗ ଅନୁସନ୍ଧାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଲୋପ ପାଇବାକୁ ବସିଥିବା ଶାଗୁଣା ବଂଶର ସଂରକ୍ଷଣ ପାଇଁ ଜାତୀୟ ଚିଡିଆଖାନା କର୍ତ୍ତୃପକ୍ଷ ଅଣ୍ଟା ଭିଡିଛନ୍ତି । ୨୦୦୮-୦୯ ରୁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ପ୍ରଜନନ କେନ୍ଦ୍ର ଖୋଲାଯାଇଛି । ବିଲୁପ୍ତ ପ୍ରାୟ ଧଳାପିଠିଆ ଶାଗୁଣାଙ୍କ ବଂଶ ରକ୍ଷା ପାଇଁ ୨୦୦୮ ମସିହାରୁ ନନ୍ଦନକାନନର ବଟାନିକାଲ୍ ଗାର୍ଡେନ୍ ପରିସରରେ ଶାଗୁଣା ପ୍ରଜନନ କେନ୍ଦ୍ର ସ୍ଥାପିତ ହୋଇଛି । 'ବମ୍ବେ ନ୍ୟାଚୁରାଲ୍ ହିଷ୍ଟ୍ରି ସୋସାଇଟି ଓ ନନ୍ଦନକାନନ କର୍ତ୍ତୃପକ୍ଷ'ଙ୍କ ମିଳିତ ସହଯୋଗରେ ଏହି ପ୍ରଜନନ କେନ୍ଦ୍ର ଦେଢକୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । ପୂର୍ବରୁ ଭାରତର ଗୌହାଟି ଓ ପିଞ୍ଜୋରରେ ଶାଗୁଣା ପ୍ରଜ୍ଜନନ କେନ୍ଦ୍ର କାର୍ଯ୍ୟ କରୁଛି । ଭାରତ,ପାକିସ୍ତାନ,ନେପାଳ ଓ ମଧ୍ୟ ଏସିଆରେ ଶାଗୁଣାମାନଙ୍କର ଗତିବିଧି ଉପରେ ନଜର ରଖିବା ସହିତ ଶାଗୁଣାଙ୍କର ବଂଶବୃଦ୍ଧି ଓ ସଂରକ୍ଷଣ ପାଇଁ ବିଶ୍ୱବ୍ୟାପୀ ବନ୍ୟପ୍ରାଣୀ ପାଣ୍ଠି ଗଠନ କରାଯାଇଛି ।

**ଆବାହକ,**
ଶାଗୁଣା ସଚେତନତା ଅଭିଯାନ
ମୋ-୯୪୩୭୭୨୯୩୮୪

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଆତିଥ୍ୟ...

ବିଭାଗର ୪, ଜଳସମ୍ପଦ ବିଭାଗର ୨, ରାଜସ୍ୱ ଓ ପର୍ଯ୍ୟଟନ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବ ଅନୁମୋଦନ ହୋଇଛି । କ୍ୟାବିନେଟ୍‌ର ଅନ୍ୟ ପ୍ରସ୍ତାବ ଅନୁଯାୟୀ ଖୋର୍ଦ୍ଧା କାଳିବେଟି ଶିଳ୍ପାଞ୍ଚଳରେ ମହିଳା ଶ୍ରମିକ ହଷ୍ଟେଲର ବିକାଶ ପ୍ରକଳ୍ପ ଟ୍ରଙ୍କି ଟେଣ୍ଡର ପ୍ରକ୍ରିୟାରେ ଅନୁମୋଦନ କରାଯାଇଛି । ଏଥିରେ ୨୧୦.୩୬ କୋଟି ଟଙ୍କାର ପ୍ରକଳ୍ପ ମୂଲ୍ୟକୁ ଅନୁମୋଦନ କରାଯାଇଛି । ସେହିଭଳି ବୃତଙ୍ଗ ଜଳସେଚନ ପ୍ରକଳ୍ପର ନିର୍ଗମନ ପଥ ଲାଗି ମଞ୍ଜୁରୀ ମିଳିଛି । ଏହି ପ୍ରକଳ୍ପରେ ୧୯୪ କୋଟି ୭ ଲକ୍ଷ ୨୮ ହଜାର ୮୭୦ ଟଙ୍କା ବ୍ୟୟ ହେବ । ୩୦ ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ଏହି ପ୍ରକଳ୍ପ ଯୋଗୁ ନୟାଗଡ ଜିଲ୍ଲାର ପ୍ରାୟ ୩୦୯ ଟି ଗ୍ରାମକୁ ସୁନିଶ୍ଚିତ ଜଳସେଚନ ସୁବିଧା ଯୋଗାଇ ଦିଆଯିବ । କଟକ ଜିଲ୍ଲାର ବାରଙ୍ଗ ତହସିଲ ଅନ୍ତର୍ଗତ ଚକ୍ରଧରପୁରରେ ଏନ୍‌ଆର୍‌ଏଫ୍ ମୁଣ୍ଡଳି ସପକ୍ଷରେ ଏକ ସଂଯୋଗକାରୀ ରାସ୍ତା ନିର୍ମାଣ ନିମନ୍ତେ ପ୍ରଦାନ କରାଯାଇଥିବା .୭୦ ଡିସ୍‌ମିଲି ସରକାରୀ ଜମିରେ ସରକାର ଭୂ-ରାଜସ୍ୱ ଛାଡ କରିଛନ୍ତି । କ୍ୟାବିନେଟ୍ ଅନୁମୋଦନ ପରେ ଏ ବାବଦରେ ୧୩ ଲକ୍ଷ ୭ ହଜାର ୭୧୮ ଟଙ୍କା ଛାଡ କରାଯିବ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହର ଅଧିନରେ ଆର୍ଥିକ ଦୁର୍ବଳ ବର୍ଗଙ୍କ ପାଇଁ ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେସନ ଶୁଳ୍କ ଛାଡ କରାଯିବ । ଏହାଦ୍ୱାରା ସହରାଞ୍ଚଳରେ ଇଡବ୍ଲ୍ୟୁଏସ୍ ବର୍ଗର ଉପଭୋକ୍ତାମାନେ ଆର୍ଥିକ ସୁବିଧା ପାଇବେ । ବିଡିଏ ଅଧିନସ୍ଥ ଟାଉନ୍ ପ୍ଲାନିଂ ସ୍କିମ୍ ନିମନ୍ତେ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟନ୍ୱୟନ ପାଇଁ ଇଞ୍ଜିନିୟରିଂ, କ୍ରୟ ଏବଂ ନିର୍ମାଣ ଚୁକ୍ତିନାମା ଅନ୍ତର୍ଗତ ୫ ବର୍ଷ ନିମନ୍ତେ ପରିଚାଳନା ଓ ରକ୍ଷଣାବେକ୍ଷଣ ପ୍ରକଳ୍ପର ଟେଣ୍ଡରକୁ ଅନୁମୋଦନ କରାଯାଇଛି । ଏଥିଲାଗି ମେସର୍ସ ଶିବମ୍ କନ୍ଦେଭ ଲିମିଟେଡ୍ ଓ ଶ୍ରୀହରି ଇନ୍‌ଫ୍ରା ପ୍ରୋଜେକ୍ଟକୁ ଚୟନ କରାଯାଇଛି । ପ୍ରକଳ୍ପ ୨୦୨୬ ଏପ୍ରିଲ ସୁଦ୍ଧା ଶେଷ ହେବ ବୋଲି ଆକଳନ ହୋଇଛି । ଦୟା, ଗଙ୍ଗୁଆ ନଦୀର ସଙ୍ଗମସ୍ଥଳରେ ବର୍ଯ୍ୟ ଜଳ ବିଶୋଧନା କେନ୍ଦ୍ର ନିର୍ମାଣ ସହ ଇଞ୍ଜିନିୟରିଂ କ୍ରୟ ଓ ନିର୍ମାଣ ଚୁକ୍ତିନାମା ଟେଣ୍ଡରକୁ ଅନୁମୋଦନ କରାଯାଇଛି । ଏହି କାର୍ଯ୍ୟନିର୍ବାହ ପାଇଁ ଏମ୍/ ଏସ୍ ଇଷ୍ଟଇଣ୍ଡିଆ ଉଦ୍ୟୋଗ ଲିମିଟେଡ୍ ନୋଇଡାକୁ ଚୟନ କରାଯାଇଛି । ୩୧ ମେ' ୨୦୨୮ ସୁଦ୍ଧା ଏହି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ସମ୍ବଲପୁରରେ ମହାନଦୀ ଉପରେ ଅଯୋଧ୍ୟା ସାଗର ୱେୟାର ତଳ ଭାଗରେ ଏକ ଅନ୍ତଃନଦୀ ଜଳାଶୟ ନିର୍ମାଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ୪୪୦ କୋଟି ୩୩ ଲକ୍ଷ ୯୧ ହଜାର ୪୭୦ ଟଙ୍କାର ଟେଣ୍ଡରକୁ ଅନୁମୋଦନ କରାଯାଇଛି । ୩୦ ମାସରେ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ ରଖାଯାଇଛି ।

## ଓଜେଇଇ...

ଏବଂ ପୋଷ୍ଟ ଡିପ୍ଲୋମା ନର୍ସିଂ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା ।

ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା ମାଧ୍ୟମରେ ପ୍ରବେଶିକା ପରୀକ୍ଷା କରଯାଇଥିଲା । ଚଳିତ ବର୍ଷ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲା ସହିତ ରାଜ୍ୟ ବାହାରେ ୩ଟି ସହର ଯଥା କଲିକତା, ପାଟଣା ଏବଂ ରାଞ୍ଚିରେ ସର୍ବମୋଟ ୯୯ ଟି ପରୀକ୍ଷାକେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ଚଳିତ ବର୍ଷ ଶୁଭ୍ରାଂଶୁ ସୁତାର ବି.ଫାର୍ମାରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ଅରୁଣ କୁମାର ଜେନା (ଏଲଇ-ଟେକ୍(ଡିପ୍ଲୋମା), ସୁରଜ କୁମାର ଝା (ଏଲଇ-ଟେକ୍(ବି.ସାଇନ୍ସ), ଦେବାଶିଷ ବେହେରା (ଏଲଇ-ଫାର୍ମା), ତ୍ରିବିକ୍ରମ ପ୍ରଧାନ (ଏମ୍‌ବିଏ), ନରେନ ପାତ୍ର (ଏମ୍‌ସିଏ/ଏମ୍.ସାଇନ୍ସ (କମ୍ପ୍ୟୁଟର ସାଇନ୍ସ.), ଶ୍ରୀମୟୀ ପାଣିଗ୍ରାହୀ (ଇଣ୍ଟିଗ୍ରେଟେଡେ ଏମ୍‌ବିଏ), ଦେବ ମଣ୍ଡଳ (ବିସ୍ୟାଟ-ସିନେମାଟୋଗ୍ରାଫି ଆଣ୍ଡ ସାଉଣ୍ଡ ରେକର୍ଡିଂ ଆଣ୍ଡ ସାଉଣ୍ଡ ଡିଜାଇନ୍/ଫିଲ୍ମ ଏଡିଟିଂ), ଶ୍ୟାମସୁନ୍ଦର ବେହେରା (ଏମ୍.ଫାର୍ମା), ସାଇ ଆର୍ଯ୍ୟା ଅନୁଷ୍କା ନାୟକ (ଏମ୍ ଆରକିଟେକ୍), ସାଗରିକା ଆଚାର୍ଯ୍ୟ(ଏମ୍.ପ୍ଲାନ)ରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଏମ୍.ଟେକ୍ ପାଠ୍ୟକ୍ରମରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି ସ୍ୱାଗତ କୁମାର ବେହୁରା । ପରୀକ୍ଷାର୍ଥୀମାନେ ଓଜେଇଇ ୱେବସାଇଟ୍‌ରୁ ନିଜର ର୍ୟାଙ୍କ କାର୍ଡ ପାଇପାରିବେ । ଚଳିତ ମାସ ତୃତୀୟ ସପ୍ତାହରୁ କାଉନସେଲିଂ ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର-ତଥା-ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଓଜେଇଇ ଅଧ୍ୟକ୍ଷ ଦେବପ୍ରକାଶ ଶତପଥୀ, ଓଜେଇଇ ସେକ୍ରେଟାରୀ ରଞ୍ଜନ କୁମାର ଜେନା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ବିଶ୍ୱରଞ୍ଜନ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

## ଦିନରେ...

ହୋଇଥିବା ବେଳେ ଅନୁଗୁଳରେ୧୬ କିମି, ପୁରୀରେ ୮.୪ ମିମି, ନୟାଗଡ଼ରେ ୧୨ ମିମି, ଖୋର୍ଦ୍ଧାରେ ୫ ମିମି ଓ ଜଗତସିଂହପୁରରେ ୩.୧ ମିମି ବର୍ଷା ରେକର୍ଡ କରାଯାଇଛି। ଓଡ଼ିଶା ଉପରେ ଏକ ଟ୍ରଫ ଲାଇନ ଲମ୍ବିଛି। ଏହା ଯୋଗୁ ବର୍ଷା ହେବାର ସମ୍ଭାବନା ଅଛି। ଆସନ୍ତାକାଲି (ମଙ୍ଗଳବାର) ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ଝାରସୁଗୁଡା, କେନ୍ଦୁଝର, ମୟୁରଭଞ୍ଜ, କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ଗଜପତି ଜିଲ୍ଲାରେ କାଳବୈଶାଖୀ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲା ଗୁଡିକରେ ପ୍ରବଳ ବର୍ଷା ସହ ପବନର ଘଣ୍ଟା ପ୍ରତି ୫୦ରୁ ୬୦ କିମି ରହିପାରେ। ଏହାସହ ବରଗଡ଼, ଦେବଗଡ଼, ସୋନପୁର, ନୂଆପଡ଼ା, ବଲାଙ୍ଗୀର, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ସମ୍ବଲପୁର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ କାଳବୈଶାଖୀ ବର୍ଷା ସହ ପବନ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ବୋହିପାରେ। ସେହିପରି କେତେକ ଜିଲ୍ଲା ଲାଗି ଗରମ ସହ ଗୁଳୁଗୁଳି ଅନୁଭୂତ ହେବା ଲାଗି ସତର୍କତା ଜାରି ହୋଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ବହୁସ୍ଥାନରେ ଗରମ ଏବଂ ଗୁଳୁଗୁଳି ଅନୁଭୂତ ହୋଇପାର ।

## ବର୍ଷକୁ...

ଆହୁରି କମ୍ କରି ବାର୍ଷିକ ୪ଟି କରିଦିଆଯାଇଛି ।

୨୦୨୩ ମସିହାରେ ଉଜ୍ଜ୍ୱଳା ସିଲିଣ୍ଡର ପିଛା ସବସିଡିକୁ ବଢାଇ ୩୦୦ ଟଙ୍କା କରାଯାଇଥିଲା । ଏଥିରେ ୫ କେଜି ସିଲିଣ୍ଡର ପାଇଁ ମଧ୍ୟ ସେହି ଅନୁପାତରେ ଲାଭ ଦିଆଯାଇଥିଲା । ତେବେ ସବ୍‌ସିଡି କୋଟାରେ ଏହି କାଟ୍ ଏଲ୍‌ପିଜି ମୂଲ୍ୟ ବୃଦ୍ଧି ପରେ କରାଯାଇଛି । ଇତି ମଧ୍ୟରେ ସରକାର ଦୁଇ ଥର ସିଲିଣ୍ଡର ପିଛା ମୂଲ୍ୟ ବୃଦ୍ଧି କରିଛନ୍ତି । ମୂଲ୍ୟ ବୃଦ୍ଧି ପରେ ସବସିଡି ବାଦ ଦେଲେ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ପ୍ରତି ସିଲିଣ୍ଡର ୬୪୨ ଟଙ୍କାରେ ମିଳୁଛି । ଏବେ ପ୍ରତି ସିଲିଣ୍ଡର ବାବଦ ୧୬୦୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଯୋଜନାରେ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ୧୦୦୦ ଟଙ୍କା ଲାଭ ମିଳୁଛି । ଉଜ୍ଜ୍ୱଳା ସବସିଡି ବାବଦକୁ ସରକାର ୨୦୨୨ରୁ ଏ ପର୍ଯ୍ୟନ୍ତ ପାଖାପାଖି ୫୨,୦୦୦ କୋଟି ଟଙ୍କା ଦେଇଛନ୍ତ । ମୂଲ୍ୟ ବୃଦ୍ଧି ସତ୍ତ୍ୱେ ତୈଳ କମ୍ପାନୀଙ୍କୁ ପ୍ରତି୧୪.୨ କେଜି ସିଲିଣ୍ଡରରେ ୭୦୦ ଟଙ୍କା କ୍ଷତି ହେଉଛି ।

## ୧୦ରେ...

ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବ ବୋଲି ସେ ସୂଚନା ଦେଇଛନ୍ତି । ସେ ଜଣେ ସାଧାରଣ କର୍ମୀ ଭାବେ ଓଡିଶାର ବିକାଶ ପାଇଁ କାର୍ଯ୍ୟ କରିବେ । ସୁଜାତା ଆସିଲେ ବହୁ କର୍ମୀଙ୍କ ବଳ ୧୦ ଗୁଣ ବଢ଼ିଯିବ ବୋଲି ମନ୍ମଥ କହିଛନ୍ତି ।

# ୪ ପଥର ଗାଡ଼ି ଜବତ, ୪ ଗିରଫ

ବାରଙ୍ଗ , (ସବ୍ୟୁ):ରବିବାର ରାତିରେ ଚନ୍ଦକା ପୋଲିସକୁ ଏକ ବଡ ଧରଣର ସଫଳତା ମିଳିଛି । ୪ ଟି ଚୋରା ପଥର ବୋଝେଇ ଗାଡ଼ିକୁ ଜବତ କରିବା ସହିତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।, ରବିବାର ରାତିରେ ଥାନା ଅଧିକାରୀଣୀ ସମିତା ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ ଚନ୍ଦକା ଅଞ୍ଚଳରେ ଚୋରା ପଥର ଗାଡ଼ି ଚାଲାଣ ହେଉଥିବା ସୂଚନା ପାଇଥିଲେ । ଏନେଇ ଥାନା ଏସ ଆଇ ଜ୍ୟୋସ୍ନାରାଣୀ ପ୍ରଧାନଙ୍କ ସହିତ ଏକ ଟିମ ରବିବାର ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ବେଳେ ଓରଙ୍ଗ ଅଞ୍ଚଳରୁ ଛତାବର ଅଭିମୁଖେ ଏବଂ ଅନ୍ୟ ଏକ ଗାଡ଼ିକୁ ଚନ୍ଦକା ବିଶ୍ୱାସ କଲେଜ ନିକଟରୁ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ଗାଡ଼ି ଚାଳକ ପଥର ସମ୍ପର୍କିତ କୌଣସି ଟ୍ରାନ୍ସିଟ ପାସ, ଖଣି ଅନୁମତିପତ୍ର କିମ୍ବା ଅନ୍ୟ ବୈଧ ଦସ୍ତାବିଜ ଦେଖାଇପାରିନଥିଲେ । ପଚରାଉଚରା ସମୟରେ ସେ ଗାଡ଼ି ମାଲିକଙ୍କ ନିର୍ଦ୍ଦେଶରେ ଉକ୍ତ ଖଣିଜ ପଦାର୍ଥକୁ ବେଆଇନ ଭାବରେ ପରିବହନ କରୁଥିବା ସ୍ୱୀକାର କରିଥିଲେ । ଥାନା ପୋଲିସ ୩୨୫/୨୬ ଓ ୩୨୬/୨୬ ଦୁଇଟି କେସ ରୁଜୁକରି ଚୋରା ପଥର ବୋଝେଇ ଟ୍ରକକୁ ଜବତ କରିବା ସହିତ ଚାଳକ ମେ,,ାଶାଳ ଗ୍ରାମର ପ୍ରକାଶ ବେହେରା ଓ ସାଲବାରି ଗ୍ରାମର ଟିକୁନା ପିଙ୍ଗୁଆ ଗିରଫ କରି କୋର୍ଟ ଚାଲାଣ କରିଛି । ସେହିପରି ସୋମବାର ସକାଳ ସମୟରେ ଥାନାର ଏସ.ଆଇ. ବିଜୟ କୁମାର ମାଝୀ ଙ୍କ ସହିତ ଏକ ଟିମ ଛତାବର ମହୁଲା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ମେ,,ାଶାଳ ସି.ଏଚ.ସି. ନିକଟରୁ ପୁଣି ଦୁଇଟି ଚୋରା ପଥର ବୋଝେଇ ଗାଡ଼ିକୁ ଜବତ କରିବା ସହିତ ଦୁଇ ଜଣ ଚାଳକକୁ ଗିରଫ କରିଥିଲା ଥାନା ପୋଲିସ ୩୨୭/୨୬ ଓ ୩୨୮/୨୬ କେସ ରୁଜୁ କରି ଗାଡ଼ି ଚାଳକ ଚନ୍ଦକା ମେ,,ାଶାଳର ଜୟରାମ ସାମନ୍ତରାୟ ,ଏବଂ ମଗୁଣି ବେହେରାକୁ ଗିରଫ କରି ସୋମବାର ଦିନ କୋର୍ଟ ଚାଲାଣ କରି ଅଧିକ ତଦନ୍ତ ଜାରି ରଖିଛି ଚନ୍ଦକା ଥାନା ପୋଲିସ ।

# କାଳବୈଶାଖୀର ତାଣ୍ଡବ: ବ୍ୟାପକ କ୍ଷୟକ୍ଷତି

ନିରାକାରପୁର (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଓ ଏହାର ଆଖପାଖ ଅଞ୍ଚଳରେ ସୋମବାର ଅପରାହ୍ନରେ କାଳବୈଶାଖୀ ପ୍ରଳୟ ସୃଷ୍ଟି କରିଛି। ଝଡ଼ପବନ ଯୋଗୁଁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି । ସୋମବାର ଅପରାହ୍ନରେ ହଠାି ପାଗ ବଦଳିବା ସହ ଜୋରରେ କାଳବୈଶାଖୀ ଝଡ଼ ମାଡ଼ି ଆସିଥିଲା । ଏହି ପବନର ବେଗ ଏତେ ଅଧିକ ଥିଲା ଯେ ନିରାକାରପୁର ଆଞ୍ଚଳିକ ପ୍ରମୁଖ ରାସ୍ତା ପାଶ୍ୱର୍ରେ ଥିବା ବହୁ ସଂଖ୍ୟାରେ ଗଛ ଉପୁଡ଼ି ପଡ଼ିଛି । ଅନେକ ସ୍ଥାନରେ ଗଛର ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିବାରୁ ଯାତାୟାତ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା । ଏହା ସହିତ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଅନେକ ଲୋକଙ୍କ ଘରର ଚାଳ ଓ ଆସବେଷ୍ଟସ ଛପର ଉଡ଼ିଯାଇଥିବା ଦେଖିବାକୁ ମିଳିଛି ।କାଳବୈଶାଖୀ ପ୍ରଭାବରେ ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଦୀର୍ଘ ସମୟ ଧରି ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହେବା ଫଳରେ ସାଧାରଣ ଜୀବନଯାତ୍ରା ଗୁରୁତର ଭାବେ ପ୍ରଭାବିତ ହୋଇଛି । ବିଦ୍ୟୁତ୍ତି ବିଭାଗ କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟରେ ନିୟୋଜିତ ହୋଇଥିବା ଜଣାପଡ଼ିଛି ।

# ଚୋରା ମଦ ବେପାରୀଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ

ବାଲୁଗାଁ , (ସବ୍ୟୁ): ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଏକ ଚୋରା ଦେଶୀ ମଦ ବିକ୍ରି ମାମଲାର ବିଚାର କରି ସମ୍ପୃକ୍ତ ଆସାମୀ ବାଲୁଗାଁ ଥାନା ଅଧିନ ବଡକୁଳ ଗ୍ରାମର ଶିବ ସ୍ୱାଇଁ (୬୧)ଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି । ଗତ ୨୦୨୫ ମସିହା ଅଗଷ୍ଟ ୨୬ ପୂର୍ବାହ୍ନ ପ୍ରାୟ ୧୦ଟାରେ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି ସଦଳବଳେ ବଡକୁଳ ନିକଟ ପାନ୍ଥନିବାସ ରୋଡ଼ରେ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଅଭିଯୁକ୍ତ ଶିବ ଏକ ଜରି ବ୍ୟାଗରେ କିଛି ସାମଗ୍ରୀ ଧରି ଯାଉଥିବା ବେଳେ ଅବକାରୀ କର୍ମଚାରୀ ସନ୍ଦେହ କରି ଉକ୍ତ ବ୍ୟାଗ ତାଲାସିଥିଲେ । ସେଥିରୁ ବେଆଇନ ଭାବେ ଚାଲାଣ ହେଉଥିବା ୩୫ଟି ଆସ୍କା ଫୋର୍ଟି ଦେଶୀ ମଦ ବୋତଲ ଜବତ କରିବା ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ପରବର୍ତ୍ତୀ ସମୟରେ ଚିଲିକା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଅଦାଲତରେ ଏହି ମାମଲା ୨(ଏ ) ସି ସି ୮୯/ ୨୦୨୫ରେ ବିଚାରାଧୀନ ଥିଲା । ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ସୋମବାର ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଏବଂ ହରେକୃଷ୍ଣ ଜଗଦେବ ଏହି ମାମଲା ପରିଚାଳନା କରୁଥିଲେ ।

# ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ

କେନ୍ଦୁଝର,(ସବ୍ୟୁ): ସୋମବାର ଦିନ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ, କେନ୍ଦୁଝର ଜିଲ୍ଲା ଶାଖାର ୫୬ତମ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ହଳଦିଆଟାଙ୍ଗିରି, କେନ୍ଦୁଝର ଠାରେ ସଂଘର ସ୍ଥାୟୀ ସଭାପତି ଦିଲ୍ଲୀପ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସଂଘର ସମସ୍ତ ସଦସ୍ୟ ମାନଙ୍କ ସହ ଜିଲ୍ଲାର ୧୩ଟି ବ୍ଲକର କର୍ମକର୍ତ୍ତା ଓ ଶିକ୍ଷକ ପ୍ରତିନିଧି ଯୋଗଦେଇଥିଲେ । ଅତିଥି ଭାବରେ ରାଜ୍ୟ ସଂଘର ଉପସଭାପତି ମନୋଜ କୁମାର ମହାନ୍ତ ଯୋଗଦାନ କରିଥିଲେ । ସମ୍ପାଦକ ଉମାଶଙ୍କର ମିଶ୍ର ବୀବରଣୀ ପଠନ କରିବା ପରେ ସମସ୍ତ ପ୍ରସଙ୍ଗ ଗୁଡିକ ଉପରେ ବିଷଦ ଭାବରେ ଆଲୋଚନା ହୋଇଥିଲା । ।ସଂଘର ବରିଷ୍ଠ ସଦସ୍ୟ ଲୁଲୁ ବାରିକ,ବିଜୟ ମିଶ୍ର, ପ୍ରଦୀପ ସାହୁ, ବିରେନ୍ଦ୍ର ସାହୁ,ବିଦ୍ୟାଧର ମହାନ୍ତ,ପ୍ରମୋଦ ମହାନ୍ତ ପ୍ରମୁଖ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।


## ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ବରିଷ୍ଠ ମଣ୍ଡଳ ରେଳ ପ୍ରବନ୍ଧକ (ବୈଦ୍ୟୁତିକ), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ପ୍ରାପ୍ତ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ । **କ୍ର.ନଂ-୧, ଇ-ଟେଣ୍ଡର ନୋଟିସ୍ ନଂ:ଆଇଏସଓ -ସ୍ୟାଣ୍ଡପିଜି-ସିକେପି-ବିପିଏସ-୮, ତାରିଖ: ୦୫.୦୬.୨୦୨୬ । କାର୍ଯ୍ୟର ନାମ:ସିକେପି** ଏବଂ ବିପିଏସ (ଚକ୍ରଧରପୁର ଏବଂ ବାଣ୍ଡାମୁଣ୍ଡା) ଷ୍ଟେସନରେ ୧୦୯୬ ଦିନ ପାଇଁ ବୈଦ୍ୟୁତିକ ଏବଂ ଡିଜେଲ ଲୋକୋରେ ନଦୀ ବାଲି ଯୋଗାଣ, ଅନଲୋଡ୍, ସଂରକ୍ଷଣ ଏବଂ ପୂରଣ ଠିକାଦାରଙ୍କ ଦ୍ୱାରା ବାଲି ଯାଞ୍ଚ ଏବଂ ଶୁଖାଯିବ । ପ୍ରକ୍ରିୟାକୃତ ବାଲିର ନିର୍ଦ୍ଦିଷ୍ଟକରଣ ଏମ -୧୧୬-୫୧ (ବାଲି ଏବଂ ଲୋକୋମୋଟିଭ୍ ବାଲି) ହେବ । **ଟେଣ୍ଡର ମୂଲ୍ୟ:ଟ** ୧,୧୮,୫୬,୬୧୧.୬୨/- । ଇ.ଏମ୍.ଡି.: ଟ୨,୩୬,୨୦୦/- । **କ୍ର.ନଂ.-୨. ଇ-ଟେଣ୍ଡର ନୋଟିସ୍ ନଂ.:ଆଇଏସଓ-ଏଚଇ-ବିଏନଡିଏମ-ଆଇଓୟୁ-୯,ତାରିଖ: ୦୫.୦୬.୨୦୨୬. କାର୍ଯ୍ୟର ନାମ:** ବୁ ଏବଂ ଟ୍ରେନ ପରିଚାଳକଙ୍କୁ ସେମାନଙ୍କର କିଟିଂସପତ୍ର ସହିତ ବୋଣ୍ଡାମୁଣ୍ଡା (୦୨ଟି ଯାନ) ଏବଂ ରାଉରକେଲା (୦୨ଟି ଯାନ) ଲବିରୁ ଯେକୌଣସି ଷ୍ଟେସନକୁ ଏବଂ ଆବଶ୍ୟକ ସମୟରେ ଏବଂ ଯେତେବେଳେ ଫେରିବା ପାଇଁ ତୁଇ ବର୍ଷ ପାଇଁ ଅହେରୋକୁ ବାଲି (୦୪) ନନ୍-ଏସି ରୋଡ୍ ଯାନ (ଟାଟା ସୁମୋ/ବୋଲେରୋ/ସ୍କୋର୍ପିଓ କିମ୍ବା ସମାନ) ଭଡା । **ଟେଣ୍ଡର ମୂଲ୍ୟ:ଟ** ୧,୨୫,୯୯,୪୩୪.୨୪/- । ଇ.ଏମ୍.ଡି.: ଟ୨,୫୨,୦୦୦ /- । ଟେଣ୍ଡର ଫର୍ମର ମୂଲ୍ୟ: ନାହିଁ (କ୍ର.ନଂ. ୧ ଏବଂ ୨ ପାଇଁ) । ଇ-ଟେଣ୍ଡର ଖୋଲିବାର ସ୍ଥାନ: ସିନିୟର ଡିଇଇ(ଓପି)/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥର କାର୍ଯ୍ୟାଳୟ (କ୍ର.ନଂ. ୧ ଏବଂ ୨ ପାଇଁ) । ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୧୫.୦୦ ଘଣ୍ଟା । ୨୯.୦୬.୨୦୨୬ (କ୍ର.ନଂ. ୧ ଏବଂ ୨ ପାଇଁ) । ଟେଣ୍ଡରଖୋଲିବାର ତାରିଖ ଏବଂ ସମୟ: ୨୯.୦୬.୨୦୨୬ (କ୍ର.ନଂ. ୧ ଏବଂ ୨ ପାଇଁ) ୧୫.୩୦ ଘଣ୍ଟା । ଟେଣ୍ଡର https://www.ireps.gov.in ୱେବସାଇଟ୍ ରେ ଦେଖାଯାଇ ପାରିବ ।ଟେଣ୍ଡରଦାତା/ ବିଡରଙ୍କ ପାଖରେ ଶ୍ରେଣୀ-୩ ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରିବାକୁ ପଡିବ । (PR-288)



## PUBLIC NOTICE

**(CAUTION NOTICE TO THE GENERAL PUBLIC)**

*Regarding the Undivided Suit Property under Pending Litigation*

Notice is hereby given to the General Public, Developers, Builders, Promoters, Financial Institutions, Banks, Housing Finance Companies, Purchasers, Investors, and all concerned that the properties belonging to the estate of **Late Narendra Kishore Das** and **Late Smt. Sura Sundari Das**, including properties situated at **Cuttack Town Unit No. VII (Machhua Bazar), Mouza Samia under Darpan Tahasil, District Jajpur and Udit Nagar- Rourkela**, and other movable and immovable assets in which they held any right, title, interest, share, or possession, are presently the subject matter of serious disputes and pending legal proceedings among their legal heirs and successors.

It is further notified that the undivided ancestral/joint family properties are involved in **Final Decree Proceeding No. 74 of 2023**, arising out of the partition suit titled **"Surjit Kishore Das vs. Ajoy Kishore Das & Others"**, pending before the Hon'ble Court of the **4th Additional Civil Judge (Senior Division), Cuttack.** It has come to the knowledge of the Plaintiff that, the Defendant(s) in the aforementioned suit are fraudulently attempting to misappropriate, alienate, encumber, and create third-party interests in the suit land without any legal right, title, or interest to do so independently.

Therefore, the public including **M/s Utkal Honda & Ganpati Alankar Jewellers at Kishore House, cantonment area Cuttack, and Jajpur Properties through Mr. Suvashis Sahoo** is hereby strictly cautioned against purchasing, leasing, mortgaging, financing, developing, creating encumbrances upon, or otherwise dealing with any such property without conducting independent due diligence and verifying the legal status thereof from the competent authorities and concerned legal heirs.

Any transaction relating to the aforesaid properties, entered into without due diligence of the pending disputes, shall be deemed to have been undertaken entirely at the risk, cost, and consequences of the person concerned. Such transactions shall remain subject to the outcome of the pending disputes and legal proceedings. The legal heirs and claimants reserve their unfettered right to challenge and seek cancellation of any such transaction and to pursue all remedies available under relevant laws.

**Public notice is issued for information, caution, and compliance.**

**WARNING:** ANY TRANSACTION ENTERED INTO DURING THE PENDENCY OF THE LITIGATION SHALL BE GOVERNED BY THE PRINCIPLE OF LIS PENDENS (SECTION 52 OF THE TRANSFER OF PROPERTY ACT) AND SHALL BE AT THE SOLE RISK, COST, AND CONSEQUENCE OF THE TRANSACTION PARTY. THE PLAINTIFF WILL NOT RECOGNIZE SUCH TRANSACTIONS, AND IT WILL CAUSE SEVERE FINANCIAL LOSS TO THE THIRDPARTY

**Issued through:** **By order:**

[Nivedita Mishra, D/o Surjit Kishore Das]

Counsel for Plaintiff — Plaintiff, At: - Kishore House, Cantonment Road, Ps- Cantonment, Dist- Cuttack



## ପୂର୍ବ ତଟ ରେଳପଥ

**ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2026021, ତା.29.05.2026ରିଖ**

**କାର୍ଯ୍ୟର ନାମ :** ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେସନର ପୁନର୍ବିକାଶ ସମ୍ବନ୍ଧୀୟ ଷ୍ଟେସନ ଭବନ, ଫୁଟ୍ ଓଭର ବ୍ରିଜ୍ (FOB)ର ନିର୍ମାଣ, ପ୍ଲାଟଫର୍ମ ଓ ପ୍ଲାଟଫର୍ମ ସେଲ୍ଟର ନିର୍ମାଣ, ବର୍ତ୍ତମାନର ବିଲ୍ଡିଂ/ସଂରଚନାଗୁଡ଼ିକୁ ଭାଙ୍ଗିବା ଏବଂ ସ୍ଥାନାନ୍ତର କରିବା, ଉପଯୋଗି ସେବା ଗୁଡ଼ିକର ସ୍ଥାନାନ୍ତରଣ, ପରିଚଳନ କ୍ଷେତ୍ରର ଉନ୍ନୟନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ, ଯେଉଁଥିରେ ବିଦ୍ୟୁତୀକରଣ ଏବଂ ଦୂରସଞ୍ଚାର କାର୍ଯ୍ୟ ଅନ୍ତର୍ଭୁକ୍ତ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 5689.00 ଲକ୍ଷ, EMD : ₹ 1,13,78,000/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ ।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.06.2026ରିଖ 1200 ଘଣ୍ଟିକାରେ ।**

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ହାତାହୋଇଥିବା କିମ୍ବା ଡାକଯୋଗେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅପତ ଗ୍ରହଣଯୋଗ୍ୟ ହେବ ନାହିଁ, ସବୁପ୍ରକାର ଏଗୁଡ଼ିକ ଫାର୍ମ (Firm)ର କେବଳ ହେତୁରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ ।

**ଟୁଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଅଣସ୍ୱାଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉତ୍ତର୍ଦ୍ଧ ଆବାଲଣାଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G & G1ର ଦାଖଲ ସହିତ, ଟେଣ୍ଡର କାଗଜପତ୍ର ଭାଗରୁ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-81/CJ/26-27



## AFFIDAVIT

By virtue of an affidavit sworn before Executive Magistrate, Nayagarh Odisha on dated 04.06.2026 I, Minati Mahapatra W/o -Rabindra Kumar Mahapatra Resident of Village - Boragaon P.O- Purusottamprasad P.S- Fategarh Dist-Nayagarh,PIN-752077 declare that I have changed my name from Manati Mohapatra to Minati Mahapatra Henceforth I shall be known as Minati Mahapatra for all purposes.

**Sd/- Minati Mahapatra**

## AFFIDAVIT

By virtue of an affidavit sworn before the Executive Magistrate Bhadrak. I Sabita Nayak @ Basantilata Nayak aged about 46 years W/o Basudev Nayak of Village-Shyamsundarpur P.S. Dhusuri, Dist- Bhadrak.That I have an LIC Policy bearing policy.no.581978336 where my name is Sabita Nayak.But in my Bank Pass book at Odisha Gramya Bank Gobindapur Branch my name is Basantilata Nayak.That Sabita Nayak & Basantilata Nayak W/o Basudev Nayak is same & one person.

Sd/- Sabita Nayak
Basantilata Nayak

## AFFIDAVIT

By virtue of an affidavit sworn before (Executive Magistrate) SALEPUR, Cuttack, dated. 02.06.2026, I SK KAMAL UDDIN, Address At : KANPUR, Po : KOOD, Ps: SALEPUR, Dist. : Cuttack, Odisha, Pin-754221, declare that I have changed my name my daughter from FIZANA KHATUN to FEZAN AKHTARI. Henceforth, I shall be known as FEZAN AKHTARI for all purposes.

**(SK KAMAL UDDIN)**



## OFFICE OF THE ADDITIONAL DISTRICT URBAN PUBLIC HEALTH OFFICER. ROURKELA

10001/244/2627

(Department of Health & Family Welfare, Govt, Of Odisha)

**Letter No : 1266 /CPMU-RKL/26-27** **Date : 06.06.2026**

**Corrigendum**

**TENDER CALL NOTICE - OF/01/2026-27 VIDE LETTER No.1124 & 1128 Dated 25.05.2026**

1. The revised date for available of tender paper in the District website of Sundargarh (www.sundargarh.odisha.gov.in) from dated 09/06/2026 to dated 20/06/2026.
2. The revised date for receiving of bid on or before dated 24-06-2026 up to 5.30 PM.
3. The revised date for opening of bid on dated 25-06-2026 at 11.00 AM

Yours faithfully
**Sd/- Additional District Urban Public Health Officer, Rourkela**

OIPR : 10001/10144/1/26-27/0003



## OFFICE OF MUNICIPAL COUNCIL SUNABEDA
## E-PROCUREMENT NOTICE

13001/804/2627

**NO. 3654 /** **DATE : 06.06.2026**

**Bid-Identification No. MC-SBD-05/2025-26**

| | | |
|---|---|---|
| Total No of works | : | 18 Nos. |
| Tender Value | : | Rs.2,49,200/- to Rs.13,50,000/- |
| Available Period | : | Dt-10.06.2026 at 11.00AM to 22.06.2026 at 5.00 P.M. |
| Tender Opening date | : | 25.06.2026 at 11.00 A.M |

Bidders are requested to participate in advance with their Class-D&C Class DSC before the closing date.

Further details please visit: **https://www.tendersorissa.gov.in.**

**Sd/ Executive Officer**
**Sunabeda Municipality**

OIPR : 13001/13076/1/26-27/0006



## GOVERNMENT OF ODISHA
## OFFICE OF THE SUPERINTENDING ENGINEER, UPPER KOLAB IRRIGATION DIVISION, BORIGUMMA, DIST: KORAPUT.

32001/351/2627

**e-Procurement Notice**

**Bid Identification No. SEUKID-02/2026-27 Dated: 06.06.2026**

Bid Documents consisting of work, Estimated Cost, cost of bid document, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. **www.tendersodisha.gov.in .**

| | | | |
|---|---|---|---|
| 1. | Name of the Work | : | Civil Works |
| 2. | No. of Works | : | 22 Nos |
| 3. | Estimated Cost | : | Rs.8.01 Lakhs to Rs.28.82 Lakhs |
| 4. | Period of completion | : | Two calendar months |
| 5. | Date & Time of Bidding | : | From 11.00 hours of 11.06.2026 Up to 17.00 hours of 22.06.2026 |
| 6. | Last date & time for receipt of bids in portal | : | 22.06.2026 up to 17.00 hours. |
| 7. | Bids received online shall be opened on | : | 11.00 hours of 23.06.2026 |
| 8. | Name and address of the officer inviting Bid | : | Superintending Engineer, Upper Kolab Irrigation Division, Borigumma (K) |

Further details can be seen from the **www.tendersodisha.gov.in**. Addendum/ corrigendum/cancellation required, if any will be published in Govt. Website only.

**Sd/- Superintending Engineer, Upper Kolab Irrigation Division, Borigumma (K)**

OIPR : 32001/32482/1/26-27/0003



25001/360/2627 e-mail ID: rw_rayagada@yahoo.co.in

## GOVERNMENT OF ODISHA : OFFICE OF THE EXECUTIVE ENGINEER RURAL WORKS DIVISION: RAYAGADA

**Letter No. 2154** **Date : 8.6.2026**

**1st Corrigendum**

In continuation to this office Bid identification No. EERWRGD-Online-02/2026-27 this office letter No. 1723 dated. 13.05.2026 partial modification of TCN has been made as follows.

| Sl No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | 26.05.2026 at 11.00 AM to 12.06.2026 upto 5.00 PM | Extended from 12.06.2026 at 5.00 PM to 23.06.2026 up to 5.00 PM |
| 2 | Date & time of seeking tender clarification if any | 11.06.2026 up to 5.00 PM | 22.06.2026 up to 5.00 PM |
| 2 | Date & Time of Opening Tender (Technical bid) | 16.06.2026 at 11.00 AM | 24.06.2026 at 11.00 AM |
| 2 | Date & Time of Opening Tender (Price bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions remain unchanged.

Yours faithfully
**Sd/- Executive Engineer**
**Rural Works Division Rayagada**

OIPR : 25001/25072/1/26-27/0004



obcc

## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନର ଏକ ଉଦ୍ୟୋଗ)

## OFFICE OF THE S.E. (C) & GENERAL MANAGER, HERITAGE DIVISION
## ODISHA BRIDGE & CONSTRUCTION CORPORATION LIMITED

(A Government of Odisha Undertaking under Works Department)
Email- heritagediv1@obcc.in

34001/317/2627

**No: 632** **Date: 06.06.2026**

**NOTICE INVITING TENDER**

| Sl. No | Name of the work | Bid Identification No. | Date of availability of bid documents in e-procurement portal | Approximate value of work | Cost of bid document (online) | Bid security EMD (online) | Period of completion | Class of contractor |
|---|---|---|---|---|---|---|---|---|
| 01 | 02 | 03 | 04 | 05 | 06 | 07 | 08 | 09 |
| 01 | Construction of toilet block including internal and external P.H. work, E.I work at Janata Govt High School, Bhukta in Bargarh District. | 04/OBCC/ HD/2026-27 | From 11.00 Hours of 12.06.2026 up to 17.00 Hours of 30.06.2026 | Rs. 18,54,290/- | Rs. 7080/- (including 18% GST) | Rs. 18,500/- | 05 (Five) Calendar Months | "C" Class & "D" Class Contractor |
| 02 | Construction of toilet block including internal and external P.H. work, E.I work at Govt High School, Lahanda in Bargarh District. | 05/OBCC/ HD/2026-27 | From 11.00 Hours of 12.06.2026 up to 17.00 Hours of 30.06.2026 | Rs. 18,12,712/- | Rs. 7080/- (including 18% GST) | Rs. 18,100/- | 05 (Five) Calendar Months | "C" Class & "D" Class Contractor |
| 03 | Construction of toilet block including internal and external P.H. work, E.I work at Govt UG High School, Rengali in Bargarh District. | 06/OBCC/ HD/2026-27 | From 11.00 Hours of 12.06.2026 up to 17.00 Hours of 30.06.2026 | Rs. 18,17,518/- | Rs. 7080/- (including 18% GST) | Rs. 18,200/- | 05 (Five) Calendar Months | "C" Class & "D" Class Contractor |

04. The Bidders have to participate in ONLINE bidding only Further details with any addendum, corrigendum, cancellation can be seen from the e-Procurement portal **https://www.tendersodisha.gov.in.**
05. The undersigned has the right to accept or reject the Notice / RFP without assigning any reasons thereof

Sd/- S.E. (C) & General Manager
Heritage Division, OB&CC Ltd., Sambalpur

OIPR : 34001/34171/1/26-27/0003



Phone-0680-2404096 25001/346/2627
E-Mail: eerwgmt@yahoo.co.in

## OFFICE OF THE SUPERINTENDING ENGINEER
## RURAL WORKS DIVISION-II, GANJAM, BERHAMPUR

**Government of Odisha e-Procurement Notice**

**Bid Identification No. Online Tender/05/SERWD-II/2026-27**

**Memo No. 5827/RWD-IIGB, Date : 2.6.26**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs. 43.00 to 48.00 Lakhs |
| 3 | Period of Completion | : | 6 (Six) Months as per Annexure |
| 4 | Date & Time of availability of Bid documents in the Portal | : | 12.06.2026 at 10.00 AM to 27.06.2026 up to 5.00 P.M |
| 5 | Last Date/ Time for receipt of Bids in the Portal | : | 27.06.2026 up to 5.00 P.M |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

**Sd/- Executive Engineer**
**R.W.Division-II, Ganjam**
**Berhampur**

OIPR : 25001/25073/1/26-27/0005



## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭ ୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତସିଂହପୁର-ସୁବ୍ରତ କୁମାର ନାୟକ- ୯୪୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୭୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୪୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ୫ଶହ ଗ୍ରାମ ବ୍ରାଉନସୁଗର ଜବତ୍; ୩ଗିରଫ

ଖୋର୍ଦ୍ଧା, (ସବ୍ୟୁ): ୧୬ନଂ ଜାତୀୟ ରାଜପଥ ଗଡଖୋର୍ଦ୍ଧା ବାଇପାସ ଛକ ନିକଟ ଏକ ହୋଟେଲ ପଛପଟୁ ଶିଳ୍ପାଂଚଳ ଥାନା ପୁଲିସ ୫୦୦ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ୩ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ୩ଜଣ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ଉପରସାହି ର ସୌମ୍ୟରଞ୍ଜନ ସ୍ଵାଇଁ (୧୯) ଓ ପାନବରଜ ର ଇପ୍ସିତା ପାଣିଗ୍ରାହୀ (୨୧) ଏବଂ ପୁରୀ ଜିଲ୍ଲା ପିପିଲି ଥାନା ଅନ୍ତର୍ଗତ କାକୁଡିଆ ର କୃଷ୍ଣାପ୍ରିୟା ସ୍ଵାଇଁ (୫୦)। ସେମାନଙ୍କ ଠାରୁ ପୁଲିସ ମାଟ ୫୦୦ ଗ୍ରାମ ବ୍ରାଉନ୍‌ସୁଗର, ନଗଦ ୧୮ ହଜାର ଟଙ୍କା, ଏକ ବୁଲେଟ୍ ମୋଟରସାଇକେଲ୍ (ନଂ. ଓଡି.୩୩



ଏଭି-୩୩୦୦) ଓ ୪ଟି ମୋବାଇଲ୍ ଫୋନ୍ କୁ ଜବତ କରିଛି। ପ୍ରକାଶ ଥାଉକି, ଗଡଖୋର୍ଦ୍ଧା ବାଇପାସ ଛକ ନିକଟ ଏକ ହୋଟେଲ ପଛପଟେ ବ୍ରାଉନସୁଗର କାରବାର ହେଉଥିବା ପୁଲିସ ଖବର ପାଇଥିଲା। ସେମାନଙ୍କୁ ଧରିବାକୁ ଏସ୍‌ପି ପରମାର ସ୍ମିତ ପର୍ଶୋତମ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ପଙ୍କଜ କୁମାର ମାଝୀ ଓ ଥାନା ଅଧିକାରୀ ଉମେଶ ସାହୁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଆଜି ସକାଳ ସମୟରେ ଏସଆଇ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ବ୍ରାଉନସୁଗର କାରବାର ବେଳେ ଚଢଉ କରି ଗ୍ରାହକ ଇପ୍ସିତା ସମେତ ଦୁଇଜଣ ବେପାରୀଙ୍କୁ ଧରିଥିଲେ।ପୁଲିସ ବ୍ରାଉନସୁଗର ବିକ୍ରୀ ଅଭିଯୋଗରେ ୧୬୩/୨୬ରେ ଏକ ମାମଲା ରୁଜୁ କରି ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପରମାର ସ୍ମିତ ପର୍ଶୋତମ ଦାସ ସୂଚନା ଦେଇଛନ୍ତି। ଏହି ଅଭିଯୁକ୍ତଙ୍କ ସମ୍ପର୍କୟ ବ୍ରାଉନସୁଗର ବିକ୍ରୀ କରି ଗିରିଫ ହୋଇ ଜେଲ ରେ ରହିଛନ୍ତି। ଏତେ ପରିମାଣ ର ବ୍ରାଉନସୁଗର କେଉଁଠାରୁ ଓ କାହାଠାରୁ ଆଣୁଥିଲେ ତାର ତଦନ୍ତ ଚାଲିଛି। ଅଭିଯୁକ୍ତଙ୍କ ଆର୍ଥିକ କାରବାର ର ତଦନ୍ତ କରାଯିବ ବୋଲି ଏସପି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ପଙ୍କଜ ମାଝି, ଥାନା ଅଧିକାରୀ ଉମେଶ ସାହୁ ଉପସ୍ଥିତ ଥିଲେ।

## ଜଳିଗଲା ମେଡିକାଲ ଷ୍ଟୋର

ନୀଳଗିରି,(ସବ୍ୟୁ): -ସର୍ଟସର୍କିଟ ଯୋଗୁଁ ଏକ ଔଷଧଦୋକାନ ଜଳିଯିବା ଫଳରେ ଲକ୍ଷାଧିକ ଟଙ୍କାର ଔଷଧ ଜଳିପୋଡି ନଷ୍ଟ ହୋଇଯାଇଛି। ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱରକୁ ସଂଯୋଗ କରୁଥିବା ଛକନିକଟରେ ସ୍ଥାନୀୟ ଜୟପୁର ଅଞ୍ଚଳର ଅଶେଷ ପାଢ଼ୀ ସାଇକ୍ରୀଷ୍ଣା ମେଡିକାଲ ଷ୍ଟୋର ନାମରେ ଔଷଧ ଦୋକାନ କରିଥିଲେ। ସୋମବାର ଅପରାହ୍ନରେ ଉକ୍ତ ଦୋକାନରେ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଯିବା ଫଳରେ ଦୋକାନର ଷ୍ଟୋରରେ ଗଚ୍ଛିତଥିବ ଲକ୍ଷାଧିକ ଟଙ୍କାର ଔଷଧ ଓ ଅନ୍ୟାନ୍ୟ ଜିନିଷ ପୋଡିଯାଇଥିବା ଦେଖିବାକୁ ମିଳିଛି। ନୀଳଗିରି ଅଗ୍ନିଶମ ବାହିନୀ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ ହେଁ ଲକ୍ଷାଧିକ ଟଙ୍କାର ଔଷଧ ଜାଳିଯାଇଥିବା ପରିଲକ୍ଷିତ ହୋଇଛି।

# ତୈଳ ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ବୋଝ ଉପରେ ଲଳିତା ବିଡ଼ା ସଦୃଶ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଆନ୍ତର୍ଜାତିକ ସ୍ତରରେ ଅଶୋଧିତ ତୈଳର ମୂଲ୍ୟ ହ୍ରାସ ପାଉଥିବା ବେଳେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର କ୍ରମାଗତ ଦରବୃଦ୍ଧି ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ଗତ କିଛି ବର୍ଷ ମଧ୍ୟରେ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ଦୁଇଗୁଣା ବୃଦ୍ଧି ପାଇଛି। ୨୦୧୪ ମସିହାରେ ଘରୋଇ ସିଲିଣ୍ଡରର ମୂଲ୍ୟ ପ୍ରାୟ ୪୧୫ ଟଙ୍କା ଥିଲା, ବର୍ତ୍ତମାନ ତାହା ୯୬୮ ଟଙ୍କାରେ ପହଞ୍ଚିଛି। ସେହିପରି ପେଟ୍ରୋଲ, ଡିଜେଲ ଓ କମର୍ସିଆଲ ଗ୍ୟାସ ସିଲିଣ୍ଡରର ଦର ମଧ୍ୟ ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଥିବାରୁ ସାଧାରଣ ଜନତାଙ୍କ ହାଣ୍ଡିଶାଳ ଉପରେ ଚଡ଼କ ପଡ଼ିଛି କହି ସରକାରଙ୍କୁ କଡ଼ା ନିନ୍ଦା କରିଥିଲେ। ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ଦରବୃଦ୍ଧି ଯୋଗୁଁ ନିମ୍ନ ଓ ମଧ୍ୟବିତ୍ତ ପରିବାର, କ୍ଷୁଦ୍ର ବ୍ୟବସାୟୀ, ଚା' ଦୋକାନୀ ଓ ହୋଟେଲ ବ୍ୟବସାୟୀଙ୍କ ଉପରେ ଗଭୀର ପ୍ରଭାବ ପଡୁଛି। ରନ୍ଧନ ଗ୍ୟାସର ଦର କ୍ରମାଗତ ଭାବେ



ବୃଦ୍ଧି ପାଉଥିବା ଯୋଗୁଁ ସାଧାରଣ ଲୋକଟିଏ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଦର ହ୍ରାସ ପାଇଥିବା ସତ୍ତ୍ୱେ ତାହାର ସୁଫଳ ସାଧାରଣ ଲୋକଙ୍କୁ ମିଳୁନାହିଁ। କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଅତ୍ୟଧିକ ଭ୍ୟାଟ୍ କମାଇ, ଦରବୃଦ୍ଧି ଯୋଗୁଁ ହନ୍ତସନ୍ତ ହେଉଥିବା ସାଧାରଣ ଜନତାଙ୍କ ପ୍ରତି ସମ୍ବେଦନଶୀଳ ହୁଅନ୍ତୁ। ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରନ୍ତୁ, ଏହାଦ୍ୱାରା ତୈଳ ମୂଲ୍ୟ ହ୍ରାସ ପାଇବା ସହ ସାଧାରଣ ଲୋକଙ୍କ ଉପରେ ଆର୍ଥିକ ବୋଝ କମିପାରିବ। ରାଜ୍ୟ ସରକାର ପେଟ୍ରୋଲ, ଡିଜେଲ ଓ ଗ୍ୟାସର ଦରକୁ ହ୍ରାସ କରି ସାଧାରଣ ଜନତାଙ୍କ ଆର୍ଥିକ ବୋଝକୁ କମ୍ କରନ୍ତୁ। ବିଜେଡିର ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ବିଜୁ ମହିଳା ଜନତା ଦଳର ଉପସଭାନେତ୍ରୀ ତଥା କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ଉପସଭାନେତ୍ରୀ ତଥା କର୍ପୋରେଟର ମାନସୀ ସୁନ୍ଦରରାୟ ଉପସ୍ଥିତ ଥିଲେ।

# ଟ୍ରାକ୍ଟର ପଛ ପଟକୁ ପିଟି ହେଲା ବାଇକ, ଆରୋହୀ ଗୁରୁତର

ବେତନଟୀ(ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା- ରୂପସା ରାସ୍ତାର ବ୍ରଜ ଗ୍ୟାରେଜ ନିକଟରେ ଛିଡା ହୋଇଥିବା ବାଉଁଶ ବୋଝେଇ ଟ୍ରାକ୍ଟରକୁ ପଛ ପଟୁ ପିଟି ହେଲା ବାଇକ। ପ୍ରାପ୍ତ ସୂଚନା ମୁତାବକ ମହୁରୀ ଗ୍ରାମର ବସନ୍ତ ରାଉତଙ୍କ ପୁଅ ଦିପୁ ରାଉତ ଏକ ବାଇକ ଯୋଗେ ମହୁରୀ ସ୍ଥିତ ନିଜ ଘରକୁ ଫେରୁଥିଲେ। ଉକ୍ତ ରାସ୍ତା ଉପରେ ଓଡ଼ି- ୦୧ଏଏଚ-୫୩୦୩ ବିଶିଷ୍ଟ ଏକ ବାଉଁଶ ବୋଝେଇ ଟ୍ରାକ୍ଟର ଟି ଛିଡ଼ା ହୋଇଥିଲା। ରାତ୍ରୀ ହୋଇଥିବା କାରଣରୁ ସାମ୍ନା ପଟୁ ଗାଡ଼ି ଗୁଡିକର ଲାଇଟ ପଡ଼ି ଯିବା କାରଣରୁ ଦିପୁ ଙ୍କୁ ସାମ୍ନା ପଟୁ କିଛି ଦେଖା ନଯିବା ଯୋଗୁଁ ରାସ୍ତା ଉପରେ ପଡ଼ି ଥିବା ବାଉଁଶ ବୋଝେଇ ଟ୍ରାକ୍ଟରଟି କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ବାଇକ ଆରୋହୀ ରକ୍ତାକ୍ତ ଅବସ୍ଥାରେ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡ଼ି ରହିଥିଲେ।

# ଡକାୟତି ଉଦ୍ୟମ ପଣ୍ଡ; ୬ଗିରଫ

ଖୋର୍ଦ୍ଧା, (ସବ୍ୟୁ) : ଆଦର୍ଶ ଥାନା ଅଧୀନ ନାଳିପଢ଼ା ଅର୍ଜୁନପୁର ସ୍ଥିତ ଷଷ୍ଠ ଆଇଆରବିଏନ୍ ଏଫ୍ ଟାଇପ୍ କ୍ୱାର୍ଟର ପଛପଟ ଖଣି ଅଂଚଳ ବସି କିଛି ବ୍ୟକ୍ତି ଅସ୍ତ୍ରଶସ୍ତ୍ର ସହିତ ଡକାୟତି ପାଇଁ ଯୋଜନା କରୁଥିବା ଖବର ପାଇ ପୁଲିସ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ସ୍ଥାନୀୟ ନାଳିପଡା ଅର୍ଜୁନପୁର ର ପ୍ରଶାନ୍ତ ପାଣ୍ଡିଆ (୨୭), ଶରଧାପୁର ର ରାଜେନ୍ଦ୍ର ବେହେରା (୧୯), ଖ୍ରୀଷ୍ଟିଆନ ସାହି ର ସମ୍ପିତ୍ ସିଂହ (୧୯), ବାସେଲୀସାହି ର ଦେବୀପ୍ରସାଦ ସାହୁ (୨୧), ଟାଙ୍ଗୀ ଥାନା ବଡପାରୀ ର ରଶ୍ମିରଞ୍ଜନ ମାନଧାତା (୨୬) ଏବଂ ପୁରୀ ଟାଉନ୍ ହରିଚନ୍ଦନ ସାହି ର ବିକ୍ରମ ରଥ (୨୬)। ସେମାନଙ୍କ ଠାରୁ ଏକ ଡମି ପିସ୍ତଲ, ଏକ ଲୁହା ଚାପଡ, ଦୁଇଟି ଛୁରୀ, ୫ ଟି ମୋବାଇଲ୍, ୩ଟି ଲୁହା ରଡ୍, ୨ଟି ବାଇକ୍ ଓ କିଛି ସିଗାରେଟ୍ ବଟ୍ କୁ ପୁଲିସ ଜବତ କରିଛି। ଗତକାଲି ରାତିରେ ନାଳିପଡ଼ା ଅର୍ଜୁନପୁର ସ୍ଥିତ ଷଷ୍ଠ ଆଇଆରବିଏନ୍ ଏଫ୍ ଟାଇପ୍ କ୍ୱାର୍ଟର ପଛପଟ ଖଣି ଅଂଚଳ ବସି କିଛି ବ୍ୟକ୍ତି ଡକାୟତି ଯୋଜନା କରୁଥିବା ପୁଲିସ ଖବର ପାଇଥିଲା। ସେମାନଙ୍କୁ ଧରିବାକୁ ଏସ୍‌ପି ପରମାର ସ୍ମିତ ପର୍ଶୋତମ ଦାସ ଙ୍କ ନିର୍ଦ୍ଦେଶରେ ଏବଂ ଏସ୍‌ଡିପିଓ ପଙ୍କଜ କୁମାର ମାଝୀ ଓ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏସଆଇ ଦିନେଶ କୁମାର ପିଙ୍ଗୁଆଙ୍କ ନେତୃତ୍ୱରେ ଏହି ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରି ୬ ଜଣଙ୍କୁ ଧରିବା ସହ ସେମାନଙ୍କ ଠାରୁ ଅସ୍ତ୍ରଶସ୍ତ୍ର ପ୍ରଭୃତି ଜବତ କରିଥିଲେ। ସେମାନେ ସ୍ଥାନୀୟ ଅଂଚଳରେ ଡକାୟତି ପାଇଁ ଯୋଜନା କରୁଥିବା ପୁଲିସ ଜାଣିବାକୁ ପାଇଥିଲା। ଏନେଇ ୩୧୦(୪)/୩୧୦(୫)/୨୯୬/୩୫୧(୩) ବିଏନ୍‌ଏସ୍ ରେ ୩୪୧/୨୬ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

# ଅନ୍ଧବିଶ୍ୱାସ ନିବାରଣ ସମ୍ପର୍କିତ ସଚେତନତା ଶିବିର

କଟକ, (ସବ୍ୟୁ): ଅଲୌକିକ ଆଚରଣ ସନ୍ଦେହରେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ନିର୍ଯାତନା ଏବଂ ଅନ୍ଧବିଶ୍ୱାସ ଭଳି କୁପ୍ରଥାକୁ ଦୂର କରିବା ଉଦ୍ଦେଶ୍ୟରେ ଆଜି ଟାଙ୍ଗୀ-ଚୌଦ୍‌ବାର ବ୍ଲକର ମଙ୍ଗରାଜପୁର ଗ୍ରାମରେ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି ଶିବିରରେ ବହୁ ସଂଖ୍ୟକ ଗ୍ରାମବାସୀ, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଯୁବକ ଓ ଯୁବତୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଗ୍ରାମାଞ୍ଚଳ ପୁଲିସ, ଶ୍ରୀମତୀ ମିନାକ୍ଷୀ ଠାକୁର ଯୋଗଦେଇ ଓଡିଶା ଡାହାଣୀ ଶିକାର ନିରାକରଣ ଆଇନ ୨୦୧୩ ସମ୍ପର୍କରେ ଆଲୋଚନା କରିବା ସହ ଅଲୌକିକ ଆଚରଣ ସନ୍ଦେହରେ କାହାକୁ ନିର୍ଯାତନା ଦେବା, ସାମାଜିକ ବାସନ୍ଦ କରିବା କିମ୍ବା ହିଂସାତ୍ମକ ବ୍ୟବହାର କରିବା ଆଇନଗତ ଅପରାଧ ବୋଲି କହିଥିଲେ। କୌଣସି ଅନୈତିକ କିମ୍ବା ଅପରାଧିକ ଘଟଣା ସମ୍ପର୍କରେ ତୁରନ୍ତ ପୋଲିସ କିମ୍ବା ପ୍ରଶାସନକୁ ଅବଗତ କରିବାକୁ ସେ ଅଂଶଗ୍ରହଣକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ଧବିଶ୍ୱାସ ଏବଂ ସନ୍ଦେହ ସମାଜରେ ଭୟ ଓ ଅଶାନ୍ତି ସୃଷ୍ଟି କରିଥାଏ। ଏହା ଫଳରେ ଅନେକ ନିର୍ଦ୍ଦୋଷ ମହିଳା ଓ ବ୍ୟକ୍ତି ନିର୍ଯାତନାର ଶିକାର ହୋଇଥାନ୍ତି। ଏସବୁ ଭ୍ରାନ୍ତ ଧାରଣା ଏବଂ ବହୁଚରିତ୍ର ସ୍ୱଭାବ ଭଳି ଏକ ମାନସିକ ରୋଗ।

## 'କିଚେନ୍ ପ୍ରିମିଅର୍ ଲିଗ୍' ୨୦୨୬ ସଂସ୍କରଣର

# ବିଜେତା ହେଲେ ଶ୍ରଦ୍ଧାଞ୍ଜଳି, ସୁପର୍ଣ୍ଣା ଏବଂ ଅଞ୍ଜନା

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର-କଟକ ଦୈତନଗରୀର ବିଭିନ୍ନ ଆବାସିକ ସୋସାଇଟିଗୁଡିକ ମଧ୍ୟରେ ଗତ ଦୁଇ ମାସ ଧରି ଚାଲିଥିବା ରୋମାଞ୍ଚକର ରନ୍ଧନ ପ୍ରତିଯୋଗିତା ପରେ, ପିପିଲିର ଆଡଭେଞ୍ଚର କନଭେନସନ୍ ଆଣ୍ଡ ରିସୋର୍ଟଠାରେ ଗତକାଲି ଅନୁଷ୍ଠିତ ୯୩.୫ ରେଡ୍ ଏଫ୍‌ଏମ୍ କିଚେନ୍ ପ୍ରିମିଅର୍ ଲିଗ୍ (କେପିଏଲ୍) ୨୦୨୬ ସଂସ୍କରଣର ଗ୍ରାଣ୍ଡ ଫାଇନାଲରେ ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ସୁପର୍ଣ୍ଣା ମିଶ୍ର ଏବଂ ଅଞ୍ଜନା ପାତ୍ର ବିଜୟୀ ହୋଇଛନ୍ତି। ଏହି ଗ୍ରାଣ୍ଡ ଫାଇନାଲରେ ମୋଟ ୨୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଏକ ରୋମାଞ୍ଚକର ମୁକାବିଲା ଦେଖିବାକୁ ମିଳିଥିଲା। ଗତ ଦୁଇ ମାସ ଧରି ବିଭିନ୍ନ ହାଉସିଂ ସୋସାଇଟିରେ ଆୟୋଜିତ ପ୍ରାରମ୍ଭିକ ପର୍ଯ୍ୟାୟରେ ସଫଳତା ହାସଲ କରିବା ପରେ ଏହି ପ୍ରତିଯୋଗିଗଣ ଫାଇନାଲରେ ପହଞ୍ଚିଥିଲେ। ଫାଇନାଲିଷ୍ଟମାନଙ୍କ ମଧ୍ୟରେ ଉତ୍ସାହୀ ହୋମ୍ ଶେଫ୍ ଏବଂ ରୋଷେଇ ପ୍ରେମୀ ମାନଙ୍କର ଏକ ବିବିଧ ସମାହାର ଥିଲା, ଯେଉଁମାନେ ନିଜର ଅସାଧାରଣ ସୃଜନଶୀଳତା ଓ ରନ୍ଧନ କୌଶଳର ପ୍ରଦର୍ଶନ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ, ପ୍ରତିଯୋଗୀମାନଙ୍କୁ ୯୦ ମିନିଟ୍ ସମୟ ମଧ୍ୟରେ ନିଜ ପସନ୍ଦର ଏକ ବ୍ୟଞ୍ଜନ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ପ୍ରତିଯୋଗୀମାନେ ନୂତନତ୍ୱ, ଉପସ୍ଥାପନା ଶୈଳୀ, ସ୍ୱାଦ ଏବଂ ଉତ୍କୃଷ୍ଟ ରନ୍ଧନ କୌଶଳର ଅପୂର୍ବ ସମନ୍ୱୟ ଦେଖାଇ ପ୍ରତିଯୋଗିତାକୁ ବେଶ୍ ଆକର୍ଷଣୀୟ କରିଥିଲେ। ପୋଖରୀପୁଟସ୍ଥିତ କୋକିଳା ଗାର୍ଡେନର ଶ୍ରଦ୍ଧାଞ୍ଜଳି ସ୍ୱାଇଁ ପ୍ରତିଯୋଗିତାରେ ବିଜୟୀ ହୋଇଥିବାବେଳେ, ପୋଖରୀପୁଟସ୍ଥିତ ପ୍ରିଷ୍ଟିନ୍ ଗ୍ରୀନ୍ସର ସୁପର୍ଣ୍ଣା ମିଶ୍ର ପ୍ରଥମ ରନର୍-ଅପ୍ ଏବଂ ପଟିଆସ୍ଥିତ ରକ୍‌ପୁଲ ହାଇଟ୍‌ସର



ଅଞ୍ଜନା ପାତ୍ର ଦ୍ୱିତୀୟ ରନର୍-ଅପ୍ ଭାବେ ବିବେଚିତ ହୋଇଥିଲେ। ଶ୍ରଦ୍ଧାଞ୍ଜଳିଙ୍କ ଶ୍ରୀଜଗନ୍ନାଥଙ୍କ 'ଛପନଭୋଗ'କୁ ଉତ୍ସର୍ଗୀକୃତ 'ଛପନଭୋଗ ପ୍ଲାଟର' ସର୍ବଶ୍ରେଷ୍ଠ ବିବେଚିତ ହୋଇଥିବାବେଳେ, ସୁପର୍ଣ୍ଣାଙ୍କ ବ୍ରହ୍ମପୁର ଶୈଳୀର 'ମାଛ ଅମ୍ବିଳ' ଏହାର ସରଳତା ପାଇଁ ବିଚାରକ ଓ ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲା। ଅଞ୍ଜନା ପାତ୍ରଙ୍କ 'ପ୍ୟାନ୍-ଇଣ୍ଡିଆ ପ୍ଲାଟର' ଦେଖିବାକୁ ଯେତିକି ଆକର୍ଷଣୀୟ ଥିଲା, ସ୍ୱାଦରେ ମଧ୍ୟ ସେତିକି ଉତ୍କୃଷ୍ଟ ଥିଲା। ଆତିଥ୍ୟ ଶିଳ୍ପ କ୍ଷେତ୍ରର ଅଭିଜ୍ଞ ବ୍ୟକ୍ତିତ୍ୱ ଏବଂ ବର୍ତ୍ତମାନ ଓଣ୍ଡରଲା ହଲିଡେଜ୍ ଲିମିଟେଡ୍‌ର ଭୁବନେଶ୍ୱର ପାର୍କ ହେଡ୍ ସମୀର ଅଲିଙ୍କ ନେତୃତ୍ୱରେ ବିଶିଷ୍ଟ ଶେଫ୍ ଓ ଆତିଥ୍ୟ ଶିଳ୍ପର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ବ୍ୟଞ୍ଜନଗୁଡ଼ିକର ମୂଲ୍ୟାୟନ କରିଥିଲେ। ବିଚାରକମାନଙ୍କ ଦ୍ୱାରା ସ୍ୱାଦ, ମୌଳିକତା, ଉପସ୍ଥାପନ, ପରିଛନ୍ନତା ଏବଂ ସାମଗ୍ରିକ ରନ୍ଧନ ଶୈଳୀକୁ ଆଧାର କରି ମୂଲ୍ୟାୟନ କରାଯାଇଥିଲା। ପ୍ରତିଯୋଗିତାର ଶେଷରେ ବିଜେତା ଓ ଫାଇନାଲିଷ୍ଟମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଜେତା ଶ୍ରଦ୍ଧାଞ୍ଜଳି ସ୍ୱାଇଁଙ୍କୁ ୧୦,୦୦୦ ଟଙ୍କା, ପ୍ରଥମ ରନର୍ସ-ଅପ୍ ସୁପର୍ଣ୍ଣା ମିଶ୍ରଙ୍କୁ ୭,୦୦୦ ଟଙ୍କା ଏବଂ ଦ୍ୱିତୀୟ ରନର୍ସ-ଅପ୍ ଅଞ୍ଜନା ପାତ୍ରଙ୍କୁ ୫,୦୦୦ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ସହ ଆୟୋଜକମାନଙ୍କ ପକ୍ଷରୁ ବିଭିନ୍ନ ଉପହାର ଓ ଗିଫ୍ଟ ହ୍ୟାମ୍ପର ମଧ୍ୟ ପ୍ରଦାନ କରାଯାଇଥିଲା।

## ଦକ୍ଷତା ବିକାଶ ଏବଂ ଭବିଷ୍ୟତର ପ୍ରସ୍ତୁତିକୁ

# ପ୍ରୋତ୍ସାହିତ କରିବ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ନୂତନ ଅଧ୍ୟୟନ ଏବଂ ବିକାଶ କେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍ /ଏନ୍‌ଏସ୍ ଇଣ୍ଡିଆ) ଏହାର କର୍ମଚାରୀ ଏବଂ ସହଯୋଗୀଙ୍କ ଦକ୍ଷତା ବିକାଶ ଲକ୍ଷ୍ୟରେ ଏକ ପଦକ୍ଷେପ ସ୍ୱରୂପ ପାରାଦ୍ୱୀପପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସରେ ନୂତନ ଅଧ୍ୟୟନ ଏବଂ ବିକାଶ କେନ୍ଦ୍ର ତଥା ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟର (ଏଲ୍ ଆଣ୍ଡ ଡି) ଉଦଘାଟନ କରିଛି। ଏହି କେନ୍ଦ୍ର ଏହାର କର୍ମଚାରୀ ମାନଙ୍କର ଦକ୍ଷତା ବିକାଶ ଏବଂ ବୃତ୍ତିଗତ ଅଭିବୃଦ୍ଧି ପାଇଁ କାର୍ଯ୍ୟ କରିବା ସହିତ ଏଏମ୍ /ଏନଏସ୍ ଇଣ୍ଡିଆର ବିକାଶର ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି କେନ୍ଦ୍ର ନିରନ୍ତର ପ୍ରଶିକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଛି, ଯେଉଁଠାରେ ୧୨୦ ଜଣଙ୍କ ପାଇଁ ବସିବା କ୍ଷମତା ରହିଛି। ତାଲିମ ଅଧିବେଶନଗୁଡ଼ିକର ସହଜ ଓ ନିରବଚ୍ଛିନ୍ନ ପରିଚାଳନା ପାଇଁ ଏହା ଉଚ୍ଚ-ଗୁଣବତ୍ତା ସମ୍ପନ୍ନ ଅଡିଓ-ଭିଜୁଆଲ୍ ସିଷ୍ଟମ୍ ଏବଂ ଏକ ଡିଜିଟାଇଜ୍ଡପୋଡିୟମ୍ (ମଞ୍ଚ) ଦ୍ୱାରା ସୁସଜ୍ଜିତ। ଏହି କେନ୍ଦ୍ରରେ ଏଲ୍ ଆଣ୍ଡ ଡି ଟିମ୍ ପାଇଁ ସ୍ୱତନ୍ତ୍ର



ୱର୍କଷ୍ଟେସନ୍ ମଧ୍ୟ ରହିଛି। ଶିକ୍ଷଣ ପରିବେଶକୁ ଆହୁରି ସମୃଦ୍ଧ କରିବା ପାଇଁ ଖୁବ୍ ଶୀଘ୍ର ଏଥିରେ ଲାଉଞ୍ଜ୍ ଏବଂ ଲାଇବ୍ରେରୀ (ପାଠାଗାର) ସୁବିଧା ଯୋଡ଼ିବାକୁ ମଧ୍ୟ ଯୋଜନା କରାଯାଉଛି।

ଏହି କେନ୍ଦ୍ରକୁ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଅର୍ଥ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ଅମିତ ହରଲାଲକା ଏବଂ ମାନବ ସମ୍ବଳ ଏବଂ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ ମିଳିତ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଖଣି ଏବଂ ଷ୍ଟ୍ରାଟେଜିକ୍ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ କୁମାର ମେହେଟ୍ଟା, ପ୍ରକଳ୍ପ (ପୂର୍ବ) ବିଭାଗ ମୁଖ୍ୟ କେ.ଏ. ଚୌଧୁରୀ, ମାନବ ସମ୍ବଳ (ପୂର୍ବ) ବିଭାଗ ମୁଖ୍ୟ ଡକ୍ଟର ଦେବବ୍ରତ ଦାଶ, ଓଡ଼ିଶାଅପରେସନ୍ସର ମୁଖ୍ୟ ୟୁ.ଏସ୍. ଆର୍. ରାଜୁ, ପ୍ରକଳ୍ପ (ଓଡ଼ିଶା) ବିଭାଗ ମୁଖ୍ୟ ଶ୍ରୀ ଘନଶ୍ୟାମ ପରିଡ଼ା ଏବଂ ମାଇନିଂଅପରେସନ୍ସ ଆଣ୍ଡ ଡେଭଲପମେଣ୍ଟ ବିଭାଗ ମୁଖ୍ୟ ଲକ୍ଷ୍ମଣ ଶେଖାୱତ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ବିଭିନ୍ନ ବିଭାଗର କର୍ମଚାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନ ପରେ ଆୟୋଜିତ ଏକ ପୁରସ୍କାର ଓ ସ୍ୱୀକୃତି ସମାରୋହରେ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା କର୍ମଚାରୀମାନଙ୍କୁ ସେମାନଙ୍କର ଅବଦାନ ପାଇଁ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ନେତୃତ୍ୱମଣ୍ଡଳୀ ଦଳ ଦ୍ୱାରା ସମ୍ମାନିତ କରାଯାଇଥିଲା। ସୁରକ୍ଷାରେ ଅଗ୍ରଣୀ ଭୂମିକା ପ୍ରତି ପ୍ରତିବଦ୍ଧତା, ସୁରକ୍ଷା ସଂସ୍କୃତି ଗଠନ, ପ୍ରକ୍ରିୟା ଏବଂ ପ୍ରକଳ୍ପର ଉନ୍ନତିକରଣ, ନବସୃଜନ, ଉଚ୍ଚ ପ୍ରଦର୍ଶନ ଏବଂ ମୂଲ୍ୟବର୍ଦ୍ଧନ, ସହଭାଗିତା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ସମସ୍ୟା ଓ ଦ୍ୱନ୍ଦ୍ୱର ସମାଧାନ ଏବଂ ପରିସ୍ଥିତି ଅନୁଯାୟୀ ସମସ୍ୟାର ସମାଧାନ ଭଳି ବିଭିନ୍ନ ବିଭାଗରେ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଟ୍ରକ ପଛରେ ଟ୍ରକ ଧକ୍କା ଚାଳକ ଖଲାସୀ ଆହତ

ପାଣିକୋଇଲି, (ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ଠାରେ ସୋମବାର ଟ୍ରକ ପଛରେ ଟ୍ରକ ଧକ୍କା ହେବା ଫଳରେ ଚାଳକ ଓ ଖଲାସୀ ଆହତ ହୋଇଛନ୍ତି। ରାୟପୁରରୁ ସିମେଣ୍ଟ ବୋଝେଇ କରି ଏକ ଟ୍ରକ (ସିଜି ୪ପି କିୟୁ ୧୪୨୩) ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଜାତୀୟ ରାଜପଥର ବ୍ରଜନଗର ଠାରେ ଆଗରେ ଯାଉଥିବାଏକ ଟ୍ରକ ହଠାତ ବେକ୍ର ମାରିଦେବାରୁ ସିମେଂଟ ବୋଝେଇ ଟ୍ରକଟି ଭାରସାମ୍ୟ ହରାଇ ତା ପଛରେ ଧକ୍କା କରିଥିଲା। ଫଳରେ ଚାଳକ ବିହାର ଓରଂଗାବାଦର ଅବିନାଶ ପାଣ୍ଡେ ଓ ଖଲାସୀ ବିପିନ ପାଣ୍ଡେ ଆହତ ହୋଇଥିଲେ। ଖବରପାଇ ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ ପହଂଚି ସେମାନଙ୍କୁ ଉଦ୍ଧାର କରି ପାଣିକୋଇଲିର ଏକ ଘରୋଇ ଚକିତ୍ସାଳୟରେ ଚିକିତ୍ସା କରାଇଛନ୍ତି। ଦୁର୍ଘଟଣା ପରେ ଆଗ ଟ୍ରକଟି ପଳାଇଯାଇଥିବା ବେଳେ ସିମେଂଟ ଟ୍ରକକୁ ପୁଲିସ ଜବତ କରି ତଦନ୍ତ ଜାରି ରଖିଛି।

# ଜେଏସ୍‌ଡବ୍ଲୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗ ପକ୍ଷରୁ ଏନ୍‌ଭାଇରୋ-ଥନ୍ ଆୟୋଜିତ

ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ପରିବେଶ ଦିବସ ୨୦୨୬ ପାଳନ କରିବା ଅବସରରେ, ଜେଏସଡବ୍ଲୁ ଷ୍ଟିଲ୍‌ର ଓଡ଼ିଶା ଖଣି ବିଭାଗ ଜୁନ୍ ୭ ତାରିଖରେ ବଡବିଲ୍‌ରେ ଏନଭାଇରୋ-ଥନ୍ ଶୀର୍ଷକ ଏକ




୬ କିଲୋମିଟର ପରିବେଶ ମାରାଥନ୍ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ପରିବେଶଗତ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ସହିତ ଫିଟନେସ୍ ଏବଂ ସମ୍ପ୍ରଦାୟର ସମ୍ପୃକ୍ତିକୁ ଉତ୍ସାହିତ କରିବା। ଜେଏସଡବ୍ଲୁ ଷ୍ଟିଲ୍ କର୍ମଚାରୀ ଏବଂ ସ୍ଥାନୀୟ ଲୋକମାନେ ସମେତ ପ୍ରାୟ ୮୦୦ ଅଂଶଗ୍ରହଣକାରୀଙ୍କୁ ଆକର୍ଷିତ କରିଥିଲା। ଏହି କାର୍ଯ୍ୟକ୍ରମରେ ବାର୍ବିଲ୍ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମାବେଶକୁ ସମ୍ବୋଧିତ କରି, ସେ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନରେ ସ୍ଥାୟୀ ଅଭ୍ୟାସ ଗୁଡ଼ିକୁ ଗ୍ରହଣ କରିବାକୁ ଏବଂ ଏକ ସବୁଜ ଭବିଷ୍ୟତ ପାଇଁ ଯୋଗଦାନ ଦେବାକୁ ଅନୁରୋଧ କରିଥିଲେ।

ପୁରୁଷ ବର୍ଗରେ, ଡୋଡ୍ରୋ ହେମ୍ବ୍ରୋମ୍ ୨୧.୪୩ ମିନିଟରେ ଦୌଡ଼ ସମାପ୍ତ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆଶିଷ ହେଷା ୨୧.୪୬ ମିନିଟ୍ ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ, ଯେତେବେଳେ ସୁନୀଲ ବେହେରା ୨୧.୪୯ ମିନିଟ୍ ସହିତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ଅଂଶଗ୍ରହଣକାରୀଙ୍କ ମଧ୍ୟରେ, ରିନା ଟପ୍ନୋ ୩୦.୩୮ ମିନିଟ୍ ସହିତ ବିଜେତା ହୋଇଥିଲେ। ସାଇନା କାଲୋ ୩୦.୪୩ ମିନିଟ୍ ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ, ତା'ପରେ କାଜଲ ସିଡାରି ୩୨.୦୭ ମିନିଟ୍ସ ହିତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପିଲାମାନଙ୍କ ବର୍ଗରେ ମଧ୍ୟ ପ୍ରଭାବଶାଳୀ ପ୍ରଦର୍ଶନ ଦେଖିବାକୁ ମିଳିଥିଲା, ପ୍ରିନ୍ସ ସିଡୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ, ଆୟୁଷ ସିଙ୍କୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ଏବଂ ଗ୍ୟାହୋନା ରଞ୍ଜନ ମହାନ୍ତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ବିଶ୍ୱ ପରିବେଶ ଦିବସ-ଥିମ୍ ଟି-ସାର୍ଟ ପ୍ରଦାନ କରାଯାଇଥିଲା, ଯେତେବେଳେ ପ୍ରତ୍ୟେକ ଫିନିସରଙ୍କୁ ଏକ ପାତ୍ରଯୁକ୍ତ ଗଛ ପ୍ରଦାନ କରାଯାଇଥିଲା। ପୁରୁଷ, ମହିଳା ଏବଂ ପିଲାମାନଙ୍କ ବର୍ଗରେ ଶ୍ରେଷ୍ଠ ତିନି ଜଣ ଫିନିସରଙ୍କୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପଦକ ପ୍ରଦାନ କରାଯାଇଥିଲା।

## ଟ୍ରକକୁ ପିଟି ବାଇକ ଆରୋହୀ ଗୁରୁତର

ନୀଳଗିରି,(ସବ୍ୟୁ): ଟ୍ରକକୁ ପିଟିହୋଇ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ନୀଳଗିରି ମହିଳା ମହାବିଦ୍ୟାଳୟ ପାଖରେ ଅନ୍ଧକାରରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଛିଡ଼ାହୋଇଥିବା ବେଳେ ବରିସାହି ଗ୍ରାମର ଲଳିତ ଜେନା (୪୫)ଏକ ବୁଲେଟ ଯୋଗେ ରାତି ରବିବାର ୯ଟା ବେଳେ ଘରକୁ ଫେରୁଥିଲେ। ସେ ଅନ୍ଧାରରେ ଜାଣିନପାରି ଟ୍ରକ ପଛରେ ବାଇକକୁ ଧକ୍କା ଦେଇଥିଲେ। ଧକ୍କା ହେବା ଫଳରେ ଲଳିତ ଗୁରୁତର ହୋଇ ଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଲଳିତଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି।

## ବିଶ୍ୱ ପରିବେଶ ଦିବସରେ, ବେଦାନ୍ତ ଆଲୁମିନିୟମ

# କଳାହାଣ୍ଡି-ରାୟଗଡ଼ା-କୋରାପୁଟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଛି

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ପରିବେଶ ଦିବସ ପାଳନ କରି, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର କଳାହାଣ୍ଡି, ରାୟଗଡ଼ା ଏବଂ କୋରାପୁଟ ଜିଲ୍ଲାରେ ୫,୦୦୦+ ଫଳଦାୟକ ଚାରା ରୋପଣ ଲକ୍ଷ୍ୟରେ ଏକ ମାସବ୍ୟାପୀ ରୋପଣ ଅଭିଯାନ ଆରମ୍ଭ କରିଛି। ଏହି ପ୍ରୟାସଗୁଡ଼ିକ କମ୍ପାନୀର ବ୍ୟାପକ ବନୀକରଣ ପଦକ୍ଷେପ ଉପରେ ଆଧାରିତ ଯାହା ସ୍ଥାନୀୟ ସମ୍ପ୍ରଦାୟ ସହିତ ସହଭାଗୀତାରେ ସମଗ୍ର ଅଞ୍ଚଳରେ ୧.୨ ଲକ୍ଷରୁ ଅଧିକ ଗଛ ରୋପଣ କରିସାରିଛି। ସାର୍ବଜନୀନ ସ୍ଥାନରେ ସବୁଜ ଆବରଣକୁ ସୁଦୃଢ଼ କରିବା ଲକ୍ଷ୍ୟରେ ସ୍କୁଲ, ପିଏଚ୍ସି, ଛାତ୍ରାବାସ ଏବଂ ଅଙ୍ଗନୱାଡି ସମେତ ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ୧୫୦୦ ରୁ ଅଧିକ ଚାରା ରୋପଣ ସହିତ ଏହି ପଦକ୍ଷେପ ଆରମ୍ଭ ହୋଇଥିଲା। ଏହି ବୃକ୍ଷ ରୋପଣ



ଅଭିଯାନ ଫଳ ଉତ୍ପାଦନକାରୀ ଏବଂ ଦେଶୀୟ ପ୍ରଜାତି ଉପରେ ଧ୍ୟାନ କେନ୍ଦ୍ରିତ କରେ, ଯାହା ଦ୍ୱାରା ମାଟିର ଆର୍ଦ୍ରତା ବୃଦ୍ଧି, କ୍ଷୟ ନିୟନ୍ତ୍ରଣ, ବର୍ଦ୍ଧିତ ଜୈବ ବିବିଧତା ଏବଂ ଗ୍ରାମୀଣ ପରିବାର ପାଇଁ ପରିପୂରକ ଜୀବିକା ସୁଯୋଗ ସମେତ ବହୁବିଧ ଲାଭ ମିଳିପାରିବ। ସମ୍ପ୍ରଦାୟ-ନେତୃତ୍ୱାଧୀନ ପଦ୍ଧତି ଚାରାଗୁଡ଼ିକର ଦୀର୍ଘକାଳୀନ ବଞ୍ଚିବା ଏବଂ ସବୁଜ ସମ୍ପତ୍ତିର ସ୍ଥାନୀୟ ମାଲିକାନା

**ସମଗ୍ର ଅଞ୍ଚଳରେ ୧.୨ ଲକ୍ଷରୁ ଅଧିକ ଗଛ ରୋପଣ କରାଯାଇଛି**

ସୁନିଶ୍ଚିତ କରେ। ଡୋଙ୍ଗିଝୁଲା ଗ୍ରାମର ସମରୁ ମାଝୀ ତାଙ୍କ ଅଭିଜ୍ଞତା ବାଣ୍ଟି କହିଛନ୍ତି, "ରୋପଣ ଅଭିଯାନ ଆମର ପାରିପାର୍ଶ୍ୱିକ ଏବଂ ମାଟି ସ୍ଥିତିକୁ ଉନ୍ନତ କରିବାରେ ସାହାଯ୍ୟ କରୁଛି, ଯାହା ଆମର ଚାଷକୁ ସମର୍ଥନ କରେ। ଫଳ ଉତ୍ପାଦନକାରୀ ଗଛଗୁଡ଼ିକ ଦୀର୍ଘକାଳୀନ ଭାବରେ ଆମର ପରିବାରକୁ ମଧ୍ୟ ଲାଭଦାୟକ ହେବ। ଏହା ପରିବେଶ ଏବଂ ଆମର ଜୀବିକା ଉଭୟ ପାଇଁ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ।" ବେଦାନ୍ତ ଆଲୁମିନିୟମ ପରିବେଶ ସଂରକ୍ଷଣ, ସ୍ଥାୟୀ ଜୀବିକା ଏବଂ ଗ୍ରାମୀଣ ଭିତ୍ତିଭୂମି ଉପରେ କେନ୍ଦ୍ରିତ ପଦକ୍ଷେପ ମାଧ୍ୟମରେ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରଗୁଡ଼ିକରେ ସମ୍ପ୍ରଦାୟ ବିକାଶକୁ ଚଳାଇବା ଜାରି ରଖିଛି, ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଅଭିବୃଦ୍ଧି ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି।

# ଆମେରିକା ଆକ୍ରମଣରେ ବୁଡ଼ିଲା ଜାହାଜ

## ସମସ୍ତ ୨୪ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଉଦ୍ଧାର

ୱାଶିଂଟନ : ଓମାନର ମାସିରା ଦ୍ୱୀପ ନିକଟ ସମୁଦ୍ରରେ ଘଟିଛି ବଡ଼ ଅଘଟଣ। ଆମେରିକା ନୌସେନାର ଆକ୍ରମଣ ଯୋଗୁ ଏମ୍ଭି ମାରିଭେଲ୍ସ ନାମକ ଗୋଟିଏ ବାଣିଜ୍ୟିକ ଜାହାଜରେ ନିଆଁ ଲାଗିବା ସହ ଏହା ବୁଡ଼ି ଯାଇଛି। ଏହି ଜାହାଜରେ ମୋଟ ୨୪ ଜଣ ଭାରତୀୟ ନାବିକ ରହିଥିଲେ। ଆକ୍ରମଣ ପରେ ସେମାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକାଶ ପାଇଥିଲା। କିନ୍ତୁ ସେମାନେ ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି। ସୋମବାର ଦିନ ପ୍ରାୟ ୧.୩୦ରେ ଜାହାଜରେ ଅଗ୍ନିକାଣ୍ଡ ଘଟିଥିଲା। ଏହା ପରେ ଜାହାଜର କର୍ମଚାରୀମାନେ ତୁରନ୍ତ ଏସ୍ଓଏସ୍ ବା ଜରୁରିକାଳୀନ ବାର୍ତ୍ତା ପଠାଇଥିଲେ। ଏହାପରେ ଓମାନ ସମେତ ବିଭିନ୍ନ ସୁରକ୍ଷା ସଂସ୍ଥା ସହଯୋଗ ପାଇଁ ଆଗେଇ



ଆସିଥିଲେ। ସେମାନେ ଭାରତୀୟ ନାବିକମାନଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ଏହା ମଧ୍ୟରେ ଅନ୍ୟ ଦେଶର କୌଣସି ସଦସ୍ୟ ରହିଥିଲେ କି ନାହିଁ, ସେକଥା ଏଯାଏ ସ୍ପଷ୍ଟ ହୋଇନି। ଭାରତର ଜାହାଜ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଏମ୍ଭି ମାରିଭେଲ୍ସରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ସେହି ଜାହାଜରେ ୨୪ ଜଣ ଭାରତୀୟ ନାବିକ ରହିଥିଲେ। ପ୍ରାଥମିକ ରିପୋର୍ଟ ଅନୁସାରେ ସମସ୍ତେ ସୁରକ୍ଷିତ ଅଛନ୍ତି।ବୈଦେଶିକ ବ୍ୟାପାର ମନ୍ତ୍ରାଳୟ, ସ୍ଥାନୀୟ ଦୂତାବାସ, ଭାରତୀୟ ନୌସେନା ଓ ପ୍ରତିରକ୍ଷା ମନ୍ତ୍ରାଳୟ ସହ ନିରନ୍ତର ସମନ୍ୱୟ ରଖାଯାଉଛି। ସମସ୍ତ ନାବିକଙ୍କ ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟକୁ ସୁନିଶ୍ଚିତ କରାଯାଉଥିବା ମନ୍ତ୍ରଣାଳୟ ଅବଗତ କରାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅଲ୍ ଇଣ୍ଡିଆ ସିଫେରର୍ସ ବା ନାବିକ ମହାସଂଘ ମଧ୍ୟ ଏହି ଘଟଣା ସମ୍ପର୍କରେ ଜରୁରୀ ସୂଚନା ପାଇଥିବା କହିଛି। ମହାସଂଘର କହିବା କଥା ଯେ ଜାହାଜର ଜଣେ କ୍ରୁ ସଦସ୍ୟ ନିଲେଶ ଅଗ୍ନିକାଣ୍ଡ ପରେ ତତ୍କାଳ ସହାୟତା ଲାଗି ଯୋଗାଯୋଗ କରିଥିଲେ। ଅଗ୍ନିକାଣ୍ଡ ସମୟରେ ଜାହାଜରେ ୨୪ ଜଣ ଭାରତୀୟ ନାବିକ ଥିଲେ ବୋଲି ମହାସଂଘ ମଧ୍ୟ କହିଛି। ମହାସଂଘ କହିଛି ଯେ "ବର୍ତ୍ତମାନ ସୁଦ୍ଧା ମିଳିଥିବା ପ୍ରାଥମିକ ସୂଚନା ଅନୁସାରେ ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି। ଆମେ ପରିସ୍ଥିତି ଉପରେ ନଜର ରଖିଛୁ ଓ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ, ଭାରତୀୟ ମିଶନ, ନୌସେନା ଓ ପ୍ରତିରକ୍ଷା ମନ୍ତ୍ରାଳୟ ସହ ଯୋଗାଯୋଗରେ ରହିଛୁ।ଏପରି ଏକ ପରିସ୍ଥିତିରେ ଆମେ ପ୍ରଭାବିତ ନାବିକମାନଙ୍କ ପରିବାରଙ୍କ ସହ ରହିଛୁ। ସେହିପରି ସମସ୍ତ ନାବିକଙ୍କ ସୁରକ୍ଷିତ ଉଦ୍ଧାର ଓ ଘଟଣାର ଶୀଘ୍ର ସମାଧାନ ପାଇଁ ଆଶା ପ୍ରକାଶ କରୁଛୁ।"

### ପୁଞ୍ଜି ପ୍ରତ୍ୟାହାରରେ ସଫଳତା

# ୨ ମାସରେ ୧୮ ହଜାର କୋଟି ଟଙ୍କା ସଂଗ୍ରହ

ନୂଆଦିଲ୍ଲୀ : ଚଳିତ ଆର୍ଥିକବର୍ଷର ଦୁଇମାସ ମଧ୍ୟରେ ପୁଞ୍ଜି ପ୍ରତ୍ୟାହାର କ୍ଷେତ୍ରରେ ସରକାରଙ୍କୁ ଆଶାତୀତ ସଫଳତା ମିଳିଛି। ଏହି ଦୁଇ ମାସରେ ଯେତିକି ଟଙ୍କା ସଂଗ୍ରହ କରାଯାଇଛି ଯେ ଗତ ଆର୍ଥିକବର୍ଷ ୨୦୨୫-୨୬ରେ ହୋଇଥିବା ମୋଟ୍ ସଂଗ୍ରହ ଠାରୁ ମଧ୍ୟ ଅଧିକ। ସରକାରୀ ସମ୍ପତ୍ତି ଓ ପରିଚାଳନା ବିଭାଗ (ଦିପମ୍) ତରଫରୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସରେ ୧୮ ହଜାର କୋଟି ଟଙ୍କା ସଂଗ୍ରହ କରାଯାଇଛି। ସେଣ୍ଟ୍ରାଲ୍ ବ୍ୟାଙ୍କ, କୋଲଇଣ୍ଡିଆ ଓ ଏନ୍ଏଚ୍ପିସିର ଅଂଶଧନ ବିକ୍ରିରୁ ୧୨,୧୬୫ କୋଟି ଟଙ୍କା ସଂଗ୍ରହ କରାଯାଇଛି। ଏଥିସହିତ ମନେଟାଇଜେସନ୍ ଜରିଆରେ ୬୩୦୦ କୋଟି ଟଙ୍କା ସଂଗ୍ରହ କରାଯାଇଛି।ଚଳିତ ଆର୍ଥିକ ବର୍ଷ ସାରାରେ ପୁଞ୍ଜି ପ୍ରତ୍ୟାହାରରୁ ୮୦ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ସରକାର ବଜେଟ୍ରେ ଘୋଷଣା କରିଥିଲେ। ସେହି ଲକ୍ଷ୍ୟର ୨୩.୧୬ ପ୍ରତିଶତ ରାଶି ପ୍ରଥମ ଦୁଇ ମାସରେ ମିଳିଯାଇଛି। ଏହି ରାଜସ୍ୱ ସରକାରଙ୍କ



ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ତେଲ ଓ ସାର ସବ୍ସିଡି ବାବଦରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାରୁ ରାଜସ୍ୱ ପ୍ରଭାବିତ ହୋଇଛି। ଅନ୍ୟପଟେ ପେଟ୍ରୋଲିୟମ ସାମଗ୍ରୀ ଉପରୁ ଟିକସ ହ୍ରାସ ମଧ୍ୟ ସରକାରଙ୍କ ରାଜସ୍ୱ ହ୍ରାସର କାରଣ ହେବ।୨୦୨୫-୨୬ ଆର୍ଥିକ ବର୍ଷରେ ସରକାର ପୁଞ୍ଜି ପ୍ରତ୍ୟାହାରରୁ ୩୩,୮୧୭ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଥିଲେ। ଚଳିତ ଆର୍ଥିକ ବର୍ଷରେ ତାହାକୁ ୮୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯିବା ପରେ ସେହି ବିଶାଳ ଲକ୍ଷ୍ୟ ହାସଲ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୂର୍ବରୁ ପୁଞ୍ଜି ପ୍ରତ୍ୟାହରରେ ସରକାରଙ୍କୁ ଏୟାର ଇଣ୍ଡିଆ ବିକ୍ରି ଓ ଏଲ୍ଆଇସି ଆଇପିଓ ଆଣିବାରେ ଯାହା ବଡ଼ ସଫଳତା ମିଳିଥିଲା। ତା ପରଠାରୁ ସରକାର ରୁଗ୍ଣ କମ୍ପାନିଗୁଡ଼ିକୁ ବିକ୍ରି କରିବାରେ ସଂଘର୍ଷ କରୁଛନ୍ତି। ଆଇଡିଏଫ୍ସି ବ୍ୟାଙ୍କ ବିକ୍ରି ଉଦ୍ୟମ ବର୍ଷ ବର୍ଷ ଧରି ସଫଳ ହୋଇପାରୁନାହିଁ। ତେଣୁ ସରକାର ନିଜର ରଣନୀତି ବଦଳାଇଛନ୍ତି।

# ସେନ୍ସେକ୍ସରେ ୭୧୯ ପଏଣ୍ଟ ହ୍ରାସ

ମୁମ୍ବାଇ: ଇରାନ ଯୁଦ୍ଧକୁ ନେଇ ପୁଣି ଅନିଶ୍ଚିତତା ଦେଖାଦେବା ପରେ ଦେଶର ଦୁଇ ଷ୍ଟକ୍ ବଜାରରେ ଆଜି କାରବାର ପ୍ରଭାବିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୭୧୯ ପଏଣ୍ଟ ହ୍ରାସ ପାଇ ୭୩,୫୨୪ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୨୪୪ ପଏଣ୍ଟ ହ୍ରାସ ପାଇ ୨୩,୧୨୩ ପଏଣ୍ଟରେ ବନ୍ଦ ହୋଇଛି। ଆଜି ନିବେଶକମାନେ ସୂଚନା ପ୍ରଯୁକ୍ତି, ରିଅଲ ଇଷ୍ଟେଟ୍ ଓ ଧାତବ କ୍ଷେତ୍ର କମ୍ପାନିଗୁଡ଼ିକର ସେୟାର ଅଧିକ ବିକ୍ରି କରିଥିଲେ। ମ୍ୟାକ୍ସ ହେଲ୍ଥକେୟାର, ପାୱାରଗ୍ରିଡ୍ ଓ ଏୟାରଟେଲ୍ ସେୟାର ମୂଲ୍ୟରେ ଆଜି ଅଧିକ ବୃଦ୍ଧି ହୋଇଥିଲା।ୱିପ୍ରୋ, ଜିଓ ଫିନ୍ ଓ ଜୋମାଟୋ ସେୟାର ମୂଲ୍ୟ ହ୍ରାସ ପାଇଥିଲା। ଗତ ଏପ୍ରିଲ୍ରେ ଯୁଦ୍ଧବିରତି ଘୋଷଣା ହେବା ପରଠାରୁ ପ୍ରଥମ ଥର ପାଇଁ ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଆକ୍ରମଣ ହୋଇଛି। ଇସ୍ରାଏଲ୍ ପକ୍ଷରୁ ପଶ୍ଚିମ ଓ ମଧ୍ୟ ଇରାନ ଉପରେ ଆକ୍ରମଣ କରାଯାଇଥିଲା। ସେହି ଖବର ପ୍ରକାଶ ପାଇବା ପରେ ଅଶୋଧିତ ତୈଳ ଦରରେ ବୃଦ୍ଧି ହୋଇଥିଲା। ଏଥି ସହିତ ଷ୍ଟକ୍ ବଜାର ଅସ୍ଥିର ହୋଇପଡ଼ିଥିଲା।

# ଅନ୍ତିମ ସଂସ୍କାର ଶୋଭାଯାତ୍ରା ଉପରେ ଗୁଳିଚାଳନା, ୨୭ ମୃତ

ଇସଲାମାବାଦ : ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ପାକିସ୍ତାନୀ ସେନା ଏବଂ ସୁରକ୍ଷା ବାହିନୀ ନରସଂହାର ଘଟାଇଛନ୍ତି। ରିପୋର୍ଟ ଅନୁଯାୟୀ, ପାକିସ୍ତାନୀ ସେନା ପ୍ରଦର୍ଶନକାରୀଙ୍କ ଉପରେ ଗୁଳି ଚଳାଇଛି। ଫଳରେ ୨୭ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ପିଓକେରେ ଉତ୍ତେଜନା ବୃଦ୍ଧି ପାଇଛି। ପିଓକେରେ ପ୍ରତିବାଦର ନେତୃତ୍ୱ ନେଉଥିବା ମିଳିତ ଆୱାମୀ କାର୍ଯ୍ୟକାରୀ କମିଟି (ଜେଏଏସି) ଅଭିଯୋଗ କରିଛି ଯେ, ରାୱାଲାକୋଟରେ ଏକ ଅନ୍ତିମ ସଂସ୍କାର ଶୋଭାଯାତ୍ରାରେ ଏକାଠି ହୋଇଥିବା ଲୋକଙ୍କ ଉପରେ ସୁରକ୍ଷା ବାହିନୀ ଗୁଳି ଚଳାଇଛି। ମିଳିତ ଆୱାମୀ କାର୍ଯ୍ୟକାରୀ କମିଟି ଅନୁଯାୟୀ, ଶୁକ୍ରବାର ଦିନ ଶାହଜେବ ହବିବ ନାମକ ଜଣେ ପ୍ରତିବାଦକାରୀଙ୍କୁ ପାକିସ୍ତାନୀ ରେଞ୍ଜର୍ସମାନେ ହତ୍ୟା କରିଥିଲେ। କମିଟି ନେତାମାନେ କହିଛନ୍ତି ଯେ, ଶାହଜେବର ଅନ୍ତିମ ସଂସ୍କାର ପାଇଁ ଲୋକମାନେ ରାୱଲକୋଟର କମ୍ବାଇନ୍ ମିଲିଟାରୀ ହସ୍ପିଟାଲ ବାହାରେ ଏକତ୍ରିତ ହୋଇଥିଲେ। ଆୱାମୀ କାର୍ଯ୍ୟ କମିଟି ନେତାମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ପ୍ରତିବାଦ ସମୟରେ ଲୋକମାନେ ପାକିସ୍ତାନୀ ସେନା ଏବଂ ପାକିସ୍ତାନ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଉଥିଲେ ଯେତେବେଳେ ସୁରକ୍ଷା ବାହିନୀ ଗୁଳି ଚଳାଇଥିଲେ।ରିପୋର୍ଟ ଅନୁଯାୟୀ, କମିଟି ଅଭିଯୋଗ କରିଛି ଯେ ସୁରକ୍ଷା ବାହିନୀ ଗୁଳିରେ ୨୭ ଜଣ ପ୍ରଦର୍ଶନକାରୀଙ୍କ ମୃତ୍ୟୁ ହୋଇଛି। କିଛି ସ୍ଥାନୀୟ ଲୋକ ରିପୋର୍ଟ କରିଛନ୍ତି ଯେ ୧୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ତଥାପି, ମୃତାହତଙ୍କ ସଠିକ୍ ସଂଖ୍ୟା ନିଶ୍ଚିତ ହୋଇନାହିଁ। ଆୱାମୀ ଆକ୍ସନ



କମିଟି ଦାବି କରିଛି, ହସ୍ପିଟାଲ ପରିସରରୁ ୧୧୦ରୁ ଅଧିକ ଲୋକଙ୍କୁ ଅଟକ ରଖାଯାଇଛି। ସୁରକ୍ଷା କାର୍ଯ୍ୟାନୁଷ୍ଠାନ ପରେ ଅନେକ ଲୋକ ନିଖୋଜ ଅଛନ୍ତି। କମିଟି ଏହା ମଧ୍ୟ ଅଭିଯୋଗ କରିଛି ଯେ, ସୁରକ୍ଷା ବାହିନୀ ନିହତ ପ୍ରଦର୍ଶନକାରୀଙ୍କ ମୃତଦେହକୁ ନିଜ କବଜାକୁ ନେଇଛି।

# ଷ୍ଟେଟ୍ ବ୍ୟାଙ୍କ ଦେଲା ୮୮୧୩ କୋଟି ଲାଭାଂଶ

ନୂଆଦିଲ୍ଲୀ : ଭାରତୀୟ ଷ୍ଟେଟ୍ ବ୍ୟାଙ୍କକେନ୍ଦ୍ର ସରକାରଙ୍କୁ ୮୮୧୩ କୋଟି ଟଙ୍କାର ଲାଭାଂଶ ଦେଇଛି। ୨୦୨୫-୨୬ ଆର୍ଥିକ ବର୍ଷ ବାବଦର ଏହି ଚେକ୍କୁ ବ୍ୟାଙ୍କର ଅଧ୍ୟକ୍ଷ ସି ଏସ୍ ସେଟ୍ଟି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ହସ୍ତାନ୍ତର କରିଛନ୍ତି। ଷ୍ଟେଟ୍ ବ୍ୟାଙ୍କରେ ଭାରତ ସରକାରଙ୍କ ୫୫ ପ୍ରତିଶତ ଅଂଶଧନ ରହିଛି। ଆଲୋଚ୍ୟ ଆର୍ଥିକ ବର୍ଷରେ ବ୍ୟାଙ୍କ ୮୦,୦୩୨ କୋଟି ଟଙ୍କାର ଲାଭ କରିଥିଲା ଯାହା ୧୨.୮୮ ପ୍ରତିଶତ ଅଧିକ। ବ୍ୟାଙ୍କର ପରିଚାଳନା ଲାଭ ୧୧.୨୫ ପ୍ରତିଶତ ବୃଦ୍ଧି ପାଇ ୧,୨୩,୦୧୫ କୋଟି ଟଙ୍କା ହୋଇଥିଲା।

### ପରୀକ୍ଷା ଫଳ ପ୍ରକାଶନରେ ବିଳମ୍ବ

# ସିବିଏସ୍ଇକୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ: ସାଉଦି ଆରବରେ ରହୁଥିବା ଜଣେ ଭାରତୀୟ ଛାତ୍ରଙ୍କ ସିବିଏସ୍ଇ ଦ୍ୱାଦଶ ମାର୍କବୃଦ୍ଧି ପରୀକ୍ଷା ଫଳ ଘୋଷଣା ନ ହେବା ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଛାତ୍ର ଦର୍ଶାଇଥିଲେ ଯେ, ପରୀକ୍ଷା ଫଳ ନ ଆସିବା କାରଣରୁ କଲେଜରେ ନାମଲେଖା ଓ ଆଗକୁ ପାଠପଢ଼ା ପ୍ରଭାବିତ ହୋଇଛି। ବାଧ୍ୟ ହୋଇ ଛାତ୍ର ଜଣକ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୋମବାର ଜଷ୍ଟିସ ମନମୋହନ ଓ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଗମ୍ଭୀର ମାମଲାର ଶୁଣାଣି କରି ସିବିଏସ୍ଇର ଆଭିମୁଖ୍ୟ ଉପରେ କଡ଼ା ଆପତ୍ତି ପ୍ରକାଶ କରିଛନ୍ତି। ସର୍ବୋଚ୍ଚ କୋର୍ଟ ସିବିଏସ୍ଇ ଓ ଏହାର ସମ୍ପୃକ୍ତ ଆଞ୍ଚଳିକ ଅଧିକାରୀଙ୍କୁ ନୋଟିସ୍ ଜାରି କରି ଅତି କଠୋର ଶବ୍ଦରେ କହିଛନ୍ତି ଯେ, ଏହା ଜଣେ ପିଲାର କ୍ୟାରିୟରର ପ୍ରଶ୍ନ। ସମସ୍ୟା ଯାହାବି ଥାଉ, ରାତିଦିନ ଏକ କରି ତୁରନ୍ତ ଏହାର ସମାଧାନ କର। ସୂଚନାଯୋଗ୍ୟ, ସାଉଦି ଆବରରେ ରହୁଥିବା ଭାରତୀୟ ଛାତ୍ର ପ୍ରାଂଶୁ ଜିଗରକୁମାର ପଟେଲ ସିବିଏସ୍ଇର ବିଫଳତାକୁ ଚାଲେଞ୍ଜ କରି ସୁପ୍ରିମ୍କୋର୍ଟରେ ଆବେଦନ କରିଥିଲେ। ପ୍ରାଂଶୁ ସାଉଦି ଆରବର ଅଲ ଜୁବେଲ ସହରରେ ସିବିଏସ୍ଇର ଦ୍ୱାଦଶ ଶ୍ରେଣୀ ମାର୍କ ବୃଦ୍ଧି ପାଇଁ ପରୀକ୍ଷା ଦେଇଥିଲେ। ପ୍ରାଂଶୁ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଇଂରାଜୀ ଓ କମ୍ପ୍ୟୁଟର ସାଇନ୍ସରେ ମାର୍କ ବୃଦ୍ଧି କରିବାକୁ ଏହି ପରୀକ୍ଷା ଦେଇଥିଲେ। ପ୍ରାଂଶୁ କହିଛନ୍ତି, ସେ ନିଜ ପକ୍ଷରୁ ପରୀକ୍ଷା ପାଇଁ ଭଲ ଭାବେ ପ୍ରସ୍ତୁତ ହୋଇଥିଲେ ଓ ପରୀକ୍ଷା ଦେଇଥିଲେ। କିନ୍ତୁ ସିବିଏସ୍ଇ ତାଙ୍କ ଫଳାଫଳ ଘୋଷଣା ନାହିଁ। ପରୀକ୍ଷା ଫଳ ନ ଆସିବା ଯୋଗୁଁ ତାଙ୍କୁ ଆଗକୁ ପଢ଼ିବାରେ ସମସ୍ୟା ଦେଖାଯାଇଛି।



ଆମେରିକାର ସେଣ୍ଟ ଲୁଇସ୍ ମିଶୋରୀଠାରେ ଇସ୍କନ ପକ୍ଷରୁ ଆୟୋଜିତ ଅଦିନିଆ ରଥଯାତ୍ରା । ଏହାକୁ ଓଡିଆ ସମାଜ ପକ୍ଷରୁ କଡା ବିରୋଧ କରାଯାଇଛି ।

# ବିଶାଖାପାଟଣା ଷ୍ଟିଲ୍ ପ୍ଲାଣ୍ଟରେ ଦୁର୍ଘଟଣା

## ତରଳ ଇସ୍ପାତ ଲିକ୍ ହୋଇ ୯ ମୃତ, ଅନେକ ଆହତ

ବିଶାଖାପାଟଣା: ବିଶାଖାପାଟଣା ଇସ୍ପାତ କାରଖାନାରେ ଆଜି ଏକ ବଡ଼ ଦୁର୍ଘଟଣା ଘଟିଛି। କାରଖାନାର ଏସ୍ଏମ୍ଏସ୍-୨ ଓ ଏସ୍ସିସି-୩ ହିଟ୍ ଫ୍ୟାସିଲିଟିରେ ବିପୁଳ ପରିମାଣର ତରଳ ଇସ୍ପାତ ଲିକ୍ ହେବା ଫଳରେ ୯ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି ଓ ଅନେକ ଲୋକ ଆହତ ହୋଇଛନ୍ତି। ଆହତମାନଙ୍କୁ ଷ୍ଟିଲ୍ ପ୍ଲାଣ୍ଟ ମ୍ୟାନେଜମେଣ୍ଟ ଦ୍ୱାରା ନିକଟସ୍ଥ ହସ୍ପିଟାଲ୍ରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ମୃତକଙ୍କ ମଧ୍ୟରେ ଉଭୟ କମ୍ପାନି କର୍ମଚାରୀ ଓ ଠିକା କର୍ମଚାରୀ ମଧ୍ୟ ଅଛନ୍ତି। ବିଶାଖାପାଟଣା ଷ୍ଟିଲ୍ ପ୍ଲାଣ୍ଟ ସର୍କଲ୍ ଇନ୍ସପେକ୍ଟର କେଶବ ରାଓ କହିଛନ୍ତି, ଅତି ଉଚ୍ଚ ତାପମାତ୍ରାରେ ତରଳ ଇସ୍ପାତ ବହନ କରୁଥିବା ଏକ ଲାଡଲ ବିସ୍ଫୋରଣ ହେବା ଫଳରେ ହଠାତ୍ ନିଆଁ ଲାଗି ଯାଇଥିଲା। କର୍ମଚାରୀମାନେ ସୁରକ୍ଷା ପାଇଁ ଏଣେତେଣେ ଦୌଡ଼ିଥିଲେ।



କିନ୍ତୁ ଦୁର୍ଭାଗ୍ୟବଶତଃ ୯ ଜଣଙ୍କର ମୃତ୍ୟୁ ହୋଇଯାଇଛି। ତୁରନ୍ତ ଅଗ୍ନିନିର୍ବାପକ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଉକ୍ତ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ୍ସରେ ଏକ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଦୁର୍ଘଟଣା ମୋତେ ଗଭୀର ଆଘାତ ଦେଇଛି। ସମସ୍ତ ପ୍ରଭାବିତଙ୍କୁ ସହଯୋଗ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଗୃହମନ୍ତ୍ରୀ ବଙ୍ଗାଲାପୁଡ଼ି ଅନୀତା ଏହି ଦୁର୍ଘଟଣାକୁ ନେଇ ବିଶାଖାପାଟଣା ଜିଲ୍ଲାପାଳ ଓ ସିଟି ପୁଲିସ କମିସନରଙ୍କ ସହ କଥା ହୋଇଛନ୍ତି ଏବଂ ଷ୍ଟିଲ୍ ପ୍ଲାଣ୍ଟ ଦୁର୍ଘଟଣା ସଂକ୍ରାନ୍ତରେ ପଚାରି ବୁଝିଛନ୍ତି। ଆହତମାନଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ କରିବା ପାଇଁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ୱାଇଏସ୍ଆର୍ସିପି ସଭାପତି ୱାଇ ଏସ୍ ଜଗନମୋହନ ରେଡ୍ଡୀ ମଧ୍ୟ ଉକ୍ତ ଘଟଣାରେ ଶୋକ ପ୍ରକାଶ କରିଛନ୍ତି।

# ଦୁବାଇରେ ବସ୍ ଦୁର୍ଘଟଣା

## ୬ ଭାରତୀୟଙ୍କ ସମେତ ୮ ମୃତ

ନୂଆଦିଲ୍ଲୀ : ଦୁବାଇର ଏମିରେଟ୍ସ ରୋଡ୍ରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ହୋଇଯାଇଛି। ମୃତକଙ୍କ ମଧ୍ୟରେ ୬ ଜଣ ଭାରତୀୟ ଅଛନ୍ତି। ଶ୍ରୀଲଙ୍କା ଓ ନେପାଳର ଅନ୍ୟ ୨ ନାଗରିକଙ୍କର ମଧ୍ୟ



ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତ ୬ ଭାରତୀୟଙ୍କ ମଧ୍ୟରୁ ୩ ଜଣ ହାଇଦ୍ରାବାଦର, ୨ ଜଣ ଉତ୍ତରପ୍ରଦେଶର ଓ ଜଣେ ପଞ୍ଜାବର। ମିଳିଥିବା ସୂଚନା ଅନୁଯାୟୀ, ଦୁବାଇର ମୋଟିଭ୍ ଟେକ୍ନିକାଲ ସର୍ଭିସ କମ୍ପାନିର କର୍ମଚାରୀମାନଙ୍କୁ ନେଉଥିବା ଏକ ମିନି ବସ୍ ଆଜି ଏକ ଟ୍ରକ୍କୁ ପଛପଟୁ ଧକ୍କା ଦେବା ଫଳରେ ଏହି ଦୁଃଖଦ ଘଟଣା ଘଟିଛି। ଦୁବାଇ ପୁଲିସ କହିଛି ଯେ, ଏହି ଦୁର୍ଘଟଣାରେ ୮ ଜଣ ଆହତଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ସେମାନଙ୍କ ମଧ୍ୟରେ ୨ ଜଣ ଭାରତୀୟ ଅଛନ୍ତି। ତେବେ ୫ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି।

# ନେପାଳ ସୀମାରୁ ଟିଏମସିର ଜାହାଙ୍ଗୀର 'ପୁଷ୍ପା' ଖାନ୍ ଗିରଫ

କୋଲକାତା : ଭୋଟିଂ ପୂର୍ବରୁ ଫାଲ୍ଟାରେ ପଛ ଘୁଞ୍ଚା ଦେଇଥିବା ଟିଏମସିର ବରିଷ୍ଠ ନେତା ଜାହାଙ୍ଗୀର ଖାନ ଗିରଫ। ତାଙ୍କୁ ପଶ୍ଚିମବଙ୍ଗ ଏସ୍ଟିଏଫ ନେପାଳ ସୀମାରୁ ଗିରଫ କରିଛି। ଫାଲ୍ଟାରେ ପ୍ରାର୍ଥୀ ହୋଇଥିବା ଜାହାଙ୍ଗୀର ଖାନ ନିଜକୁ ପୁଷ୍ପା ଭାବେ ନାମିତ କରିଥିଲେ। ଏବେ ଟିଏମସିର ଏହି ପୁଷ୍ପାଙ୍କୁ ଏସ୍ଟିଏଫ ଗୋଡ଼ାଇ ଗୋଡ଼ାଇ ନେପାଳ ସୀମାରୁ ଧରିଛି। ତାଙ୍କ ନାଁରେ ଏକାଧିକ ଏଫଆଇଆର ରୁଜୁ ହୋଇଥିଲା। ଫାଲ୍ଟା ବିଧାନସଭା ଆସନର ଭୋଟିଂ ଦିନ ସେ ଇଭିଏମରେ ଥିବା ବିଜେପିର ପଦ୍ମ ଫୁଲ ଚିହ୍ନ ସୁଇଚରେ ଟେପ ମାରି ଦେଇଥିଲେ। ଏଥିପାଇଁ ଫାଲ୍ଟରେ ପୁନଃ ମତଦାନ ହୋଇଥିଲା। ପୁନଃ ମତଦାନର ଦୁଇ ଦିନ ପୂର୍ବରୁ ହିଁ ଜାହାଙ୍ଗୀର ଖାନ ନିର୍ବାଚନ ଲଢ଼ିବାକୁ ଚାହୁଁ ନଥିବା ଘୋଷଣା କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ପ୍ରଶଂସା କରିଥିଲେ। କିନ୍ତୁ ଏବେ ତାଙ୍କୁ ଏସଟିଏଫ ଗିରଫ କରିଛି। ବେଙ୍ଗଲର ୨୯୪ ବିଧାନସଭା ଆସନରୁ ୨୯୩ଟି ସ୍ଥାନର ରେଜଲ୍ଟ ମେ' ୪ରେ ପ୍ରକାଶ ପାଇଥିଲା। ହେଲେ ଫାଲ୍ଟାରେ ଅନିୟମିତତା ଯୋଗୁ ପୁନଃ ମତଦାନ ହୋଇଥିଲା। ଭୋଟରଙ୍କୁ ଧମକାଇବା ଓ ଇଭିଏମ ଟାମ୍ପରିଂ ଭଳି ଅଭିଯୋଗରେ ଜାହାଙ୍ଗୀର ଫସିଥିଲେ। ନିର୍ବାଚନ ପରଠାରୁ ଏସ୍ଟିଏଫ ତାଙ୍କୁ ଖୋଜୁ ଥିବା ବେଳେ ସେ ଫେରାର ରହିଥିଲେ। କିନ୍ତୁ ସୋମବାର ଭୋର ସମୟରେ ସେ ନେପାଳ ଖସି ଯିବାକୁ ଚେଷ୍ଟା କରୁଥିବା ବେଳେ ସୀମାନ୍ତ ଅଞ୍ଚଳରୁ ଏସଟିଏଫ ତାଙ୍କୁ ଗିରଫ କରିଛି। ଜାହାଙ୍ଗୀରଙ୍କ ନାଁରେ ଫାଲ୍ଟା ପୁଲିସ୍ ଷ୍ଟେସନରେ ୭ଟି ଏଫଆଇଆର ରୁଜୁ ହୋଇଥିଲା।

# ଫିଲିପାଇନ୍ସରେ ଭୂକମ୍ପ : ଭୁଶୁଡ଼ିଲା ବିଲଡିଂ

ମାନିଲା: ଦକ୍ଷିଣପୂର୍ବ ଫିଲିପାଇନ୍ସ ଆଜି ୭.୮ ତୀବ୍ରତା ଭୂକମ୍ପଟ ଝଟକାରେ ଦୋହଲିଛି। ଭୂକମ୍ପର ଝଟକା ଏତେ ଭୟଙ୍କର ଥିଲା ଯେ ଏକାଧିକ ବଡ଼ବଡ଼ ବିଲଡିଂ ତାସର ଘର ଭଳି ଭୁଶୁଡ଼ି ପଡ଼ିଛି। ରାସ୍ତା ଦୋହଲିବା ସହ ସ୍ଥଳ ଭାଗକୁ ମାଡ଼ି ଆସିଛି ସମୁଦ୍ର। ଭୂକମ୍ପ ପରେ ସୁନାମି ଆସିବାରୁ ଉପକୂଳବର୍ତ୍ତୀ ଅଞ୍ଚଳରେ ଧ୍ୱଂସଲୀଳା କରିଛି ସମୁଦ୍ର ପାଣି। ଲୋକଙ୍କ ଘରଦ୍ୱାର ଠାରୁ ଆରମ୍ଭ କରି ଭାସି ଯାଇଛି ଗାଡ଼ି। ୧ ମିଟର ବା



୩ ଫୁଟର ସୁନାମି ଆସିବାରୁ ଏତେ ବଡ଼ କ୍ଷତି ଘଟିଛି। ଭୂକମ୍ପ ଓ ସୁନାମି ଯୋଗୁ ଏଯାଏ ୧୫ ଜଣଙ୍କ ମୃତ୍ୟୁ ହୋଇଥିବେ ବେଳେ ୧୦୦ରୁ ଅଧିକ ଆହତ ହୋଇଛନ୍ତି। ସେହିପରି ଅନେକ ଲୋକ ନିଖୋଜ ରହିଛନ୍ତି। ତେଣୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ବିପର୍ଯ୍ୟୟ ପରିଚାଳନା ଅଧିକାରୀମାନଙ୍କ କହିବା କଥା ଯେ ମିଣ୍ଡାନାଓ ଦ୍ୱୀପର ସୋକ୍ସାର୍ଜେନ୍ ଅଞ୍ଚଳରେ ସର୍ବାଧିକ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨୯ ଜଣ ଆହତ ହୋଇଛନ୍ତି।

# ଆକାଶ ମାର୍ଗରୁ ଭାରତର ଗୁଇନ୍ଦାଗିରି କରୁଛି ପାକିସ୍ତାନ

## ୧୬ ମାସରେ ୬ଟି ଉପଗ୍ରହ ଉତକ୍ଷେପଣ

ନୂଆଦିଲ୍ଲୀ: 'ଅପରେସନ ସିନ୍ଦୂର' ପରେ ଭାରତ ଓ ପାକିସ୍ତାନ ଯୁଦ୍ଧବିରତି ଘୋଷଣା କରିଥିଲେ। ଏହି ବର୍ଷକରୁ ଅଧିକ ସମୟ ଭିତରେ ଗୁଳିଗୋଳାର ଶବ୍ଦ ମଧ୍ୟ ନିରବୀ ଯାଇଥିଲେ ମଧ୍ୟ ଭାରତର ପଡ଼ୋଶୀ ଦେଶ ପାକିସ୍ତାନ ଭାରତ ଉପରେ ଆକାଶ ମାର୍ଗରୁ କଡ଼ା ନଜର ରଖିଛି। 'ଦ ପ୍ରିଣ୍ଟ' ରିପୋର୍ଟ ଅନୁଯାୟୀ, ପାକିସ୍ତାନ ଗତ ୧୬ ମାସ ମଧ୍ୟରେ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ୬ଟି ଗୁପ୍ତଚରୀ ଉଦ୍ଦେଶ୍ୟରେ ବ୍ୟବହୃତ ଉପଗ୍ରହ ଉତ୍କ୍ଷେପଣ କରି ଆକାଶମାର୍ଗରୁ ଭାରତ ଉପରେ ନଜର ରଖିଛି । ଜାନୁଆରୀ ୨୦୨୫ ରୁ ଜୁନ୍ ୨୦୨୬ ମଧ୍ୟରେ, ପାକିସ୍ତାନ ଛଅଟି ପୃଥିବୀ-ପର୍ଯ୍ୟବେକ୍ଷଣ ଉପଗ୍ରହ ଉତ୍କ୍ଷେପଣ କରିଥିଲା ଓ ଏସବୁକୁ ଏପରି କକ୍ଷପଥରେ ଅବସ୍ଥାପିତ କରାଯାଇଛି ଯେପରି ଭାରତ ଉପରେ ନଜର ରଖିପାରିବ।ଏହି ଉପଗ୍ରହଗୁଡ଼ିକ ପ୍ରତି ଦୁଇ ଦିନରେ ଅତି କମରେ ଥରେ ଭାରତୀୟ କ୍ଷେତ୍ରର ମ୍ୟାପ୍ କରୁଛନ୍ତି। ଉତ୍ତର-



ଭାରତ ବିଶେଷ କରି ଜମ୍ମୁ ଓ କାଶ୍ମୀର ଆକାଶରୁ ରେକି କରିବା ଉପରେ ପାକିସ୍ତାନ ପୂରା ଜୋର୍ ଦେଉଛି। ସ୍ପେଶ୍ ଟେକ୍ନୋଲଜି ମାମଲାରେ ପାକିସ୍ତାନ ଭାରତ ମୁକାବିଲା ଖୁବ୍ ଦୁର୍ବଳ। ଭାରତ ଯେଉଁଠି ଚନ୍ଦ୍ର ଓ ମଙ୍ଗଳ ମିଶନ ଉପରେ ଗୁରୁତ୍ୱ ଦେଉଛି, ପାକିସ୍ତାନ ସେଠାରେ ଉପଗ୍ରହ କେବଳ ଭାରତ ଉପରେ ନଜର ରଖିବାକୁ ନିୟୋଜିତ କରୁଛି। ପାକିସ୍ତାନ ଏହି ମାମଲାରେ ଚୀନର ସହାୟତା ନେଉଛି। ଚୀନ୍ ଓ ପାକିସ୍ତାନ ସର୍ବଦା ଭାରତ ବିରୋଧରେ ହାତ ମିଳେଇବାର ସୁଯୋଗ ଖୋଜିଥାନ୍ତି। ପାକିସ୍ତାନ ଗତ ଛଅ ମାସରେ ପିଆର୍ଏସ୍ସ-୨, ଏଚ୍ଏସ୍-୧, ପିଆର୍ଏସ୍ସି-ଇଓ୨, ପିଆର୍ଏସ୍ସି ଇଓ୩, ପିଏୟୁଏସ୍ଏଟି-୧ ଓ ପିଆର୍ଏସ୍ସି-ଇଓ୧ ଉପଗ୍ରହ ଉତକ୍ଷେପଣ କରିଛି। ଏହି ସବୁ ଉପଗ୍ରହ ସାଧାରଣତଃ ପୃଥିବୀ ଉପରେ ନଜର ରଖିବା ଓ ହାଇ ରିଜୋଲ୍ୟୁସନ ଇମେଜରୀ ପାଇଁ ଡିଜାଇନ୍ କରାଯାଇଥାଏ। ଅତ୍ୟାଧୁନିକ ଟେକ୍ନୋଲଜି ବ୍ୟବହାର କରି ଏହାକୁ ପ୍ରସ୍ତୁତ କରାଯାଇଥାଏ।

ରିପୋର୍ଟ ଅନୁଯାୟୀ ଏସବୁ ଉପଗ୍ରହକୁ ଏପରି ଭାବେ କକ୍ଷପଥରେ ଅବସ୍ଥାପିତ କରାଯାଇଛି ଯେପରିକି ଏହା ଗୋଟିଏ କ୍ଷେତ୍ର ଉପରେ ନଜର ରଖିବ ଓ ସେଠାରେ ସାମାନ୍ୟ ପରିବର୍ତ୍ତନର ମଧ୍ୟ ସୂଚନା ପ୍ରଦାନ କରିବ। ଭାରତର ଜମ୍ମୁ-କାଶ୍ମୀର ବ୍ୟତୀତ ଇରାନ, ଆଫଗାନିସ୍ତାନ ଓ ଚୀନ ଉପରେ ମଧ୍ୟ ସାଟେଲାଇଟରେ ନଜର ରଖାଯାଇଛି। ଏହାସହିତ ଉତ୍ତର ଭାରତ ମହାସାଗର ଉପରେ ମଧ୍ୟ ନଜର ରଖାଯାଇଛି। ପାକିସ୍ତାନର ଏହିସବୁ ଉପଗ୍ରହରୁ ଚୀନ୍ ମଧ୍ୟ ଫାଇଦା ନେଉଛି। ଭାରତ ସମ୍ପର୍କରେ ସମସ୍ତ ତଥ୍ୟ ଚୀନ ମଧ୍ୟ ଆବଶ୍ୟକ କରୁଛି। ଆଫଗାନିସ୍ତାନ, ଇରାନ ଓ ଭାରତ ମହାସାଗର ଉପରେ ମଧ୍ୟ ଚୀନ୍ ନଜର ରଖିବାକୁ ଚାହେଁ। ରିପୋର୍ଟ ଅନୁଯାୟୀ ପାକିସ୍ତାନ ଆପୋଲୋ ମ୍ୟାପିଂ ଓ ସ୍କାଇଫାଇର ବ୍ୟବହାର କରି ଏପରି ଭାବେ ଉପଗ୍ରହକୁ ମୁତୟନ କରୁଛି ଯେପରିକି ଭାରତର ବିଭିନ୍ନ ସ୍ଥାନର ସ୍ପଷ୍ଟ ଫଟୋ ମିଳିପାରିବ। ଭାରତକୁ ଆସୁଥିବା ଓ ଭାରତରୁ ଯାଉଥିବା ବ୍ୟବସାୟିକ ଜାହାଜ ଉପରେ ମଧ୍ୟ ପାକିସ୍ତାନ ଓ ଚୀନ୍ ନଜର ରଖିଛନ୍ତି। ଗତ ଏକ ବର୍ଷ ମଧ୍ୟରେ ଭାରତର ଅନେକ ଉପଗ୍ରହ ବିଫଳ ହୋଇଛି। ଏଥିରୁ ତିନିଟି ଉପଗ୍ରହ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିଲା।

## ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ୩ ଦିନରେ ଶେଷ

# ଇତିହାସ ରଚିଲା ଟିମ ଇଣ୍ଡିଆ



ନ୍ୟୁ ଚଣ୍ଡିଗଡ : ଭାରତ -ଆଫଗାନିସ୍ତାନ ଟେଷ୍ଟ ୩ ଦିନରେ ଶେଷ ହୋଇଛି। ଏହି ଟେଷ୍ଟରେ ଆଫଗାନିସ୍ତାନକୁ ଏକ ଇନିଂସ ଓ ୩୦୦ ରନରେ ପରାସ୍ତ କରି ଭାରତ ଐତିହାସିକ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ ଓ ପରେ ବୋଲିଂରେ କମାଲ କରିଛନ୍ତି ଭାରତୀୟ ଖେଳାଳି। ସ୍ଥିତି ଏପରି ହୋଇଛି ଯେ ଭାରତ ପ୍ରଥମ ଇନିଂସର ସ୍କୋରକୁ ଦୁଇ ଥର ବ୍ୟାଟିଂ କରି ବି ପୂରଣ କରିପାରିନି ଆଫଗାନିସ୍ତାନ। ନ୍ୟୁ ଚଣ୍ଡିଗଡ଼ର ମୁଲାନପୁର ଟେଷ୍ଟକୁ ଭାରତ ଗୋଟିଏ ଇନିଂସ ଓ ୩୦୦ ରନରେ ଜିତି ନେଇଛି। ଏହା ଭାରତୀୟ ଟେଷ୍ଟ ଟିମର ସର୍ବବୃହତ୍ତ ବିଜୟ। ଏହି ବିଜୟରେ ଡେବ୍ୟୁଟାଣ୍ଟ ମାନବ ସୂତାର ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ପ୍ରଥ ଇନିଂସରେ ଏକାକୀ ୬ଟି ୱିକେଟ ନେଇଥିବା ବେଳେ ଦ୍ୱିତୀୟ ଇନିଂସରେ ଗୋଟିଏ ସଫଳତା ପାଇଛନ୍ତି। ଡେବ୍ୟୁରେ ସେ ନିଜର ସ୍ପିନ ଯାଦୁ ଦେଖାଇ ଭାରତକୁ ଟେଷ୍ଟ ଇତିହାସରେ ନିଜର ସର୍ବବୃହତ୍ତ ବିଜୟ ଭେଟି ଦେଇଛନ୍ତି। ଏହାପୂର୍ବରୁ ଭାରତୀୟ ଟେଷ୍ଟ ଟିମକୁ ସର୍ବବୃହତ୍ତ ବିଜୟ ୱେଷ୍ଟଇଣ୍ଡିଜ ବିପକ୍ଷ ୨୦୧୮ ଟେଷ୍ଟରୁ ମିଳିଥିଲା। ୨୦୧୮ ରେ ଦଳ ୱେଷ୍ଟଇଣ୍ଡିଜକୁ ବେଙ୍ଗାଲୁରୁ ଟେଷ୍ଟରେ ଗୋଟିଏ ଇନିଂସ ଓ ୨୭୨ ରନରେ ହରାଇଥିଲା। ହେଲେ ଏବେ ଏହି ରେକର୍ଡ ଭାଙ୍ଗି ଭାରତୀୟ ଟିମ ନୂଆ ଇତିହାସ ସୃଷ୍ଟି କରିଛି। ସେହିପରି ଆଫଗାନିସ୍ତାନ ବିପକ୍ଷରେ ଭାରତ କ୍ରମାଗତ ଦ୍ୱିତୀୟ ଥର ପାଇଁ ଇନିଂସ ବିଜୟ ହାସଲ କରିଛି। ଏହାପୂର୍ବରୁ ୨୦୧୮ରେ ଦଳ ଆଫଗାନିସ୍ତାନ ବିପକ୍ଷ ବେଙ୍ଗାଲୁରୁ ଟେଷ୍ଟକୁ ଗୋଟିଏ ଇନିଂସ ଓ ୨୬୨ ରନରେ ଜିତିଥିଲା। ଏବେ ଆଫଗାନିସ୍ତାନକୁ ଗୋଟିଏ ଇନିଂସ ଓ ୩୦୦ ରନରେ ଦଳ ହରାଇଛି। ଆଫଗାନିସ୍ତାନ କୌଣସି ଟେଷ୍ଟରେ ତୃତୀୟ ଥର ପାଇଁ ଇନିଂସ ପରାଜୟବରଣ କରିଛି। ଏହାପୂର୍ବରୁ ୨୦୧୮ରେ ଭାରତ ଠାରୁ ଆଫଗାନିସ୍ତାନ ବେଙ୍ଗାଲୁରୁରେ ଗୋଟିଏ ଇନିଂସ ଓ ୨୬୨ ରନରେ ହାରିଥିଲା। ସେହିପରି ୨୦୨୫ରେ ଦଳ ଜିମ୍ବାୱେ ଠାରୁ ଗୋଟିଏ ଇନିଂସ ଓ ୭୩ ରନରେ ପରାଜୟବରଣ କରିଥିଲା।

ମ୍ୟାଚ୍ କଥା ବିଚାରକୁ ନେଲେ ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଶୁବମନ ଗିଲଙ୍କ ୧୨୬, କେଏଲ ରାହୁଲଙ୍କ ୧୦୦, ଋଷଭ ପନ୍ତଙ୍କ ୮୧, ସାଇ ସୁଦର୍ଶନଙ୍କ ୮୧ ଓ ୱାଶିଂଟନ ସୁନ୍ଦରଙ୍କ ଅପରାଜିତ ୫୨ ରନ ବଳରେ ଭାରତ ପ୍ରଥମ ଇନିଂସରେ ୮ ୱିକେଟ ହରାଇ ୫୬୪ ରନ କରିବା ପରେ ପାଳି ଘୋଷଣା କରିଥିଲା। ଏହାର ଜବାବରେ ଆଫଗାନିସ୍ତାନର ବ୍ୟାଟରମାନେ ମାନବ ସୂତାରଙ୍କ ଆଗରେ ଛିଡ଼ା ହୋଇ ପାରି ନଥିଲେ। ରହମତ ଶାହଙ୍କ ୬୨ ରନକୁ ଛାଡ଼ି ଦେଲେ ଆଉ କୌଣସି ଆଫଗାନ ବ୍ୟାଟର କିଛି ବି ବୁଝିବାକୁ ସକ୍ଷମ ହୋଇ ନଥିଲେ। ମାନବଙ୍କ ୬ ୱିକେଟ, ପ୍ରସିଦ୍ଧଙ୍କ ୩ ଓ ୱାଶିଂଟସନ ଗୋଟିଏ ୱିକେଟ ଦଖଲ କରିବାରୁ ଆଫଗାନିସ୍ତାନ ୧୫୨ ରନରେ ଅଲଆଉଟ ହୋଇ ଯାଇଥିଲା। ପ୍ରଥମ ଇନିଂସରେ ୪୧୨ ରନ ପଛରେ ଥିବା ଆଫଗାନିସ୍ତାନକୁ ଅଧିନାୟକ ଶୁବମନ ଗିଲ ଫଲୋଅନ ଦେଇଥିଲେ। ଫଳରେ ଦଳ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆଜି ଲଞ୍ଚ ପୂର୍ବରୁ ଆରମ୍ଭ କରିଥିଲା। ଦଳର ଦୁଇ ଓପନର ୪୨ ରନ ଯାଏ କୌଣସି ବିପର୍ଯ୍ୟୟ ଘଟିବାକୁ ଦେଇ ନଥିଲେ। ହେଲେ ଲଞ୍ଚରୁ ଫେରିବା ପରେ କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦର ସେମାନଙ୍କୁ ଘାଇଲା କରିଥିଲେ। ୱାଶିଂଟନ ୪ ଓ କୁଲଦୀପ ୩ ୱିକେଟ ନେବାରୁ ଆଫଗାନିସ୍ତାନର ବ୍ୟାଟିଂ ଲାଇନ ଅପ ତାସର ଘର ପରି ଭୁଶୁଡ଼ି ପଡ଼ିଥିଲା। ଶେଷରେ ଦଳ ଦ୍ୱିତୀୟ ଇନିଂସରେ ମାତ୍ର ୩୫.୫ ଓଭର ବ୍ୟାଟିଂ କରି ୧୧୨ ରନରେ ଅଟକି ଯାଇଥିଲା। ଫଳରେ ଭାରତ ୩୦୦ ରନରେ ଏହି ଟେଷ୍ଟ ମ୍ୟାଚକୁ ଜିତି ନେଇଛି। ଆଫଗାନର ଏସ୍ ଅର୍ଶଫ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବାକୁ ଆସି ନଥିଲେ। ଦ୍ୱିତୀୟ ଇନିଂସରେ ମାନବ ଓ ମହମ୍ମଦ ସିରାଜଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି।

## ଫିଫା ବିଶ୍ୱକପ୍ ଖେଳିବେ ୪ ଭାରତୀୟ ବଂଶୋଦ୍ଭବ

ନୂଆଦିଲ୍ଲୀ, ୮/୬(ଏଜେନ୍ସି) : ଗୁରୁବାରଠାରୁ କାନାଡା, ମେକ୍ସିକୋ ଓ ଆମେରିକାରେ ଖେଳାଯିବ ଫିଫା ପୁରୁଷ ବିଶ୍ୱକପ୍ ୨୦୨୬। ବିଶ୍ୱର ଏହି ଫୁଟବଲ ମହାକୁମ୍ଭରେ ଭାରତ ଖେଳୁନଥିଲେ ମଧ୍ୟ ୪ଜଣ ଭାରତୀୟ ବଂଶୋଦ୍ଭବ ଏଥିରେ ନିଜ ନିଜ ଦେଶରୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ସେମାନେ ହେଲେ ନିଶାନ ଭେଲୁପିଲେ (ଅଷ୍ଟ୍ରେଲିଆ), ତହସିନ ମହମ୍ମଦ ଜାମସିଦ୍ (କତାର), ସାମୁଏଲ ମୌତୌସାମି (ଡିଆର୍ କଙ୍ଗୋ) ଓ ସରପ୍ରୀତ ସିଂହ (ନ୍ୟୁଜିଲାଣ୍ଡ)।

ତାମିଲିଆନ୍ ନିଶାନ ଭେଲୁପାଲେଙ୍କ ବାପା ହେଉଛନ୍ତି ମାଲେସିଆର ସିଂହଳୀ ତାମିଲ ପରିବାରର ଏବଂ ମା' ଆଙ୍ଗ୍ଲୋ-ଇଣ୍ଡିଆନ୍। ଏହି ମେଲବର୍ଣ୍ଣ ଭିକ୍ଟୋରିଆ ୱିଙ୍ଗର୍ ୨୦୨୪ ଅକ୍ଟୋବରରେ ଅଷ୍ଟ୍ରେଲିଆ ବରିଷ୍ଠ ଦଳରୁ ପଦାର୍ପଣ କରିଥିଲେ। ଏହି ବିଶ୍ୱକପ୍ ଯୋଗ୍ୟତା ମ୍ୟାଚରେ ସେ ଗୋଲ୍ ମଧ୍ୟ କରିଥିଲେ। ୨୫ ବର୍ଷୀୟ ନିଶାନ ୮ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩ ଗୋଲ୍ ସ୍କୋର୍ କରିଛନ୍ତି।



କେରଳ କନ୍ନୁରର ମାଲାୟାଲି ପିତାମାତାଙ୍କ ଔରସରୁ ଦୋହାରେ ଜନ୍ମିତ ତହସିନ୍ ଚଳିତ ବିଶ୍ୱକପ୍‌ରେ କତାରରୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ସେ ଭାରତୀୟ ବଂଶୋଦ୍ଭବ ଖେଳାଳି ଭାବେ କତର ଷ୍ଟାର୍ ଲିଗରେ ଖେଳିବାର ସୁଯୋଗ ପାଇଥିଲେ। ତାଙ୍କ ବାପା ଜାମସିଦ ହେଉଛନ୍ତି ପୂର୍ବତନ ୟୁନିଭରସିଟି ଅଫ୍ କାଲିକଟ୍ ଫୁଟବଲର। ୨୦୦୬ରେ କତର ଚାଲିଯାଇଥିବା ଜାମସିଦ୍ ପୁଅକୁ ଫୁଟବଲର କରିବାରେ ଲାଗି ଯାଇଥିଲେ। ସେ ଆସ୍ପାୟର ଏକାଡେମୀରେ ତହସିନଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରିଥିଲେ। ଏଠାରେ ଖେଳ ଶିଖିବା ପରେ ତହସିନ୍ ଅଲ୍ ଦୁହାଇଲ ଏସ୍‌ସିରୁ ଖେଳିବା ସହ କତର ଜାତୀୟ ଦଳରେ ସ୍ଥାନ ପାଇଥିଲେ। ଏହି ୱିଙ୍ଗର୍ ବିଶ୍ୱକପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟରେ ଆଫଗାନିସ୍ତାନ ବିପକ୍ଷରେ ପଦାର୍ପଣ କରିଥିଲେ। ସେ ୨୦୨୪ ଜୁନରେ ଭାରତ ବିପକ୍ଷ ଦୋହା ମ୍ୟାଚରେ କତର ଦଳର ସଦସ୍ୟ ରହିଥିଲେ। ୧୯ ବର୍ଷୀୟ ତହସିନ୍ ସଂପ୍ରତି କତରର ଜଣେ ଉଦୀୟମାନ ଫୁଟବଲର ଭାବେ ପରିଚିତ।

କଙ୍ଗୋରୁ ପ୍ରତିନିଧିତ୍ୱ କରୁଥିବା ସାମୁଏଲଙ୍କ ଜନ୍ମ ଫ୍ରାନ୍ସରେ। ତାଙ୍କ ମା' ହୋଉଛନ୍ତି କଙ୍ଗୋର ଏବଂ ବାପା ଭାରତ ଓ ଗୁଆଡେଲୁପିର ତାମିଲ ପରିବାରର। ୨୯ ବର୍ଷୀୟ ଏହି ମିଡଫିଲ୍ଡର ଆଫ୍ରିକୀୟ ଦେଶ ପକ୍ଷରୁ ୨୦୧୯ରେ ପଦାର୍ପଣ କରିଥିଲେ। ଏପର୍ଯ୍ୟନ୍ତ ସେ ୫୭ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଲେଣି। ସଂପ୍ରତି ସେ ଗ୍ରିକ୍ କ୍ଲବ୍ ଅଟ୍ରୋମିଟୋସରୁ ଖେଳୁଥିଲା ବେଳେ ପୂର୍ବରୁ ଫ୍ରେଞ୍ଚ ଦଳ ନାନ୍ଟେସ୍ ଓ ତୁର୍କିସ ଦଳ ସିଭାସ୍ପୋରରୁ ଖେଳିବାର ଅଭିଜ୍ଞ ରଖିଛନ୍ତି। ସାମୁଏଲ୍ ହେଉଛନ୍ତି ଆଗାମୀ ବିଶ୍ୱକପରେ ଖେଳିବାକୁ ଯାଉଥିବା ୪ ଭାରତୀୟ ବଂଶୋଦ୍ଭବଙ୍କ ଭିତରେ ସବୁଠୁ ଅଭିଜ୍ଞ ଖେଳାଳି।

ପଞ୍ଜାବ ଅବିଭାବକ ଔରସରୁ ଅକ୍ଲାଣ୍ଡରେ ଜନ୍ମିତ ସର୍ପ୍ରୀତ ସିଂହ ହେଉଛନ୍ତି ନ୍ୟୁଜିଲାଣ୍ଡ ଫୁଟ୍‌ବଲ୍‌ର ଜଣେ ଉଜ୍ଜ୍ୱଳ ତାରକା। ସର୍ପ୍ରୀତ ୨୦୧୮ ଇଣ୍ଟର୍‌କଣ୍ଟିନେଟାଲ୍ କପ୍ ଖେଳିବାକୁ ଭାରତ ଆସିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଖେଳୁଥିବା ସର୍ପ୍ରୀତ ଏହି ପ୍ରତିଯୋଗିତାରେ କେନିଆ ବିପକ୍ଷରେ ଗୋଲ୍ କରିଥିଲା ବେଳେ ଭାରତକୁ ୨-୧ରେ ହରାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଭାରତ ବିପକ୍ଷ ଦୁଇଟି ଯାକ ଗୋଲରେ ସେ ସହଯୋଗ କରିଥିଲେ। ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଖେଳାଳି ଭାବେ ଜର୍ମାନ ବୁନ୍ଦେସ୍ଲିଗାରେ ଖେଳିଥିଲେ। ସେ ୨୦୧୯-୨୦ ବୁନ୍ଦେସ୍ଲିଗା ବିଜେତା ବେୟର୍ନମ୍ୟୁନିଚ ଦଳର ସଦସ୍ୟ ଥିଲେ। ୨୭ ବର୍ଷୀୟ ସର୍ପ୍ରୀତ ୨୪ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩ ଗୋଲ୍ କରିଛନ୍ତି।



ଜଟଣୀ କଲେଜ ଗ୍ରାଉଣ୍ଡରେ ଆୟୋଜିତ ଜେସିଏ କପ୍ ସିଜିନ୍ ୨ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଖୋର୍ଦ୍ଧା କ୍ଲବ। ରାଇଜିଂ ଷ୍ଟାର କଟକକୁ ୩୧ ରନରେ ପରାସ୍ତ କରିଥିଲା ଖୋର୍ଦ୍ଧା କ୍ଲବ।

## ଲଟଭିଆରେ ତନବୀଙ୍କୁ ରୌପ୍ୟ

ଭୁବନେଶ୍ୱର : ଓଡ଼ିଆ ଝିଅ ତନବୀ ପତ୍ରୀ ଲାଟଭିଆରେ ନିଜର ଚମକ ଦେଖାଇଛନ୍ତି। ଲାଟଭିଆରେ ଆୟୋଜିତ ଆର୍‌ଏସ୍‌ଏଲ୍ ଲାଟଭିଆ ଇଣ୍ଟରନ୍ୟାସନାଲ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ତନବୀ ଉପବିଜୟିନୀ ହୋଇ ରୌପ୍ୟ ପଦକ କରାୟତ୍ତ କରିଛନ୍ତି। ମହିଳା ଏକକ ଫାଇନାଲ୍‌ରେ ସେ ୧୪-୨୧, ୧୬-୨୧ରେ ହଂକଂର ଆଇପି ସୁମ୍ ୟାଉଙ୍କଠୁ ହାରି ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଏହା ପୂର୍ବରୁ ତନ୍ୱୀ ସେମିଫାଇନାଲରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ମିଆଁମାରା ଥେଟ୍ ତାର୍ ଥୁଜାର୍ଙ୍କୁ ୨୧-୧୨, ୨୧-୧୦ରେ ପରାସ୍ତ କରିଥିଲେ।

## ରୋଧପୁର ଇଲେଭେନ ଷ୍ଟାର୍ କ୍ଲବ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ତାଳଚେର ସିଆରଏନ ଇଲେଭେନ ଚାମ୍ପିଅନ

ସାଲେପୁର, ୮।୬(ସବ୍ୟୁ) : ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆ ଠାରେ ଅନୁଷ୍ଠିତ ଚିତ୍ତରଞ୍ଜନ ଓ ଜୀବନ ଜ୍ୟୋତି ମେମୋରିଆଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତ ଶନିବାର ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ତାଳଚେର ସି.ଆର.ଏନ ଇଲେଭେନ କ୍ରିକେଟ ଟିମ ପୁରୀ ଶିବାନଶ ଇଲେଭେନ କ୍ରିକେଟ ଟିମକୁ ହରାଇ ଚାମ୍ପିଅନ ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥିଭାବେ ଟେଟ୍ରାହେଡେନ କଲେଜର ପ୍ରତୀଷ୍ଠାତା ଚେୟାରମ୍ୟାନ ତ୍ରୀଦେବ ବେହେରା , ସମାଜସେବୀ ହରିବନ୍ଧୁ ଶତପଥୀ, ,ସାଲେପୁର ଆଦର୍ଶ ଥାନା ଅଧିକାରୀ ମହେଶ୍ୱର ବେହେରା , ସଞ୍ଜୟ ଇଲେକେଟ୍ରୋନିକ୍ସର ଚେୟାରମ୍ୟାନ ମିହିର ଦାସ ଯୋଗଦେଇଥିଲେ । ଚମ୍ପିୟାନ ଟିମକୁ ଟ୍ରଫି ସହିତ ନଗଦ ୫୦ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ରନର୍ସଅଫ ହୋଇଥିବା ଟିମକୁ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।



ଏହି ଟୁର୍ଣ୍ଣାମେଣ୍ଟରେ ୟୁଟ୍ୟୁବ କ୍ରିକେଟ ବାଣୀ ମାଧ୍ୟମରେ ଖେଳର ସିଧା ପ୍ରସାରଣ କରାଯାଇଥିଲା । ଚିତ୍ତରଞ୍ଜନ ଓ ଜିବନଜ୍ୟୋତି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରକୁ ଇଲେଭେନ ଷ୍ଟାର୍ କ୍ଲବ , ରୋଧପୁର ଆୟୋଜନ କରିଥିଲା । କ୍ଲବ ସଦସ୍ୟ ପରବେଶ ଅଲ୍ଲୀ ,ସଞ୍ଜୟ ନାୟକ ,ହବିବ ବକ୍ସ , ଗୁଲୁରେଜ ଅଲ୍ଲୀ ,ପ୍ରଫୁଲ୍ଲ ବେହେରା ,ବିନୋଦ ମଲ୍ଲିକ ,ମନୋଜ ରାଉତ ,ସାରଦା ପ୍ରସନ୍ନ ମହାପାତ୍ର, ଜ୍ୟୋତି ପ୍ରକାଶ ଦାସ,ଆଶିଷ ମଲ୍ଲିକ ,ପ୍ରଶାନ୍ତ ଦାସ ,ଅନନ୍ତ ମଲ୍ଲିକ ,ବାମଦେବ ସ୍ୱାଇଁ ,ମନୋଜ ସାମଲ ,ପ୍ରଶାନ୍ତ ସାମଲ ,ଆନନ୍ଦ ସାମଲ ,ମୃତ୍ୟୁଞ୍ଜୟ ନାୟକ ,ଲିପୁନ କୁମାର ,ମାନସ ମଲ୍ଲିକ ,ଆଶିଷ ବେହେରା , ସନ୍ତୋଷ ନାୟକ , ବିଶ୍ୱଜି ଦାସ ପ୍ରମୁଖଙ୍କ ସମେତ ସମସ୍ତ ସଭ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଅମ୍ପାୟାର ବାବୁଲ ସାହୁ ,ଜ୍ଞାନ ରଞ୍ଜନ ,ପିଣ୍ଟୁ ନାଥ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ମୋନାକୋ ଗ୍ରାଁ ପ୍ରି ଜିତିବାରେ ଆଣ୍ଟୋନେଲି ସର୍ବକନିଷ୍ଠ

ମୋନାକୋ : ଇଟାଲୀର ମର୍ସିଡିଜ୍ ଚାଳକ କିମି ଆଣ୍ଟୋନେଲି ଏଠାରେ ଚାଲିଥିବା ମୋନାକୋ ଗ୍ରାଁ ପ୍ରିରେ ବିଜେତା ହୋଇଛନ୍ତି। ଏଠାରେ ଟ୍ରଫି ଜିତିବାରେ ୧୯ ବର୍ଷୀୟ ଆଣ୍ଟୋନେଲି ସର୍ବକନିଷ୍ଠ ଚାଳକ ହେବାର ଗୌରବ ଅର୍ଜନ କରିଛନ୍ତି। ଚଳିତ ଋତୁର ୫ ବିଜୟ ସହ ସେ ବିଶ୍ୱ ବିଜେତା ଟେବୁଲର ଶୀର୍ଷ ସ୍ଥାନରେ ରହିଛନ୍ତି। ମୋନାକୋରେ ୭ ଥରର ବିଶ୍ୱ ବିଜେତା ଇଂଲଣ୍ଡର ଫେରାରି ଚାଳକ ଲୁଇସ ହାମିଲଟନ୍ ଦ୍ୱିତୀୟ ସ୍ଥାନରେ ରହିଥିଲା ବେଳେ ରେଡବୁଲର ଇସାକ୍ ହାଜାର ତୃତୀୟ ସ୍ଥାନରେ ରହି ପୋଡିୟମ୍ ଫିନିସ୍ କରିଥିଲେ। ମ୍ୟାକ୍ଲରେନର ଓସ୍କାର ପିଆଷ୍ଟ୍ରି ଚତୁର୍ଥ ଏବଂ ରେଡବୁଲର ଲିଅମ୍ ଲସନ୍ ପଞ୍ଚମ ସ୍ଥାନରେ ରେସ୍ ଶେଷ କରିଥିଲେ।

## ଫିଫା ମାନ୍ୟତାରେ ଭାରତ ୩ ସ୍ଥାନକୁ ଖସିଲା

ନୂଆଦିଲ୍ଲୀ : ଭାରତୀୟ ପୁରୁଷ ଫୁଟବଲ ଦଳ ସଦ୍ୟପ୍ରକାଶିତ ଫିଫା ମାନ୍ୟତାରେ ୩ ସ୍ଥାନ ତଳକୁ ଖସି ୧୩୯ରେ ପହଞ୍ଚିଛି। ଭାରତୀୟ ଦଳର ଲଗାତାର ୩ ମ୍ୟାଚ୍ ପରାଜୟ କାରଣରୁ ଏଭଳି ଅବନତି ଘଟିଛି। ୟୁନିଟି କପରେ ଲଗାତାର ୨ ପରାଜୟ ପୂର୍ବରୁ ତାଜିକସ୍ତାନ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ୧-୩ରେ ପରାସ୍ତ ହୋଇଥିଲା। ଖଲିଦ ଜମିଲଙ୍କ ଦଳ ଏପ୍ରିଲ ୧ରେ ପ୍ରକାଶିତ ଫିଫା ମାନ୍ୟତାରେ ୫ଟି ସ୍ଥାନ ଉଠି ୧୩୬ରେ ରହିଥିଲା। ଏଏଫ୍‌ସି ଏସୀୟ କପ୍ ୨୦୨୭ ଯୋଗ୍ୟତା ମ୍ୟାଚରେ ଭାରତ ୨-୧ ଗୋଲରେ ହଂକଂକୁ ପରାସ୍ତ କରି ଏହି ସଫଳତା ପାଇଥିଲା। ନିକଟରେ ଭାରତ ୦-୨ରେ ଜାମାଇକା, ୦-୧ରେ ଜିମ୍ବାୱେ ଓ ୧-୩ରେ ତାଜିକସ୍ତାନଠୁ ହାରିଯାଇଥିଲା। ମଙ୍ଗଳବାର ତାଜକିସ୍ତାନ ବିପକ୍ଷରେ ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ ଭାରତ।

## ଜାତୀୟ କରାଟେ ପ୍ରତିଯୋଗିତାରେ ଆଦିତ୍ୟରାଜଙ୍କୁ ସ୍ୱର୍ଣ୍ଣ ପଦକ

ବାଲୁଗାଁ, (ସବ୍ୟୁ) : ଉତ୍ତରାଖଣ୍ଡ ରାଜ୍ୟର ଡେରାଡୁନ ଠାରେ ଅନୁଷ୍ଠିତ ଜାତୀୟ କରାଟେ ପ୍ରତିଯୋଗିତାରେ ବାଲୁଗାଁ ଅଂଚଳର ଆଦିତ୍ୟରାଜ ପ୍ରଧାନ ସବ-ଜୁନିଅର କରାଟେରେ ଅଂଶ ଗ୍ରହଣ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବାଲୁଗାଁ ଅଂଚଳର ବରିଷ୍ଠ ପତ୍ରକାର ତଥା ଚିଲିକା ପ୍ରେସ କ୍ଲବର ସଭାପତି ପ୍ରକାଶ ପ୍ରଧାନ ଏବଂ ପନ୍ନୀ ଚିନ୍ମୟ ପ୍ରଧାନଙ୍କ ଏକ ମାତ୍ର ପୁଅ ଆଦିତ୍ୟ ରାଜ ପ୍ରଧାନ ମନୋନୀତ ହୋଇ ଜାତୀୟ ସ୍ତରରେ ଏହି ସବ-ଜୁନିଅର କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆଦିତ୍ୟ ଗତ ୩ ବର୍ଷଧରି ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଆଦିତ୍ୟଙ୍କ ଏହି ସଫଳତା ପାଇଁ ବାଲୁଗାଁ ଅଞ୍ଚଳରେ କ୍ରୀଡା ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।ଉତ୍କଳ କରାଟେ ସ୍କୁଲ,ବାଲୁଗାଁ ଶାଖାରେ ସେ ପ୍ରଶିକ୍ଷଣ ନେଉଛନ୍ତି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଓ ଜାତୀୟ କରାଟେ କ୍ରୀଡା ବିଭାଗର ସଭାପତି ଭରତ ଶର୍ମା ଆଦିତ୍ୟଙ୍କୁ ସ୍ୱର୍ଣ୍ଣ ପଦକରେ ମଣ୍ଡିତ କରିଥିଲେ।




ଏହି ସଫଳତା ପାଇଁ ସେ ନିଜର ପିତାମାତା, ମୁଖ୍ୟ କୋଚ ଦୀପକ ସାମନ୍ତରାୟ, ପ୍ରଶିକ୍ଷକ ସଂଗ୍ରାମ ନାୟକ,ପ୍ରତାପ ଜେନା ଏବଂ ସାଲୋନୀ ପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଭଦ୍ରକରେ ସିଏମ୍ ଟ୍ରଫି ଜୋନ୍ ୩ ଭଲିବଲ୍ ପ୍ରତିଯୋଗିତା ଉଦଯାପିତ

# ଉଭୟ ବାଳିକା ଓ ବାଳକ ବିଭାଗରେ କେନ୍ଦ୍ରାପଡା ବିଜୟୀ

ଭଦ୍ରକ, ୮।୬(ସବ୍ୟୁ) : ଭଦ୍ରକ ଜିଲ୍ଲାରେ ଆୟୋଜିତ ସିଏମ୍ ଟ୍ରଫି ଜୋନ୍ ୩ ଭଲିବଲ୍ ପ୍ରତିଯୋଗିତା ଜୁନ୍୭ ତାରିଖ ସନ୍ଧ୍ୟାରେ ଭଦ୍ରକ କଲେଜ ପଡିଆ ଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଜିଲ୍ଲାପାଳ ଦିଲୀପ ରାଉତରାଏ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଜୋନ୍୩ ଅନ୍ତର୍ଗତ ଫାଇନାଲ୍ ପ୍ରତିଯୋଗିତାରେ ବାଳକ ବିଭାଗରେ କେନ୍ଦ୍ରାପଡ଼ା ଦଳ ଯାଜପୁର ଜିଲ୍ଲାକୁ ୨୦ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ୍ ହୋଇଥିବାବେଳେ ବାଳିକା ବିଭାଗରେ କେନ୍ଦ୍ରାପଡ଼ା ଦଳ ବାଲେଶ୍ୱରକୁ ୨୧ ସେଟରେ ପରାସ୍ତ କରି ଚାମ୍ପିୟନ୍ ହେବାର ଗୌରବ ଅର୍ଜନ କରିଛି। ଉଭୟ ବାଳକ ଓ ବାଳିକା ବିଭାଗର ଚାମ୍ପିୟନ୍ ଦଳଙ୍କୁ ଟ୍ରଫି ଏବଂ ରନର୍ସ-ଅପ୍ ଦଳଙ୍କୁ ପଦକ ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାକୁ ସୁଚାରୁ ଭାବେ ପରିଚାଳନା କରିଥିବା ସମସ୍ତ ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଆଥଲେଟିକ୍ ସଂଘ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅତିଥିମାନେ ରାଜ୍ୟ ସରକାରଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଭାବେ ସିଏମ୍ ଟ୍ରଫିର ଭୂମିକାକୁ ପ୍ରଶଂସା କରିବା ସହ ଉପସ୍ଥିତ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଉଭୟ ଚାମ୍ପିୟନ୍ ଦଳ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସେମିଫାଇନାଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯାତ୍ରା କରିଛନ୍ତି। ପ୍ରତିଯୋଗିତାର ସଫଳ ଆୟୋଜନରେ ଜିଲ୍ଲା ପୋଲିସ,ସ୍ୱାସ୍ଥ୍ୟ ବିଭାଗ,ପାନୀୟ ଜଳ ବିଭାଗ ଏବଂ ପୌରପାଳିକାର ସହଯୋଗ ପାଇଁ ଅତିଥିମାନେ ଧନ୍ୟବାଦ ଜ୍ଞାପନ କରିଥିଲେ। ପ୍ରତିଯୋଗିତାକୁ ସଫଳ କରିବାରେ ସଂଘର ସମ୍ପାଦକ ଧୀରେନ ପଲେଇଙ୍କ ସମେତ ଉପେନ୍ଦ୍ର ବାରିକ, ଅତିଶ ବେହେରା, ବ୍ରଜକିଶୋର ଜେନା, ରବିନାରାୟଣ ପାଣିଗ୍ରାହୀ, ତୁଷାର ଦାସ, ପାର୍ଥସାରଥୀ ରାୟ,ସୁଦାମ ନାୟକ, ରବିନାରାୟଣ ଓଝା, ମନୋଜ ସାହୁ,ସୋମନାଥ ସାହୁ,କେଭି ପ୍ରସାଦ, ମହମ୍ମଦ ତାହିର ଖାନ, ନୟନଜେ୍ୟାତି ଖଟୁଆ, ସଞ୍ଜୀବ ଦାସ, ପ୍ରଦୀପ ବିଶ୍ୱାଳ ଏବଂ ଶମ୍ଭୁନାଥ ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

ସୂଚନା
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ।

## ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏନର ନୂଆ କର୍ମକର୍ତ୍ତା

ଭୁବନେଶ୍ୱର,(ସବ୍ୟୁ) : ସୋମବାର ଦିନ ଭୁବନେଶ୍ୱର ଗୌତମ ନଗର ସ୍ଥିତ ମାଉସୀମା ମନ୍ଦିର ଠାରେ ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏନର ନୂତନ କର୍ମକର୍ତ୍ତା ଚୟନ କରାଯାଇ ଘୋଷଣା କରାଯାଇଛି। ପୂର୍ବତନ ସମସ୍ତ କର୍ମକର୍ତ୍ତାମାନଙ୍କ ଉପସ୍ଥିତି ଓ ସହମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଅଛି। ପୂର୍ବତନ ଖେଳ ମନ୍ତ୍ରୀ ତଥା ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନର ସଭାପତି ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତା ରେ ଏହି



ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ ସଭାପତି ଭାବେ ଗୁରୁପ୍ରସାଦ ପଟ୍ଟନାୟକ , ନୂତନ ସମ୍ପାଦିକା ଭାବେ ମୀରା ରାଣୀ ଦାସ ଓ କୋଷାଧ୍ୟକ୍ଷ ଭାବେ ନିହାର ପ୍ରଧାନ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସୁରେଶ କୁମାର ରାଉତରାୟ ଅଧ୍ୟକ୍ଷ ଓ ନରେନ୍ଦ୍ର କୁମାର ସେଠୀ ମୁଖ୍ୟ ଉପଦେଷ୍ଟା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ସେଠୀ ଆସୋସିଏନର ସମସ୍ତ ବିବରଣୀ ପାଠ କରିଥିଲେ ଏବଂ ନୂତନ ସଭାପତି ଗୁରୁ ପ୍ରସାଦ ପଟ୍ଟନାୟକ ଓ ନୂତନ ସମ୍ପାଦିକା ଶ୍ରୀମତୀ ମୀରା ରାଣୀ ଦାସ ଆସୋସିଏନକୁ ସୁଚାରୁ ଓ କର୍ତ୍ତବ୍ୟନିଷ୍ଠ ରୂପେ ଚଳାଇବାକୁ ଶପଥ ଗ୍ରହଣ କରିଥିଲେ। ସମସ୍ତ କର୍ମକର୍ତ୍ତା ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ଏବଂ କର୍ମକର୍ତ୍ତା ମାନେ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ଗୁରୁ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମଶାଳା ଡିଫା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସେମିରେ ୟୁନାଇଟେଡ କ୍ଲବ ଭଦ୍ରକ

ଧର୍ମଶାଳା, ୮।୬(ସବ୍ୟୁ) : ଧର୍ମଶାଳା ଫୁଟବଲ ଆସସିଏସନ ପକ୍ଷରୁ ବାଣୀପୀଠ ପଡିଆରେ ଚାଲିଥିବା ୨୮ ତମ ଓ ଅଷ୍ଟମ ରଂଜିତ ସ୍ୱାଇଁ ଡିଫାକପ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଆଜିୟୁନାଇଟେଡ କ୍ଲବ ଭଦ୍ରକ ୩/୦ ଗୋଲରେ ବିଜୟୀ ହୋଇଛି। ଆଜିୟୁନାଇଟେଡ କ୍ଲବ ଭଦ୍ରକ ଓ ଆୟୋଜକ ଡିଫା କ୍ଲବ ଧର୍ମଶାଳା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେୟୁନାଇଟେଡ କ୍ଲବ ୩/୦ ଗୋଲରେ ଡିଫାକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳରେ ଅତିଥି ଭାବେ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଜିତ କୁମାର ସାହୁ ଓ କ୍ରୀଡାବିତ ଅଶୋକ କୁମାର ନନ୍ଦ ଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳୀମାନଙ୍କ ସହିତ ହାତ ମିଳାଇବା ପରେ ମ୍ୟାଚ ଅରମ୍ଭ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧରେ ଭଦ୍ରକ ଟିମର ନାରାୟଣ ହୁ ପ୍ରଥମ ଗୋଲ ଦେଇଥିଲା ବେଳେ ଦିତୀୟାର୍ଦ୍ଧରେ ଗୌରାଙ୍ଗ ନାୟକ ଓ କ୍ରୀଷ୍ଣା ହେମବ୍ରମ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଆଜିର ମ୍ୟାଚରେ ଭଦ୍ରକୟୁନାଇଟେଡ କ୍ଲବର ସୁଜିତ ବାଲାଙ୍କୁ ମ୍ୟାନ ଅଫଦିମ୍ୟାଚ ଘୋଷଣା କରାଯାଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆଜିର ମ୍ୟାଚକୁ ଅବଦୁଲ ମାଟିନ ରେଫରି



ଭାବେ ପରିଚାଳନା କରିଥିବା ବେଳେ ଚିତରଂଜନ ଓଝା ଓ ଶୈଳେଶ ପାଣି ଲାଇନମ୍ୟାନ ଭାବେ ସହାୟତା କରିଥିଲେ । ଚତୁର୍ଥ ରେଫରି ଭାବେ ବିନୟ ସାହୁ ଉପସ୍ଥିତ ରହିଥିଲେ । ଆସନ୍ତା କାଲି କେସିଏଫ କୋଲକତା ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଡିଫା କ୍ଲବର ସଭାପତି ପ୍ରମୋଦ କୁମାର ଦାସ ଓ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି ।

ସମୟ ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି